ମାତୃଭାଷା ଓଡ଼ିଆ

ଡକ୍ଟର ବିଜୟପ୍ରସାଦ ମହାପାତ୍ର

Digitized by PPRACHIN, SOA

ମାତୃଭାଷା : ଓଡ଼ିଆ

ବିଜୟ ପ୍ରସାଦ ମହାପାତ୍ର

ଫ୍ରେଣ୍ଡସ୍ ପବ୍ଲିଶର୍ସ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦବିହାରୀ, କଟକ-୨

Digitized by PPRACHIN, SOA

ମାତୃଭାଷା : ଓଡ଼ିଆ – ଲେଖକ : ବିଜୟ ପ୍ରସାଦ ମହାପାତ୍ର, ପ୍ରକାଶକ : ସହଦେବ ପ୍ରଧାନ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୭୫୩ ୦୦୨, ଡି.ଟି.ପି. : ୟୁନିଟେକ୍, କଟକ-୧, ମୁଦ୍ରଣ : ଟେକ୍ନୋ ଆର୍ଟସ ଅଫ୍‌ସେଟ୍, କଲ୍ୟାଣୀ ନଗର, କଟକ-୧୩।

MATRUBHASHA : ORIYA – Writer : Bijay Prasad Mahapatra, Publisher : Sahadev Pradhan, Friends' Publishers, Binodbehari, Cuttack-753 002, Orissa (India), D.T.P. by : Unitech, Cuttack, Printer : Techno Arts Offset, Kalyani Nagar, Cuttack-13

Price : Rs. 32

First Edition : 1997

ISBN 81-7401-212-5

Digitized by PPRACHIN, SOA

ମୁଖବନ୍ଧ

ଯୋଜନାୟିତ ଭାଷା ବା ଲାଙ୍ଗୁଏଜ୍ ପ୍ଲାନିଙ୍ଗ୍‌ର ଯୁଗ ଏ । କାରଣ, ଆମ ସମୟର ପୃଥିବୀରେ କେତେଗୁଡ଼ିଏ ଭାଷା ଯେପରି ଦ୍ରୁତ ଗତିରେ ବଢ଼ିଚାଲିଛନ୍ତି, ଅପରପାର୍ଶ୍ୱରେ ବହୁ ଚଳନ୍ତି ଭାଷା, ଅବକ୍ଷୟର ପଥରେ ତଳୁ ତଳକୁ ଖସି ଚାଲିଛନ୍ତି । ଆଉ କେତୋଟି ଅଛନ୍ତି ନଯଯୌ ନତସ୍ଥୌ ଅବସ୍ଥାରେ–ବସ୍ତୁତଃ ଅନ୍ଧାରରେ ଅଣ୍ଡାଳି ହେଉଛନ୍ତି । ଆମ ଓଡ଼ିଆ ଭାଷା ବି ସେହିପରି ଅଣ୍ଡାଳି ହେଉଛି । ରାଜନୀତିଜ୍ଞମାନଙ୍କଠାରୁ ଆରମ୍ଭକରି ସାହିତ୍ୟରଥୀମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଏ ଭାଷାର କର୍ଣ୍ଣଧାର ସାଜି ଭାଷାକୁ ବାଟ କଢ଼ାଇବା ପାଇଁ ବ୍ୟସ୍ତ । ସେ ଦିଗରେ ସଫଳ ହୁଅନ୍ତୁ ବା ନାହିଁ, ଅନ୍ତତଃ ସମସ୍ତେ ହୃଦ୍‌ବୋଧ କରିଛନ୍ତି ଯେ, ଓଡ଼ିଆ ଭାଷା ପାଇଁ କିଛି କରିବାକୁ ହେବ, କାରଣ ଓଡ଼ିଆ ଭାଷା ବିପନ୍ନ । ଭୋକ ବିକଳରେ ତାଟିଆ କାମୁଡ଼ିଲା ଭଳି କେହି କହୁଛି ଉପାନ୍ତ ଅଞ୍ଚଳରେ ସାହିତ୍ୟ ଏକାଡେମୀ ସଭା ହେଉ ତ, କେହି ଓଡ଼ିଆ ମିଡିଅମ୍ ସ୍କୁଲ ଖୋଲାଉଛି । କେହି ଇଂରାଜୀ ଟାଇପ୍‌ରାଇଟରକୁ ବାସନ୍ଦ କରିଦିଅ କହୁଛି ତ କେହି କହୁଛି ଓଡ଼ିଆରେ ଫାଇଲ୍ ଲେଖିପାରୁନଥିବା ପଦାଧିକାରୀମାନଙ୍କୁ ଘେରାଉ କର । ଏସବୁ ଯେତେ ସଦ୍‌ଉଦ୍ଦିଷ୍ଟ ହେଉ ପଛେ ଏ ଆଚରଣ ଆଖୁ କିଆରୀରେ ବିଲୁଆ ପଶିଲା ଭଳି ଲାଗୁଛି । ତେଣୁ ଭାଷାର ଉନ୍ନତି ହେବା ଅପେକ୍ଷା ନାନା ବିଶୃଙ୍ଖଳା ଦେଖାଦେଇଛି । ମାତୃଭାଷା ଗୋଟିଏ ଜାତି ପାଇଁ ଖେଳକଣ୍ଢେଇ ନୁହେଁ, ଯାହାକୁ ନେଇ ମନଇଚ୍ଛା ଯାହା ତାହା କରାଯାଇପାରେ । ଏହି ସବ୍‌ଜାନ୍‌ତାମାନଙ୍କ ଦୌରାତ୍ମ୍ୟରୁ ଓଡ଼ିଆ ଭାଷାକୁ ରକ୍ଷା କରିବାକୁ ହେବ । ନିଜ ମାତୃଭାଷା ପ୍ରତି ଆଗ୍ରହ ରହିବା ସମସ୍ତ ଭାଷାଭାଷୀଙ୍କ ପକ୍ଷରେ ସ୍ୱାଭାବିକ । କିନ୍ତୁ ଖାଲି ଆଗ୍ରହ ବଳରେ ଭାଷାର ଉନ୍ନତି କରାଯାଇ ପାରିବ ନାହିଁ, ତା' ସାଙ୍ଗକୁ ଲୋଡ଼ା ବୈଷୟିକ ଜ୍ଞାନ ଏବଂ ଯୋଜନାୟିତ ପ୍ରଚେଷ୍ଟା ଓ ପଦକ୍ଷେପ । ଓଡ଼ିଆ ଭାଷାକୁ ଦିଗ୍‌ଦର୍ଶନ ଦେବାର ଗୁରୁଦାୟିତ୍ୱ ରାଜନୈତିକ ନେତାମାନଙ୍କୁ ଦିଆଯାଇପାରିବ ନାହିଁ, ସେ ଯେତେ ସଂସ୍କୃତିପ୍ରେମୀ ହୋଇଥାନ୍ତୁ ପଛେ । ରାଜନୈତିକ ନେତାମାନେ ନାନା ଧୂଆଁବାଣ ମାରି ଓଡ଼ିଆ ଭାଷାକୁ ଧ୍ୱଂସ କରିବାରେ ଲାଗିଛନ୍ତି, ଏବଂ ଏହାକୁ ଆହୁରି ଦିଗଭ୍ରାନ୍ତ କରୁଛନ୍ତି ।

ଏହିପରି ଏକ ଘଡ଼ିସନ୍ଧିରେ, ଲେଖକ 'ଓଡ଼ିଆ ଭାଷା ବିଭବ' ଶୀର୍ଷକ ଏକ ଭାଷାବୈଜ୍ଞାନିକ ପ୍ରବନ୍ଧ ସଂକଳନରେ ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ନେଇ ଆଲୋଚନାର ଆରମ୍ଭ କରେ । ଏହାର ଯଥେଷ୍ଟ ପ୍ରଭାବ ଯେ ଅନେକ ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କ ଉପରେ ପଡ଼ିଛି, ତାହା ଆମେ ସନ୍ତୋଷର ସହିତ ଲକ୍ଷ୍ୟ କରିଛୁ । ବର୍ଷେ

Digitized by PPRACHIN, SOA

ହେଲା ଓଡ଼ିଆ ଭାଷା ବିଷୟରେ ସଭାସମିତିର ସଂଖ୍ୟା ବଢ଼ିଛି । ସମ୍ବାଦପତ୍ର ଓ ପତ୍ରପତ୍ରିକାରେ ଭାଷା ବିଷୟକ ଆଲୋଚନା ବୃଦ୍ଧି ପାଇଛି । ଏପରିକି ୧୯୯୭କୁ ଓଡ଼ିଆ ଭାଷାବର୍ଷ ଭାବେ ରାଜ୍ୟରେ ପାଳନ କରାଯାଉଛି । ଏହା ନିଶ୍ଚିତ ଭାବେ ଆଶାଜନକ, କିନ୍ତୁ ଓଡ଼ିଆ ଭାଷାର ଶରୀରକୁ ପୁଷ୍ଟ କଲା ପରି ପ୍ରାୟ କିଛି ହେଉନାହିଁ କହିଲେ ଚଳେ । ଫଳରେ, ଶହେ ବର୍ଷ ତଳର ଓଡ଼ିଆ ଅଭିଧାନ ପୁନର୍ମୁଦ୍ରିତ ହେଉଛି ଓ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି ଓଡ଼ିଆ ଏଟିମୋଲଜିକାଲ୍ ଅଭିଧାନ ସଂକଳନ କରିବାରେ । ସାହିତ୍ୟ ଏକାଡେମୀକୁ ବରାଦ ଦିଆହେଉଛି ଓଡ଼ିଆ ବ୍ୟାକରଣ ଲେଖିବା ପାଇଁ ତ ଓଡ଼ିଆ ଭାଷା ସଂସ୍ଥାନର ଗର୍ଭବେଦନାର ଅନ୍ତ ହେଉନାହିଁ । ଏସବୁ ଅନ୍ଧାଧୁନିଆ ପ୍ରଚେଷ୍ଟାର ପ୍ରଧାନ କାରଣ ହେଉଛି ଭାଷା-ବିଷୟକ ଜ୍ଞାନର ଅଭାବ । ସାଧାରଣ ଲୋକଙ୍କ କଥା ଛାଡ଼ିଦିଅନ୍ତୁ, ଗୁଣୀଜ୍ଞାନୀମାନେ ବି ଜାଣନ୍ତିନାହିଁ ଭାଷା କଣ ଓ ଭାଷାର ସ୍ୱାର୍ଥ କାହିଁରେ ?

ଭାରତୀୟ ଭାଷାନୀତିର ପରିପ୍ରେକ୍ଷୀରେ ପ୍ରତ୍ୟେକଟି ମାତୃଭାଷାର ଭୂମିକାରେ ଯଥେଷ୍ଟ ପରିବର୍ତ୍ତନ ଆସିଛି । ଜାତି ପକ୍ଷରେ ଗୋଟିଏ ବଡ଼ ପ୍ରଶ୍ନ ଦେଖାଦେଇଛି, ମାତୃଭାଷାକୁ ସ୍ୱାଧୀନ ଭାବେ ବଞ୍ଚାଇ ରଖିବା ନା ଅନ୍ୟ କୌଣସି ଭାଷାର ଛତ୍ରଛାୟା ତଳେ ଆଶ୍ରୟ ଖୋଜିବା, ଏପରିକି ନିଜକୁ ଉତ୍ସର୍ଗ କରିଦେବା । ଏ ଗୋଟିଏ ନିଷ୍ପତ୍ତି ଓଡ଼ିଆ ଜାତିକୁ ଅତି ଶୀଘ୍ର ନେବାକୁ ହେବ । ସେ ନିଷ୍ପତ୍ତି ଯେପରି ତୁଚ୍ଛା ଭାବପ୍ରବଣତା ଓ ଅଦୂରଦର୍ଶିତା ଦ୍ୱାରା କଳୁଷିତ ନହୁଏ । ସେହି ପରିପ୍ରେକ୍ଷୀରେ 'ମାତୃଭାଷା : ଓଡ଼ିଆ' ଶୀର୍ଷକ ଏ ଆଲୋଚନାଗୁଡ଼ିକର ଅବତାରଣା । ଏ ଆଲୋଚନାଗୁଡ଼ିକ ମୁଖ୍ୟତଃ ସମ୍ବାଦପତ୍ର ପାଇଁ ଲେଖାହୋଇଥିବା ହେତୁ ଭାଷା ଓ ଲେଖା ବୈଷୟିକ ଜଟିଳତାରୁ ମୁକ୍ତ, ଯାହା ସାଧାରଣ ପାଠକର ମଧ୍ୟ ବୋଧଗମ୍ୟ ହେବ ବୋଲି ବିଶ୍ୱାସ । ମାତୃଭାଷାର ବିଭିନ୍ନ ଦିଗକୁ କୋଡ଼ିଏଟି ଲେଖାରେ ଆଲୋଚନା କରାଯାଇଛି । ଆମର ବିଶ୍ୱାସ, ଏହି ସଂକଳନଟି ଓଡ଼ିଆ ଜାତିର କାମରେ ଆସିବ ।

ବହିଟିର ପ୍ରକାଶନର ଦାୟିତ୍ୱ ଫ୍ରେଣ୍ଡସ୍ ପବ୍ଲିଶର୍ସର ଅଧିକର୍ତ୍ତା ଶ୍ରୀଯୁକ୍ତ ସହଦେବ ପ୍ରଧାନ ଗ୍ରହଣ କରିଥିବାରୁ ଓ ଏଥିପାଇଁ ଦୈନିକ 'ଅନୁପମ ଭାରତ'ର ସମ୍ପାଦକ ବନ୍ଧୁ ଶ୍ରୀଯୁକ୍ତ ଶରତ ମିଶ୍ର ପ୍ରୋତ୍ସାହନ ଦେଇଥିବାରୁ ମୁଁ ସେମାନଙ୍କୁ କୃତଜ୍ଞତା ଜଣାଉଛି ।

164 / E, ରାସବିହାରୀ ଆଭିନ୍ୟୁ
କଲିକତା-୭୦୦୦୨୯

ଜୁନ୍, ୧୯୯୭

ବିଜୟ ପ୍ରସାଦ ମହାପାତ୍ର
ପ୍ରଫେସର୍, ଭାଷାବିଜ୍ଞାନ ବିଭାଗ
ଆସାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

Digitized by PPRACHIN, SOA

ମାତୃଭାଷା : ଓଡ଼ିଆ

୧. ମୁଁ ବହୁଥର ଚେଷ୍ଟା କରିଛି ଅନୁମାନ କରିବାକୁ ଯେ, ଜଗନ୍ନାଥଙ୍କର ମାତୃଭାଷା କଣ ? ନା ନା, ମୁଁ ଅତିବଡ଼ି ଜଗନ୍ନାଥ ଦାସ ବା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଡକ୍ଟର ଜଗନ୍ନାଥ ମିଶ୍ରଙ୍କ କଥା କହୁନାହିଁ । ମୁଁ କହୁଛି ଆମର ଏଇ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ କଥା, ଯାହାଙ୍କୁ ଓଡ଼ିଶା ରାଇଜର ଲୋକେ ଗେଲରେ ଗେଲରେ ଜଗା ବୋଲି ଡାକିଥାନ୍ତି । ଆପଣ ଭାବିପାରନ୍ତି, ମୁଁ ଗୋଟାଏ ନିହାତି ଅବାନ୍ତର ପ୍ରଶ୍ନର ଅବତାରଣା କରୁଛି । କିନ୍ତୁ, ପ୍ରତି ଦଶବର୍ଷରେ କରା ହେଉଥିବା ଭାରତୀୟ ମୁଣ୍ଡଗଣତି ବା ଜନଗଣନାର ଖବର ଯଦି ଆପଣ ରଖିଥିବେ, ବା କେବେ ଯଦି କୌଣସି ଏକ ଏପ୍ରିଲ ପହିଲା ତାରିଖରେ ଜନସୁମାରିବାଲା ଆପଣଙ୍କ ଦାଣ୍ଡଦୁଆର ବାଡ଼େଇଥିବେ ଓ ଆପଣଙ୍କୁ ପଚାରିଥିବେ ଆପଣଙ୍କ ମାତୃଭାଷା କଣ ବୋଲି, ଆପଣ ଥତମତ ଖାଇଯାଇଥିବେ । ମାତୃଭାଷା ?—ଆପଣ ପଚାରିଥିବେ—ସେଇଟା ପୁଣି କି ଜିନିଷ ? ସୁମାରିବାଲା କହିଥିବ—ଯେଉଁ ଭାଷାରେ ଆପଣଙ୍କ ମା' ଆପଣଙ୍କ ସାଙ୍ଗରେ କଥାବାର୍ତ୍ତା ହୁଅନ୍ତି । ସେହିପରି ଜଗନ୍ନାଥଙ୍କ ମା'ତ ନିଜ ପୁଅ ସାଙ୍ଗରେ କୌଣସି ନା କୌଣସି ଗୋଟିଏ ଭାଷାରେ କଥାବାର୍ତ୍ତା ହେଉଥିବେ । ଜଗନ୍ନାଥ ମୂକ ବଧିର ହେଲେ ବି ଜନଗଣନା ଠାରୁ ତ୍ରାହି ନାହିଁ । ଜନଗଣନାବାଲା ବୁଝାଇଦେବେ ଯେ, ମୂକ ବଧିର କ୍ଷେତ୍ରରେ ମା'ର ଭାଷାକୁ ହିଁ ସନ୍ତାନର ଭାଷା ବୋଲି ଧରିବାକୁ ହେବ । ତେବେ, ଆପଣ କହିପାରନ୍ତି ଯେ ଜଗନ୍ନାଥଙ୍କର ମା' ଥିବା କଥା ଆମକୁ ଜଣାନାହିଁ । ଜଣାନାହିଁ ମାନେ ? ଜଗନ୍ନାଥଙ୍କର ମାଉସୀ ଅଛି ବୋଲି ଯେତେବେଳେ ଆମେ ନିଶ୍ଚିତ ଭାବେ ଜାଣୁ, କାରଣ ଜଗନ୍ନାଥ ଯେତେବେଳେ ଗୁଣ୍ଡିଚାଯାତ୍ରାରେ ବାହାରନ୍ତି, ବାଟରେ ତାଙ୍କର ମାଉସୀ ଘର ପଡ଼େ ଓ ସେ ସେଠାରେ ପୋଡ଼ପିଠା ଖାଇ ମହାଆନନ୍ଦରେ ରଥଯାତ୍ରା କରନ୍ତି । ମାଉସୀ ଯେତେବେଳେ ଅଛି, ସେତେବେଳେ ମା' ଥିବା କଥା ନିଶ୍ଚିତ, ଯେତେ ତାଙ୍କୁ ଅଯୋନିସମ୍ଭୂତ ବୋଲି ଆପଣ ଚିଲ୍ଲାଅନ୍ତୁ ନା କାହିଁକି । ତେଣୁ ଜନଗଣନା ହାତରୁ ଜଗନ୍ନାଥ ଖସିବା ଅସମ୍ଭବ । କେତେ ବଡ଼ ବଡ଼ ଲୋକ ସେ ହାତରୁ ଖସି ପାରିନାହାନ୍ତି, ଏପରିକି ମହାମହୀୟସୀ ଇନ୍ଦିରା ଗାନ୍ଧିଙ୍କ ପର୍ଯ୍ୟନ୍ତ । ଜନଗଣନାବାଲା ଯେତେବେଳେ ଇନ୍ଦିରା ଗାନ୍ଧିଙ୍କୁ ଚାପିଧରିଲେ ମାତୃଭାଷାର ନାଆଁ କୁହ ବୋଲି, ଇନ୍ଦିରା ଗାନ୍ଧି ମହା ଦୋଘେଇରେ ପଡ଼ିଲେ । ବହୁତ ଚିନ୍ତା ଭାବନା କରି କହିଲେ— ଲେଖନ୍ତୁ ଲେଖନ୍ତୁ, ମୋ ମାତୃଭାଷା ହିନ୍ଦୁସ୍ତାନୀ । ଜନଗଣନାବାଲା ମାନିବା ଜନ୍ତୁ ନୁହନ୍ତି । ହସି କରି ଉଡ଼ାଇ ଦେଲେ

Digitized by PPRACHIN, SOA

ଇନ୍ଦିରା ଗାନ୍ଧିଙ୍କୁ, କାରଣ ଜନଗଣନା ତାଲିକାରେ ହିନ୍ଦୁସ୍ତାନୀ ବୋଲି କୌଣସି ଭାଷା ନାହିଁ । ତେଣୁ, ଜଗନ୍ନାଥ ବା କି ଛାର ? ଯେଉଁଠି ଶିଳ ଶିଳପୁଆ ଗଗନରେ ଉଡୁଛନ୍ତି, ସେଠି ଶିମିଳି ତୂଳାକୁ କିଏ ପଚାରୁଛି । ଜଗନ୍ନାଥଙ୍କୁ ଅବଶ୍ୟ ବତାଇବାକୁ ହେବ ତାଙ୍କ ମାତୃଭାଷା କ'ଣ ? ଆପଣ କହିପାରନ୍ତି—ଜଗନ୍ନାଥଙ୍କ ମାତୃଭାଷା ହେଉଛି ଦେବଭାଷା । ଜନଗଣନାରୁ ଜଣାପଡ଼େ ଯେ ସାରା ଭାରତବର୍ଷରେ ମାତ୍ର ୬,୧୦୭ ଜଣ ଦେବଭାଷୀ ଅଛନ୍ତି, ଅର୍ଥାତ୍ ସେମାନେ ଦାବି କରନ୍ତି ଯେ, ସେମାନଙ୍କ ମାତୃଭାଷା ହେଉଛି ସଂସ୍କୃତ । ଓଡ଼ିଶାରେ ସେମାନଙ୍କ ସଂଖ୍ୟା ହେଉଛି ମାତ୍ର ୬୦ । ଏହି ଦେବଭାଷୀମାନଙ୍କ ମାତୃଭାଷା ଉପରେ ଆମର କିଛି କହିବାର ନଥିଲେ ବି ଜଗନ୍ନାଥଙ୍କ ଦେବଭାଷା ଜ୍ଞାନ ଉପରେ ଆମର ଘୋର ସନ୍ଦେହ ଅଛି— ଓଡ଼ିଆ ମୁସଲମାନମାନଙ୍କ ପରି, ଯେଉଁମାନେ ଉର୍ଦ୍ଦୁ ନଜାଣି ବି ମାତୃଭାଷାକୁ ଉର୍ଦ୍ଦୁ ବୋଲି ଲେଖାନ୍ତି । ପୁଣି ଜଗନ୍ନାଥଙ୍କ ଆଦିବାସ ହେଉଛି ଶବର ଗାଁ । ସେ ଗାଁ ଛାଡ଼ି ଓଡ଼ିଶା ଆସିବା ପୂର୍ବରୁ ସେ ଦେବଭାଷା ସଂସ୍କୃତ ଶୁଣିଥିବେ କି ନାହିଁ ସନ୍ଦେହ । ସାରଳା ଦାସ ଲେଖିଛନ୍ତି, ଶବର ରାଜା କୁଆଡ଼େ ତାଙ୍କୁ ମୃଗମାଂସ ପତରପୋଡ଼ା କରି ଖାଇବାକୁ ଦେଉଥିଲା । ଏବେ ଅବଶ୍ୟ ତାଙ୍କ ପୂଜାଧୁଜା ସଂସ୍କୃତ ଭାଷାରେ ହୁଏ । ଏହା ତାଙ୍କ ମାତୃଭାଷା ସଂସ୍କୃତ ହୋଇଥିବାର ପ୍ରମାଣ ନୁହେଁ । ଆମ ସମସ୍ତଙ୍କର ବାହାଘର, ବ୍ରତଘର, ଦଶାହ ବି ସଂସ୍କୃତରେ ହୋଇଥାଏ । ସେ ସଂସ୍କୃତ ଶ୍ଳୋକମାନଙ୍କରୁ ଆମେ ଧାଡ଼ିଏ ବି ବୁଝୁନାହିଁ । ଜଗନ୍ନାଥ ପୁଣି ରାତିରେ ଶୋଇବା ପୂର୍ବରୁ ସଂସ୍କୃତ ଗୀତଗୋବିନ୍ଦ ଶୁଣିବାକୁ ଭଲପାଆନ୍ତି । ଆମ ମୁଖ୍ୟମନ୍ତ୍ରୀଙ୍କୁ ବି ସଂସ୍କୃତରେ କବିତା ଲେଖିବାକୁ ଭଲ ଲାଗେ । ତେଣୁ, ତାଙ୍କ ମାତୃଭାଷା କି ସଂସ୍କୃତ ? ଚୋର ଧରାପଡ଼ିବା ପରି ଜଗନ୍ନାଥଙ୍କ ଅସଲି ସ୍ୱରୂପ ଧରାପଡ଼େ ଯେତେବେଳେ ତାଙ୍କର ବଚନିକା ହୁଏ ଲକ୍ଷ୍ମୀ ଠାକୁରାଣୀଙ୍କ ସାଙ୍ଗରେ । ଗୁଣ୍ଡିଚା ଯାତରୁ ଯେତେବେଳେ ଜଗନ୍ନାଥ ବାହୁଡ଼ନ୍ତି ବଡ଼ଦେଉଳକୁ, ଲକ୍ଷ୍ମୀଠାକୁରାଣୀ ତାଙ୍କୁ ଖାଣ୍ଟି ଓଡ଼ିଆରେ ବଚନିକା ଶୁଣାଇ ସାରିବା ପରେ ସିଂହଦୁଆର କିଳିଦିଅନ୍ତି । ପୁଣି, ଜଗନ୍ନାଥେ ଯେତେବେଳେ ରଥ ଚଢ଼ି ବାହାରନ୍ତି ଗୁଣ୍ଡିଚା ଘରକୁ, ରଥ ଉପରେ ଡାହୁକମାନେ କଞ୍ଚା ଓଡ଼ିଆରେ ଯେଉଁ 'ବୋଲି' ଶୁଣାନ୍ତି ତାଙ୍କୁ, ଜଗନ୍ନାଥେ ଓ ରଥ ଏଆଡ଼େ ବୋଲି ସେଆଡ଼େ ଧାଏଁ । ଜଗନ୍ନାଥ ବାୟା ହୋଇଯାଆନ୍ତି । ଏବେ ଅବଶ୍ୟ, ଓଡ଼ିଆମାନେ ସଭ୍ୟ ହେବା ପରେ ସେ ସବୁରେ ପାବନ୍ଦି ଲଗାଇ ଦେଇଛନ୍ତି । ୟା' ପରେ ସେମାନେ କୋଣାର୍କ, ଭୁବନେଶ୍ୱର ଦେଉଳ କାନ୍ଥରେ ଲଙ୍ଗୁଳି ଅଳସୀ କନ୍ୟାମାନଙ୍କୁ ବି ସାୟା ବ୍ଲାଉଜ୍ ପିନ୍ଧାଇବେ, କାରଣ ଏ ସବୁ ପ୍ରାଚୀନ ଭ୍ରଷ୍ଟାଚାର ଆଜି ଆମର କୋମଳମତି ଶିଶୁ ଓ

Digitized by PPRACHIN, SOA

ପର୍ଦ୍ଦାନସୀନ ଭଦ୍ରମହିଳାମାନଙ୍କୁ ବ୍ୟତିବ୍ୟସ୍ତ କରି ପକାଉଛି । ନଗ୍ନତାକୁ ସହ୍ୟ କରିବାର ସତ୍‌ସାହସ ବି ଓଡ଼ିଆ ସମାଜର ଆଉ ନାହିଁ । ସେହିପରି ଜଗନ୍ନାଥଙ୍କର ଯାହା ବି ଓଡ଼ିଆ ପରମ୍ପରା ଥିଲା, ସେ ସବୁ ପୋଛି ଆମେ ତାଙ୍କୁ ନେଇ ସିଧା ବେଦରେ ପୂରାଇଛୁ । କେବେ ଭାବିଛୁ କି, ଜଗନ୍ନାଥ ବେଦଠାରୁ ବି ପ୍ରାଚୀନ ହୋଇପାରନ୍ତି । ବର୍ତ୍ତମାନ ତାଙ୍କ ହୁଣ୍ଡି ଭାଙ୍ଗି ସେଇ ପଇସାରେ ପିଲାଙ୍କୁ ସଂସ୍କୃତ ପଢ଼ାଉଛୁ । ଜଗନ୍ନାଥଙ୍କର ଯଦି ପଇସା ବଳକା ହେଉଛି, ସେ ପଇସାରେ ପିଲାଙ୍କୁ ଓଡ଼ିଆ ପଢ଼ାହେଉ, ସଂସ୍କୃତ କାହିଁକି ? ମାତୃଭାଷାର ଉନ୍ନତିରେ, ଓଡ଼ିଶା ଦେଶର ଭାଷା ଓଡ଼ିଆ ଭାଷାର ଉନ୍ନତିରେ ତାଙ୍କ ପଇସା ଲାଗୁ । ମା' ବଞ୍ଚି ଥାଉ ଥାଉ ସ୍ୱର୍ଗତା ବୁଢ଼ୀଆଈର ଭାଷା ଶିଖାଇବାରେ କାହିଁକି ତାଙ୍କ ପଇସା ଖର୍ଚ୍ଚ ହେବ ? ପଣ୍ଡିତମାନଙ୍କର ମାତୃଭାଷା ଯଦି ହୁଏ ସଂସ୍କୃତ, ସାହେବମାନଙ୍କର ଇଂରାଜୀ, ମୁସଲମାନ ମାନଙ୍କର ଉର୍ଦ୍ଦୁ, ଆଦିବାସୀମାନଙ୍କର ତାଙ୍କ ନିଜ ଭାଷା, ତେବେ ଏ ରାଜ୍ୟରେ ଓଡ଼ିଆ ମାତୃଭାଷା କାହାର ? ଏ ଭାଷା କାହାକୁ ନେଇ ବଞ୍ଚିବ ? ଏପରି ଏକ ଘଡ଼ିସନ୍ଧିରେ ଆମେ ପହଞ୍ଚିଛେ । ବର୍ତ୍ତମାନ ଓଡ଼ିଆ ଭାଷା ଏକ ଅତ୍ୟନ୍ତ ହତାଦରର ବସ୍ତୁ ହୋଇଯାଇଛି । ଏ ଭାଷା ଆଉ ବଞ୍ଚିରହିପାରିବ କି ନାହିଁ, ସେ ବିଷୟରେ ଘୋର ସନ୍ଦେହ ସୃଷ୍ଟି ହୋଇଛି । ଆସନ୍ତା ପଚାଶ ଶହେ ବର୍ଷ ଭିତରେ ଏ ଭାଷା ସମୂଳେ ଲୋପ ପାଇଯାଇ ପାରେ ବା ଏକ ଉପଭାଷାର ରୂପ ନେଇପାରେ । ଆଉ ଭାଷା ମରିଗଲେ ଏ ଜାତି ବି ଯେ ରହିବ ନାହିଁ, କହିବା ବାହୁଲ୍ୟ ମାତ୍ର । ଏପରି ଯେ ଏକ ସମ୍ଭାବନା ରହିଛି, ସେକଥା ଏ ଦେଶର କର୍ଣ୍ଣଧାରମାନଙ୍କୁ ବିଶ୍ୱାସ କରିବାକୁ ହେବ । ଏହା କୌଣସି ରାଜନୈତିକ ଚାଲବାଜି ନୁହେଁ, ଏହା ଏକ ବିଷମ ସାମାଜିକ ପରିସ୍ଥିତି । ସେ ପରିସ୍ଥିତିକୁ ହୃଦବୋଧ ନକରିବା, ଏ ଜାତି ପକ୍ଷରେ ଆତ୍ମଘାତୀ ।

୨. ଏବେ ଓଡ଼ିଶାରେ କିଛି କିଛି ଲୋକ ବିଶ୍ୱାସ କଲେଣି ଯେ ସତେ ସତେ ଆଗାମୀ କେଇ ବର୍ଷ ଭିତରେ ଓଡ଼ିଆ ଭାଷାଟା ମରିଯାଇପାରେ । ଯେଉଁମାନେ ଏ ଦୁର୍ବିପାକରେ ବିଶ୍ୱାସ ରଖନ୍ତି ଓ ଭୟ କରନ୍ତି, ସେମାନଙ୍କ ଭିତରେ କେତେକ ନେତୃସ୍ଥାନୀୟ ବ୍ୟକ୍ତି ଓ ବେସରକାରୀ ଅନୁଷ୍ଠାନ ବି ଏବେ ସାମିଲ ହୋଇଛନ୍ତି । ଏହା ଓଡ଼ିଆ ଜାତି ପକ୍ଷରେ ସୁଖର କଥା, କାରଣ ଏଇମାନେ ହିଁ ଜନମତକୁ ଏ ବିଷୟ ପ୍ରତି ସଂଗଠିତ କରିବେ ଓ ପରିଚାଳିତ କରିବେ । କହିବେ ବଡ଼ପାଟିରେ– ଲେଖି ଛାପି, ସଭା ସମିତିରେ ଡାକବାଜି ଲଗାଇ, ପୋଡ଼ାଜଳା କରି, ଭାଷାବର୍ଷ ପାଳନ କରି ଯେ– ଆହେ ଓଡ଼ିଆଏ ! ତୁମ ମା' ମରିଯାଉଛି, ଆଉ ତୁମେ 'ଶୃଙ୍ଗାର ଶତକ'ରେ ମାତିଛ କ'ଣ ?

Digitized by PPRACHIN, SOA

ଓଡ଼ିଆ ଭାଷା ଭାରତର ବର୍ତ୍ତମାନ ପରିସ୍ଥିତିରେ ବିପନ୍ନ । ଭାଷାବିଜ୍ଞାନର ସୂଚନା ମଧ୍ୟ ସେୟା । ଗୋଟିଏ ମରଣାପନ୍ନ ରୋଗୀର ନାଡ଼ି ଟିପିଲେ ଜଣେ ଡାକ୍ତର ଯେପରି ଜାଣିପାରେ ଯେ ମୃତ୍ୟୁ ଆସନ୍ନ, ଗୋଟିଏ ଭାଷାର ସେଇ ଦୁଃସମୟ ଆସିଛି କି ନାହିଁ, ଜାଣିବା ଆଜିର ବିଜ୍ଞାନ ପକ୍ଷରେ ଅସମ୍ଭବ ନୁହେଁ । ସାରା ବିଶ୍ୱରେ ତଦ୍‌ବିଦମାନଙ୍କ ଦ୍ୱାରା ଏହାର ଅନୁସନ୍ଧାନ ଚାଲିଛି । ଆଣବିକ ଶକ୍ତିର ଯେମିତି ଗୋଟିଏ ଭଲ ଦିଗ ଅଛି, ଖରାପ ଦିଗଟିଏ ବି ଅଛି । ସବୁ ବିଜ୍ଞାନର ଦୁଇଟି ରାସ୍ତା– ଗୋଟିଏ ଦିଗରେ ଏହା ରୋଗୀକୁ ଯେପରି ନିରାମୟ କରିପାରେ, ସେହିପରି ତାକୁ ଖତମ୍ ବି କରିପାରେ । ଭାଷାବିଜ୍ଞାନର ଏହି ମଣିଷମାରୁ ଦିଗଟିକୁ ପ୍ରୟୋଗ କରି ଭାରତବର୍ଷର ଅନେକଗୁଡ଼ିଏ ଭାଷାକୁ ମାରିଦେବାର ଚେଷ୍ଟା ପ୍ରବଳ ହୋଇ ଉଠିଛି । ତେବେ, ଏ ବିଷର ବଟିକା ଗୁଡ଼ରେ ପାଗ କରାହୋଇଛି । ମୃତ୍ୟୁ ଆସିବ ନିଦରେ– ନିଠେଇ ନିଠେଇ, ମଠେଇ ମଠେଇ । ଆଗ ଆପଣଙ୍କର ହାତଟାଏ ଯିବ, ତାପରେ ଗୋଡ଼ଟାଏ । ତାପରେ ନାକଟା କି କାନଦୁଇଟା । ଶେଷକୁ ଯେତେବେଳେ ଆତତାୟୀ ଭୁଷେଇ ଦେବ ତାର ମାରଣାସ୍ତ୍ର ଆପଣଙ୍କ ବୁକୁରେ, ସୁଖର ବିଷୟ ଆପଣ କିଛି ଜାଣିପାରିବେ ନାହିଁ, ଆପଣ ତା'ପୂର୍ବରୁ ମରିସାରିଥିବେ । ଭାରତର ବିହାର ପ୍ରଦେଶରେ ମୈଥିଳ ବୋଲି ଗୋଟିଏ ଜାତି ଅଛନ୍ତି– ରାମାୟଣର ସେଇ ପ୍ରାଚୀନ ମିଥିଳା, ସୀତା ଯେଉଁଠି ଜନ୍ମ ନେବାକୁ ବାଛିଥିଲେ । ତାଙ୍କରି ସନ୍ତାନ ଏମାନେ । ସେଠାର ଲୋକେ ମୈଥିଳୀ ବୋଲି ଗୋଟିଏ ଭାଷା କହିଥାନ୍ତି, ଅନେକଟା ଆମ ଓଡ଼ିଆ ଭାଷା ସାଙ୍ଗରେ ମିଳେ । ଆମ 'ଭୁଆସୁଣୀ' କଥାଟା ବୋଧହୁଏ ତାଙ୍କରି 'ବହୁ ଆସିନ୍' ବା 'ପହିଲିପାଳି ଆସିଥିବା ବୋହୂ' କଥାରୁ ଆସିଛି । ତାଙ୍କ ବ୍ରାହ୍ମଣମାନେ ଆମ ଓଡ଼ିଆ ବ୍ରାହ୍ମଣମାନଙ୍କ ପରି ମାଛ ଖାଆନ୍ତି । ବହୁତ ମେଳ ଅଛି ତାଙ୍କ ଆମ ଭିତରେ । ଆମ ଭାଷା ପରି ତାଙ୍କ ଭାଷାର ବି ଗୋଟିଏ ଅକ୍ଷର ଥିଲା । ତାକୁ କରିତ୍‌କର୍ମା ବଙ୍ଗାଳୀମାନେ ଛଡ଼ାଇନେଇ ମାଡ଼ିବସିଲେ, ଯେମିତି ଆମ ଜଗନ୍ନାଥଙ୍କ ଭୋଗରୁ ରସଗୋଲାକୁ ଆମଠୁ ଛଡ଼ାଇନେଇ ନିଜ ନାଆଁରେ ଚଳାଇଲେ । ଏବେ ଆମ ରସଗୋଲା 'ବେଙ୍ଗଲୀ ସୁଇଟସ୍' ହୋଇ ସାରା ପୃଥିବୀ ପରିକ୍ରମା କରୁଛି । ସଂପ୍ରତି ଆମ ଓଡ଼ିଶୀ ନାଚ ଉପରେ ସେମାନଙ୍କ ଆଖି ପଡ଼ିଛି । ସେହିପରି ଜରାଗ୍ରସ୍ତ ମୈଥିଳୀ ଅକ୍ଷର ହୋଇଛି ବିଶ୍ୱପ୍ରସିଦ୍ଧ ମହାମହିମ ବଙ୍ଗଳା ଭାଷାର ଅକ୍ଷର । ମୈଥିଳୀର ହାତଟାଏ ଗଲା । ମୈଥିଳୀ ନିଜ ଅକ୍ଷର ହରାଇ ଭେକାନି ହୋଇ ବୁଲୁଛି । ମୈଥିଳୀ ଭାଷାରେ ବି ଉଚ୍ଚଦରର ସାହିତ୍ୟ ଲେଖାହୋଇଥିଲା । ଆମରି ପରି ବେଶୀ ପ୍ରାଚୀନ ନୁହେଁ କି ବେଶୀ ନୂଆ ନୁହେଁ । ଆମ ସାରଳା ଦାସ, ବଳରାମ ଦାସଙ୍କ ସମୟରେ

Digitized by PPRACHIN, SOA

ଯେପରି ପ୍ରବଳ ସାହିତ୍ୟ ଲେଖା ଆରମ୍ଭ ହୁଏ, ଏ ଭାଷାରେ ବି ସେମିତି ସାହିତ୍ୟ ସୃଷ୍ଟି ହୋଇଥିଲା । ଆଉ ଲେଖା ହେଉନି କିଛି ସେ ଭାଷାରେ । ଯଦିବା ହେଉଛି, ସେ କେବଳ ସାହିତ୍ୟ ଆକାଡେମୀର ମୁହମତକୁ । ତା'କୁ ସ୍ୱାଧୀନ, ଜୀବନ୍ତ ସାହିତ୍ୟ କୁହାଯିବ ନାହିଁ ଗୋଡ଼ ଦୁଇଟା ଗଲା । ଏ ଭାଷା ନିଜର ସ୍ୱତନ୍ତ୍ର ନାଆଁ ବି ହରାଇଛି । ହୋଇଛି ହିନ୍ଦୀର ଏକ ପ୍ରକାରଭେଦ, ଅର୍ଥାତ୍ ନିଜର ସ୍ୱତନ୍ତ୍ରତା ହରାଇଛି । ନାକଟା ଗଲା । ଏଇ ଭାଷା ପାଇଁ ବ୍ୟାକରଣ ନାହିଁ—ମୈଥିଳୀ ପିଲାଏ ହିନ୍ଦୀ ବ୍ୟାକରଣ ପଢୁଛନ୍ତି, ଓଡ଼ିଆ ପିଲାଏ ସଂସ୍କୃତ ବ୍ୟାକରଣ ପଢ଼ିଲା ପରି । ଆଖି ଦୁଇଟା ଗଲା । ଏପରି ନାନା ବ୍ୟବଚ୍ଛେଦ ପରେ ଏବେ ସେମାନଙ୍କ ମର୍ମସ୍ଥଳରେ ତେଣ୍ଟା ଭୁକାଇବା ପାଇଁ ଚେଷ୍ଟା ଚାଲିଛି— ଏ ଭାଷାରେ ଯେମିତି ପ୍ରାଥମିକ ଶିକ୍ଷା ଦିଆ ନ ଯାଏ । ଅର୍ଥାତ୍, ମୈଥିଳୀ ଶିଶୁଙ୍କୁ ଯେପରି ନିଜ ମାତୃଭାଷାରେ ସାକ୍ଷର ହେବାର ସୁଯୋଗ ନମିଳେ । ଏଥିରୁ ମୈଥିଳୀ ଶିଶୁ ବୁଝିବ ଯେ, ତାର ମାତୃଭାଷା ଗୋଟିଏ ଲିଖିତ ଭାଷା ନୁହେଁ—ଏହା ଅଶିକ୍ଷିତ, ଅଣପାଠୁଆମାନଙ୍କର ଭାଷା । ନିଜ ଭାଷା ପ୍ରତି ଏଇ ଧାରଣା ଯେତେବେଳେ ବଦ୍ଧମୂଳ ହେବ, ସେଇ ହେବ ଭାଷାର ମୃତ୍ୟୁ । ମୈଥିଳୀ ଭାଷାର ସେଇ ଆସନ୍ନ ମୁହୂର୍ତ୍ତ ଆସି ଉପସ୍ଥିତ । ଭାଷା ମରିବାର ଅନ୍ୟ ଗୋଟିଏ ଲକ୍ଷଣ ହେଲା, ଭାଷାର ମାଧ୍ୟାକର୍ଷଣ ଲୋପ । ସୂର୍ଯ୍ୟର ମାଧ୍ୟାକର୍ଷଣ ନଷ୍ଟ ହେବାର ଉପକ୍ରମ ହେଲେ, ଗ୍ରହ ଉପଗ୍ରହମାନେ ଯେପରି କେନ୍ଦ୍ରଚ୍ୟୁତ ବା କକ୍ଷଚ୍ୟୁତ ହୋଇଥାନ୍ତି, ସେହିପରି ଭାଷାର ମାଧ୍ୟାକର୍ଷଣ ଲୋପ ପାଇଲେ ଭାଷା ଖଣ୍ଡ ଖଣ୍ଡ ହୋଇଯାଏ । ସେ ଲକ୍ଷଣ ବି ଅଭାବ ନାହିଁ ମୈଥିଳୀ ଭାଷା କ୍ଷେତ୍ରରେ । ମୈଥିଳୀ ଭାଷାଠାରୁ ଅଲଗା ହେବାର ଚେଷ୍ଟାରେ ଏହି ଭାଷାର କେତୋଟି ଉପଭାଷା ନିଜକୁ ସ୍ୱାଧୀନ ଭାଷା କହି ଆନ୍ଦୋଳନ ଆରମ୍ଭ କରି ଦେଇଛନ୍ତି । ସେଥିରୁ, ଗୋଟିଏ ଉପଭାଷା ହେଲା ଅଙ୍ଗିକା ଓ ଅନ୍ୟଟି ବଜ୍ଜିକା । ଏମାନେ ଆଉ ନିଜକୁ ମୈଥିଳୀ-ଭାଷୀ କହିବାକୁ ରାଜିନୁହନ୍ତି । ଆମ ଓଡ଼ିଆ ଭାଷା କ୍ଷେତ୍ରରେ ବି ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି । ସମ୍ବଲପୁରୀ ଉପଭାଷା ନିଜକୁ ଗୋଟିଏ ସ୍ୱାଧୀନ ଭାଷା ବୋଲି ଦାବି କରି ଓଡ଼ିଆ ଭାଷାଠାରୁ ଅଲଗା ହେବା ପାଇଁ ଆନ୍ଦୋଳନ ଆରମ୍ଭ କରିଦେଇଛି । ଅର୍ଥାତ୍, ଗୋଟିଏ ବିରାଟ ଭାଷାଭାଷୀ ଅଞ୍ଚଳ ଉପରେ ଓଡ଼ିଆ ଭାଷାର ଆଉ କର୍ତ୍ତୃତ୍ୱ ନାହିଁ । ଆଜି ଓଡ଼ିଆରୁ ସମ୍ବଲପୁରୀ ବାହାରିଯିବ ତ କାଲି ଯିବ ଆଉ ଗୋଟିଏ ଅଞ୍ଚଳ । ତା ଆରଦିନ ଆଉ ଗୋଟିଏ । ଆଜି ଯେଉଁ ଅଢ଼େଇ କୋଟିରୁ ଊର୍ଦ୍ଧ୍ୱ ଲୋକ ଓଡ଼ିଆ କହୁଛନ୍ତି ବୋଲି ଆମେ ଦାବି କରୁଛେ, ତାହା ମାତ୍ର କେଇ ଲକ୍ଷ ଲୋକଙ୍କ ଭାଷାରେ ପରିଣତ ହେବ । ଆଜି ମୈଥିଳୀ ଭାଷାର ସେଇ ଦୁରବସ୍ଥା । ଏହାର ଅକ୍ଷର ଚାଲିଯାଇଛି, ଏହାର ସାହିତ୍ୟ ଶୁଖିଯାଇଛି । ଏହାର କର୍ତ୍ତୃତ୍ୱ ଲୋପ

Digitized by PPRACHIN, SOA

ପାଇଛି । ଅନେକ ଲୋକଙ୍କର ଏହା ମାତୃଭାଷା ହୋଇଥିବା ସତ୍ତ୍ୱେ, ଏ ଭାଷାରେ ପ୍ରାଥମିକ ଶିକ୍ଷା ଦିଆ ଦେଉନାହିଁ । ଗୋଟିଏ ଉନ୍ନତ ଭାଷାରୁ ଏହା ପରିଣତ ହୋଇଛି ଗୋଟିଏ ଉପଭାଷାରେ । ବର୍ତ୍ତମାନ ମୈଥିଳୀମାନେ ତାଙ୍କ ପୂର୍ବଭାଷାର ଜୀବନକୁ ଫେରାଇ ଆଣିବା ପାଇଁ ପାଟି କରିବା ଆରମ୍ଭ କରିଛନ୍ତି, କିନ୍ତୁ ଅଜଗରର ପେଟରୁ ହଜମ ହୋଇସାରିଥିବା ଜୀବଟିକୁ ଉଦ୍ଧାର କରିବା ଯେପରି ଅସମ୍ଭବ, ସେହିପରି ହିନ୍ଦୀ ଗର୍ଭରୁ ମୈଥିଳୀକୁ ଉଦ୍ଧାର କରିବା ଅସମ୍ଭବ । ଆମେ ବି ସେହିପରି ଅଜଗରର ପେଟରେ ପଶିବାର ଅବସ୍ଥାରେ ପହଞ୍ଚିଛୁ । ନାହିରେ ତେଲ ପକାଇ ଶୋଇଛୁ—ଖାଦକ ଆମର ବାସ୍ନା ପାଇସାରିଲାଣି । ସେ ଆଡ଼କୁ ଆମର ଖିଆଲ ନାହିଁ ।

ଗୋଟିଏ ଭାଷାର ପ୍ରକୃତ ସ୍ୱାସ୍ଥ୍ୟ ଜାଣିବା ପାଇଁ ଅନେକଗୁଡ଼ିଏ ପ୍ରଶ୍ନ ପଚରାଯାଇ ପାରେ, ଯେଉଁ ଉତ୍ତରରୁ ଜଣେ ଅଭିଜ୍ଞ ବ୍ୟକ୍ତି ପାଖରେ ତା'ର ଅବସ୍ଥା ବାରିହୋଇ ପଡ଼େ । କାଶରେ ଯଦି ରକ୍ତ ପଡୁଥାଏ, ଜର ହେଉଥାଏ, ଓଜନ କମି ଯାଉଥାଏ, ଯେପରି ନିର୍ଦ୍ଦିଷ୍ଟ ରୋଗର ଲକ୍ଷଣ ହୋଇପାରେ, ଓଡ଼ିଆ ଭାଷାର ଶରୀରରେ ସେହିପରି ଦେଖାଦେଇଛି ବିପଜ୍ଜନକ ଲକ୍ଷଣ । ସେଥିପାଇଁ ସମୟରୁ ବ୍ୟବସ୍ଥା ନକଲେ ନେଡ଼ି ଗୁଡ଼ କହୁଣିକୁ ବୋହିଯିବ । ଏ ଜାତିର ଭାଷାକୁ ବଞ୍ଚାଇ ରଖିବା ପାଇଁ ଏ ଜାତିକୁ ସତର୍କ ରହିବାକୁ ପଡ଼ିବ । ଲଢ଼ିବାକୁ ପଡ଼ିବ । ପଇସା ଖର୍ଚ୍ଚ କରିବାକୁ ପଡ଼ିବ । ଭାଷା ଗୋଟିଏ ଜାତିର ଜୀବନ ନାଡ଼ିକା । ସେ ନାଡ଼ି ଯେତେ ଦିନ ଚାଲିଥିବ, ଏ ଜାତି ବଞ୍ଚିଥିବ । ଯେଉଁ ଦିନ ସେ ନାଡ଼ି ବନ୍ଦ ହୋଇଯିବ, ତାହା ହେବ ସେ ଜାତିର ଶେଷ । ଓଡ଼ିଆ ଭାଷାର ନାଡ଼ି ବନ୍ଦ ହୋଇଯିବାର ଯେଉଁ ଲକ୍ଷଣମାନ ଦେଖା ଦେଇଛି, ସେ କଥା ଭାଷାବିଜ୍ଞାନ ବହୁଦିନରୁ ସୂଚାଇ ସାରିଲାଣି । ବର୍ତ୍ତମାନ ଏ ଜାତିର ଲୋକେ ଚେଷ୍ଟା କରିବେ କି ନାହିଁ, ତାହା ସେମାନଙ୍କ ଉପରେ ନିର୍ଭର କରେ । ସେଥିପାଇଁ ଅନ୍ୟ ଲୋକେ ଆମକୁ ସାହାଯ୍ୟ କରିବାକୁ ଆସିବେ ନାହିଁ । ଆମ ନିଜକୁ ହିଁ ଲଢ଼ିବାକୁ ପଡ଼ିବ । ଯେଉଁମାନେ ଏ ଭାଷାର ଦୁରବସ୍ଥାକୁ ବୁଝିବା ପାଇଁ ନାରାଜ ଓ ନାନା ପ୍ରକାର ତୁଚ୍ଛ ଆଶ୍ୱାସନା ଦେଇ ଏ ଜାତିକୁ ଭଣ୍ଡୁଛନ୍ତି, ସେହିମାନେ ହିଁ ଏ ଜାତିର, ଏ ଭାଷାର ପ୍ରଧାନ ଶତ୍ରୁ । ସେମାନଙ୍କର ଅଦୂରଦର୍ଶିତା ଓ ଅନଭିଜ୍ଞତା ଏଥିପାଇଁ ଦାୟୀ ।

୩. ଭାରତରେ ଛୋଟ ବଡ଼ ହୋଇ ବର୍ତ୍ତମାନ ଦୁଇ ଶହରୁ ବେଶୀ ଭାଷା ଚଳେ । ସେଥିରୁ ପ୍ରାୟ ଦୁଇତୃତୀୟାଂଶ ମରଣୋନ୍ମୁଖୀ । ଓଡ଼ିଆ ଭାଷା ବି ଏହି ବିପଦର ବଳୟ ଭିତରେ ରହିଛି । ଆମେ ଯେତେବେଳେ ଏହାର ସୂଚନା ଦେଲୁ, କିଛି ଲୋକ ଉତ୍ତେଜିତ ହୋଇପଡ଼ିଲେ

Digitized by PPRACHIN, SOA

ଏବଂ ଯୁକ୍ତି ବାଢ଼ିଲେ ଯେ—ଓଡ଼ିଆ ଭାଷା କେବେ ମରିବ ନାହିଁ । ଓଡ଼ିଆ ଭାଷା ପ୍ରତି କୌଣସି ବିପଦ ନାହିଁ । ତା'ର କାରଣ ହିସାବରେ ସେମାନେ କହିଲେ ଯେ, ଓଡ଼ିଆ ଭାଷା ଗାଁ ଗଣ୍ଡା, ବଣ ଜଙ୍ଗଲରେ ଲକ୍ଷ ଲକ୍ଷ ଲୋକଙ୍କ ଦ୍ୱାରା କଥିତ ହୋଇଥାଏ । ପୃଥିବୀରେ ଏପରି କୌଣସି ଶକ୍ତି ନାହିଁ, ଯେଉଁ ଶକ୍ତି ଏଇ ଅସଂଖ୍ୟ ଲୋକଙ୍କ ତୁଣ୍ଡରୁ ତାଙ୍କର ମାତୃଭାଷାକୁ କାଢ଼ି ନେଇ ପାରିବ ଆଉ ଏଇ ଲୋକେ ହିଁ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବେ । ଆମେ ଏକଥାକୁ ଅସ୍ୱୀକାର କରୁନାହୁଁ, ବସ୍ତୁତଃ ଆମର ଭୟ ହିଁ ସେୟା, ଅର୍ଥାତ୍ ଆଉ କିଛି ବର୍ଷ ପରେ ଓଡ଼ିଆ ଭାଷା ସେହି ଗାଁଗଣ୍ଡାର ମଫସଲି ଲୋକ ଓ ବଣ ଜଙ୍ଗଲର ଆଦିବାସୀ ଲୋକଙ୍କ ଭାଷା ହୋଇ ରହିଯିବ । ତା'ଛଡ଼ା ଆମକୁ ଦୁଃଖର ସହିତ କହିବାକୁ ପଡୁଛି ଯେ, ଏହି ଅନଭିଜ୍ଞ ତଥା ଭାବପ୍ରବଣ ବ୍ୟକ୍ତିମାନେ ଆଧୁନିକ ପୃଥିବୀରେ ଭାଷା ମରିବା କଣ, ତାହା ଠିକ୍ ଜାଣନ୍ତି ନାହିଁ । ଆଧୁନିକ ଯୁଗରେ ଭାଷା ମଲେ ଲୋକମାନଙ୍କ ତୁଣ୍ଡରୁ ଏହା ଲୋପ ପାଇଯାଏ ନାହିଁ । ଏହା ଜାତିର ବିଭିନ୍ନ ସାମାଜିକ ପରିସରରୁ ଲୋପ ପାଇଯାଏ । ଭାଷା କୁହାଯାଉନଥିବା ଏକ-ପ୍ରକାରର ମୃତ୍ୟୁ । ଭାଷାକୁ କୁହାଇ ନଦେବା ଆଉ ଏକ ପ୍ରକାରର ମୃତ୍ୟୁ । ଦ୍ୱିତୀୟ ପ୍ରକାରଟି ଖାଲି ମୃତ୍ୟୁ ନୁହେଁ, ହତ୍ୟା । ଅର୍ଥାତ୍, ଭାଷାର ସାମାଜିକ ପରିସରଗୁଡ଼ିକୁ ଏପରି ଭାବେ ରୁନ୍ଧି ଦେବାକୁ ହେବ, ଯେପରି ସେ ଭାଷା ନିଜ ସମାଜଠାରୁ ବିଚ୍ଛିନ୍ନ ହୋଇପଡ଼ିବ । ଏହା ଶ୍ୱାସରୁଦ୍ଧ-ଜନିତ ମୃତ୍ୟୁ— ଜୀବନ୍ମୃତ୍ୟୁ ସଙ୍ଗେ ସମାନ । ଏପରି ଘଟିଲେ ବୁଝିବାକୁ ହେବ ଯେ, ଭାଷା କୋମା ଅବସ୍ଥାରେ । ଏହି ଅବସ୍ଥାରେ ମରିବା ବଞ୍ଚିବା ସମାନ । ବାନ୍ଧି ମାରିଲେ ଯାହା, ଧରି ମାରିଲେ ସେୟା । ପରିଣତି ମୃତ୍ୟୁ ।

ପ୍ରଥମେ ସ୍ୱାଭାବିକ ଧରଣର ମୃତ୍ୟୁ ବିଷୟରେ ଦେଖାଯାଉ । ଆଣ୍ଡାମାନ ଦ୍ୱୀପପୁଞ୍ଜରେ ଓଙ୍ଗେ ନାମକ ଏକ ଛୋଟ ଆଦିବାସୀ ଗୋଷ୍ଠୀ ବସବାସ କରନ୍ତି । ସେମାନଙ୍କ ସଂଖ୍ୟା ବର୍ତ୍ତମାନ ମାତ୍ର ଶହେରୁ କିଛି ବେଶୀ । ଏହି ଶହେଟି ଲୋକ ଓଙ୍ଗେ ଭାଷା କହିଥାନ୍ତି । ପ୍ରାକୃତିକ କାରଣରୁ ଏହି ଗୋଷ୍ଠୀର ସନ୍ତାନ ଜନ୍ମ ହେବା ବିରଳ । ଫଳରେ ସେମାନଙ୍କ ସଂଖ୍ୟା ବଢ଼ିବା ଅପେକ୍ଷା ଆସ୍ତେ ଆସ୍ତେ ଛିଡୁଛି । ଏପରି ସମୟ ଆସିବ, ଯେତେବେଳେ ଏଇ ଗୋଷ୍ଠୀ ଆହୁରି ହ୍ରାସ ପାଇବାକୁ ଲାଗିବ, କାରଣ ସେମାନେ ସନ୍ତାନ ଜନ୍ମ କରିବାକୁ ଅକ୍ଷମ ହୋଇପଡ଼ିବେ । ଫଳରେ, ଗୋଷ୍ଠୀଟିରେ ରହିବେ କିଛି ବୁଢ଼ାବୁଢ଼ୀ ଯେଉଁମାନେ ଆସ୍ତେ ଆସ୍ତେ ମରିବାକୁ ଆରମ୍ଭ କରିବେ । ଶେଷ ବୁଢ଼ା କି ବୁଢ଼ୀଟି ଯେଉଁଦିନ ମରିଯିବ ତାଙ୍କ ଭାଷା ବି ସେଇଦିନ ମରିଯିବ । ଏହା ହେଲା, ଗୋଟିଏ ଜାତି ଲୋପ ପାଇଯିବା ପରେ ସେଇ ଜାତିର

Digitized by PPRACHIN, SOA

ଭାଷାକୁ କହିବା ପାଇଁ ଆଉ କେହି ରହିବେ ନାହିଁ ଓ ଭାଷାର ମୃତ୍ୟୁ ଘଟିବ । ଏହି ସୂତ୍ରରେ ଆମେରିକାର ସହସ୍ରାଧିକ ଆଦିବାସୀ ଗୋଷ୍ଠୀଙ୍କର ଭାଷା ଲୋପ ପାଇଯାଇଛି । ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, କାନାଡା, ଦକ୍ଷିଣ ଆମେରିକା, ଭାରତ ମହାସାଗରର ଦ୍ୱୀପପୁଞ୍ଜରେ ମଧ୍ୟ ଠିକ୍ ସେଇ ଅବସ୍ଥା । ଏ ସବୁ ସ୍ଥାନରେ ବହୁ ଆଦିମ ଜାତି ଲୋପ ପାଇଯିବା ଯୋଗୁ ସେମାନଙ୍କ ଭାଷା ବି ଚିରଦିନ ପାଇଁ ଧରାପୃଷ୍ଠରୁ ଲୋପ ପାଇଯାଇଛି । ସେହି ଏକ କାରଣରୁ ଆମ ଓଡ଼ିଶାରେ ବି କିଛି ଆଦିବାସୀ ଭାଷା ଲୋପପାଇଯିବାର ଯଥେଷ୍ଟ ସମ୍ଭାବନା ରହିଛି । କୋରାପୁଟର ଡିଡେଇ, ପାରେଙ୍ଗା, ଗଦବା; କେନ୍ଦୁଝରର ଜୁଆଙ୍ଗ, ସୁନ୍ଦରଗଡ଼ର କିଶାନ ମଧ୍ୟ ଆସି ଜନସାଂଖ୍ୟିକ ସୀମାରେଖାର ସଙ୍କଟ ବିନ୍ଦୁରେ ପହଞ୍ଚିଛନ୍ତି । ମାତ୍ର କେଇ ହଜାର ଲୋକଙ୍କର ଏଇ ଗୋଷ୍ଠୀଗୁଡ଼ିକ ଯେତିକି ଯେତିକି ଛିଡ଼ିବେ, ସେମାନଙ୍କ ଭାଷା ମଧ୍ୟ ସେତିକି ସେତିକି ଲୋପ ପାଇଚାଲିବ ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ । ସେ ଭାଷାଗୁଡ଼ିକ ଚିରଦିନ ପାଇଁ ମାନବ ଜାତିର ମାନସପଟରୁ ଲିଭିଯିବେ । ଭାଷାକୁ ନେଇ ଯେପରି ଜାତି, ଜାତିକୁ ନେଇ ସେହପରି ଭାଷା । ଜାତି ଲୋପ ପାଇଗଲେ ଭାଷା ଲୋପ ପାଇଯିବା ଅବଶ୍ୟମ୍ଭାବୀ । ଏବେ ଓଡ଼ିଶାର ସଂସ୍କୃତପ୍ରେମୀମାନେ ଲୋକଭାଷା ନାମରେ ଏକ ମୃତଭାଷା ପାଇଁ ଜାତିଟିଏ ଗଢ଼ିବାରେ ଲାଗିପଡ଼ିଛନ୍ତି । ସ୍କୁଲ, କଲେଜ, ଥାନା, କଚିରି, ସବୁଠି ଏବେ ଏ ପଣ୍ଡିତମାନେ ସଂସ୍କୃତ ଭାଷାରେ କଥା କହିବାକୁ, ବକ୍ତୃତା ଦେବାକୁ ପିଲାମାନଙ୍କୁ ଅଭ୍ୟାସ କରାଉଛନ୍ତି । ସେମାନଙ୍କର ବିଶ୍ୱାସ ଏ ପିଲାମାନେ ଦିନେ ବଡ଼ ହେବେ, ଘର କରିବେ, ଆଉ ନିଜର ପରିଚୟ ଦେବାକୁ ଯାଇ କହିବେ— ଓଡ୍ରହଂ । ଗୋଟିଏ ନୂଆ ଜାତି ତିଆରି ହେବ, ଯାହାର ମାତୃଭାଷା ହେବ ସଂସ୍କୃତ । ସଂସ୍କୃତ ଯୁଗରେ ମଧ୍ୟ ଏହା ସମ୍ଭବ ହୋଇନଥିଲା । କାରଣ, ଉଚ୍ଚବର୍ଣ୍ଣର ପୁରୁଷମାନେ ଯେତେବେଳେ ସଂସ୍କୃତରେ କହୁଥିଲେ, ନାରୀମାନେ ସ୍ୱଚ୍ଛନ୍ଦରେ ପ୍ରାକୃତ ବ୍ୟବହାର କରୁଥିଲେ । ତେଣୁ ସଂସ୍କୃତ ମାତୃଭାଷା ହୋଇ ରହିପାରିଲା ନାହିଁ, ଏବଂ ତାହା ହିଁ ହେଲା ଏହାର ମୃତ୍ୟୁର କାରଣ । ଗୋଟିଏ ଭାଷା ଲୋକଭାଷା ହେବାକୁ ହେଲେ—ମା'ର ଭାଷା ହେବା ଆବଶ୍ୟକୀୟ । ସଦ୍ୟଜାତ ସନ୍ତାନ ପାଇଁ ମା'ର କ୍ଷୀରଠାରୁ ବଳି ଯେପରି ଉପାଦେୟ କିଛି ନାହିଁ, ଗୋଟିଏ ଜାତିପାଇଁ ମା'ର ଭାଷାଠାରୁ ବଳି ଭାଷା ନାହିଁ । ଏହି ଭାଷା ଦ୍ୱାରା ହିଁ ଶିଶୁର ବୌଦ୍ଧିକ ଓ ମାନସିକତାର ମୂଳଦୁଆ ପଡ଼ିଥାଏ । ମାତୃଭାଷାର ମୃତ୍ୟୁ ଘଟିଲେ ଗୋଟିଏ ଜାତିର ମୃତ୍ୟୁ ଘଟେ ।

ଅନ୍ୟ ପ୍ରକାରର ମୃତ୍ୟୁ ହେଲା ଶ୍ୱାସରୁଦ୍ଧଜନିତ । ଗୋଟିଏ ଭାଷା ଉକ୍ତ ସମାଜର ବିଭିନ୍ନ ସାମାଜିକ ପରିସରରେ ବ୍ୟବହୃତ ହୋଇଥାଏ । ଯେତିକି ବିଭିନ୍ନ ସାମାଜିକ ପରିସରରେ

Digitized by PPRACHIN, SOA

ଗୋଟିଏ ଭାଷା ବ୍ୟବହୃତ ହେବ, ସେତିକି ଜୀବନୀଶକ୍ତି ତା'ର ବଢ଼ିବ । ସାମାଜିକ ପରିସରଗୁଡ଼ିକରୁ ଏହା ଯେତିକି ଯେତିକି ହଟିଯିବ, ସେତିକି ସେତିକି ଏହାର ଦମ୍ ବନ୍ଦ ହୋଇଯିବ । ଏହା ଘରର ଦୁଆର ଝରକାଗୁଡ଼ିକୁ ଗୋଟିକ ପରେ ଗୋଟିଏ ବନ୍ଦ କରିବା ପରି । ଯେତେବେଳେ ସବୁ ଝଳା ବନ୍ଦ ହୋଇଯିବ, ଘର ଭିତରେ ଥିବା ଲୋକଙ୍କର ଶ୍ୱାସରୁଦ୍ଧ ହେବ । ଗୋଟିଏ ବନ୍ଦକୋଠରି ଭିତରେ ଆପଣ ଚିଲ୍ଲାଉଥିବେ, କେହି ଶୁଣି ପାରୁନଥିବେ ଆପଣଙ୍କ କଥା, ଶୁଣିଲେ ବି କେହି ମୂଲ୍ୟ ଦେବେନି ଆପଣଙ୍କ ଅବୋଧ କଥାର । କାରଣ ସେ ସବୁ କ୍ଷେତ୍ରରେ ଓଡ଼ିଆ ଭାଷାରେ କହିବା ଅସମ୍ମାନଜନକ, ଅପାରଗତା, ଅବାଞ୍ଛିତ ବା ଆଇନତଃ ନିଷିଦ୍ଧ । ବର୍ତ୍ତମାନ ଆମ ଓଡ଼ିଆ ସାମାଜିକ ପରିସରଗୁଡ଼ିକୁ ନେଇ ଦେଖାଯାଉ, ଗୋଟିଏ ସାମାନ୍ୟ ଉଦାହରଣ ଦେଇ । ଆଜିର ସଭ୍ୟତାରେ ଟେଲିଭିଜନ୍ ଏକ ଅପରିହାର୍ଯ୍ୟ ବସ୍ତୁ । ଯେତିକି ବେଶୀ ସଭ୍ୟଦେଶକୁ ଯିବ, ସେତିକି ବେଶୀ ଦେଖିବ ଏ ତଥାକଥିତ 'ଇଡିଅଟ ବକ୍ସ' ବା 'କଳମୁକୁର'ର କାରସାଦି । ଉନ୍ନତ ଦେଶମାନଙ୍କରେ ଶହ ଶହ ଚ୍ୟାନାଲ୍‌ରେ ଅହୋରାତ୍ର ଟେଲିଭିଜନ ଚାଲିଛି । ଏଆରପୋର୍ଟଠାରୁ ଆରମ୍ଭ କରି ହସ୍‌ପିଟାଲ ପର୍ଯ୍ୟନ୍ତ ଧାଡ଼ି ଧାଡ଼ି ଚେଆର କଡ଼ରେ ଟେଲିଭିଜନ୍ ଖଞ୍ଜା ହୋଇଛି । ଏ ଟେଲିଭିଜନ୍‌ରେ ଆପଣ ଖାଲି ଛବି ଦେଖୁନାହାନ୍ତି, କଥା ବି ଶୁଣୁଛନ୍ତି । ବିଭିନ୍ନ ପ୍ରକାର କଥା ଶୁଣୁଛନ୍ତି ବିଭିନ୍ନ ବିଷୟରେ । ବକ୍ତୃତା, ତର୍କ, ଆଇନ୍, ଆଲୋଚନା, କବିତା, ସମୀକ୍ଷା, ନାଟକ, ଗାନ, ଗାଳି, ରୂପକଥା, କମିକ୍,କଳା, ଦର୍ଶନ, ବ୍ୟଙ୍ଗ, ଉପଦେଶ, ଧର୍ମ, ରଣନୀତି, କୂଟନୀତି, ରାଜନୀତି, ବ୍ୟବସାୟ, କୃଷି, ଚକିତ୍ସା, ସ୍ୱାସ୍ଥ୍ୟରକ୍ଷା, ରାନ୍ଧଣା, ରୂପସଜ୍ଜା, ଫେଶନ୍, ଖେଳ, ସମ୍ବାଦ, ଭ୍ରମଣ, ପ୍ରୋପାଗାଣ୍ଡା, ପ୍ରଚାର, ବିଜ୍ଞାପନ, ବାଣିଜ୍ୟ, ପ୍ରକୃତି, ପରିବେଶ, ଜନ୍ମ, ମରଣ, ରୋଗ, ଜରା, ବିଳାସ, ବ୍ୟାୟାମ, ବିଶ୍ରାମ ପରି ଅଗଣିତ ବିଷୟରେ ଭାଷା ଅଜାଡ଼ି ହୋଇପଡୁଛି । ଭାଷା ଚାରିଆଡ଼କୁ ଓଟାରି ହେଉଛି । କୋଟି କୋଟି ନୂଆ ପୁରୁଣା ଶବ୍ଦ, ବାକ୍ୟ, ବିଶେଷଣ, ଅବ୍ୟୟ, ଉପମା, ଅଳଙ୍କାର, ଶ୍ଳେଷ, ଅନୁପ୍ରାସ, ଗ୍ରାମ୍ୟ, ରୂଢ଼ି, ବିଜ୍ଞ, ବିଦଗ୍ଧ କଥା ଭାଷା ମାଧ୍ୟମରେ ଶ୍ରୋତାକୁ ହତଚକିତ କରିଦେଉଛନ୍ତି । ଟେଲିଭିଜନ୍ ପରିସରରେ ଭାଷା ଆପଣଙ୍କର ଓ ଜାତିର ସେବାରେ ନିବିଷ୍ଟ । ଆପଣଙ୍କୁ ଜ୍ଞାନ ଦେଉଛି, ଆପଣଙ୍କ ମନୋରଞ୍ଜନ କରୁଛି, ଉଚ୍ଚାଟ କରୁଛି, ହସାଉଛି କନ୍ଦାଉଛି । ପରୋକ୍ଷ ଭାବେ ହେଲେ ବି ସମାଜର ସମସ୍ତ ପରିସର ସହିତ ସେ ବ୍ୟକ୍ତିକୁ ଜଡ଼ାଇ କରି ରଖିଛି । ଆଧୁନିକ ସଭ୍ୟତାରେ ଭାଷାର ପ୍ରସାର ଓ ଜୀବନୀଶକ୍ତି ପାଇଁ ଟେଲିଭିଜନ୍ ଅପରିହାର୍ଯ୍ୟ । ଶହ ଶହ ଚ୍ୟାନାଲରେ

Digitized by PPRACHIN, SOA

ଚବିଶ ଘଣ୍ଟା ଭାଷା ମୂଷଳଧାରାରେ ବର୍ଷୁଛି । ଏପରି ଭାଷାଟିଏ ଯଦି ଆପଣଙ୍କର ହୋଇଥାଏ, ଗର୍ବ କରିବାର ଯଥେଷ୍ଟ କାରଣ ଅଛି । କିନ୍ତୁ ଆପଣଙ୍କ ଭାଷା ଯଦି ଟେଲିଭିଜନ୍‌ରୁ ଶୁଣାଯାଉନଥାଏ ? ଯାଆନ୍ତୁ, ଆଉ ଆପଣଙ୍କ ଟେଲିଭିଜନ୍ ଖୋଲନ୍ତୁ । ଓଡ଼ିଆମାନେ କେଉଁ ଭାଷାରେ, କେତେ ଘଣ୍ଟା, କେତେଟା ଚ୍ୟାନାଲରେ ଓଡ଼ିଆ ଶୁଣିପାରୁଛନ୍ତି କି କହିପାରୁଛନ୍ତି ? ଆଶ୍ଚର୍ଯ୍ୟ ହେଉଛନ୍ତି କି । ଆପଣ ଧୋକ୍କା ଦେଉଛନ୍ତି ଆପଣଙ୍କ ଭାଷାକୁ— ଟେଲିଭିଜନ୍ ଦେଇ ଓଡ଼ିଆ ଭାଷା ଯାତାୟାତ କରିପାରୁନାହିଁ । ସେ ଦ୍ୱାରଟି ତା'ପାଇଁ ପ୍ରାୟ ବନ୍ଦ । ବରଂ ଟେଲିଭିଜନ୍ ଓଡ଼ିଆ ଭାଷା ପାଇଁ ସହାୟକ ହେବା ପରିବର୍ତ୍ତେ ଏକ ଶତ୍ରୁ ହୋଇ ଠିଆହୋଇଛି । ଆମ ଲୋକଙ୍କ ପାଖରେ ଆମ ଭାଷାକୁ ପହଞ୍ଚାଇବା ପରିବର୍ତ୍ତେ, ଏହା ଆମ ଭାଷାଠାରୁ ଆମକୁ ଦୂରେଇ ନେଇ, ତା' ଜାଗାରେ ଅନ୍ୟ ଭାଷାକୁ ପୂରାଉଛି । ଆମେ ସିନା ସେ କଥା ବୁଝୁନାହୁଁ, କିନ୍ତୁ ବଙ୍ଗାଳୀ ବା ତାମିଲ ଜାତି ସେ କଥା ଠିକ୍ ବୁଝିଛି । ତାଙ୍କ ପର୍ଦ୍ଦାରେ— ସେ ରାମ ହେଉ ବା ରାବଣ, ଅର୍ଜ୍ଜୁନ ବା ଦୁର୍ଯ୍ୟୋଧନ, କୃଷ୍ଣ ହେଉ ବା ଯଶୋଦା, ସେ ତାମିଲମାନଙ୍କ ପାଇଁ ତାଙ୍କ ଭାଷାରେ କହିବା ପାଇଁ ବାଧ୍ୟ । ଅଥଚ ଆମ ପାଇଁ ରାମ, କୃଷ୍ଣ, ସୀତା, ଦ୍ରୌପଦୀ ସମସ୍ତେ ହିନ୍ଦୀଭାଷୀ । ସେମାନଙ୍କୁ ପ୍ରାର୍ଥନା କରିବାକୁ ହେଲେ ଆମକୁ ହିନ୍ଦୀଭାଷାରେ ପ୍ରାର୍ଥନା କରିବାକୁ ପଡ଼ିବ, ଆଗେ ଯେମିତି ଆମକୁ କରିବାକୁ ପଡୁଥିଲା ସଂସ୍କୃତରେ । ବଙ୍ଗାଳୀମାନଙ୍କ ପକ୍ଷରେ ହିନ୍ଦୀ ବୁଝିବା ଯେ କଠିନ ତା' ନୁହେଁ, କିନ୍ତୁ ସେମାନେ ନିଜ ଭାଷାର ଜୀବନୀଶକ୍ତିକୁ ବନ୍ଧା ପକାଇବାକୁ ଚାହାନ୍ତି ନାହିଁ । ନିଜ ଭାଷା ବିଷୟରେ ଫ୍ରେଞ୍ଚମାନଙ୍କର ସ୍ୱାଭିମାନ ଆପଣ ଦେଖିଲେ ଆଶ୍ଚର୍ଯ୍ୟ ହେବେ । ଜଣେ ଫ୍ରେଞ୍ଚ୍ ଲୋକକୁ ଇଂରାଜୀ ଭାଷାରେ ପ୍ରଶ୍ନ ପଚାରି ଦେଖିପାରନ୍ତି । ଇଂରାଜୀ ଜାଣିଥିଲେ ବି ସେ ଆପଣଙ୍କୁ ଫ୍ରେଞ୍ଚ୍ ଭାଷାରେ ଉତ୍ତର ଦେବ । ଏହା ହେଉଛି ଭାଷା ଅସ୍ମିତା । ଗୋଟିଏ ଜାତିର ଭାଷା-ଅସ୍ମିତା ଲୋପ ପାଇଗଲେ ଭାଷା ମରେ ।

୪. ଆପଣ କ୍ରିକେଟ-ଫ୍ୟାନ୍ ହୋଇନଥାନ୍ତୁ ପଛେ, ତେନ୍ଦୁଲକରଙ୍କୁ ଟେଲିଭିଜନ ପର୍ଦ୍ଦାରେ ନିଶ୍ଚୟ ଭେଟିଥିବେ । ତେବେ ଯେତେଥର ଆପଣ ଦେଖିଛନ୍ତି ତାଙ୍କୁ, ଖାଲି ଖେଳୁଥିବା ବେଳେ ନୁହେଁ, ଅନ୍ୟ ସଂକ୍ରାନ୍ତରେ ମଧ୍ୟ, ଯଥା— ସାକ୍ଷାତକାର, ସମ୍ବାଦ, ବିଜ୍ଞାପନ, ଇତ୍ୟାଦିରେ, କେଉଁଠି ହେଲେ ତେନ୍ଦୁଲକରଙ୍କୁ ଓଡ଼ିଆ କହୁଥିବାର ଆପଣ ଶୁଣିନାହାନ୍ତି । ଆପଣ ଭଲ କରି ବୁଝିଛନ୍ତି ଯେ ସେ ଓଡ଼ିଆ ନୁହନ୍ତି । ତାଙ୍କଠାରୁ ଓଡ଼ିଆ ଭାଷା ଆଶା କରିବା ବୃଥା । କିନ୍ତୁ ଆପଣ ଯେଉଁ ଦିଅଁ ଦେବତାଙ୍କୁ ପୂଜା କରନ୍ତି ସେମାନେ ସବୁ ବି କି ଓଡ଼ିଆ କଥା ଜାଣନ୍ତି ନାହିଁ ? ଓଡ଼ିଆମାନଙ୍କର ଯେତେ ଦିଅଁ ସମସ୍ତେ କି ଅଣଓଡ଼ିଆ ? ତେବେ

Digitized by PPRACHIN, SOA

ଟେଲିଭିଜନ୍‌ରେ ରାମ, କୃଷ୍ଣ, ହନୁମାନ, ଶିବ ଯେତେବେଳେ ଆସନ୍ତି, କେହି କାହିଁକି ଓଡ଼ିଆରେ କଥାବାର୍ତ୍ତା ହୁଅନ୍ତିନାହିଁ ? ସେହି ଦିଅଁମାନେ ଯେତେବେଳେ ଟେଲିଭିଜନରେ ତାମିଲନାଡୁ ଯାଉଛନ୍ତି ସେଠି ସେଠା ଭାଷାରେ କହୁଛନ୍ତି, ଯେତେବେଳେ କଲିକତା ଯାଉଛନ୍ତି, ସେଠା ଭାଷାରେ କହୁଛନ୍ତି । କିନ୍ତୁ ଯେତେବେଳେ ଓଡ଼ିଶାକୁ ଆସୁଛନ୍ତି ସେତେବେଳେ ଆମ ଏଠା ଭାଷାରେ କହୁନାହାନ୍ତି କାହିଁକି ? ଏ କଥାର ଆପଣ ଉତ୍ତର ଦେବେ ଯେ ଛବିଟି ଓଡ଼ିଆରେ ଡବିଂ ହୋଇନାହିଁ । ବେଶ୍ । କିନ୍ତୁ ଓଡ଼ିଆରେ ଡବିଂ ହୋଇନାହିଁ କାହିଁକି ? ତାମିଲ, ବଙ୍ଗଳାରେ ଯଦି ହୋଇପାରୁଛି ଓଡ଼ିଆରେ ହେଉନାହିଁ କାହିଁକି ? ଏହାଦ୍ୱାରା ଓଡ଼ିଆମାନଙ୍କ ସ୍ୱାଭିମାନରେ ଆଞ୍ଚ ନଲାଗିଲେ ନଲାଗୁ ପଛେ, କିନ୍ତୁ ଏଇ ମିଠା ବିଷବଟିକା ଓଡ଼ିଆ ସମାଜର ମାନସିକତାକୁ କିଭାବେ ଉପଦ୍ରୁତ କରୁଛି, ତା'ର ତୁଳନା ନାହିଁ । ଭାବନ୍ତୁ, ଗାଁ ଗହଳରେ ଦେଖୁଥିବା ସାତ ଆଠ ବର୍ଷର ଓଡ଼ିଆ ପିଲା ଯେ ଦିନ ପରେ ଦିନ ଦେଖୁଛି, ଯେତେ ଦିଅଁଦେବତା ବାହାରୁଛନ୍ତି ଟେଲିଭିଜନ୍‌ରେ ଜଣେ ବି ସେଥିରୁ ଓଡ଼ିଆରେ କଥା କୁହନ୍ତିନାହିଁ । ତା'ର ଧାରଣା ବଦ୍ଧମୂଳ ହେଉଛି ଯେ ଦିଅଁମାନେ ଓଡ଼ିଆ କହନ୍ତି ନାହିଁ। ସବୁ ଦେବତାଙ୍କ ଭାଷା ହିନ୍ଦୀ । ଯେମିତି ଆମେ ଭାବୁଥିଲେ, ସାହେବ ମାତ୍ରେ, ଗୋରା ହୁଅନ୍ତୁ କି କଳା, ସେମାନେ ସମସ୍ତେ ଇଂରାଜୀରେ କଥା କୁହନ୍ତି । ସେଥିପାଇଁ ଇଂରାଜୀ ଭାଷା ଭାରତରେ ହୋଇଥିଲା ସର୍ବଶ୍ରେଷ୍ଠ ସମ୍ମାନପ୍ରଦ ଭାଷା ଏବେବି ଅଛି । ଇଂରେଜୀ ପ୍ରତି ଏ ହୀନମନ୍ୟତା ଭାରତୀୟମାନଙ୍କ ରକ୍ତରେ ମିଶିଯାଇଛି । ବର୍ତ୍ତମାନ ତେଣ୍ଟା, ଶାବଳ ଲାଗିଛି ଏ ଭାଷାକୁ ଭାରତରୁ ତଡ଼ିବାପାଇଁ । ଭାରତରେ ନୂଆ ଶାସକଗୋଷ୍ଠୀ ତିଆରି ହୋଇଛନ୍ତି । ନୂଆ ଭାଷା ଆସିଛି । ସାହେବମାନଙ୍କ ଜାଗାରେ ଆସିଛନ୍ତି ବେକରେ ଚାଦର ପକା ଖଦଡ଼ି ନେତା । କିନ୍ତୁ ଓଡ଼ିଆ ଭାଷା ଯେଉଁଠିକି ସେଇଠି । ଏଇ ସଂକ୍ରାନ୍ତରେ ଗୋଟିଏ ଗପ ମନେ ପଡୁଛି । ଜାଣିଥିବେ, ଆମେରିକାରେ ଗୋରାମାନେ ଉପନିବେଶ ପ୍ରତିଷ୍ଠା କରିବା ପୂର୍ବରୁ ଆଦିବାସୀ ଲୋହିତ ଭାରତୀୟମାନେ ସେଠାରେ ବାସ କରୁଥିଲେ । ଗୋରାମାନଙ୍କର ଆମେରିକାରେ ବସତି ସ୍ଥାପନ ଯେତିକି ବଢ଼ିଲା, ସ୍ଥାନୀୟ ଆଦିବାସୀମାନଙ୍କ ସହିତ ସେମାନଙ୍କର ସଂଘର୍ଷ ସେତିକି ବଢ଼ିଲା । ଆଦିବାସୀମାନଙ୍କ ସହିତ ଏହି କନ୍ଦଳ ଏତେ ସାଧାରଣ ହୋଇଗଲା ଯେ, ସେ ସବୁ ବିଷୟକୁ ନେଇ ବହୁ ଚଳଚ୍ଚିତ୍ର ତିଆରି ହେଲା । ହଲିଉଡ୍‌ର ଏହି କାଉ-ବୟ୍ ଛବି ସବୁ ଆପଣ ଦେଖିଥିବେ । ଏସବୁ ଛବିର ମୁଖ୍ୟ ବିଷୟବସ୍ତୁ ଥିଲା ଗୋରାମାନଙ୍କ ସହିତ ଲୋହିତ ଭାରତୀୟମାନଙ୍କ ଯୁଦ୍ଧ ଓ ଶେଷରେ ଲୋହିତ ଭାରତୀୟମାନଙ୍କର ପରାସ୍ତ । ଗୋରାମାନେ, ବିଶେଷକରି ତାଙ୍କ ପିଲାମାନେ ଏ

Digitized by PPRACHIN, SOA

ଛବିସବୁ ଦେଖି ଖୁବ୍ ଆନନ୍ଦ ପାଉଥିଲେ ଓ ଗର୍ବ କରୁଥିଲେ । ଲୋହିତ ଭାରତୀୟ ପିଲାଏ ବି ଏ ଛବି ଦେଖୁଥିଲେ । ଥରେ ଗୋଟିଏ ଲୋହିତ ଭାରତୀୟ ପିଲା ଏ ଛବି ଦେଖି ତା' ବାପାକୁ ପଚାରିଲା– ବାପା, ମୁଁ ସବୁ ଛବିରେ ଦେଖୁଛି ଗୋରାମାନେ ହିଁ ଯୁଦ୍ଧରେ ଜିତୁଛନ୍ତି । ଆମେମାନେ କଣ ଥରେ ହେଲେ ବି ଏ ଯୁଦ୍ଧରେ ଜିତି ନଥିଲୁ ? ସେଇ ଏକ ହୀନମନ୍ୟତା ସୃଷ୍ଟି ହେଉଥିବ ଆମ ଓଡ଼ିଆ ପିଲାଙ୍କ ଭିତରେ ତାଙ୍କ ନିଜ ଭାଷା ବିଷୟରେ । ସେମାନେ ଧରିନେଇଛନ୍ତି ଯେ ତାଙ୍କ ଭାଷାରେ କେହି କଥା କୁହନ୍ତିନାହିଁ । ଯେତେ ବଡ଼ ବଡ଼ ନେତା, ମନ୍ତ୍ରୀ, ପଦାଧିକାରୀ, କବି, ଲେଖକ, ଖେଳାଳି, ଡାକ୍ତର, ଅଭିନେତା, ବ୍ୟବସାୟୀ, ଓକିଲ, ଅଧ୍ୟାପକ, ଏପରିକି ଦିଅଁ ଦେବତାଙ୍କୁ ସେ ଦେଖୁଛି ଦୂରଦର୍ଶନରେ ବା ସିନେମାରେ, କେହି ଜଣେ ବି ଓଡ଼ିଆରେ କଥା କହୁନାହାନ୍ତି । ଏ ଅବସ୍ଥା ଆମ ପିଲାଙ୍କର ଆତ୍ମବିଶ୍ୱାସକୁ ଭାଙ୍ଗି ଦେଇଛି । ତା'ମନରେ ଧାରଣା ସୃଷ୍ଟି କରୁଛି ଯେ, ତା' ନିଜ ମାତୃଭାଷା ବଳରେ ସେ ମଣିଷ ହୋଇପାରିବ ନାହିଁ । ତା'କୁ ଅନ୍ୟ ଲୋକଙ୍କ ଭାଷା ଶିଖିବାକୁ ପଡ଼ିବ– ସେ ଭାଷା ଇଂରାଜୀ ହେଉ ବା ହିନ୍ଦୀ । ଏହି ହୀନମନ୍ୟତା କାରଣରୁ ହିଁ, ଓଡ଼ିଆମାନେ ଆଗତୁରା ଅନ୍ୟ ଲୋକଙ୍କ ଭାଷାରେ ପାଣ୍ଡିତ୍ୟ ଦେଖାଇବାକୁ ଚେଷ୍ଟା କରନ୍ତି, ନିଜ ଭାଷାରେ ନୁହେଁ । ଭୁଲ୍‌ଭାଲ୍ କରି ପଛେ ହେଉ ପୁରୀ ପଣ୍ଡାମାନଙ୍କ ପରି ସେମାନେ ବଙ୍ଗାଳୀଙ୍କ ସାଙ୍ଗରେ ବଙ୍ଗଳାରେ, ହିନ୍ଦୁସ୍ତାନୀଙ୍କ ସାଙ୍ଗରେ ହିନ୍ଦୀରେ, ତେଲୁଗୁଙ୍କ ସଙ୍ଗରେ ନିଜ ପଟରୁ ହିଁ ଆରମ୍ଭ କରିଦେବେ । ଯେଉଁ ମୁଷ୍ଟିମେୟ ଓଡ଼ିଆ କିଛି ଖ୍ୟାତି ଅର୍ଜନ କରିଛନ୍ତି, ସେମାନେ ବି ନିଜ ଭାଷାରେ କଥା କହିବାକୁ କୁଣ୍ଠାବୋଧ କରନ୍ତି– କାଳେ ଓଡ଼ିଆ ବୋଲି ଧରାପଡ଼ିଯିବେ । ଏହି ଘଡ଼ିସନ୍ଧିରେ ଆଜି ଭାଷା ପ୍ରସାରର ସବୁ ମାଧ୍ୟମଗୁଡ଼ିକ ଅନ୍ୟ ଭାଷାଦ୍ୱାରା କରାୟତ୍ତ । ଦୂରଦର୍ଶନ, ଆକାଶବାଣୀ, ସିନେମା, କ୍ୟାସେଟ୍ ମାଧ୍ୟମରେ ଅନ୍ୟ ଭାଷାମାନେ ଆମ ଭାଷାର କଣ୍ଠରୋଧ କରି ଦେଉଛନ୍ତି । ଓଡ଼ିଆ ଭାଷା ଓଡ଼ିଆ ସମାଜରେ ପହଞ୍ଚିବାର ବାଟ ନାହିଁ । ଆପଣ ଅବଶ୍ୟ କହିପାରନ୍ତି– ଦୂରଦର୍ଶନ, ଆକାଶବାଣୀର କାମ ନୁହେଁ ଭାଷା ପ୍ରଚାର କରିବା । ସତ, ଏ ସାଧନଗୁଡ଼ିକ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାମରେ ନିୟୋଜିତ । ତେଣୁ ଯେଉଁ ଭାଷାରେ ହେଉ ପଛେ ସେମାନେ ଲୋକଙ୍କ ପାଖରେ ପହଞ୍ଚିଲେ ହେଲା ଆଉ ଯେହେତୁ ଓଡ଼ିଆମାନଙ୍କର ପୃଥିବୀର ସବୁ ଭାଷା ପ୍ରତି ହାର୍ଦ୍ଦିକତା ଅଛି ଓ ସେମାନେ ଏକ ଉଦାର ଜାତି, ତେଣୁ ସବୁ ଭାଷା ତାଙ୍କ ପାଇଁ ସମାନ । ଆମର ଧର୍ମକର୍ମ ସଂସ୍କୃତରେ, ଯଦିଓ ଆମର ପୂର୍ବସୂରୀମାନେ ବହୁ କଷ୍ଟସ୍ୱୀକାର କରି ଏ ଜାତି ପାଇଁ ଓଡ଼ିଆରେ ରାମାୟଣ ମହାଭାରତ ଲେଖିଯାଇଥିଲେ । ଏବେ ଆମ ଲୋକେ ଦାଣ୍ଡି ରାମାୟଣକୁ

Digitized by PPRACHIN, SOA

ନାକ ଟେକୁଛନ୍ତି । ଗାଁ, ଗାଁ'ରେ ଏବେ ରାମଚରିତମାନସରେ ପ୍ରବଚନ ଦିଆ ହେଉଛି । ଆଗେ ସାହି ଦୋସାଲାରେ ରାତି ରାତି ଧରି ରାମଲୀଳା ହେଉଥିଲା, ଏବେ ମାସ ମାସ ଧରି ଆମେ ହିନ୍ଦୀରେ ରାମାୟଣ ଦେଖୁଛୁ । ଆଗେ ଭକ୍ତିସଂଗୀତ କହିଲେ ନିମାଇଁ ହରିଚନ୍ଦନ, ଦୀନକୃଷ୍ଣ, ଗୋପାଳକୃଷ୍ଣ, ବନମାଳୀଙ୍କୁ ବୋଲୁଥିଲେ । ଏବେ ଘରେ ଘରେ ପଙ୍କଜ ଉଧାସ୍ କି ଅନୁପ ଜଲୋଟାଙ୍କ କ୍ୟାସେଟ୍ ବାଜୁଛି । ଆମ ଧର୍ମ କର୍ମ, ପୂଜା ଆରାଧନା ସବୁ ଠିକ୍ ଚାଲିଛି ଆଗ ପରି । ଖାଲି ଏ ସବୁ ଓଡ଼ିଆରେ ହେଉନାହିଁ, ତେଣୁ ଓଡ଼ିଆ ଭାଷା ମରିଯାଉଛି । ପ୍ରସାରର ସବୁ ମାଧ୍ୟମଗୁଡ଼ିକ, ଯଥା– ଟେଲିଭିଜନ୍, ରେଡିଓ, ସିନେମା, କ୍ୟାସେଟ୍, ଯାହା ଜରିଆରେ ଓଡ଼ିଆ ଭାଷା କୋଟି କୋଟି ଲୋକଙ୍କ ପାଖରେ ପହଞ୍ଚିପାରନ୍ତା ସେ ସବୁ ଉପାୟଗୁଡ଼ିକୁ ଅନ୍ୟ ଭାଷାରେ ଜାମ୍ କରି ଦିଆଯାଇଛି । ଘରୋଇ, ଗାଉଁଲୀ କଥା ଛଡ଼ା ଲୋକେ ଆଉ ଶୁଣୁନାହାନ୍ତି ଉନ୍ନତ ଓଡ଼ିଆ ଭାଷା । ଯେଉଁ ପରିମାଣରେ, ଯେଉଁ ପ୍ରକାରର ଓଡ଼ିଆ ଭାଷା ଏ ସମାଜରେ କୁହାଯିବାର କଥା, ତାହା କୁହାଯାଇ ପାରୁନାହି । ଆମ ଭାଷାକୁ ଆମଠାରୁ ଛଡ଼ାଇ ନିଆ ହେଉଛି । ଆମ କଲେଜ, ବିଶ୍ୱବିଦ୍ୟାଳୟରେ ଅଲଗା ଭାଷା, ଆମ ଅଫିସ ଦପ୍ତରରେ ଅଲଗା ଭାଷା, ଆମ ପୂଜା ପ୍ରାର୍ଥନାରେ ଅଲଗା ଭାଷା । ମାତୃଭାଷାର ଏଇ ଅବରୋଧ ତା'ର ମୃତ୍ୟୁର ପଥ ପରିଷ୍କାର କରି ଦେଉଛି । ଓଡ଼ିଆ ଭାଷା ଆଉ ଲୋକଙ୍କ ପାଖରେ ପହଞ୍ଚୁନାହିଁ । ଓଡ଼ିଆ ଭାଷାର ଫାଶ ଫିଟିଯାଇଛି ଓଡ଼ିଆମାନଙ୍କ ଉପରୁ । ଯେଉଁ ଭାଷା ଗତ ଦେଢ଼ହଜାର ବର୍ଷ ଧରି ଆମକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଥିଲା, ସେ ଗଣ୍ଠି ଆମରି ଆଖିଆଗରେ ହୁଗୁଳା ହୋଇଯାଇଛି । ଆମରି ଆଖି ଆଗରେ ମେଦିନୀପୁର ଓଡ଼ିଆଏ ବଙ୍ଗାଳୀ ହୋଇଗଲେ । ଏବେ ପଶ୍ଚିମାଞ୍ଚଳ ଲୋକେ ପାଟି କରୁଛନ୍ତି ତାଙ୍କ ଭାଷା ଓଡ଼ିଆ ନୁହେଁ ବୋଲି, କାଲି ଅନ୍ୟମାନେ ବି ପାଟି କରିବେ । ଏକମାତ୍ର ଭାଷା ହିଁ ଆମକୁ ବାନ୍ଧି ରଖିଥିଲା । ସେ ଭାଷା ହେଉଛି ଓଡ଼ିଆ ଜାତିର ଭାଷା ଓଡ଼ିଆ । ସେ ଭାଷା ଆଜି ତାକତହୀନ ହୋଇପଡ଼ିଛି ଆମ ଲୋକଙ୍କ ଅବହେଳାରୁ ଓ ଅନ୍ୟମାନଙ୍କ ଦୁରଭିସନ୍ଧିରୁ । ଅନ୍ୟ ଭାଷାମାନେ ଆମ ଘରେ ପଶି ଆମ ଭାଷାକୁ ପଙ୍ଗୁ କରି ଦେଉଛନ୍ତି । ସୂକ୍ଷ୍ମରେ କହିଲେ, ଓଡ଼ିଆ ଭାଷା ପର୍ଯ୍ୟାପ୍ତ ପରିମାଣରେ ଓଡ଼ିଆଙ୍କ ପାଖରେ ପହଞ୍ଚି ପାରୁନାହିଁ । ଏହାର ସବୁ ପ୍ରବେଶ ପଥକୁ ରୁନ୍ଧି ଦିଆ ହୋଇଛି । ଓଡ଼ିଆ ଭାଷା ପଙ୍ଗୁ ହୋଇଯାଇଛି ।

୫. ଭାଷାର ଅନ୍ୟ ଗୋଟିଏ କବାଟ ହେଉଛି ସାହିତ୍ୟ । ସର୍ବସାଧାରଣରେ ବିଶ୍ୱାସ ଯେ ଭାଷା ମାନେ ହିଁ ସାହିତ୍ୟ । ବିଶ୍ୱବିଦ୍ୟାଳୟ ସ୍ତରରେ ବି ଏହି ଧାରଣା । ତା'ନହେଲେ

Digitized by PPRACHIN, SOA

ବିଶୁଦ୍ଧ ଓଡ଼ିଆ ସାହିତ୍ୟ ବିଭାଗକୁ କାହିଁକି କୁହାଯାଆନ୍ତା ଓଡ଼ିଆ ଭାଷା ସାହିତ୍ୟ ବିଭାଗ ? ଓଡ଼ିଆ ଭାଷାଉପରେ କି କାମ ହେଉଛି ସେଠି ? ବା ଓଡ଼ିଆ ଭାଷାକୁ କି ଅବଦାନ ଏ ବିଭାଗଗୁଡ଼ିକର ? ସେଠି ଭାଷା ଅଧ୍ୟୟନ କହିଲେ କେଉଁ ଶବ୍ଦଟି କେଉଁ ଶବ୍ଦରୁ ଆସିଛି ତା'ର ଏକ ଅଧାପନ୍ତରିଆ, ଅବୈଜ୍ଞାନିକ, ହାସ୍ୟକର ଚର୍ଚ୍ଚା । କେଉଁ ଶବ୍ଦରୁ କେଉଁ ଓଡ଼ିଆ ଶବ୍ଦ ଆସିଛି ତା'ର କି ସମ୍ପର୍କ ଅଛି ବର୍ତ୍ତମାନ ଭାଷାର ଉନ୍ନତିରେ ? କେହି ଯଦି ଆମକୁ କୁହେ– ଓଡ଼ିଆ ଶବ୍ଦ ହାତୀ, ଘୋଡ଼ା ଆସିଛି ସଂସ୍କୃତରୁ; ଟେବୁଲ, ଚେଆର୍ ଆସିଛି ଇଂରାଜୀରୁ; ଭୁଆ ବିରାଡ଼ି, ଗୁଣ୍ଡୁଚିମୂଷା ଆସିଛି ଆଦିବାସୀ ଶବର ଭାଷାରୁ; ଆରିସା ପିଠା, ଅମାଲୁ ପିଠା ଆସିଛି ତେଲୁଗୁରୁ, ସେ ସବୁ ଶୁଣିବାକୁ ଭାରି ମଜା ଲାଗିପାରେ– ନିଜ ଅଣଅଜା, ପଣଅଜାଙ୍କ ଗୁପ୍ତ ଡାଇରି ପଢ଼ିବା ପରି । କିନ୍ତୁ ଏହି ଜ୍ଞାନ ଦ୍ୱାରା ଅଣଅଜା, ପଣଅଜାଙ୍କୁ ତ ଆଉ ଫେରାଇ ଆଣିହେବ ନାହିଁ ସ୍ୱର୍ଗରୁ ? ତାହେଲେ କାହିଁକି ମାତିଛେ ଆମେ ଏ ବିଳାସରେ ? ଆମ ସରକାର ବି ମାତିଛନ୍ତି ଏଥିରେ । ବରଂ ଯଦି ଷ୍ଟାଣ୍ଡାର୍ଡ ଓଡ଼ିଆ ଭାଷାର ଅଭିଧାନଟିଏ କରାଯାଇପାରିଥାନ୍ତା, ଏହା ଖାଲି ଆମ ଭାଷାର ବର୍ତ୍ତମାନକୁ ସମୃଦ୍ଧ କରନ୍ତା ନାହିଁ, ଭବିଷ୍ୟତକୁ ମଧ୍ୟ ବଞ୍ଚାନ୍ତା । ଉତ୍ତରପୁରୁଷଙ୍କ ପାଇଁ ଭାଷାଟିକୁ ବଞ୍ଚାଇ ରଖନ୍ତା । ଷ୍ଟାଣ୍ଡାର୍ଡ ଡିକ୍ସନାରୀ ମାନେ ଷ୍ଟାଣ୍ଡାର୍ଡ ଓଡ଼ିଆ ଭାଷାର ଅଭିଧାନ ବୋଲି ବୁଝିବାକୁ ହେବ । ଷ୍ଟାଣ୍ଡାର୍ଡ ଓଡ଼ିଆ କହିଲେ– ଯେଉଁ ଭାଷା କୌଣସି ଆଞ୍ଚଳିକତା ବା ଜାତିଆଣତାରେ ଦୁଷ୍ଟ ନହୋଇ ଶିଷ୍ଟମାନଙ୍କ ଦ୍ୱାରା କଥିତ ବା ଲେଖା ଯାଇଥାଏ । ଗୋଟିଏ ଭାଷାକୁ ବଞ୍ଚାଇ ରଖିବାକୁ ହେଲେ ଏକମାତ୍ର ଉପାୟ ହେଉଛି ଭାଷାର ଷ୍ଟାଣ୍ଡାର୍ଡକୁ ବଜାୟ ରଖିବା, ଯେଉଁ ଷ୍ଟାଣ୍ଡାର୍ଡକୁ ସମସ୍ତେ ମାନ୍ୟତା ଦେଉଥିବେ । ତା'ହେଲେ ଏ ଭାଷା ବଞ୍ଚିବ । ଏ ସମ୍ପର୍କରେ ଆମର ପ୍ରିୟ ପଡ଼ୋଶୀ ବଙ୍ଗଳା ଭାଷାକୁ ଦେଖାଯାଉ । ଏକଦା ବଙ୍ଗଳା ଭାଷା ଏକ ବିରାଟ ଅଞ୍ଚଳରେ କଥିତ ହେଉଥିଲା, ଗଙ୍ଗାର ସେପଟରୁ ଆରମ୍ଭକରି ସମଗ୍ର ପୂର୍ବବଙ୍ଗରେ । କିନ୍ତୁ ସେତେବେଳେ ବଙ୍ଗଳା ଭାଷା ବୋଲି କିଛି ନଥିଲା । ବିଭିନ୍ନ ଅଞ୍ଚଳରେ ବିଭିନ୍ନ ପ୍ରକାରର କଥା କୁହାଯାଉଥିଲା–ପୂର୍ବବଙ୍ଗର ମଇମନ୍‌ସିଂରେ ଗୋଟିଏ ପ୍ରକାର, ଢାକାରେ ଗୋଟିଏ ପ୍ରକାର, ସିଲ୍‌ହଟ୍‌ରେ ଗୋଟିଏ ପ୍ରକାର, ଅଗରତାଲାରେ ଗୋଟିଏ ପ୍ରକାର; କୁଚ୍‌ବିହାର, ବର୍ଦ୍ଧମାନ, ହୁଗୁଳି, ପୁରୁଲିଆରେ ଗୋଟିଏ ଗୋଟିଏ ପ୍ରକାର, ଇତ୍ୟାଦି । ଏବେ ବି ଏ ଡାଇଲେକ୍ଟଗୁଡ଼ିକରେ ଲୋକେ କଥାବର୍ତ୍ତା ହେଉଛନ୍ତି । ଗୋଟିଏ ଅଞ୍ଚଳର ଲୋକେ ଅନ୍ୟ ଅଞ୍ଚଳର କଥା ବୁଝି ପାରନ୍ତିନାହିଁ କି କହି ପାରନ୍ତିନାହିଁ । ଏ ଡାଇଲେକ୍ଟଗୁଡ଼ିକୁ ବି ବଙ୍ଗଳାଭାଷାର ଉପଭାଷା କହିବାର କୌଣସି କାରଣ ନଥିଲା, କାରଣ ସେ ପର୍ଯ୍ୟନ୍ତ ବଙ୍ଗଳା

Digitized by PPRACHIN, SOA

ଭାଷା ନିଜେ ହିଁ ସୃଷ୍ଟି ହୋଇନଥିଲା । ଶରତକାଳରେ ଆକାଶରେ ଖଣ୍ଡ ଖଣ୍ଡିଆ ମେଘ ଭାସିଲା ପରି ଏ ଡାଇଲେକ୍ଟଗୁଡ଼ିକ ବେମୁରବି ହୋଇ ଅନିର୍ଦ୍ଦିଷ୍ଟ ଭାବେ ଘୂରି ବୁଲୁଥିଲେ ଓ ଯେ ଯେଉଁଭାବେ ପାରିଲା କହୁଥିଲେ । କୌଣସି ଭାଷାର କର୍ତ୍ତୃତ୍ୱ ନଥିଲା ଏ ଡାଇଲେକ୍ଟଗୁଡ଼ିକ ଉପରେ । ଏହା ମାତ୍ର ଦୁଇ ତିନିଶହ ବର୍ଷ ତଳର ଘଟଣା । ସେତେବେଳକୁ ଓଡ଼ିଆ ଓ ଅସମୀୟା ଭାଷା ସୃଷ୍ଟି ହୋଇସାରିଲାଣି, କିନ୍ତୁ ବଙ୍ଗଳା ଭାଷାର ଆହୁରି ନିଅଁ ଖୋଳା ହୋଇନାହିଁ । ଅର୍ଥାତ୍ ଷ୍ଟାଣ୍ଡାର୍ଡ ବଙ୍ଗଳା ଭାଷା ବୋଲି କିଛି ସୃଷ୍ଟି ହୋଇନାହିଁ । ଦୂରତ୍ୱ ହେତୁ ପଡ଼ୋଶୀ ଓଡ଼ିଆ ଭାଷା ଓ ଅସମୀୟା ଭାଷା ଏଇ ଭାସମାନ ଡାଇଲେକ୍ଟଗୁଡ଼ିକ ଉପରେ ନିୟନ୍ତ୍ରଣ ରଖିପାରିଲେ ନାହିଁ । ସେ ନିୟନ୍ତ୍ରଣ ରହିଥିଲେ ଏ ଡାଇଲେକ୍ଟଗୁଡ଼ିକରୁ ଅଧେ ଅସମୀୟା ଭାଷାରେ ମିଶିଯାଇଥାନ୍ତେ ଓ ଆଉ ଅଧକ ଓଡ଼ିଆରେ । ବଙ୍ଗଳା ଭାଷା ସୃଷ୍ଟି ହିଁ ହୋଇନଥାନ୍ତା । ସୁଖର କଥା ଅଷ୍ଟାଦଶ ଶତାବ୍ଦୀ ବେଳକୁ କଲିକତା ମହାନଗରୀ ଗଢ଼ିଉଠେ ଓ ଏହା ବ୍ରିଟିଶ ଉପନିବେଶର ହୁଏ ପୀଠସ୍ଥଳୀ । ଏହି ନଗରୀକୁ କେନ୍ଦ୍ର କରି ଜନ୍ମନିଏ ଏକ ମଧ୍ୟବିତ୍ତ, ଶିକ୍ଷିତ ଗୋଷ୍ଠୀ । ଏହି ଶିକ୍ଷିତ ସହରବାସୀମାନେ ହୁଅନ୍ତି ପ୍ରଥମ ବଙ୍ଗାଳୀ ଏବଂ ସେମାନଙ୍କ ଭାଷା ହୁଏ ଷ୍ଟାଣ୍ଡାର୍ଡ ବଙ୍ଗଳା ଭାଷା । ଏ ଭାଷାରେ ସାହିତ୍ୟ ସୃଷ୍ଟି ହୁଏ— ଯାହାର ପଞ୍ଚପୁରୋଧା ହୁଅନ୍ତି ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ରବୀନ୍ଦ୍ରନାଥ, ମାଇକେଲ ମଧୁସୂଦନ ଓ ଅନ୍ୟମାନେ । ପ୍ରଥମ ଥର ପାଇଁ ବଙ୍ଗାଳୀ ସମାଜର କେନ୍ଦ୍ର ପ୍ରତିଷ୍ଠିତ ହୁଏ ଓ ଏହି କେନ୍ଦ୍ରକୁ ଆପେ ଆପେ ଆକର୍ଷିତ ହୋଇଆସନ୍ତି ପାର୍ଶ୍ୱବର୍ତ୍ତୀ ବେୱାରିସ ଗୋଷ୍ଠୀଗୁଡ଼ିକ । ଆତ୍ମସମର୍ପଣ କରନ୍ତି । କଲିକତାର ଭାଷା ହୁଏ ଷ୍ଟାଣ୍ଡାର୍ଡ ବଙ୍ଗଳା, ଅର୍ଥାତ୍ ଏହି ଭାଷାରେ ହିଁ କେବଳ ଶିକ୍ଷା ଦିଆଯିବ, ସାହିତ୍ୟ ସୃଷ୍ଟି କରାଯିବ ଓ ଶିଷ୍ଟ ସମାଜ ଦ୍ୱାରା କଥିତ ହେବ । ବଙ୍ଗଳା ଭାଷାର ଷ୍ଟାଣ୍ଡାର୍ଡ ରୂପ ପ୍ରତିଷ୍ଠିତ ହୁଏ ଓ ପୂର୍ବବଙ୍ଗଠାରୁ ଉତ୍ତର, ପଶ୍ଚିମ ସବୁ ଅଞ୍ଚଳର ଲୋକେ ଏହାର କର୍ତ୍ତୃତ୍ୱାଧୀନ ହୁଅନ୍ତି । ଏହି ବୁଝାପଢ଼ା ଦ୍ୱାରା ଅନ୍ୟ ସମସ୍ତ ଅଞ୍ଚଳ ଭାଷାର ଏହି ପ୍ରକାରଟିକୁ ବଙ୍ଗଳା ଭାଷାର ସମ୍ମାନିତ ରୂପ ଭାବେ ସ୍ୱୀକାର କରନ୍ତି । ଯେ ଯେଉଁ ଅଞ୍ଚଳର ଭାଷା କହୁଥାନ୍ତୁ ନା କାହିଁକି, ତା'କୁ କଲିକତାର ପ୍ରକାରଟିକୁ ହିଁ ଷ୍ଟାଣ୍ଡାର୍ଡ ଭାଷାର ସମ୍ମାନ ଦେବାକୁ ହେବ । ଏହି ସାମାଜିକ ଅଙ୍ଗୀକାରବଦ୍ଧତା ବଙ୍ଗଳାକୁ ଗୋଟିଏ ଭାଷାର ମର୍ଯ୍ୟାଦା ଦିଏ ଏବଂ ଏକ ବିରାଟ ଅଞ୍ଚଳ ଉପରେ ନିଜର ଆଧିପତ୍ୟ ବିସ୍ତାର କରେ । ଏହା ହୋଇନଥିଲେ ବଙ୍ଗଳା ଭାଷା ଜନ୍ମ ହିଁ ହୋଇନଥାନ୍ତା । ଏହି ଅଙ୍ଗୀକାରବଦ୍ଧତା ଯେ କେତେ ସୁଦୃଢ଼ ତାହା ସହଜରେ ଅନୁମେୟ । ଭାରତବର୍ଷର ବିଭାଜନ ଓ ବାଂଲାଦେଶର ସ୍ୱାଧୀନତା ପରେ ବି ଷ୍ଟାଣ୍ଡାର୍ଡ ବଙ୍ଗଳାର କର୍ତ୍ତୃତ୍ୱ ଭଣା ହୋଇନାହିଁ ।

Digitized by PPRACHIN, SOA

ବାଂଲାଦେଶ ଏକ ସ୍ୱାଧୀନ ରାଷ୍ଟ୍ର ହୋଇଥିବା ସତ୍ତ୍ୱେ, ଏହା ନିଜ ରାଜ୍ୟର କୌଣସି ଏକ ଡାଇଲେକ୍ଟକୁ ଷ୍ଟାଣ୍ଡାର୍ଡର ଭୂମିକା ଓ ମାନ୍ୟତା ନଦେଇ କଲିକତାର ବଙ୍ଗଳାକୁ ହିଁ ଷ୍ଟାଣ୍ଡାର୍ଡ ରୂପେ ମାନିନେଇଛି । ଏହା ଫଳରେ ବଙ୍ଗଳା ଭାଷା ଆଜି ସୁରକ୍ଷିତ ଓ ଏହା ଏକ ବିରାଟ ଅଞ୍ଚଳକୁ ନିଜର ଛତ୍ରଛାୟା ତଳେ ସଂଯତ କରି ରଖିଛି । ଏହା ଏକ ସାମାଜିକ ବୁଝାପଡ଼ା ବା ଚୁକ୍ତି । ଏ ଚୁକ୍ତି ଯଦିଓ କାଳି କଲମରେ ସ୍ୱାକ୍ଷରିତ ହୋଇନାହିଁ, ସମସ୍ତେ ଏହି ଚୁକ୍ତିର ଅଧୀନ ଓ ସମସ୍ତେ ନିଜକୁ ବଙ୍ଗଳାଭାଷୀ କହିବା ପାଇଁ ଅଙ୍ଗୀକାରବଦ୍ଧ । ଆଞ୍ଚଳିକ ଭାଷାଗୁଡ଼ିକ ସ୍ୱାଭାବିକ ସ୍ୱେଚ୍ଛାଚାରରେ ଅଙ୍କୁଶ ଲାଗିଛି । ବର୍ତ୍ତମାନ ସୁଦ୍ଧା ବଙ୍ଗଳାର ବିଭିନ୍ନ ଉପଭାଷାଗୁଡ଼ିକ ଲୋପ ପାଇନାହାନ୍ତି ବା ନିକଟରେ ଲୋପ ପାଇବାର ସମ୍ଭାବନା ନାହିଁ । ତା'ସତ୍ତ୍ୱେ ବଙ୍ଗଳା ଭାଷା ସୁରକ୍ଷିତ ଓ ସମଗ୍ର ବଙ୍ଗାଳୀ ଜାତିକୁ ଏକ କରି ରଖିଛି । ଏହା କେବଳ ଷ୍ଟାଣ୍ଡାର୍ଡ ଭାଷାର କରାମତି ଯୋଗୁଁ ହିଁ ସମ୍ଭବ ହୋଇଛି । ଭାଷା ସ୍ୱଭାବତଃ ପରିବର୍ତ୍ତନଶୀଳ ଆଉ ଯଦି ପ୍ରତିଟି ଅଞ୍ଚଳରେ ଏ ପରିବର୍ତ୍ତନ ସ୍ୱଚ୍ଛନ୍ଦରେ ବଢ଼ିଚାଲେ, ତା'ହେଲେ ଭାଷାରେ ଫାଟ ସୃଷ୍ଟି ହେବ, ଅର୍ଥାତ୍ ଗୋଟିଏ ଅଞ୍ଚଳର ଲୋକେ ଅନ୍ୟ ଅଞ୍ଚଳର ଲୋକଙ୍କଠାରୁ ଭିନ୍ନ ବୋଲି ଭାବିବେ ଓ ପରସ୍ପରକୁ ବୁଝି ନପାରିବାର ବି ସମ୍ଭାବନା ଅଛି । ତେଣୁ ଭାଷାର କେଉଁଟି ଶିଷ୍ଟ-ପ୍ରୟୋଗ ସେ ବିଷୟରେ ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ନିଶ୍ଚିତ ହେବା ଉଚିତ । ଆମେ ଯାଉଛେ ଠିକ୍ ନା ଆମେ ଯାଉଛନ୍ତି ଠିକ୍ ସେ ବିଷୟରେ ଯେପରି ଦ୍ୱିମତ ଦେଖାନଯାଏ । ପ୍ରତ୍ୟେକ ଅଞ୍ଚଳର କଥାରେ ବିଶେଷତ୍ୱ ଓ ପାର୍ଥକ୍ୟ ରହିବା ସ୍ୱାଭାବିକ । ରହୁ, ଆମେ ତାହାର ବିରୋଧ କରୁନାହୁଁ । କିନ୍ତୁ ଅଞ୍ଚଳ, ଜାତି, ଗୋଷ୍ଠୀ ନିର୍ବିଶେଷରେ ପ୍ରତ୍ୟେକ ଶିଷ୍ଟ, ଶିକ୍ଷିତ ଓଡ଼ିଆ ଓଡ଼ିଆଭାଷାର ଷ୍ଟାଣ୍ଡାର୍ଡ ରୂପଟିରେ ଅବଗତ ରହିବା ବିଧେୟ । ଷ୍ଟାଣ୍ଡାର୍ଡ ଭାଷାରେ ନିପୁଣତା ଶିକ୍ଷା ଓ ଶିଷ୍ଟତାର ପରିଚାୟକ । ଏହି ବୁଝାପଡ଼ା ଯଦି ନହୁଏ ତେବେ ଆଞ୍ଚଳିକ ଉପଭାଷାଗୁଡ଼ିକ ସ୍ୱାଧୀନତା ଘୋଷଣା କରିବେ, ଯେଉଁ ପଥରେ ଏବେ ଆମ ପଶ୍ଚିମାଞ୍ଚଳ ଗତି କରୁଛି । ସେମାନେ ଷ୍ଟାଣ୍ଡାର୍ଡ ଓଡ଼ିଆର ସାର୍ବଭୌମତାକୁ ସ୍ୱୀକାର କରିବାକୁ ଅନିଚ୍ଛୁକ । ନିଜକୁ ଓଡ଼ିଆଭାଷୀ ବୋଲି ପରିଚୟ ଦେବାକୁ କୁଣ୍ଠିତ । ଏହା ଓଡ଼ିଆ ଜାତିର ଏକ ଦୁର୍ଗତି । ଗଙ୍ଗାଧର ମେହେରଙ୍କଠାରୁ ଶ୍ରଦ୍ଧାକାର ସୂପକାରଙ୍କ ପର୍ଯ୍ୟନ୍ତ ବହୁ ଶିକ୍ଷିତ, ପ୍ରତିଷ୍ଠିତ, ପଶ୍ଚିମାଞ୍ଚଳବାସୀଙ୍କ ପାଇଁ ଏ ବିଷୟରେ କେବେ କୌଣସି ଦ୍ୱିଧା ନଥିଲା । ବର୍ତ୍ତମାନ ମୁଷ୍ଟିମେୟ ଲୋକ, ଷ୍ଟାଣ୍ଡାର୍ଡ ଓଡ଼ିଆକୁ 'କଟକୀ ଭାଷା' ନାମ ଦେଇ ଏହାର ବିରୋଧ କରୁଛନ୍ତି । ଷ୍ଟାଣ୍ଡାର୍ଡ ଓଡ଼ିଆ ଭାଷା କଟକୀ ଭାଷା ନୁହେଁ, ନା ପୁରୀ ବା ବାଲେଶ୍ୱରର । କଟକର ସ୍ଥାନୀୟ ଭାଷାରେ କୁଆଡ଼େ ହୁଏ—ଲ' ପଇସାକୁ ଲ'ଟା

Digitized by PPRACHIN, SOA

ଲଡ଼ିଆ, ଲବୁ ତ ଲେ, ଲଇଲେ ଲାଲାବାବୁ ଲେଇଯିବ । ଷ୍ଟାଣ୍ଡାର୍ଡ ଓଡ଼ିଆ ଏ ଆଞ୍ଚଳିକତାକୁ ବରଦାସ୍ତ କରିବନାହିଁ । ଷ୍ଟାଣ୍ଡାର୍ଡ ଓଡ଼ିଆ ଦୀର୍ଘ ପାଞ୍ଚଶହ ବର୍ଷର ବିବର୍ତ୍ତନ ଫଳରେ ଓ ଅସଂଖ୍ୟ ସାହିତ୍ୟ କୃତିରେ ସମୃଦ୍ଧ ହୋଇ ପ୍ରତିଷ୍ଠିତ ହୋଇଛି । ଏହା ଏକ ଐତିହାସିକ ପରିଣତି । ଏହା ଶିକ୍ଷିତ, ଶିଷ୍ଟ ଓଡ଼ିଆ ସମାଜର ଭାଷା ଓ ଓଡ଼ିଆ ସାହିତ୍ୟର ଭାଷା । ଏହି ଭାଷାର ପ୍ରତିଷ୍ଠା ପଛରେ ସମଗ୍ର ଓଡ଼ିଆ ଜାତିର ଅବଦାନ ରହିଛି । ଏହି ସାମାଜିକ ଚୁକ୍ତିକୁ ଯଦି ଅସ୍ୱୀକାର କରାଯାଏ, ତା'ହେଲେ ଓଡ଼ିଆ ଜାତି ଖଣ୍ଡ ଖଣ୍ଡ ହୋଇଯିବା ଅବଶ୍ୟମ୍ଭାବୀ । ବର୍ତ୍ତମାନ ଓଡ଼ିଆ ଭାଷା କ୍ଷେତ୍ରରେ ସେଇ ଅଙ୍ଗୀକାରବଦ୍ଧତାର ଅଭାବ ଦେଖାଦେଇଛି । ଏହା ଜାତି ପକ୍ଷରେ ଏକ ଦୁର୍ଭାଗ୍ୟର ଲକ୍ଷଣ ।

୬. ଆମ ଲୋକଙ୍କର ଏକ ଅନ୍ଧବିଶ୍ୱାସ ଅଛି ଯେ ଓଡ଼ିଆ ଭାଷାକୁ ଓଡ଼ିଆ ସାହିତ୍ୟ ହିଁ ବଞ୍ଚାଇ ରଖିଛି । ସାହିତ୍ୟର ଯଦିଓ ଗୋଟିଏ ବିରାଟ ଭୂମିକା ରହିଛି ଭାଷାର ଉନ୍ନତିରେ, ଏକମାତ୍ର ସାହିତ୍ୟ ହିଁ ଭାଷାକୁ ବଞ୍ଚାଇ ରଖିଛି ଭାବିବା ଭୁଲ୍ । ପୃଥିବୀର ଏବେ ବି ଅସଂଖ୍ୟ ଅଲିଖିତ ଭାଷା ଅଛନ୍ତି ଯେଉଁଥିରେ କୌଣସି ଲିଖିତ ସାହିତ୍ୟ ସୃଷ୍ଟି ହୋଇନାହିଁ । ତଥାପି ସେ ଭାଷାଗୁଡ଼ିକ ବଞ୍ଚିଛନ୍ତି ଓ ନିଜ ନିଜର ସାମାଜିକ ଦାୟିତ୍ୱ ବହନ କରିଛନ୍ତି । ଗୋଟିଏ ସମାଜରେ ଭାଷା ଦ୍ୱାରା ନାନାପ୍ରକାର କାର୍ଯ୍ୟ ସମ୍ପନ୍ନ ହୋଇଥାଏ । ସାହିତ୍ୟ ବି ସେହିପରି ଗୋଟିଏ କାର୍ଯ୍ୟ । ଭାଷାକୁ ନେଇ ସାହିତ୍ୟ, ସାହିତ୍ୟକୁ ନେଇ ଭାଷା ନୁହେଁ । ସାହିତ୍ୟ ନଥାଇ ଅନେକ ଭାଷା ଅଛନ୍ତି ଏ ପୃଥିବୀରେ, କିନ୍ତୁ ଭାଷା ନଥାଇ ସାହିତ୍ୟ ନାହିଁ । ତେବେ ଯଦି ଗୋଟିଏ ଭାଷାରେ ଉଚ୍ଚକୋଟୀର ସାହିତ୍ୟ ସୃଷ୍ଟି ହୁଏ, ତାହା ଭାଷାକୁ ଗୌରବମଣ୍ଡିତ କରେ । ଏହା ଭାଷା ସୁନ୍ଦରୀର ଅଳଙ୍କାର । ଉପଯୁକ୍ତ ଭାବେ ନାଇଥିଲେ ଏହା ଭାଷାକୁ ଆହୁରି ଆକର୍ଷଣୀୟା କରି ତୋଳେ । ଏହା ଭାଷାଭାଷୀମାନଙ୍କର ଗର୍ବର ବିଷୟ ହୁଏ ଓ ସେମାନେ ଭାଷା ସହିତ ଆହୁରି ଘନିଷ୍ଠ ଭାବେ ଜଡ଼ିତ ହୋଇପଡ଼ନ୍ତି । କିନ୍ତୁ ପ୍ରତ୍ୟକ୍ଷଭାବେ ସାହିତ୍ୟ ଭାଷାର ବିକାଶରେ ସେପରି କିଛି ସାହାଯ୍ୟ କରିନଥାଏ । ଗୋଟିଏ ଭାଷାରେ ଉଚ୍ଚମାନର ସାହିତ୍ୟ ଥିବା ସତ୍ତ୍ୱେ ଭାଷା ମରିଯାଇପାରେ, ଯେପରି ସଂସ୍କୃତ ଭାଷା । ଏ ଭାଷାରେ ବେଦ ପୁରାଣଠାରୁ ଆରମ୍ଭ କରି ବହୁ ଉଚ୍ଚାଙ୍ଗ କାବ୍ୟକବିତା ସୃଷ୍ଟି ହୋଇଥିଲେ ମଧ୍ୟ, ଏ ଭାଷାକୁ ମୃତ୍ୟୁମୁଖରୁ ବଞ୍ଚାଇ ପାରିଲେ ନାହିଁ । ଏ ଭାଷା ମାତୃଭାଷାର ଗୌରବ ହରାଇଲା । ଆଜି ସଂସ୍କୃତ କାହାରି ମାତୃଭାଷା ନୁହେଁ, କି କୌଣସି ନିର୍ଦ୍ଦିଷ୍ଟ ସମାଜର ଭାଷା ନୁହେଁ । ପୃଥିବୀର ଅନ୍ୟାନ୍ୟ ବହୁ ଉନ୍ନତ ସାହିତ୍ୟିକ ଭାଷା ଲୋପ ପାଇଯିବାର ମଧ୍ୟ ନଜିର ଅଛି ।

Digitized by PPRACHIN, SOA

ସାହିତ୍ୟ କହିଲେ ଆମେ ସାଧାରଣତଃ ବୁଝିଥାଉ— କାବ୍ୟ କବିତା, ଗଳ୍ପ ଉପନ୍ୟାସ ଆଦି । ଏ ସାହିତ୍ୟ ଗୋଟିଏ ଜାତିର କଳ୍ପନା-ଜଗତକୁ ଖୋରାକ ଯୋଗାଇଥାଏ । କୌଣସି ପ୍ରକାର ତଥ୍ୟ ପରିବେଷଣ କରିବା ଏହାର ପ୍ରାଥମିକ ଉଦ୍ଦେଶ୍ୟ ନୁହେଁ । ଫକୀରମୋହନ, ରାଧାନାଥ ଓଡ଼ିଆ ଭାଷାର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି କରି ଓଡ଼ିଆ ଭାଷାକୁ ଗୌରବାନ୍ୱିତ କରିଥିଲେ, କିନ୍ତୁ ଓଡ଼ିଆ ଭାଷାର କଳେବରକୁ ସେମାନଙ୍କ ଅବଦାନ ସାମାନ୍ୟ । ଆଜିର ସାହିତ୍ୟ ବି ସେୟା । ଆଜିର ବହୁ ପ୍ରତିଭାଧର ସାହିତ୍ୟିକ ଓଡ଼ିଆ ଭାଷାରେ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି କରିଛନ୍ତି । ନବ୍ୟନୂତନ କଳ୍ପନାର କିମିଆରେ ଏ ଜାତିକୁ ମସଗୁଲ କରିଛନ୍ତି । କିନ୍ତୁ ଏ କବିମାନେ, ଏ ଗାଳ୍ପିକମାନେ କେତୋଟି ନୂତନ ଶବ୍ଦ ଦେଇଛନ୍ତି ଭାଷାକୁ ? କେତୋଟି ନୂଆ ଶବ୍ଦଗଠନ ଧାରା ସୃଷ୍ଟି କରିଛନ୍ତି ? ବରଂ ଦେଖିବାକୁ ଗଲେ, କବିତାର ବ୍ୟାକରଣ ଏତେ ଶିଥିଳ ଯେ, ଏହା ଅବୋଧ ହେବାର ଯଥେଷ୍ଟ ସମ୍ଭାବନା ଥାଏ । ଆଧୁନିକ କବିତା ଅବୋଧ ହେବାର ଏହା ଏକ ପ୍ରଧାନ କାରଣ, କାରଣ ସାହିତ୍ୟର, ବିଶେଷକରି କବିତା ସାହିତ୍ୟର ବ୍ୟାକରଣ ଶିଥିଳ, ଏପରକି କ୍ଷେତ୍ର ବିଶେଷରେ ଏହାକୁ ଶୂନ୍ୟ ବ୍ୟାକରଣ କୁହାଯାଇପାରେ । ଉନ୍ମାଦ ଓ ନିଶାଗ୍ରସ୍ତ ବ୍ୟକ୍ତି ବି ଅବୋଧ, ଅସ୍ପଷ୍ଟ ହେବାର କାରଣ ସେଇ ବ୍ୟାକରଣ ବିଭ୍ରାଟ ।

ଦ୍ୱିତୀୟରେ, ସାହିତ୍ୟର ଭାଷାର ତଥ୍ୟଜଗତକୁ ଅବଦାନ ମଧ୍ୟ ସୀମିତ । ସାହିତ୍ୟରେ ଗୁଣ୍ଡିଚିମୂଷା ସମୁଦ୍ରରେ ବନ୍ଧ ବାନ୍ଧିପାରେ, ରାବଣର ଦଶଟା ମୁଣ୍ଡ ଥାଇପାରେ, ବିଷ୍ଣୁ ବଟପତ୍ରରେ ଭାସିପାରନ୍ତି କି ଗରୁଡ଼ାରୂଢ଼ ହୋଇ ବ୍ରହ୍ମାଣ୍ଡ ଭ୍ରମଣ କରିପାରନ୍ତି । ଏ ସବୁ କଳ୍ପନାର କଥା । ଏ ସବୁକୁ କେହି ତଥ୍ୟର ଗୁରୁତ୍ୱ ଦେବନାହିଁ । ଆଜିର ସମାଜ କିନ୍ତୁ ଭାଷା ମାଧ୍ୟମରେ ତଥ୍ୟ ଖୋଜୁଛି । ସାହିତ୍ୟ ପଢ଼ିବା ଅପେକ୍ଷା ପିଲାଏ ପାଠ୍ୟପୁସ୍ତକ କି ଜ୍ଞାନକୋଷ ପଢୁଛନ୍ତି, ବେଶୀଲୋକ ସମ୍ବାଦପତ୍ର ରଖୁଛନ୍ତି, ବେଶୀ ସ୍ତ୍ରୀଲୋକ ପତ୍ରପତ୍ରିକାରୁ ରାନ୍ଧଣା, ସ୍ୱେଟର୍‌ବୁଣା କି ଫେଶନ୍‌ର ପୃଷ୍ଠା ଓଲଟାଉଛନ୍ତି । ଲୋକଙ୍କର ଆଜି ତଥ୍ୟର ଦରକାର, କୌଶଳ ଦରକାର । ଆଜି ପିଲାଙ୍କର ଗପ ଶୁଣିବାର ବେଳ ନାହିଁ, ଯୁବକ ଯୁବତୀଙ୍କର ପ୍ରେମ କରିବାକୁ ତର ନାହିଁ, ପ୍ରୌଢ଼ଙ୍କର ଭଜନ ଗାଇବାକୁ ଫୁରୁସତ୍ ନାହିଁ । ଜୀବନ ଭୟାନକ ଭାବେ ପ୍ରତିଯୋଗୀମୂଳକ ହୋଇ ଉଠିଛି । ମନୁଷ୍ୟର ଜୀବନ ପଦ୍ଧତି ଯେତେ ତୀବ୍ର ଗତିରେ ବିସ୍ତାରିତ ହେଉଛି, ତା'ସହିତ ଖାପଖୁଆଇ ଚଳିବା ପାଇଁ ଜ୍ଞାନ ଦରକାର, ତଥ୍ୟ ଦରକାର । କୋଡ଼ିଏ ବର୍ଷ ତଳେ ସ୍କୁଲ୍ ମାଷ୍ଟରଟିଏ ଥିଲା ସେ ଅଞ୍ଚଳର ସବୁଠୁ ବେଶୀ ଜ୍ଞାନୀ ବ୍ୟକ୍ତି , ଆଜି କିନ୍ତୁ

Digitized by PPRACHIN, SOA

ପ୍ରତ୍ୟେକ କ୍ଷେତ୍ରରେ ଶହ ଶହ ବିଶେଷଜ୍ଞ ଓ ବିରଳ କୌଶଳ ହାସଲ କରିଥିବା ପ୍ରତିଭାଙ୍କର ଭିଡ଼ । ସେମାନଙ୍କୁ ଆଗେଇ ରହିବାକୁ ହିଁ ହେବ । ସେଥିପାଇଁ ଲୋକଙ୍କୁ ଦରକାର ତଥ୍ୟ, ଜ୍ଞାନ ଓ କୌଶଳ । କୋଡ଼ିଏ ବର୍ଷ ତଳେ ଚାରିବର୍ଷ ଲାଗୁଥିଲା ଜଣକୁ ଡାକ୍ତର ହେବାକୁ । ଆଜି ଲାଗୁଛି ଦଶବର୍ଷ । ମୁନ୍‌ସି ଜଣେ ଯଥେଷ୍ଟ ଥିଲା ବ୍ୟବସାୟର ହିସାବକିତାବ ରଖିବାକୁ । ଆଜି ବ୍ୟବସାୟର ହିସାବ ଏକ ଜଟିଳ ଗଣିତ । ଆଗେ ଏମ୍.ଏ. ଅଧ୍ୟାପକ ହେବା ପାଇଁ ଯଥେଷ୍ଟ ଥିଲା ବେଳେ, ଆଜି ଏମ୍.ଫିଲ୍, ପିଏଚ୍.ଡି. ବି ଯଥେଷ୍ଟ ହେଉନାହିଁ । ଆଜି ବ୍ୟକ୍ତିର ସଫଳତା ନିର୍ଭର କରୁଛି ତଥ୍ୟ ଓ କୌଶଳର ଜ୍ଞାନରେ । ପିଲାଏ ଅନ୍ତାକ୍ଷରୀ ଛାଡ଼ି କୁଇଜ୍ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେଉଛନ୍ତି । କିନ୍ତୁ ଏ ଘୋଡ଼ାଦୌଡ଼ରେ ଭାଷାର କି ଭୂମିକା ଅଛି ? ଭାଷା ହିଁ ହେଉଛି ଏ ଜ୍ଞାନର ମାଧ୍ୟମ । ଭାଷାର ମାଧ୍ୟମରେ ହିଁ ଏ ତଥ୍ୟଭଣ୍ଡାର ଲୋକଙ୍କ ପାଖରେ ପହଞ୍ଚିବ । ଯେଉଁ ଭାଷା ସେଇ ଭଣ୍ଡାରକୁ ଯେତେ ବେଶୀ ଧାରଣ କରିଛି, ଲୋକେ ସେତେ ବେଶୀ ସେଇ ଭାଷା ଆଡ଼କୁ ମୋହିଁବେ । ଏହି ପରିପ୍ରେକ୍ଷୀରେ ଆଜି ଆମକୁ ଭୟ ଲାଗିଲାଣି କହିବାକୁ ଯେ ଆଜିର ପୃଥିବୀରେ ମାତୃଭାଷା ବୋଲି ଆଉ କିଛି ରହିବ ନା ନାହିଁ । ଖୁବ୍ ବେଶୀ ହେଲେ ମାତୃଭାଷା ହେବ ବ୍ୟକ୍ତିଜୀବନର ଏକ ଦୁର୍ଘଟଣା । ଆଜି ଜାତି, ଦେଶ ନିର୍ବିଶେଷରେ ମଣିଷ ଖୋଜୁଛି ଭାଷା, ଯେଉଁ ଭାଷା ତା'କୁ ସର୍ବାଧିକ ଜ୍ଞାନ ଓ ସୁଯୋଗ ଯୋଗାଇ ଦେଇ ପାରିବ । ସେ ଖୋଜୁଛି, କେଉଁ ଭାଷାରେ ସର୍ବାଧିକ ତଥ୍ୟ ଗଚ୍ଛିତ ହେଉଛି ? କେଉଁ ଭାଷାରୁ ସହଜରେ ଏ ତଥ୍ୟକୁ ସେ ଆହରଣ କରି ପାରିବ ? ଅନ୍ୟ କଥାରେ କେଉଁ ଭାଷା ତା'କୁ ଏ ଘୋଡ଼ାଦୌଡ଼ରେ ସାମ୍ନାରେ ରଖିପାରିବ । ମୋର ବିଶ୍ୱାସ, ଏହି କାରଣରୁ ହିଁ ଆଜି ଜାତି, ଦେଶ, ଧର୍ମ ନିର୍ବିଶେଷରେ ସମଗ୍ର ଭାରତବର୍ଷରେ ଇଂରାଜୀ ଭାଷା ଶିକ୍ଷା ପାଇଁ ଦେଖାଦେଇଛି ଏ ପ୍ରବଳ ଆକୁଳତା । ଯେଉଁ ପିଲା ଇଂଲିଶ୍ ମିଡିଅମ୍ ସ୍କୁଲରେ ପଢୁଛି, ସେ ପିଲା ହାଇସ୍କୁଲ ପାସ୍ କଲାବେଳକୁ ହଜାର ହଜାର ଶବ୍ଦ, ଶହ ଶହ ବହି ସହିତ ପରିଚିତ ହେଉଥିଲା ବେଳେ ଯେଉଁ ପିଲା ଭାରତୀୟ ଭାଷା ମାଧ୍ୟମରେ ପାଠ ପଢୁଛି, ସେ ଓଡ଼ିଆ ହେଉ କି ବଙ୍ଗଳା ହେଉ କି ହେଉ ରାଜଭାଷା, ତଥ୍ୟ ରାଜ୍ୟକୁ ପ୍ରବେଶ ତା'ର ଆପେକ୍ଷିକ ଭାବେ ଯଥେଷ୍ଟ ସୀମିତ ଓ ସଙ୍କୁଚିତ । ମାତୃଭାଷା ତା'କୁ ପଙ୍ଗୁ, ଅପାରଗ କରି ଦେଉଛି । ଆମ ନିଜ ଭାଷାକୁ ନିଆଯାଉ ନା, ଗୋଟିଏ ଆଧୁନିକ ସମାଜକୁ ଦେବା ପାଇଁ କଣ ଅଛି ଏ ଭାଷାରେ ? ସର୍ବମୋଟ ଦଶହଜାରରୁ କମ୍ ବହି ଆଉ ଅତି ବେଶୀ ହେଲେ ଲକ୍ଷେ ଶବ୍ଦ । ଏ ଭାଷାରେ ଅଭିଧାନଟିଏ ନାହିଁ, ଜ୍ଞାନକୋଷଟିଏ ନାହିଁ, ଚିନ୍ତାମୂଳକ ମୌଳିକ ଗଦ୍ୟ ସାହିତ୍ୟର

Digitized by PPRACHIN, SOA

ଘୋର ଅନଟନ । ସମୀକ୍ଷା, ଆଲୋଚନା, ତାତ୍ତ୍ୱିକ ମୀମାଂସା ପ୍ରାୟ ନାହିଁ କହିଲେ ଚଳେ । ଅଛି କିଛି କାବ୍ୟ କବିତା ଓ ପରୀରାଇଜର ଗପ । ବସ୍ତୁତଃ, ଓଡ଼ିଆ ଭାଷା ଏକ କବିତା ଲେଖା ଭାଷାରେ ପରିଣତ ହୋଇଛି । କବିତା ଲେଖା ହେବା ଛଡ଼ା ଏ ଭାଷାରେ ଆଖିଦୃଶିଆ ଆଉ କିଛି ଲେଖା ହେଉ ନାହିଁ । ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବୈଜ୍ଞାନିକ, ଅଧ୍ୟାପକ, ଅଫିସର, କିରାନି, ଗୃହିଣୀ, ଡାକ୍ତରାଣୀ, ଓକିଲ, ପୁଲିସ, ଛାତ୍ରଛାତ୍ରୀ, ଲୁଗାଦୋକାନୀ, କିରାସିନିବାଲା ପର୍ଯ୍ୟନ୍ତ ସମସ୍ତେ ମାତିଛନ୍ତି କବିତା ଲେଖାରେ । ଗାଁ' ଗାଁ'ରେ କବିତା ପାଠୋତ୍ସବ ଓ କବି ସମ୍ମିଳନୀ । ଏଇ ନିଶା ଏ ଜାତିକୁ ଏତେ ପରିମାଣରେ ସ୍ତବ୍ଧ କରି ଦେଇଛି ଯେ, ଆମ ଉଦ୍ୟୋଗପତିମାନେ ବି ଏବେ ଏହାର ଶିକାର ହୋଇଛନ୍ତି । କାବ୍ୟ କବିତା ପାଇଁ ପୁରସ୍କାର, ଉପାୟନରେ କଷ୍ଟୋପାର୍ଜିତ ସମ୍ବଳ ବିନର୍ବ୍ୟୟ କରୁଛନ୍ତି । ଏଇ ପଇସାରେ ତାଙ୍କ ଓଡ଼ିଆ ଶ୍ରମିକ ପିଲାମାନଙ୍କ ପାଇଁ ଆଧୁନିକ ବର୍ଣ୍ଣବୋଧଟିଏ କି ନବସାକ୍ଷର ପାଠ୍ୟବସ୍ତୁ କିଛି ଛପାଇପାରନ୍ତେ । କାବ୍ୟ କବିତାର ପୃଷ୍ଠପୋଷକତା କରିବା ପାଇଁ ସାହିତ୍ୟ ଏକାଡେମୀ କଣ ଯଥେଷ୍ଟ ନୁହେଁ ? ଅନ୍ୟ କୌଣସି ଭାଷାରେ ଏପରି ପରିସ୍ଥିତି ସୃଷ୍ଟି ହୋଇନାହିଁ । ଗୋଟିଏ ଜାତିର ସମସ୍ତ ସୃଜନାତ୍ମକ ଶକ୍ତି ନିଛକ କଳ୍ପନା ବିଳାସରେ ଖର୍ଚ୍ଚ ହେଉଛି । ଅଥଚ, ଯେଉଁ ଭାଷାରେ ମୌଳିକ, ତଥ୍ୟଭିତ୍ତିକ ନିରାଟ ଗଦ୍ୟ ସାହିତ୍ୟ ସୃଷ୍ଟି ହେଉନାହିଁ, ସେ ଭାଷା ମରଣର ବାଟ ଫିଟାଉଛି । କାରଣ ଏ ଭାଷା ଭାଷାଭାଷୀମାନଙ୍କ ଦ୍ୱାରା ପରିତ୍ୟକ୍ତ ହେବ । ମଣିଷର ସଭ୍ୟତା ଆଗେଇ ଚାଲିଛି ଓ ଚାଲିଥିବ । ସେଇ ସଭ୍ୟତାର ଶିଖରକୁ ସାମ୍ନାରେ ରଖି ସବୁ ଭାଷା ଓଟାରି ହୋଇ ଚାଲିଛନ୍ତି । ଯେଉଁ ଭାଷା ତା'କୁ ସେଇ ଶିଖରର ନିକଟତର କରାଇ ପାରିବ, ସେହି ହେବ ତା'ର ଭାଷା । ଯଦି ନିଜ ମାତୃଭାଷା ତା'କୁ ସେଠାକୁ ନେଇ ପାରୁନାହିଁ, ସେ ଖୋଜିବ ଅନ୍ୟ ଉନ୍ନତ, ସମ୍ପନ୍ନ ଭାଷା । ସେଇଥିପାଇଁ ଆଜି ଓଡ଼ିଶାର ଇଂଲିଶ୍ ସ୍କୁଲ ପାଖରେ ଓଡ଼ିଆମାନଙ୍କର ଭିଡ଼ । ବାକି ଯେଉଁମାନେ ରହିଗଲେ, ସେମାନେ ଧାଇଁଲେ ହିନ୍ଦୀ ପଛରେ, ଏଇ ଆଶାରେ ଯେ ହିନ୍ଦୀ ଦିନେ ପ୍ରକୃତରେ ଭାରତର ରାଷ୍ଟ୍ରଭାଷା ହେବ । ଆପଣ ବୁଝିପାରିବେ ଏ କଥା ଓଡ଼ିଶାର ରାଜଧାନୀରେ ଗୋଟିଏ ଛୋଟିଆ ସର୍ଭେ କରି—କେଉଁ ପିଲା ଇଂଲିଶ୍ ମିଡିଅମ୍ ସ୍କୁଲକୁ ଯାଉଛନ୍ତି, କେଉଁ ପିଲା ହିନ୍ଦୀ ବା ଓଡ଼ିଆ ମିଡିଅମ୍‌କୁ ? ଆମେ ଜାଣୁ ଏ ପ୍ରଶ୍ନର ଉତ୍ତର । ଆପଣ ବି ଜାଣନ୍ତି ।

୭. ଭାଷା ପାଇଁ ସାହିତ୍ୟର ଯେ ଯଥେଷ୍ଟ ଆବଶ୍ୟକତା ଅଛି, ସେ କଥା କେହି ଅସ୍ୱୀକାର କରିବେନାହିଁ । କିନ୍ତୁ, କି ପ୍ରକାରର ସାହିତ୍ୟ ଆଜି ଭାଷା ଲୋଡୁଛି ? ସାହିତ୍ୟକୁ

Digitized by PPRACHIN, SOA

ଏକ ସଂକୀର୍ଣ୍ଣ ଅର୍ଥରେ ଆମେ ବୁଝିଥାଉ, ଯଥା—କାବ୍ୟ କବିତା ବା ଗଳ୍ପ ଉପନ୍ୟାସ । କିନ୍ତୁ ଭାଷାର ଯେ କୌଣସି ପ୍ରକାଶକୁ ସାହିତ୍ୟ ବୋଲି ଧରାଗଲେ, ସମ୍ବାଦପତ୍ର, ବିଜ୍ଞାପନଠାରୁ ଆରମ୍ଭ କରି ପିଲାଙ୍କ ପାଠ୍ୟପୁସ୍ତକ ପର୍ଯ୍ୟନ୍ତ ସବୁ ଲେଖାକୁ ସାହିତ୍ୟର ମର୍ଯ୍ୟାଦା ଦେବା ଉଚିତ । ବରଂ ଭାଷାର ଉନ୍ନତିରେ କାବ୍ୟ କବିତାଦି ଅପେକ୍ଷା ତଥ୍ୟମୂଳକ ଲେଖାର ଯଥେଷ୍ଟ ବେଶୀ ଅବଦାନ ରହିଛି । ପ୍ରଥମେ ସମ୍ବାଦପତ୍ରକୁ ନିଆଯାଉ । ଆଜିର ଭାଷା ପାଇଁ ସମ୍ବାଦପତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସମ୍ବାଦପତ୍ର କଳ୍ପନାର ପ୍ରଚାର କରେ ନାହିଁ । ଏହା ଘଟଣା, ସମ୍ବାଦ ବା ତଥ୍ୟକୁ ଭାଷା ଭିତରକୁ ଆଣିଥାଏ । ଆଜିର ଯେକୌଣସି ସମ୍ବାଦପତ୍ରକୁ ଖୋଲିଲେ ସହଜରେ ବୁଝିହେବ ଯେ, ସାରା ପୃଥିବୀଟାଯାକର ଘଟଣା ଏହାର ବିଷୟବସ୍ତୁ । ସମଗ୍ର ବିଶ୍ୱର ଘଟଣା, ବିଚାରଧାରା, ଉଦ୍ଭାବନ, ଆବିଷ୍କାର, ପ୍ରଗତିକୁ ଏହା ନିତି ଆମ ପାଖରେ ପହଞ୍ଚାଉଛି । ଆଜିର ସମ୍ବାଦପତ୍ର ଏତେ ସର୍ବବ୍ୟାପୀ ହୋଇଯାଇଛି ଯେ ଏହା ଖାଲି ସମ୍ବାଦ ପରିବେଷଣରେ ସୀମିତ ରହୁନାହିଁ । ରାଜନୀତି, କୂଟନୀତିଠାରୁ ଆରମ୍ଭ କରି ବିଜ୍ଞାନ, ବ୍ୟବସାୟ ବାଣିଜ୍ୟ, ଖେଳ କସରତ୍, ମନୋରଞ୍ଜନ, ସମୀକ୍ଷା, ଆଲୋଚନା, ତର୍କ, ସବୁ ଆଜି ଏହାର ପୃଷ୍ଠାରେ ସ୍ଥାନିତ ହେଉଛି । ଏହା ଜରିଆରେ ନାନା ପ୍ରକାରର ତଥ୍ୟ ଗୋଟିଏ ଜାତି ପାଖରେ ପହଞ୍ଚୁଛି । ଆଉ ଏହି ବୈଚିତ୍ର୍ୟମୟ ପୃଥିବୀର ଖବର ଜନସମାଜରେ ପହଞ୍ଚାଇବାର ଚେଷ୍ଟାରେ, ଏହା ଭାଷାକୁ ବିସ୍ତାରିତ କରୁଛି । ସେଥିପାଇଁ ପ୍ରତିଦିନ ପ୍ରତି ପୃଷ୍ଠାରେ ଏହା ଶହ ଶହ ନୂଆ ଶବ୍ଦ, କଥା, ଭଙ୍ଗୀ, ଚିନ୍ତାକୁ ପାରୁପର୍ଯ୍ୟନ୍ତ ଚେଷ୍ଟା କରି ଭାଷାରେ ପୂରାଉଛି । ଏହି ଶବ୍ଦ ସବୁ ଖାଲି ସୃଷ୍ଟି ହେଉନାହାନ୍ତି; ଏଗୁଡ଼ିକର ପୁନଃ ପୁନଃ ପ୍ରଚାର ଓ ପ୍ରସାର ଫଳରେ ଶବ୍ଦଗୁଡ଼ିକ ଭାଷାରେ ସ୍ଥାୟୀ ହୋଇଯାଉଛନ୍ତି । ହେଉଛନ୍ତି ଭାଷାର ସମ୍ପତ୍ତି । ଯେକୌଣସି ତଥାକଥିତ ସାହିତ୍ୟ ଅପେକ୍ଷା, ସମ୍ବାଦପତ୍ର ଜରିଆରେ ବେଶୀ କଥା, ଭାବନା, ମତାମତ ଭାଷାକୁ ଆସିଥାନ୍ତି । ଖାଲି ଆସିଥାନ୍ତି ନୁହେଁ, ଜନସମାଜର ଏକ ବୃହତ୍ତର ଅଂଶ ନିକଟରେ ସ୍ୱଚ୍ଛନ୍ଦରେ ଏ ଶବ୍ଦଗୁଡ଼ିକ ପହଞ୍ଚିଥାନ୍ତି । ଯେକୌଣସି ସାହିତ୍ୟ ଅପେକ୍ଷା ସମ୍ବାଦପତ୍ର ବେଶୀ ଲୋକଙ୍କ ପାଖରେ ପହଞ୍ଚିଥାଏ, ଗୁରୁତ୍ୱର ସହିତ ପଢ଼ା ଯାଇଥାଏ ଓ ଏଥିରୁ ନୂଆକଥା ଶିଖିବା ପାଇଁ ବାତାବରଣ ତିଆରି କରିଥାଏ । ସୂକ୍ଷ୍ମରେ, ସମ୍ବାଦପତ୍ର ଯେକୌଣସି ସାହିତ୍ୟ ଅପେକ୍ଷା ଭାଷା ପାଇଁ ବେଶୀ ମୂଲ୍ୟବାନ୍ । ୟା' ଭିତରେ ଓଡ଼ିଶାରେ ଓଡ଼ିଆ ସମ୍ବାଦପତ୍ରର ଯଥେଷ୍ଟ ଉନ୍ନତି ହୋଇଛି, ଆଜିର ସମ୍ବାଦପତ୍ରଗୁଡ଼ିକୁ ଓଲଟାଇଲେ ଦେଖାଯାଏ ଯେ ସମ୍ବାଦପତ୍ର ଖାଲି ସମ୍ବାଦରେ ପର୍ଯ୍ୟାପ୍ତ ନୁହେଁ, ଏହା ଅନ୍ୟାନ୍ୟ ବହୁ ବିଷୟର ବାହକ । ଏହି ପ୍ରଚେଷ୍ଟାରେ ସମ୍ବାଦପତ୍ର ବହୁ ନୂତନ ଶବ୍ଦକୁ ଭାଷାକୁ ଆଣିଥାଏ । ସେମାନଙ୍କୁ ସ୍ଥାୟିତ୍ୱ ଦେଇଥାଏ ଓ ଲୋକମାନଙ୍କୁ ସେଗୁଡ଼ିକୁ ଶିଖାଇବାରେ ଯତ୍ନ କରିଥାଏ । ସମଗ୍ର ବିଶ୍ୱର ଘଟଣାଜଗତ,

Digitized by PPRACHIN, SOA

ଭାବଜଗତ ଏହାର ପରିସରଭୁକ୍ତ । ସମାଜରେ ତଥ୍ୟ ବିତରଣର ଏହା ଏକ ପ୍ରମୁଖ ଉପାୟ ଏବଂ ସେ ଗୌରବ ସମ୍ବାଦପତ୍ରକୁ ମିଳିବା ଉଚିତ ।

କିନ୍ତୁ ଦୁଃଖର ସହିତ ଆମକୁ କହିବାକୁ ପଡୁଛି ଯେ ଓଡ଼ିଆ ସମ୍ବାଦପତ୍ରଗୁଡ଼ିକ ତାଙ୍କର ଏହି ଗୁରୁଦାୟିତ୍ୱ ବିଷୟରେ ଏପର୍ଯ୍ୟନ୍ତ ଯଥେଷ୍ଟ ସଚେତନ ନୁହଁନ୍ତି । ସାମ୍ବାଦିକତାର ଭାଷା ଯେଉଁ ପରିମାଣରେ ତୀକ୍ଷ୍ଣ ଓ ଏକନିଷ୍ଠ ହେବା ଉଚିତ, ହୋଇପାରୁନାହିଁ । ଓଡ଼ିଆ ସମ୍ବାଦପତ୍ରର ଭାଷା ଏବେ ବି ଯଥେଷ୍ଟ ଶିଥିଳ ଓ ଖାମଖିଆଲି । ବହୁ ଭୁଲଭ୍ରାନ୍ତି, ବହୁ ଅଭାବ ଏ ଭାଷାରେ ପରିଦୃଷ୍ଟ ହୁଏ । ଖାଲି ସମ୍ବାଦ ପରିବେଷଣ ଏହାର ଲକ୍ଷ୍ୟ ହେବା ଉଚିତ ନୁହେଁ; ସେ ସମ୍ବାଦକୁ ଉଚିତ ଭାଷାରେ, ଉଚିତ ଶୈଳୀରେ, ଉଚିତ ଢଙ୍ଗରେ ପ୍ରକାଶ କରିବା ମଧ୍ୟ ବାଞ୍ଛନୀୟ । ମନୋରଞ୍ଜନ ଏହାର ଆଦର୍ଶ ହେବା ଉଚିତ ନୁହେଁ, ଏହାର ଲକ୍ଷ୍ୟ ହେବା ଉଚିତ ତଥ୍ୟ ପରିବେଷଣ । ସାମ୍ବାଦିକତା ଉଚିତ ଭାଷାର ଆଶ୍ରୟ ନେଲେ, ଏହା ଲକ୍ଷ୍ୟଭ୍ରଷ୍ଟ ହେବ । ଏପରିକି ଏହାର ପୃଷ୍ଠାରେ ପ୍ରକାଶିତ ହେଉଥିବା ବିଜ୍ଞାପନଗୁଡ଼ିକ ବି ଠିକ୍ ଭାଷାରେ ଛପା ହେଉନାହିଁ । ସମ୍ବାଦଗୁଡ଼ିକ ଠିକ୍ ଭାଷାରେ ପାଠକମାନଙ୍କ ପାଖରେ ପହଞ୍ଚୁନାହିଁ । ଠିକ୍ ଶୈଳୀରେ ସମ୍ପାଦିତ ହେଉନାହିଁ । ଗୋଟିଏ ସମ୍ବାଦପତ୍ରର ରାଜନୈତିକ ଓ ସାମାଜିକ ଆଭିମୁଖ୍ୟ ବି ସ୍ପଷ୍ଟ ହେଉନାହିଁ, ଆଉ ଏ ଆଭିମୁଖ୍ୟଗୁଡ଼ିକ ସ୍ପଷ୍ଟ ନହେବାଯାଏ ଭାଷା-ପ୍ରସାର ଠିକ୍ ମାର୍ଗରେ ଆଗେଇ ପାରିବ ନାହିଁ ।

ସେହି ପରି ଭାଷା-ପ୍ରସାରର ଅନ୍ୟ ଗୋଟିଏ ଅଣସାହିତ୍ୟ ଧାରା ହେଉଛି ପାଠ୍ୟପୁସ୍ତକ । ପ୍ରାଥମିକଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ନାନା ପାଠ୍ୟ ବିଷୟକ ଗ୍ରନ୍ଥ ପ୍ରକାଶିତ ହୋଇଥାଏ । ଏଗୁଡ଼ିକୁ ବି ଭାଷା-ସାହିତ୍ୟ ଆଖ୍ୟା ଦେବାକୁ ପଡ଼ିବ । ବହୁ ପାଠ୍ୟ ବିଷୟରେ ଏ ପର୍ଯ୍ୟନ୍ତ ବି ଓଡ଼ିଆ ଭାଷାରେ ପୁସ୍ତକ ପ୍ରଣୟନ କରାଯାଇ ପାରିନାହିଁ । ଶିକ୍ଷାର ଯେତିକି ଯେତିକି ଉପର ଆଡ଼କୁ ଆମେ ଯିବା, ଦେଖିବା ଓଡ଼ିଆ ଭାଷାର ପ୍ରୟୋଗ ସେତିକି କମି କମି ଯାଉଛି । ତେବେ ଶିକ୍ଷାର ଯେଉଁ ସ୍ତର ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ପ୍ରଣୀତ ହୋଇଛି, ଅନ୍ତତଃ ସେଇ ସ୍ତର ପର୍ଯ୍ୟନ୍ତ ଭାଷାକୁ ବିଷୟୋପଯୋଗୀ କରିବାକୁ ପଡ଼ିବ । ପାଠ୍ୟବହି ତଥ୍ୟ ପ୍ରସାରର ଅନ୍ୟ ଏକ ବଳିଷ୍ଠ ମାର୍ଗ । ପାଠ୍ୟବହିଗୁଡ଼ିକ ଜରିଆରେ ଭାଷାଭାଷୀମାନେ ଓଡ଼ିଆ ଭାଷାର ବୌଦ୍ଧିକ ଦିଗ ସହିତ ପରିଚିତ ହୋଇଥାନ୍ତି । ଏଗୁଡ଼ିକ ମାଧ୍ୟମରେ ବି ହଜାର ହଜାର ନୂତନ ଶବ୍ଦ ଓଡ଼ିଆ ଭାଷାରେ ପ୍ରବେଶ କରିଥାନ୍ତି । ଏବେ କମ୍ପ୍ୟୁଟର ବିଷୟରେ ପ୍ରକାଶିତ ଗୋଟିଏ ପ୍ରାଥମିକ ପୁସ୍ତକର ଶେଷରେ ପ୍ରାୟ ଦୁଇଶହ ନୂତନ ଓଡ଼ିଆ ଶବ୍ଦର ଏକ ତାଲିକା ସନ୍ନିହିତ

Digitized by PPRACHIN, SOA

ହୋଇଥିବାର ଆମେ ଦେଖିବାକୁ ପାଇଲୁ । ସାହିତ୍ୟର ଶବ୍ଦ ପରି ଏ ଶବ୍ଦଗୁଡ଼ିକ ଶିଥିଳ ନୁହଁନ୍ତି । ପାଠ୍ୟ ବହିରେ ଅଧିକାଂଶ ଶବ୍ଦଙ୍କର ନିର୍ଦ୍ଦିଷ୍ଟ ସଂଜ୍ଞା, ଅର୍ଥ ଓ ସୁତଥ୍ୟତା ଅଛି । ସେ ସବୁ ଶବ୍ଦର ବ୍ୟବହାର ଭାଷାରେ ପ୍ରତିଷ୍ଠିତ ହେଉଛି । ତେଣୁ, ଭାଷାର ଉନ୍ନତି ଦୃଷ୍ଟିରୁ ଏ ଦିଗଟି ପ୍ରତି ମଧ୍ୟ ଧ୍ୟାନ ଦେବାକୁ ପଡ଼ିବ । କଥିତ ଭାଷା ପାଇଁ ରେଡିଓ, ଟେଲିଭିଜନ୍‌ର ଯେପରି ଗୋଟିଏ ବିରାଟ ଭୂମିକା ଅଛି, ସେହିପରି ଲିଖିତ ଭାଷା ପାଇଁ ସମ୍ବାଦପତ୍ର ଓ ପାଠ୍ୟପୁସ୍ତକର ଅନୁରୂପ ଅବଦାନ ଅଛି ।

କିନ୍ତୁ, ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ କାହିଁ ? ମୁଷ୍ଟିମେୟ ବିଷୟରେ ଶିକ୍ଷାର ନିମ୍ନସ୍ତର ପାଇଁ କିଛି କିଛି ବହି ଲେଖାହୋଇଛି । ବହୁ ଆଧୁନିକ ବିଦ୍ୟାକୁ ନେଇ ଓଡ଼ିଆ ଭାଷାରେ ପ୍ରାୟ କିଛି ଲେଖା ହୋଇନାହିଁ କହିଲେ ଚଳେ । ଶିକ୍ଷାର ଉଚ୍ଚ ସ୍ତର ପାଇଁ ଓଡ଼ିଆରେ କୌଣସି ବହି ନାହିଁ । ତେଣୁ, ଓଡ଼ିଆ ଭାଷା କେଉଁଠୁ ପାଇବ ସେ ସବୁ ବୈଷୟିକ ଶବ୍ଦ ? ଓଡ଼ିଆ ଭାଷାରେ ନୂତନ ବିଷୟରେ ଯଦି ବହି ଲେଖା ନହୁଏ, ଶିକ୍ଷକ ଓ ଅଧ୍ୟାପକମାନେ ଯଦି ଓଡ଼ିଆ ଭାଷାରେ ସେ ସବୁ ବିଷୟକୁ ଶିକ୍ଷା ନଦିଅନ୍ତି, କିପରି ଭାଙ୍ଗିବ ଓଡ଼ିଆ ଭାଷାର ଜଡ଼ତା ?

ଗୋଟିଏ ଆଧୁନିକ ଭାଷା କାବ୍ୟ କବିତା, ଗଳ୍ପ ଉପନ୍ୟାସକୁ ଆଶ୍ରୟ କରି ଅଗ୍ରସର ହୋଇପାରିବ ନାହିଁ । କାଳଜୟୀ ସାହିତ୍ୟ ସୃଷ୍ଟି କରି ଗୋଟିଏ ଭାଷାର ଗୌରବକୁ ବଢ଼ାଯାଇ ପାରେ, କିନ୍ତୁ ଭାଷାର ଆଧୁନିକୀକରଣ କ୍ଷେତ୍ରରେ ଏହାର ସେପରି କିଛି ଭୂମିକା ନାହିଁ । ପାଞ୍ଚ ଶହ ବର୍ଷ ତଳେ ଓଡ଼ିଆ ଭାଷାରେ ସାରଳା ମହାଭାରତ ଲେଖା ହୋଇପାରିଥିଲା । ସେତେବେଳର ସମୟ ପାଇଁ ସାରଳା ମହାଭାରତ ସାହିତ୍ୟ ହେବା ଛଡ଼ା ଥିଲା ଓଡ଼ିଆ ଭାଷାର ଏକ ଅଭିଧାନ । ବର୍ତ୍ତମାନ ଲେଖା ହୋଇଛି ଛ'ମାଣ ଆଠଗୁଣ୍ଠ ବା ଶ୍ରୀରାଧା । କିନ୍ତୁ ଭାଷାର ଦାରିଦ୍ର୍ୟ ଘୁଞ୍ଚୁନାହିଁ । ଭାଷାର ଆଧୁନିକୀକରଣକୁ ଏ ସାହିତ୍ୟର ସେପରି କୌଣସି ଅବଦାନ ନାହିଁ । ଏ ସାହିତ୍ୟ ସତ୍ତ୍ୱେ ଭାଷାକୁ ବଞ୍ଚାଇବା ପାଇଁ ଆମକୁ ଭିନ୍ନ ସାହିତ୍ୟର ସାହାଯ୍ୟ ନେବାକୁ ପଡ଼ିବ । ସମ୍ବାଦପତ୍ର ଓ ପାଠ୍ୟବହିକୁ ସାହିତ୍ୟ କୁହାଯାଉ କି ନଯାଉ, ଏଗୁଡ଼ିକର ଯଥେଷ୍ଟ ଗୁରୁତ୍ୱ ଅଛି ଭାଷା ପାଇଁ । ଏହିମାନଙ୍କ ଜରିଆରେ ହିଁ ଭାଷାରେ ନୂତନ ଶବ୍ଦ, ଅର୍ଥ ଓ ତଥ୍ୟ ପ୍ରବେଶ କରିପାରିବେ । କିନ୍ତୁ ଓଡ଼ିଆ ଭାଷା କ୍ଷେତ୍ରରେ ଏ ଦିଗଟି ଅତ୍ୟନ୍ତ ଦୁର୍ବଳ, ତେଣୁ କୌଣସି ପ୍ରକାର ବୈଜ୍ଞାନିକ ଚିନ୍ତା ପାଇଁ, ନୂତନ ଜ୍ଞାନ ପାଇଁ ଏ ଭାଷାର ସମ୍ଭାର ନାହିଁ । କିଛି ଅନଭିଜ୍ଞ ଲୋକେ ଯୁକ୍ତି ବାଢ଼ନ୍ତି ଯେ ଓଡ଼ିଆ ଭାଷାରେ ଆଧୁନିକ ସଭ୍ୟତାର ସବୁ କିଛି ପ୍ରକାଶ କରାଯାଇ ପାରିବ । ଏହା ଏକ ବଳିଷ୍ଠ ଭାଷା । ଏ କଥା ଆଦୌ ସତ୍ୟ ନୁହେଁ । କିଛି ପାରିବାରିକ କଥାବାର୍ତ୍ତା ଛଡ଼ା,

Digitized by PPRACHIN, SOA

କିଛି ଉଦ୍ଭଟ କଳ୍ପନାପ୍ରସୂତ ସାହିତ୍ୟ ଲେଖିବା ଛଡ଼ା, ଏ ଭାଷାରେ କୌଣସି ଗୂଢ଼ ତାତ୍ତ୍ୱିକ ଚର୍ଚ୍ଚା କରାଯାଇ ପାରିବ ନାହିଁ । ସେଥିପାଇଁ ବସି ମୁଣ୍ଡ କୋଡ଼ିଲେ ଭାଷା ଆପେ ଆପେ ଉନ୍ନତ ହୋଇଯିବ ନାହିଁ । ଭାଷା ପାଇଁ ନୂଆ ରାସ୍ତା ଖୋଲିବାକୁ ପଡ଼ିବ । ସେଥିପାଇଁ ଆମକୁ ପ୍ରତିଜ୍ଞାବଦ୍ଧ ହେବାକୁ ପଡ଼ିବ । ଯେଉଁ ତଦ୍‌ବିଦମାନେ ଏହା କରିପାରିବେ ବା ସେ ଦିଗରେ ବାଟ କଢ଼ାଇ ପାରିବେ, ସେମାନଙ୍କୁ ତା'ର ଦାୟିତ୍ୱ ଦେବାକୁ ପଡ଼ିବ । ସେଥିପାଇଁ ଓଡ଼ିଆ ଭାଷା ଅନୁଷ୍ଠାନମାନ ସରକାରୀ ଚେଷ୍ଟାରେ ହେଉ ବା ବେସରକାରୀ ଚେଷ୍ଟାରେ ହେଉ, ଗଢ଼ା ହେବା ଉଚିତ । ଭାଷା ଗୋଟିଏ ଆଧୁନିକ ସମାଜର ଉପଯୁକ୍ତ ନହେଲେ, ଭାଷାଭାଷୀମାନେ ଆପେ ଆପେ ଏହି ଭାଷା ଉପରୁ ଆସ୍ଥା ହରାଇବେ । ସେମାନେ ଆପେ ଆପେ ଧରିନେବେ ଯେ, ଏ ଭାଷାର ଭବିଷ୍ୟତ ନାହିଁ । ଓଡ଼ିଆ ପିଲାମାନେ ଆହୁରି ବେଶୀ ସଂଖ୍ୟାରେ ଯିବେ ଇଂଲିଶ୍ ମିଡିଅମ୍ ସ୍କୁଲକୁ । କୌଣସି ପ୍ରକାର ଆଇନ କରି ଲୋକମାନଙ୍କୁ ରୋକା ଯାଇ ପାରିବ ନାହିଁ ଅନ୍ୟ ଭାଷାର ସ୍କୁଲକୁ ଯିବାରୁ । ମଣିଷ ଅବଶ୍ୟ ତା'ର ସ୍ୱାର୍ଥ ଦିଗଟିକୁ ହିଁ ପ୍ରଥମେ ଦେଖିବ । ଦେଶଭକ୍ତିର ଦ୍ୱାହି ଦେଇ କୌଣସି ଓଡ଼ିଆ ନିଜ ପିଲାଛୁଆଙ୍କର ଭବିଷ୍ୟତକୁ ଅନ୍ଧକାରମୟ କରିବ ନାହିଁ । ଶେଷକୁ ଓଡ଼ିଶା ଦେଶରେ ସୃଷ୍ଟି ହେବ ଦୁଇ ପ୍ରକାରର ଓଡ଼ିଆ ଭାଷା– ଇଂରାଜୀ ସ୍କୁଲରେ ପଢ଼ିଥିବା ଓଡ଼ିଆଙ୍କର ଖଣ୍ଡିଖଣ୍ଡିଆ ଓଡ଼ିଆ ଓ ଓଡ଼ିଆ ସ୍କୁଲରେ ପଢ଼ିଥିବା ଡେଫିସିଏଣ୍ଟ ବା ଦରିଦ୍ର ଓଡ଼ିଆ । ଭାଷା ଦୃଷ୍ଟିରୁ, ଏ ଦୁଇଟିଯାକ ପ୍ରକାର ଏ ଜାତି ପାଇଁ ଦୁର୍ଭାଗ୍ୟଜନକ ହେବ । ଏହା ଯେପରି ନହୁଏ, ସେଥିପାଇଁ ଆଜହୁଁ ଓଡ଼ିଆ ଭାଷାକୁ ସମୃଦ୍ଧ କରିବାକୁ ପଡ଼ିବ, ଯୁଗୋପଯୋଗୀ କରିବାକୁ ପଡ଼ିବ । ଓଡ଼ିଆ ଭାଷା ଯେପରି ନିଜର ଶକ୍ତି ବଳରେ ଓଡ଼ିଆମାନଙ୍କୁ ଆପେ ଆପେ ବାନ୍ଧିବ, ଜାତିପ୍ରେମର ଶୁଷ୍କ ସ୍ଲୋଗାନ୍‌ରେ ଭାବପ୍ରବଣ ହୋଇ ନୁହେଁ ବା ଭାଷା ବିଷୟରେ ବୃଥା ଆସ୍ଫାଳନରେ ବିଶ୍ୱାସ କରି ନୁହେଁ । ଏ ଭାଷାରେ ଲୋକଙ୍କର ଭବିଷ୍ୟତ ସୁରକ୍ଷିତ ହେବା ଉଚିତ । ସେଥିପାଇଁ ଗୋଟିଏ ଆଧୁନିକ ଭାଷା ଗଢ଼ିବା ହିଁ ଏକମାତ୍ର ପନ୍ଥା ।

୮. ଶିକ୍ଷାର ଏକ ବିରାଟ ଭୂମିକା ଅଛି ଭାଷାକୁ ବଞ୍ଚାଇବାରେ, ବିଶେଷକରି ପ୍ରାଥମିକ ଶିକ୍ଷାର । ପ୍ରଥମ ଥର ପାଇଁ ଶିଶୁ ତା' ଭାଷାର ସ୍ଥାୟିତ୍ୱ ବିଷୟରେ ସଚେତନ ହୁଏ । ପ୍ରାଥମିକ ସ୍କୁଲରେ ଅ, ଆ, ଇ ଖାଲି ଓଡ଼ିଆ ବର୍ଣ୍ଣମାଳା ଶିଖିବା ନୁହେଁ, ନଷ୍ଟଶୀଳ କଥିତ ଭାଷାକୁ ଲେଖା ମାଧ୍ୟମରେ ସ୍ଥାୟିତ୍ୱ ଦେବା ମଧ୍ୟ ଏହାଦ୍ୱାରା ସମ୍ପନ୍ନ ହୋଇଥାଏ । ନିଜ କଥା ପ୍ରତି ଓ ପରୋକ୍ଷରେ ନିଜ ଭାଷା ପ୍ରତି ଶିଶୁର ଆସ୍ଥା ଜନ୍ମେ । ଶିଶୁର ମାନସିକ ସ୍ୱାସ୍ଥ୍ୟ ପାଇଁ ଏହା ଏକ ଦୃଢ଼ ପଦକ୍ଷେପ ଓ ଜାତି ପାଇଁ ଏକ ବିରାଟ ବରଦାନ । ଶିଶୁ ଯଦି ଗୋଟିଏ ଭାଷା

Digitized by PPRACHIN, SOA

କହୁଥିବା ବେଳେ ଅନ୍ୟ ଗୋଟିଏ ଭାଷାରେ ତା'କୁ ଶିକ୍ଷା ଦିଆଯାଏ, ତାର ମାନସିକ ଭାରସାମ୍ୟ ବିପନ୍ନ ହୁଏ । ସେ ଭାବେ, ତା'ର ମାତୃଭାଷା ଶିକ୍ଷାର ଅଯୋଗ୍ୟ । ସେ ଭାଷାରେ ଗେଲ କରାଯାଏ, କିନ୍ତୁ କୌଣସି ଗୁରୁତ୍ୱପୂର୍ଣ୍ଣ ଚର୍ଚ୍ଚା କରାଯାଇ ପାରେ ନାହିଁ । ଇଂଲିଶ ମାଧ୍ୟମ ସ୍କୁଲରେ ମିସ୍ ଯେତେବେଳେ ପିଲାମାନଙ୍କୁ ନିଜ ମାତୃଭାଷାରେ ଉତ୍ତର ଦେବା ପାଇଁ ବା ନିଜ ନିଜ ଭିତରେ ସେଇ ଭାଷାରେ କଥାବାର୍ତ୍ତା ହେବା ପାଇଁ ବାରଣ କରନ୍ତି, ଶିଶୁ ଆପେ ଆପେ ଧରିନିଏ ଯେ, ତା' ମାତୃଭାଷାଟା ଏକ ହୀନ ଭାଷା । ଆଜିର ବାପ ମା'ମାନେ ବି ଆଜି ସେୟା କରୁଛନ୍ତି । ପିଲାଙ୍କ ଇଂରାଜୀ ଶିକ୍ଷାକୁ ତ୍ୱରାନ୍ୱିତ କରିବା ପାଇଁ ସେମାନେ ପିଲାଙ୍କ ସହିତ ଓଡ଼ିଆରେ କଥାବାର୍ତ୍ତା ନହୋଇ ଇଂରାଜୀ ଭାଷାରେ କଥାବାର୍ତ୍ତା ହୋଇଥାନ୍ତି । ଏପରିକି ଏ ନିୟମ ଭଙ୍ଗ କଲେ ଶିଶୁ ଦଣ୍ଡିତ ହୋଇଥାଏ । ଏହାଦ୍ୱାରା ମାତୃଭାଷାର ବନ୍ଧନ ଜାତି ଉପରୁ ହୁଗୁଳା ହୋଇଯାଏ ଓ ମାତୃଭାଷାରେ କ୍ଷମତା ଆସେ ନାହିଁ । ଶିଶୁର ଆତ୍ମବିଶ୍ୱାସ ଭାଙ୍ଗିଯାଏ । ଆଗେ, ପ୍ରାଥମିକ ସ୍ତରରେ କେବଳ ମାତୃଭାଷା ହିଁ ଶିକ୍ଷା ଦିଆଯାଉଥିଲା । ଚତୁର୍ଥ ଶ୍ରେଣୀରୁ ଆରମ୍ଭ ହେଉଥିଲା ଇଂରାଜୀ ଭାଷା । ମାତୃଭାଷା ଦୃଷ୍ଟିରୁ ଏହା ଏକ ସୁସ୍ଥ ପରମ୍ପରା ଥିଲା, କାରଣ ସେତେବେଳକୁ ଛାତ୍ରର ମାନସିକ ରାଜ୍ୟ ମାତୃଭାଷା ଦ୍ୱାରା ପୂର୍ଣ୍ଣ ଭାବେ ଗଠିତ ହୋଇସାରୁଥିଲା । ମାଧ୍ୟମିକ ଶ୍ରେଣୀରେ ସେ ଯେତେବେଳେ ଅନ୍ୟ ଭାଷା ସହିତ ପରିଚିତ ହେଉଥିଲା, ସେତେବେଳକୁ ମାତୃଭାଷାର ମୂଳଦୁଆ ପଡ଼ିସାରିଥିଲା । ଶିଶୁର ମସ୍ତିଷ୍କରେ ଏ ରେଖାପାତ ଏତେ ଗଭୀର ଭାବେ ପଡୁଥିଲା ଯେ, ପରବର୍ତ୍ତୀ ବୟସର ଅନ୍ୟ ଭାଷା ତା'ର ମୂଳଦୁଆକୁ ହଲାଇ ପାରୁନଥିଲା ଓ ତା' ନିକଟରେ ଅନ୍ୟ ସବୁ ଭାଷା ଦ୍ୱିତୀୟ ଭାଷା ହୋଇ ରହିଯାଉଥିଲା । ଯେତେ ଚେଷ୍ଟା କଲେ ବି ଅନ୍ୟ ଭାଷାରୁ ତା'କୁ ତୃପ୍ତି ମିଳୁନଥିଲା । ଦେଖାଯାଉ ନା ଆମ ପ୍ରତିଷ୍ଠିତ ଓଡ଼ିଆ କବିମାନଙ୍କୁ । ଇଂରାଜୀ ଶିକ୍ଷା ସତ୍ତ୍ୱେ, ଏପରିକି ସେ ଭାଷାରେ ଯଥେଷ୍ଟ ପ୍ରବେଶ ସତ୍ତ୍ୱେ ଅଧିକାଂଶ କେବଳ ଓଡ଼ିଆ ଭାଷାରେ ହିଁ ସୃଷ୍ଟିଶୀଳ । ସେମାନଙ୍କ ଭିତରୁ ଅନେକେ ଇଂରାଜୀରେ କାବ୍ୟ କବିତା ଲେଖିପାରିଥାନ୍ତେ, କିନ୍ତୁ ସେମାନେ ଲେଖିନାହାନ୍ତି । ସେମାନେ ତାଙ୍କ ସୃଷ୍ଟିଶୀଳତା ପାଇଁ ଓଡ଼ିଆ ଭାଷା ଉ୍‌ରେ ହିଁ ନିର୍ଭର କରିଛନ୍ତି । ଏହା ଖାଲି ଭାଷା ଦକ୍ଷତାର କଥା ନୁହେଁ, ଏହା ପଛରେ ମାତୃଭାଷା ଉପରେ ମାନସିକ ନିର୍ଭରଶୀଳତା ବି ଅଛି । ଇଂରାଜୀ ଭାଷାରେ ବହୁ ଲୋକ ଓଡ଼ିଶାରେ ଉଚ୍ଚ ଶିକ୍ଷା ପାଇଛନ୍ତି, ତେବେ ଏ ଭାଷାରେ ଦକ୍ଷତା ଅର୍ଜନ କରିଛନ୍ତି ଖୁବ୍ ଅଳ୍ପ ଲୋକ । ଏପରିକି, ଆପଣ ଲକ୍ଷ୍ୟ କରିଥିବେ ଯେ, ଏଇ କେଇ ବର୍ଷ ତଳ ପର୍ଯ୍ୟନ୍ତ ରଥଯାତ୍ରା ବା ଅନ୍ୟ କୌଣସି ଉତ୍ସବରେ ରେଡିଓ ବା ଟେଲିଭିଜନରେ ଇଂରାଜୀ ଧାରାବିବରଣୀ

Digitized by PPRACHIN, SOA

ଦେବା ପାଇଁ ଓଡ଼ିଶାରେ ଉପଯୁକ୍ତ ଲୋକ ମିଳୁନଥିଲେ, ଶେଷକୁ ଇଂଲିଶ୍ ମିଡିଅମ୍ ସ୍କୁଲର ପିଲାମାନଙ୍କୁ ଏ କାମ ପାଇଁ ବଛାଯାଉଥିଲା, ଯେହେତୁ ସେମାନଙ୍କର ପ୍ରାଥମିକ ଶିକ୍ଷା ଥିଲା ଇଂରାଜୀରେ, ସେମାନଙ୍କର ଦକ୍ଷତା ଥିଲା ଇଂରାଜୀରେ ଭାଷଣ ଦେବା ପାଇଁ । ଅଥଚ ଏଇ ପିଲାଙ୍କର ମାତୃଭାଷା ଓଡ଼ିଆ ଉପରେ ସେ ଆତ୍ମବିଶ୍ୱାସ ନଥିଲା । ଏହି ପ୍ରକାରର ବହୁ ଛାତ୍ରଛାତ୍ରୀ ଆଜି ଓଡ଼ିଶାରେ ଖୋଜିଲେ ମିଳିବେ । ଏପରି ଅବସ୍ଥା ଆମ ଶିକ୍ଷାପ୍ରଣାଳୀରେ କେବେ ସୃଷ୍ଟି ହୋଇନଥିଲା, କିନ୍ତୁ ଆଜି ହୋଇଛି । ଆଜି ପିଲାଏ ଖାଲି ଡାଡି ମମି କହୁନାହାନ୍ତି, ଏତିକି ହୋଇଥିଲେ ତ ଚିନ୍ତାର ସେପରି କାରଣ ନଥିଲା । କିନ୍ତୁ ଆଜି ଯାହା ହୋଇଛି ସେ ଏକ ଆତଙ୍କଜନକ ଅବସ୍ଥା । ଏ ପିଲାମାନଙ୍କର ଓଡ଼ିଆ ମେରୁଦଣ୍ଡ ଭାଙ୍ଗିଯାଇଛି । ଏ ପିଲାଏ ଓଡ଼ିଆ ସଂଖ୍ୟାରେ ଏକଠାରୁ କୋଡ଼ିଏ ଗଣିପାରିବେ ନାହିଁ, ଓଡ଼ିଆରେ ଦିନ ଗଣିପାରିବେ ନାହିଁ, ଓଡ଼ିଆ ମାସର ନାଁ କହି ପାରିବେ ନାହିଁ, ଚାରିଟା ଫୁଲର ନାଁ, କି ମାଛର ନାଁ, କି ଗଛର ନାଁ, କି ରଙ୍ଗର ନାଁ, ଚଟ୍ କରି କହିପାରିବେ ନାହିଁ । ଆମ ଅପେକ୍ଷା ସେମାନଙ୍କ ଇଂରାଜୀ ହୁଏତ ଅନେକ ଭଲ, କିନ୍ତୁ ଓଡ଼ିଆରେ ସେମାନଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି । ସେମାନଙ୍କ ଓଡ଼ିଆ ହୋଇଛି ଏକ ମିଶ୍ରିତ ଭାଷା—ନା ଓଡ଼ିଆ ନା ଇଂରାଜୀ । ଏହି ଅପମିଶ୍ରଣ ଖାଲି ଶବ୍ଦରେ ସୀମିତ ନରହି ଓଡ଼ିଆ ଭାଷାର ମଞ୍ଜକୁ ବି ଖତ କରିଦେଉଛି । ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯଦି ଓଡ଼ିଆ ପିଲାଏ କହୁଥିବାର ଶୁଣନ୍ତି ଯେ— ମୁଁ ଗୋଟେ ଆମ୍ବ ଖାଇବି ଜାଗାରେ ମୋର ଆମ୍ବ ଦରକାର । ଏହା ଓଡ଼ିଆ ଭାଷାର ଗଠନ ନୁହେଁ ଏବଂ ଅପଭାଷା । ଅଥଚ ଏଇ ପିଲେ କାଲି ବଡ଼ ବଡ଼ ଓଡ଼ିଆ ହୋଇ ସମାଜରେ ଠିଆ ହେବେ । ଏମାନେ ଯାହା କହିବେ, ଯେପରି କହିବେ, ଅନ୍ୟମାନେ ତାକୁ ଅନୁକରଣ କରିବେ । ଏଇମାନଙ୍କ ଭାଷା ହେବ ଭାଷାର ଆଦର୍ଶ । ଏଇମାନଙ୍କ ତେଢ଼ା ଭାଷା ହେବ ଭାଷାର ଫେଶନ୍ । ଲୋକେ ଚେଷ୍ଟା କରିବେ ସେମାନଙ୍କ ପରି ଓଡ଼ିଆ କହିବାକୁ । ନୀଳବର୍ଣ୍ଣ ଶୃଗାଳକୁ ଅନୁକରଣ କରି ସବୁ ଶୃଗାଳେ ନୀଳବର୍ଣ୍ଣ ହାଣ୍ଡିରେ ବୁଡ଼ିବେ । ସେଦିନ ଆଉ ଡେରି ନାହିଁ ଓ ସେଦିନ ଏ ଜାତି ପକ୍ଷରେ ହେବ ଚରମ ଦୁର୍ଦ୍ଦିନ । ଏ ଅବସ୍ଥା ଖାଲି ଆମରି ଭାଷାରେ ସୃଷ୍ଟି ହୋଇ ନାହିଁ, ଅଛେ ବହୁତେ ସବୁ ଭାରତୀୟ ଭାଷା କ୍ଷେତ୍ରରେ ହୋଇଛି । ତେବେ ଅନ୍ୟାନ୍ୟ ଭାଷାରେ ଏହି ରୋଗର ନିରାକରଣ ପାଇଁ ଯଦିଓ ଭରଣା ଶିକ୍ଷାର ବ୍ୟବସ୍ଥା କରାଯାଉଛି, ଆମ ଭାଷାରେ କିଛି ହେଉନାହିଁ । ଇଂଲିଶ୍ ମିଡିଅମ୍ ସ୍କୁଲକୁ ଉଠାଇ ଦେବା ସମ୍ଭବ ନୁହେଁ ବା ପ୍ରାଥମିକ ଶ୍ରେଣୀରୁ ଇଂରାଜୀ ଭାଷାକୁ । ବରଂ ଏଣିକି ବେଶୀ ବେଶୀ ପିଲା ଇଂରାଜୀ ମିଡିଅମ୍ ସ୍କୁଲରେ ପ୍ରବେଶ କରିବେ ଓ ଖଣ୍ଡିଆ

Digitized by PPRACHIN, SOA

ଓଡ଼ିଆ ଶିଖି ବାହାରିବେ । ଏହା ଭାରତୀୟ ଶିକ୍ଷା ବ୍ୟବସ୍ଥାର ଏକ ଅବାଞ୍ଛିତ ପରିଣତି । ଏହାକୁ ଆୟତ୍ତ କରିବାକୁ ହେଲେ ଆମ ଭାଷାକୁ ସଜାଡ଼ିବାକୁ ପଡ଼ିବ । ଆକର୍ଷଣୀୟ,ଉପାଦେୟ ପାଠ୍ୟସାମଗ୍ରୀ ସୃଷ୍ଟି କରିବା ସଂଗେ ସଂଗେ, ବକ୍ତୃତା, ଆଲୋଚନା, ତର୍କସଭା, ଆବୃତ୍ତି, ଗଦ୍ୟଲିଖନ ପରି ସୁଯୋଗମାନ ସୃଷ୍ଟି କରି ପିଲାମାନଙ୍କୁ ସେଥିପ୍ରତି ଆକର୍ଷିତ କରିବାକୁ ପଡ଼ିବ । ଭାଷାଦକ୍ଷତାକୁ ପୁରସ୍କୃତ କରିବାକୁ ପଡ଼ିବ । ପିଲାଏ ଯେପରି ମାତୃଭାଷାରେ ନିଜ ନିଜର ଦକ୍ଷତାକୁ ଦେଖାଇ ପାରିବେ ସେଥିପାଇଁ ପରିବେଶ ସୃଷ୍ଟି କରିବାକୁ ପଡ଼ିବ । ମାତୃଭାଷା ମନୁଷ୍ୟ ଜାତିର ଏକ ସ୍ୱର୍ଣ୍ଣକାତର ଆଚରଣ । ଏହାକୁ ବଞ୍ଚାଇ ରଖିବା ପାଇଁ ଆବେଗପ୍ରବଣତା ଓ ପ୍ରତିଭା ଉଭୟର ପ୍ରୟୋଜନ ଅଛି । ଓଡ଼ିଆ ଭାଷାର ଅପମାନ ସହ୍ୟ କରନ୍ତୁନାହିଁ, ଏକ ଆବେଗପ୍ରବଣ ସ୍ଲୋଗାନ୍ । କିନ୍ତୁ ଗୋଟିଏ ଜାତି ପାଇଁ ଏ ଆବେଗର ଯେପରି ଆବଶ୍ୟକତା ଅଛି, ଏ ଭାଷାକୁ ଅନ୍ୟ ପ୍ରତିଯୋଗୀ ଭାଷାମାନଙ୍କଠାରୁ ଆଗରେ ରଖିବା ପାଇଁ ପ୍ରତିଭାର ବି ଆବଶ୍ୟକତା ଅଛି । ମନୁଷ୍ୟର ଇତିହାସରେ ମାତୃଭାଷା ଯେତେବେଳେ ବିପନ୍ନ ହୋଇଛି, ତାକୁ ରକ୍ଷା କରିବା ପାଇଁ ଲୋକେ ଯୁଦ୍ଧ କରିଛନ୍ତି, ପ୍ରତିବାଦ କରିଛନ୍ତି, କିରାସିନି ଢାଳି ହୋଇ ନିଜକୁ ଅଗ୍ନିରେ ଉତ୍ସର୍ଗ କରିଛନ୍ତି, ରାଜ୍ୟ ଦେଶ ଛାଡ଼ି ହଜାର ହଜାର ମାଇଲ ଅତିକ୍ରମ କରିଛନ୍ତି ଉତ୍ପୀଡ଼ନରୁ ରକ୍ଷା ପାଇବା ପାଇଁ, ତଥାପି ମାତୃଭାଷାକୁ ଛାଡ଼ିନାହାନ୍ତି । ସଂପ୍ରତି ତିବତ୍ତୀୟମାନେ ଏହାର ଏକ ପ୍ରକୃଷ୍ଟ ଉଦାହରଣ । ବାଂଲାଦେଶ ଭାଷା ପାଇଁ ଯୁଦ୍ଧ କରିଥିଲା । ତେଲୁଗୁ ରାଜ୍ୟ ଗଠନ ପାଇଁ ଲୋକେ ନିଜ ଦେହରେ ନିଆଁ ଲଗାଇଲେ । ମାତୃଭାଷା ପାଇଁ ଏସବୁ ଭାବପ୍ରବଣତାର ଦିଗ ଓ ତା'ର ଯଥେଷ୍ଟ ଆବଶ୍ୟକତା ଅଛି ଭାଷାକୁ ବଞ୍ଚାଇ ରଖିବା ପାଇଁ । ମାତୃଭାଷା ଏକ ଗର୍ବର ବିଷୟ, ଏକ ସ୍ୱର୍ଣ୍ଣକାତର ବିଷୟ । ଖାଲି ଯେ ବଡ଼ ଜାତିମାନଙ୍କର ଏ ଗର୍ବ ଅଛି ତା' ନୁହେଁ, କ୍ଷୁଦ୍ରାତିକ୍ଷୁଦ୍ର ବନବାସୀମାନଙ୍କର ବି ତାଙ୍କ ମାତୃଭାଷା ପ୍ରତି ସେହି ପ୍ରୀତି ଅଛି । ଏହା ଗୋଟିଏ ଗୋଷ୍ଠୀକୁ ଆତ୍ମୀୟତା ସୂତ୍ରରେ ବାନ୍ଧିଥାଏ । 'ଆମେ ଓଡ଼ିଆ' କହିଲେ, ନାରୀପୁରୁଷ, ଅଣ୍ଡାବଚ୍ଚା, ବ୍ରାହ୍ମଣ କରଣ, ରାଜା ପ୍ରଜା, ବାବୁ ପିଅନ୍, ସମ୍ବଲପୁରୀ କଟକୀ, ଗଡଜାତିଆ ମୋଗଲବନ୍ଦିଆ, ସମସ୍ତଙ୍କୁ ଯେଉଁ ସୂତ୍ରରେ ବନ୍ଧାଯାଇଥାଏ ସେ ହେଉଛି ଆତ୍ମୀୟତାର ବନ୍ଧନ । ଏ ବାଡ଼ ଘେରାଇବାର ଆବଶ୍ୟକତା ଅଛି । ମହାନୁଭବତା ଏକ ମହତ୍ ଗୁଣ ହୋଇପାରେ କିନ୍ତୁ ତା'ର ଦ୍ୱାହି ଦେଇ ଭାଷାର ସ୍ୱାର୍ଥକୁ ସୁରକ୍ଷିତ କରାଯାଇ ପାରିବ ନାହିଁ । ଭାଷା ପ୍ରତି ଜାତିର ଏ ଆବେଗମୟତା ଏକାନ୍ତ ଜରୁରୀ । ନୂଆ ପିଢ଼ିର ଓଡ଼ିଆମାନଙ୍କଠାରେ ଏହି ଆବେଗମୟତାର ଯଥେଷ୍ଟ ଅଭାବ ଦେଖାଦେଇଛି । ଗାଁ ଦାଣ୍ଡରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟର

Digitized by PPRACHIN, SOA

ଟୋକାଟୋକୀମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ତୁଣ୍ଡରେ ହିନ୍ଦୀ ଗୀତ, ହିନ୍ଦୀ ଡାଇଲଗ୍ । ଆଗେ କହୁଥିଲେ – ଓଡ଼ିଆ ରାଗିଲେ ହିନ୍ଦୀ । ମୋ ଜାଣିବାରେ, ଆମ ସଂସ୍କୃତିର ଏକ ମର୍ମ ଜାଗାରେ ହିନ୍ଦୀ ଚଳୁଥିଲା । ମୁର୍ଦାର କୋକେଇରେ ଗଲା ବେଳେ ମାଲଭାଇମାନେ ହିନ୍ଦୀରେ କହୁଥିଲେ– ରାମନାମ ସତ୍ୟ ହେ, ଅଉର ସବ୍ କୁଛ ଝୁଟ ହୈ । ଏବେ ପ୍ରେମର ଡାଇଲଗ୍‌ଠାରୁ ରାଜନୀତିର ସ୍ଲୋଗାନ ପର୍ଯ୍ୟନ୍ତ – ସେ ଇନ୍ଦିରା ଗାନ୍ଧିକୀ ଜୟ ହେଉ ବା ଦମ୍ ମାରୋ ଦମ୍, ସବୁଠି ହିନ୍ଦୀ ପଶିଛି । ଏପରିକି ଡି.ଏମ୍.ୟୁ. ଗାଡ଼ିର ଅନ୍ଧ ଭିକାରି ଓ ହିଞ୍ଜଡ଼ାମାନେ ହିନ୍ଦୀ ଗୀତ ବୋଲୁଛନ୍ତି । ମେଲୋଡି ପାର୍ଟିରେ ହିନ୍ଦୀ ଗୀତର ଫରମାସ ହେଉଛି । ରାମଚରିତମାନସ ନାଁରେ ହିନ୍ଦୀରେ ପ୍ରବଚନ ହେଉଛି, ବ୍ରହ୍ମକୁମାରୀମାନେ ହିନ୍ଦୀ ଭାଷାରେ ଧର୍ମ ପ୍ରଚାର କରୁଛନ୍ତି । ଏ ସବୁର ବିରୋଧ ମାତୃଭାଷାର ଆବେଗମୟ ଦିଗ ସହିତ ଜଡ଼ିତ ଓ ଏ ଅସହିଷ୍ଣୁତାର ଏକାନ୍ତ ପ୍ରୟୋଜନ ଅଛି ଭାଷା ସୁରକ୍ଷା ପାଇଁ । ସେହିପରି ପ୍ରତିଭାର ବି । ଭାଷାକୁ ନେଇ ଖାଲି ତାତିଗଲେ ହେବନାହିଁ । ଥଣ୍ଡା ଜ୍ଞାନ ଲଗାଇ ଭାଷାକୁ ପୁଷ୍ଟ କରିବାକୁ ହେବ । କେଉଁଠି ଭାଷା ଫାଟିଯାଉଛି କି ଉଜୁଡ଼ିଯାଉଛି, ଝଡ଼ିଯାଉଛି, ତା' ପ୍ରତି ଲକ୍ଷ୍ୟ ରଖି ଉପଯୁକ୍ତ ଭାଷା-ସାମଗ୍ରୀ ପ୍ରସ୍ତୁତ କରିବାକୁ ପଡ଼ିବ । ସରକାରୀ ବା ଉଦ୍ୟୋଗର ସାହେବମାନେ ଓଡ଼ିଆରେ ଚିଠି ଲେଖି ପାରୁନଥିଲେ ତାଙ୍କ ପାଇଁ ମଡେଲ ଚିଠି ପ୍ରସ୍ତୁତ କରିବାକୁ ପଡ଼ିବ । ସେ ସବୁ ପାଇଁ ବିଶେଷ ଜ୍ଞାନର ପ୍ରୟୋଜନ ଅଛି । ସେ ଜ୍ଞାନର ଘୋର ଅଭାବ ଅଛି ଓଡ଼ିଆ ଭାଷା କ୍ଷେତ୍ରରେ ।

୯. ଭାରତରେ ଜାତି ଚିହ୍ନଟ କରାଯାଇଥାଏ ମାତୃଭାଷା ଜରିଆରେ । ଜାତୀୟ ଜନଗଣନାରେ ଆପଣ କେଉଁ ଜାତିର ଲୋକ ପ୍ରଶ୍ନ ପଚରା ନଯାଇ ଲୋକଙ୍କୁ ପଚରା ଯାଇଥାଏ–ଆପଣଙ୍କ ମାତୃଭାଷା କଣ ? ଭାରତରେ ଓଡ଼ିଆଭାଷୀଙ୍କ ସଂଖ୍ୟା ଯଦି ଅଢ଼େଇ କୋଟି, ଓଡ଼ିଆ ଜାତିର ସଂଖ୍ୟା ବି ସେଇ ଅଢ଼େଇ କୋଟି । ଅର୍ଥାତ୍ ମାତୃଭାଷାକୁ ଧରି ଜାତି ଚିହ୍ନଟ କରାଯାଇଥାଏ । ଏହାର କୌଣସି ବିକଳ୍ପ ମାର୍ଗ ନାହିଁ । ଆପଣ ଯଦି ଜାଣିବାକୁ ଚାହାନ୍ତି, କେତେ ଓଡ଼ିଆ, ବଙ୍ଗାଳୀ ବା ତେଲୁଗୁ ଲୋକ ଅଛନ୍ତି ଭାରତରେ, ତା'ହେଲେ ଆପଣଙ୍କୁ ଦେଖିବାକୁ ପଡ଼ିବ, ଓଡ଼ିଆ, ବଙ୍ଗଳା ବା ତେଲୁଗୁ ଭାଷାଭାଷୀଙ୍କ ସଂଖ୍ୟା କେତେ । ସେମାନଙ୍କର ମାତୃଭାଷା ସେମାନଙ୍କ ଜାତିର ଚିହ୍ନଟ । ଭାରତୀୟ ଜନଗଣନା କି ଉପାୟରେ ମାତୃଭାଷାଗୁଡ଼ିକୁ ଚିହ୍ନିତ କରେ ? ଭାରତରେ ପ୍ରତ୍ୟେକ ଅଞ୍ଚଳରେ ବହୁ ଲୋକ ଅଛନ୍ତି, ଯେଉଁମାନେ ଜାଣନ୍ତି ନାହିଁ ତାଙ୍କ ମାତୃଭାଷା ନାଁ କଣ ? ଯେଉଁ ଭାଷାରେ ସେମାନେ କଥା କୁହନ୍ତି ସେ ଭାଷାର ନାଁ କଣ ? ପୁଣି ଭାରତରେ କୋଟି କୋଟି ଲୋକ ଅଛନ୍ତି, ଯେଉଁମାନେ ଏକାଧିକ ଭାଷା ଜାଣନ୍ତି,

Digitized by PPRACHIN, SOA

ପୁଣି ଏପରି ବହୁ ପରିବାର ଅଛନ୍ତି ଯେଉଁଠି ମା' କୁହେ ଗୋଟିଏ ଭାଷା ତ ବାପା କୁହେ ଅନ୍ୟ ଗୋଟିଏ ଭାଷା, ଏବଂ ସେମାନଙ୍କ ସନ୍ତାନମାନେ ପିଲାଦିନରୁ ଦୁଇଟି ଭାଷା ସ୍ୱଚ୍ଛନ୍ଦରେ କହିପାରନ୍ତି । ଏପରି କ୍ଷେତ୍ରରେ କେଉଁ ଭାଷାକୁ ବ୍ୟକ୍ତିର ମାତୃଭାଷା ରୂପେ ମର୍ଯ୍ୟାଦା ଦିଆଯିବ ? ଏ ସବୁ ଯେତେ ସାଧାରଣ ମନେହେଉଥିଲେ ବି ପ୍ରାୟ ନବେ କୋଟି ଲୋକଙ୍କର ମାତୃଭାଷାକୁ ନିର୍ଦ୍ଧାରିତ କରିବା ଏକ କଷ୍ଟସାଧ୍ୟ ବ୍ୟାପାର । ଆମ ଜନସଂଖ୍ୟାର ଏକ ବିରାଟ ଭାଗ ଜାଣନ୍ତିନାହିଁ କି ଭାଷାରେ ସେମାନେ କଥା କୁହନ୍ତି । ପୁଣି ଶିଶୁ ଓ ମୂକ ବଧିରମାନେ ତ ଅଛନ୍ତି, ଯେଉଁମାନଙ୍କ ମାତୃଭାଷା ଠିକ୍ କରିବା ଅସମ୍ଭବ । ଏଇ ସବୁ ଅସୁବିଧାକୁ ଦୂର କରିବା ପାଇଁ ଭାରତୀୟ ଜନଗଣନା ମାତୃଭାଷାର ଏକ ସଂଜ୍ଞା ତିଆରି କରିଛନ୍ତି — ମାତୃଭାଷା ହେଉଛି ବ୍ୟକ୍ତିର ସେଇ ଭାଷା, ଯେଉଁ ଭାଷାରେ ବ୍ୟକ୍ତିର ମା' ତା ସହିତ କଥା କୁହେ । ଏହି ସଂଜ୍ଞାଦ୍ୱାରା ଦେଶରେ କୁହାଯାଉଥିବା ମାତୃଭାଷାଗୁଡ଼ିକର ସଂଖ୍ୟା ସ୍ଥିରୀକୃତ ହୋଇଥାଏ, ଏବଂ ଆପଣ ହୁଏତ ଆଶ୍ଚର୍ଯ୍ୟ ହେବେ ଜାଣି ଯେ, ଗୋଟିଏ ଜନଗଣନାରେ ଯେତେ ମାତୃଭାଷା ନାଁ ଆସିଥାଏ, ସେମାନଙ୍କ ସଂଖ୍ୟା ପ୍ରାୟ ପନ୍ଦର ହଜାରରୁ ବେଶୀ, ଅର୍ଥାତ୍ ଦେଶରେ ପନ୍ଦର ହଜାରରୁ ବେଶୀସଂଖ୍ୟକ ମାତୃଭାଷା କଥିତ ହୋଇଥାଏ । ଏହା ଏକ ଅତ୍ୟନ୍ତ ଅତିରଞ୍ଜିତ ହିସାବ । ଏତେଗୁଡ଼ିଏ ମାତୃଭାଷାର ନାଁ ଆସିବାର ପ୍ରଧାନ କାରଣ ହେଉଛି, ବହୁ ଲୋକ ତାଙ୍କ ଭାଷାର ସଠିକ୍ ନାଁ ଜାଣନ୍ତି ନାହିଁ । ତେଣୁ ଯାହା ତାହା ନାଁ ସେମାନେ ଜନଗଣନାରେ ଲେଖାଇଥାନ୍ତି । ଏବଂ ସେସବୁ ନାଁ'କୁ ବଦଳାଇବାର ଅଧିକାର ଜନଗଣନା କର୍ତ୍ତୃପକ୍ଷଙ୍କର ନାହିଁ । ତେଣୁ ସେ ନାଁ ଗୁଡ଼ିକ ଯଥାରୀତି ସଂଗୃହୀତ ହୋଇଥାଏ । ଧରନ୍ତୁ କୋରାପୁଟର ଓଡ଼ିଆଭାଷୀ ଆଦିବାସୀ ଲୋକେ ନିଜ ମାତୃଭାଷାକୁ 'ଦେଶିଆ' ବୋଲି ଲେଖାନ୍ତି, ସେମାନେ ଜାଣନ୍ତି ନାହିଁ ଦେଶିଆ ପ୍ରକୃତରେ ଓଡ଼ିଆ ଭାଷାର ଏକ ପ୍ରକାର, କିନ୍ତୁ ଯେହେତୁ ସେ ଅଞ୍ଚଳର ଲୋକେ ସେମାନଙ୍କ କଥାକୁ ଦେଶିଆ ବୋଲି କହନ୍ତି, ସେଇ ନାଁରେ ସେମାନେ ଜନଗଣନାରେ ତାଙ୍କ ମାତୃଭାଷାକୁ ଚିହ୍ନଟ କରାନ୍ତି । ଆମେ ଯଦି ଏହିପରି ନାଁ ଗୁଡ଼ିକୁ ଧରି ଭାରତରେ ପନ୍ଦରହଜାରରୁ ଊର୍ଦ୍ଧ୍ୱ ମାତୃଭାଷା ଚିହ୍ନଟ କରୁ, ତାହେଲେ ଏ ଦେଶର ଶିକ୍ଷା, ପ୍ରଚାର ପ୍ରସାର ଓ ଅନ୍ୟାନ୍ୟ ସମ୍ବନ୍ଧୀୟ ବ୍ୟବସ୍ଥାସବୁ ସମ୍ପୂର୍ଣ୍ଣ ବ୍ୟାହତ ହେବ । ଅଠରଟି ସାମ୍ବିଧାନିକ ଭାଷାକୁ ଆମେ ସମ୍ଭାଳିପାରୁ ନାହୁଁ, ପନ୍ଦର ହଜାର ଭାଷାକୁ କି ଭାବେ ସମ୍ଭାଳିବା ? ଲୋକଙ୍କର ଏଇ ଅଜ୍ଞତା ଉପରେ ନିର୍ଭର କରି ଦେଶ ଆଗେଇ ପାରିବ ନାହିଁ । ସେଥିପାଇଁ ଜନଗଣନା ଭାଷାବିଜ୍ଞାନର ସାହାଯ୍ୟ ନେଇ ଏଇ ନାଁ ଗୁଡ଼ିକର ଏକ ବୈଷୟିକ ମୂଲ୍ୟାୟନ କରିଥାନ୍ତି ଓ କେଉଁ ମାତୃଭାଷା ଏକ

Digitized by PPRACHIN, SOA

ସ୍ୱତନ୍ତ୍ର ଭାଷା ଓ କେଉଁ ମାତୃଭାଷା ନୁହେଁ, ତା'ର ତାଲିକା ସ୍ଥିର କରିଥାନ୍ତି । ଏହି କ୍ରମରେ ଜନଗଣନା ପ୍ରାୟ ୧୧୦ରୁ ୧୨୦ଟି ପର୍ଯ୍ୟନ୍ତ ମାତୃଭାଷାକୁ ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ଦେଇଥାନ୍ତି ଓ ଅନ୍ୟାନ୍ୟ ସବୁ ମାତୃଭାଷାଗୁଡ଼ିକୁ ଏହି ୧୧୪ଟି ଭାଷାର ବିଭିନ୍ନ ପ୍ରକାର ଭାବେ ଚିହ୍ନଟ କରିଥାନ୍ତି । ଏହା ଖାମଖିଆଲି ଧାରାରେ କରାଯାଇ ନଥାଏ । ଏହା ପଛରେ ଅଛି ଭାଷାବିଜ୍ଞାନର ବିଶେଷ ପ୍ରଣାଳୀ ।

ତେବେ ନିଜ ମାତୃଭାଷାକୁ ସ୍ୱତନ୍ତ୍ର ନାଁରେ ଚିହ୍ନଟ କରିବା ସର୍ବତ୍ର ଖାଲି ଭାଷାଭାଷୀଙ୍କ ଅଜ୍ଞାନତା ଯୋଗୁ କରା ହୋଇନଥାଏ । କିଛି କିଛି କ୍ଷେତ୍ରରେ ଲୋକେ ଜାଣିଶୁଣି ଏବଂ ବିଶେଷ କାରଣରୁ ନିଜ ଭାଷାକୁ ସ୍ୱତନ୍ତ୍ର ନାଁ ଦେଇଥାନ୍ତି । ଏହିପରି ଗୋଟିଏ ନାଁ ହେଲା ସମ୍ବଲପୁରୀ । ୧୯୭୧ ମସିହା ପର୍ଯ୍ୟନ୍ତ ସମଗ୍ର ପଶ୍ଚିମାଞ୍ଚଳର ଲୋକେ ନିଜ ମାତୃଭାଷାକୁ ଓଡ଼ିଆ ନାମରେ ଚିହ୍ନଟ କରୁଥିଲେ, କିନ୍ତୁ କୋଡ଼ିଏ ବର୍ଷ ହେଲା, ଅର୍ଥାତ୍ ଶେଷ ଦୁଇଟି ଜନଗଣନାରେ, ପ୍ରାୟ ପଚାଶ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ନିଜ ମାତୃଭାଷାକୁ ସମ୍ବଲପୁରୀ ନାଁରେ ଜନଗଣନାରେ ଲେଖାଉଛନ୍ତି । ଏହାର କାରଣ ଅଜ୍ଞାନତା ନୁହେଁ, ବରଂ ଅତିଜ୍ଞାନତା । ଗତ କିଛି ବର୍ଷ ଧରି ଓଡ଼ିଶାର ପଶ୍ଚିମାଞ୍ଚଳରେ ଏକ ସ୍ୱତନ୍ତ୍ର ଭାଷା ଆନ୍ଦୋଳନ ମୁଣ୍ଡ ଟେକିଛି, ଏବଂ କ୍ରମାଗତ ଭାବେ ଗତ ଦୁଇଟି ଜନଗଣନାରେ କିଛି ଲୋକ ନିଜ ମାତୃଭାଷାକୁ ସମ୍ବଲପୁରୀ ନାଁରେ ଚିହ୍ନଟ କରୁଛନ୍ତି, ଏପରିକି ଏହି ସମ୍ବଲପୁରୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦେବା ପାଇଁ ମଧ୍ୟ ଚେଷ୍ଟା ଦେଖାଦେଇଛି । ସମ୍ବଲପୁରୀର ଭାଷାତାତ୍ତ୍ୱିକ ସ୍ୱତନ୍ତ୍ରତା ଦିଗଟିକୁ ଅନୁଧ୍ୟାନ କରି, ବର୍ତ୍ତମାନ ସୁଦ୍ଧା ଏହାକୁ ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ଦିଆଯାଇନାହିଁ ଓ ଏହାକୁ ଓଡ଼ିଆ ଭାଷାର ଅନ୍ତର୍ଗତ କରି ରଖାଯାଇଛି । ଏହାଦ୍ୱାରା, ସମ୍ବଲପୁରୀକୁ ଏପର୍ଯ୍ୟନ୍ତ ଓଡ଼ିଆ ଭାଷାଠାରୁ ପୃଥକ୍ କରାଯାଇ ନଥିଲେ ମଧ୍ୟ, ଏହାର ଭାଷାତାତ୍ତ୍ୱିକ ବିଶେଷତ୍ୱକୁ ଅସ୍ୱୀକାର କରାଯାଇନାହିଁ । ସମ୍ବଲପୁରୀ ଭାଷା ହେଉ କି ଉପଭାଷା ହେଉ, ଏହାର ଯେ ଯଥେଷ୍ଟ ଭାଷାତାତ୍ତ୍ୱିକ ବିଶେଷତ୍ୱ ଅଛି, ତାକୁ ଅସ୍ୱୀକାର କରାଯାଇ ନାହିଁ । ବର୍ତ୍ତମାନ, ସମ୍ବଲପୁରୀ ପାଇଁ ଦୁଇଟି ରାସ୍ତା ଖୋଲା । ଗୋଟିଏ ହେଲା ନିଜର ବିଶେଷତ୍ୱକୁ ବଜାୟ ରଖି ପୂର୍ବପରି ନିଜ ଭାଷାକୁ ଓଡ଼ିଆ ବୋଲି କହିବା । ଅନ୍ୟ ରାସ୍ତାଟି ହେଲା ସମ୍ବଲପୁରୀକୁ ଏକ ସ୍ୱତନ୍ତ୍ର ଭାଷାର ସମ୍ମାନ ଦେବା ପାଇଁ ବିଚ୍ଛିନ୍ନତାବାଦୀ ଆନ୍ଦୋଳନକୁ ତୀବ୍ରତର କରିବା । ଏହି ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ସମସ୍ତ ପଶ୍ଚିମାଞ୍ଚଳର ଲୋକେ ପୂର୍ଣ୍ଣସଂଖ୍ୟାରେ ନିଜ ମାତୃଭାଷାକୁ ଜନଗଣନାରେ ଓଡ଼ିଆ ବୋଲି ନଲେଖାଇ ସମ୍ବଲପୁରୀ ବୋଲି ଲେଖାଇବା ଉଚିତ । ସେଥିପାଇଁ ସାଂଗଠନିକ ଭାବେ ଲୋକଙ୍କୁ

Digitized by PPRACHIN, SOA

ଶିଖାଇବାକୁ ପଡ଼ିବ ଯେ, ସେମାନଙ୍କର ମାତୃଭାଷା ଓଡ଼ିଆ ନୁହେଁ, ସମ୍ବଲପୁରୀ । ସେଥିପାଇଁ ଦରକାର ପଡ଼ିଲେ ସେମାନଙ୍କୁ ଓଡ଼ିଆ ଅକ୍ଷରକୁ ବି ଛାଡ଼ିବାକୁ ପଡ଼ିପାରେ । ବର୍ତ୍ତମାନ ସୁଦ୍ଧା ସମ୍ବଲପୁରୀର ପ୍ରବକ୍ତାମାନେ ଓଡ଼ିଆ ଅକ୍ଷର ବିରୁଦ୍ଧରେ ଅଭିଯାନ ଚଳାଇନାହାନ୍ତି । ସମ୍ବଲପୁରୀକୁ ଲେଖିବା ପାଇଁ ଓଡ଼ିଆ ଅକ୍ଷର ଯଥେଷ୍ଟ, ବରଂ ଓଡ଼ିଆଠାରୁ କମ୍ ଅକ୍ଷରରେ ସମ୍ବଲପୁରୀର କାମ ଚଳିଯାଉଛି । କାମ ଚଳାଇବା କଥା ହୋଇଥିଲେ, ଆଦିବାସୀ ସାନ୍ତାଳି ଭାଷା ବି ଓଡ଼ିଆ ଅକ୍ଷରରେ କାମ ଚଳାଇ ପାରିଥାନ୍ତା କିନ୍ତୁ ସେମାନେ ବଦ୍ଧପରିକର ହୋଇ ସାନ୍ତାଳି ପାଇଁ ନୂତନ ଅକ୍ଷରଟିଏ ସୃଷ୍ଟି କଲେ । ଗୋଟିଏ ଭାଷା ପାଇଁ ନୂଆ ଅକ୍ଷରମାଳାଟିଏ ଉଦ୍‌ଭାବନ କରିବା ସେପରି କିଛି କଷ୍ଟ କାମ ନୁହେଁ । ଯେକୌଣସି ଜଣେ ଭାଷାବିଜ୍ଞାନୀ ପନ୍ଦରଟା ଦିନ ଅଧ୍ୟୟନରେ ଯେକୌଣସି ଭାଷା ପାଇଁ ଅକ୍ଷରମାଳାଟିଏ ତିଆରି କରିଦେଇ ପାରିବେ । କିନ୍ତୁ ଖାଲି ଅକ୍ଷରମାଳାଟିଏ ଉଦ୍‌ଭାବନା କରିଦେଲେ ହେବନାହିଁ । ସେ ଅକ୍ଷରମାଳାକୁ ଗୋଟିଏ ଅଞ୍ଚଳରେ ବିଭିନ୍ନ ପରିସରରେ ଚଳାଇବାକୁ ପଡ଼ିବ – ବର୍ଣ୍ଣବୋଧଠାରୁ ଆରମ୍ଭ କରି ଦୋକାନ ସାଇନ୍‌ବୋର୍ଡ ପର୍ଯ୍ୟନ୍ତ । ଏକଦା ମଣିପୁରୀ ଭାଷା ବି ବଙ୍ଗଳା ଅକ୍ଷରରେ ଲିଖିତ ହେଉଥିଲା, କିନ୍ତୁ ଏବେ ମଣିପୁରୀ ଲୋକେ ଏକ ନୂତନ ଲିପି ଉଦ୍‌ଭାବନ କରି ତାଙ୍କ ଭାଷାକୁ ନୂଆ ଅକ୍ଷରରେ ଲେଖୁଛନ୍ତି । ଏ ନୂଆଲିପିକୁ ମଣିପୁରୀ ଭାଷା ପାଇଁ ସର୍ବତ୍ର ବ୍ୟବହାର କରିବାକୁ ଆନ୍ଦୋଳନ ଗଢ଼ି ଉଠିଛି । ସାଧାରଣରେ ବିଶ୍ୱାସ ଯେ, ଯେଉଁ ଭାଷାର ଅକ୍ଷର ନାହିଁ ତାହା ଗୋଟିଏ ଡାଇଲେକ୍ଟ । ସେହିପରି ଯେଉଁ ଭାଷାର ଅକ୍ଷର ଅଛି ତାହା ଗୋଟିଏ ଭାଷା । ଏ ଧାରଣାର କୌଣସି ବୈଜ୍ଞାନିକ ସତ୍ୟତା ନାହିଁ, ତଥାପି ସାଧାରଣ ଲୋକେ ଏହା ବିଶ୍ୱାସ କରନ୍ତି । ତେଣୁ ଭାଷା ପାଇଁ ଗୋଟିଏ ସ୍ୱତନ୍ତ୍ର ଲିପିର ଯଥେଷ୍ଟ ମୂଲ୍ୟ ଅଛି, ବାସ୍ତବତା ଦୃଷ୍ଟିରୁ ଯେତେଟା ନୁହେଁ, ମାନସିକ ଦୃଷ୍ଟିରୁ ଯଥେଷ୍ଟ ବେଶୀ । ଅସମୀୟା ବା ମରାଠୀ ଭାଷାର ସ୍ୱତନ୍ତ୍ର ଅକ୍ଷର ନାହିଁ । କିନ୍ତୁ ଏଗୁଡ଼ିକ ପ୍ରତିଷ୍ଠିତ ଭାଷା । ଚିହ୍ନା ବାହ୍ମଣର ପଇତା ଦେଖାଇବାର ଯେପରି ଆବଶ୍ୟକତା ନଥାଏ ସେହିପରି ଗୋଟିଏ ପ୍ରତିଷ୍ଠିତ ଭାଷାର ସ୍ୱତନ୍ତ୍ର ଅକ୍ଷର ଅଛି କି ନାହିଁ କେହି ପଚାରିବାକୁ ଯାଆନ୍ତିନି । କିନ୍ତୁ ସମ୍ବଲପୁରୀ ଏପର୍ଯ୍ୟନ୍ତ ବି ଗୋଟିଏ ଉପଭାଷା । ପ୍ରତି କ୍ଷେତ୍ରରେ ସ୍ୱତନ୍ତ୍ରତାକୁ ଜାହିର କରିବା ପାଇଁ ଏହା ନିଜର ନାମ ବଦଳାଇବାଠାରୁ ଆରମ୍ଭ କରି ନୂଆ ଅକ୍ଷର ଚଳାଇବା ପର୍ଯ୍ୟନ୍ତ, ତା' ପାଇଁ ଦରକାର ପଡ଼ିପାରେ । ଏଗୁଡ଼ିକ ଗୋଟିଏ ଭାଷାର ଦୃଶ୍ୟମାନ ବିଭବ । ସମ୍ବଲପୁରୀର ସେହି ବିଭବ ସୃଷ୍ଟି ନହେବା ପର୍ଯ୍ୟନ୍ତ ଏହା ଓଡ଼ିଆଠାରୁ ଅଲଗା ହୋଇପାରିବ ନାହିଁ ବା ଭାଷାର ମାନ୍ୟତା ପାଇବ ନାହିଁ । ହରି ମଲ୍ଲିକର ପୁଅ

Digitized by PPRACHIN, SOA

ଯେତେବେଳେ ହିନ୍ଦୁଧର୍ମ ଛାଡ଼ି ମୁସଲମାନ ହୋଇଗଲା, ନାଁ ବଦଳାଇ ସେ ହେଲା ରାମରୁ ରହମାନ୍ । କଛା ନମାରି ଲୁଙ୍ଗି ପିନ୍ଧିଲା । ଗୋଟିଏ ନୂଆ ଭାଷା ଜନ୍ମ ହେବାକୁ ହେଲେ, ଆଗ ତା'ର ଦୃଶ୍ୟମାନ ବିଭବଗୁଡ଼ିକୁ ବଦଳାଇବାକୁ ପଡ଼ିବ ଯାହା ଲୋକଙ୍କ ମନରେ ପତିଆରା ସୃଷ୍ଟି କରିବ । ଦେଖିବାକୁ ଗଲେ ପ୍ରକୃତରେ ଓଡ଼ିଆ ଓ ସମ୍ବଲପୁରୀ ଭିତରେ ସେପରି କିଛି ଭାଷାଗତ ପାର୍ଥକ୍ୟ ନାହିଁ ଯାହା ବଳରେ ସମ୍ବଲପୁରୀ ନିଜ ଗୋଡ଼ରେ ଠିଆ ହୋଇ ପାରିବ । ତେଣୁ ତା'କୁ ଓଡ଼ିଆଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ପ୍ରମାଣ କରିବା ପାଇଁ ମିଛ ପାର୍ଥକ୍ୟଗୁଡ଼ିଏ ସୃଷ୍ଟି କରିବାକୁ ପଡ଼ିବ । ସେଇ ମିଛ ପାର୍ଥକ୍ୟର ଦୁଇଟି ପ୍ରାଥମିକ ଦିଗ ହେବ ଭାଷାର ଭିନ୍ନ ନାଁ ଓ ଭାଷାର ଭିନ୍ନ ଅକ୍ଷର ।

୧୦. ଭାଷାରେ ଆଞ୍ଚଳିକତା ସୃଷ୍ଟି ହେବା ଏକ ସ୍ୱାଭାବିକ ପ୍ରକ୍ରିୟା, ଯାହା କ୍ରମଶଃ ଗୋଟିଏ ଉପଭାଷାରେ ପରିଣତ ହୋଇଥାଏ ଓ ଆହୁରି ପରେ ସେ ଉପଭାଷା ଗୋଟିଏ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଭାଷାରେ ପରିଣତ ହେବା କିଛି ବିଚିତ୍ର ନୁହେଁ । ଯେତେବେଳେ ଆଦିଭାଷା ଓ ଉପଭାଷା ଭିତରେ ଦୂରତ୍ୱ ଏତେ ବଢ଼ିଯାଏ ଯେ କେହି କାହାରି କଥା ବୁଝିପାରନ୍ତି ନାହିଁ, ସେତେବେଳେ ସେ ଉପଭାଷାଠାରେ ଭାଷାର ଲକ୍ଷଣ ଦେଖାଦେଇଛି ବୋଲି ବୁଝିବାକୁ ହେବ । ଏପରି ଘଟିବାର କାରଣ ହେଲା, ଉପଭାଷାର ବ୍ୟାକରଣରେ ଏତେ ପରିମାଣରେ ପରିବର୍ତ୍ତନ ଆସିଛି ଯେ, ଏହା ଆଦିଭାଷାର ବ୍ୟାକରଣର ଆଉ ଅଧୀନ ହୋଇ ନାହିଁ । ତା' ଛଡ଼ା ଶବ୍ଦରେ ପରିବର୍ତ୍ତନ, ଅର୍ଥରେ ପରିବର୍ତ୍ତନ ଓ ଉଚ୍ଚାରଣରେ ପରିବର୍ତ୍ତନ, ଏ ସବୁ ମିଶି ଉପଭାଷାକୁ ଆଦିଭାଷାଠାରୁ ଅଲଗା କରି ଦେଇଛନ୍ତି । ଏ ସବୁର ମୂଳରେ ଅଛି ପାର୍ଥକ୍ୟ ସୃଷ୍ଟି । ମୁଁ ଚାଉଳିଆ କିଣୁଛି, କହିଲେ—ଆପଣ ପୁରୀର ଲୋକ ହୋଇନଥିଲେ ବୁଝିପାରିବେ ନାହିଁ ମୁଁ କଣ କିଣୁଛି । କାରଣ ଆପଣ ଜାଣିନଥିବେ ଯେ ପୁରୀରେ ପିଜୁଳିକୁ ଚାଉଳିଆ ବୋଲି କହନ୍ତି । ଅର୍ଥ ଓ ଧ୍ୱନି କ୍ଷେତ୍ରରେ ବି ସେୟା । ତେବେ ଏ ପ୍ରକାରର ପାର୍ଥକ୍ୟ ସେପରି ଗୁରୁତ୍ୱପୂର୍ଣ୍ଣ ନୁହେଁ ଓ ସବୁ ଭାଷା କ୍ଷେତ୍ରରେ ଏ ଆଞ୍ଚଳିକତା ଦେଖାଯାଇଥାଏ । କିନ୍ତୁ ଯେତେବେଳେ ଦୁଇଟି ଭାଷା-ପ୍ରକାର ଭିତରେ ବ୍ୟାକରଣଗତ ପାର୍ଥକ୍ୟ ଦେଖାଦିଏ, ତାହାକୁ ଯଥେଷ୍ଟ ଗୁରୁତ୍ୱ ଦେବାକୁ ପଡ଼ିବ ।

ଗୋଟିଏ ଭାଷାରେ ବିଭିନ୍ନ ପାର୍ଥକ୍ୟ ବା ଆଞ୍ଚଳିକତା ଦେଖା ଦେବାର ପ୍ରଧାନ କାରଣ ହେଉଛି ଆଦିଭାଷାର ପ୍ରସାର ସବୁ ଅଞ୍ଚଳରେ ସମାନ ଭାବେ ହେଉନାହିଁ, ଅର୍ଥାତ୍ କେତେଗୁଡ଼ିଏ ଅଞ୍ଚଳ ଆଦିଭାଷାର ପ୍ରଭାବର ବାହାରକୁ ଚାଲିଯାଉଛନ୍ତି । ଆଦିଭାଷାରେ ଯେଉଁ

Digitized by PPRACHIN, SOA

ପରିବର୍ତ୍ତନ ଆସୁଛି ତାହା ସବୁଠାରେ ପହଞ୍ଚୁନାହିଁ, ତେଣୁ ସବୁ ଅଞ୍ଚଳରେ ସେ ପରିବର୍ତ୍ତନଗୁଡ଼ିକୁ ଲୋକମାନେ ସମାନ ଭାବେ ଶିଖୁନାହାନ୍ତି । ଫଳରେ ଆଦିଭାଷା ବଦଳି ଚାଲିଥିବା ବେଳେ ଅଞ୍ଚଳଗୁଡ଼ିକ ତା'ର ଟେର୍ ପାଉନାହାନ୍ତି ବା ନିଜେ ଇଚ୍ଛାମତ ବଦଳୁଛନ୍ତି । ଅଞ୍ଚଳଗୁଡ଼ିକରେ ସ୍ୱାଧୀନ ଭାବେ ଯେଉଁ ପରିବର୍ତ୍ତନ ଘଟୁଛି, ସେଗୁଡ଼ିକୁ ଆଦିଭାଷା ସଂଶୋଧନ କରିପାରୁନାହିଁ କି ରୋକିପାରୁନାହିଁ । ବର୍ଷା ଯଦି ସମାନ ଭାବେ ସବୁଠି ନପଡ଼େ କେଉଁଠି ମରୁଡ଼ି ହୁଏ ତ କେଉଁଠି ଅତିବୃଷ୍ଟି । ସେହିପରି ଆଦିଭାଷାର ପ୍ରଭାବ ସମାନ ଭାବେ ଯଦି ନପଡ଼େ କେଉଁଠି ପୁରାତନ ଶବ୍ଦ ରହିଯାଆନ୍ତି ତ କେଉଁଠି ନୂତନ ଶବ୍ଦ ପଶିଯାଆନ୍ତି । ସେଥିପାଇଁ ଭାଷାର ଗୋଟିଏ ପ୍ରଧାନ ଲକ୍ଷ୍ୟ ହେବା ଉଚିତ ଭାଷାର ଷ୍ଟାଣ୍ଡାର୍ଡ ବ୍ୟବହାର ଯେପରି ସମାନ ଭାବେ ସବୁଠି ପହଞ୍ଚେ । ଷ୍ଟାଣ୍ଡାର୍ଡ ଭାଷା ଭାଷାର ମାନ ସ୍ଥିରକରେ । କେଉଁଟା ଶୁଦ୍ଧ ଓଡ଼ିଆ, ତା'ର ବୈଶିଷ୍ଟ୍ୟ ଠିକ୍ କରେ । ଶୁଦ୍ଧ ଓଡ଼ିଆ ଅର୍ଥ ନୁହେଁ ଯେ ଏଥିରେ ଅନ୍ୟ କୌଣସି ଭାଷାର ଶବ୍ଦ ବା କଥା ମିଶିନାହିଁ । ଶୁଦ୍ଧ ଓଡ଼ିଆ ହେଉଛି ସେହି ଓଡ଼ିଆ ଯାହାର ମାନ୍ୟତାକୁ ଅନ୍ୟ ସମସ୍ତ ଭାଷାଭାଷୀ ସ୍ୱୀକାର କରନ୍ତି । ଓଡ଼ିଆ ଭାଷାର ସେପରି ଶୁଦ୍ଧ ରୂପଟିଏ ଅଛି କି ? ଯଦି ଥାଏ, ତାହେଲେ କେଉଁ ଲୋକେ ସେ ଓଡ଼ିଆ କହନ୍ତି ? ଏକଦା ଫକୀରମୋହନ ଉପହାସ କରିଥିଲେ ସେ ସମୟର ତଥାକଥିତ ଶୁଦ୍ଧ ଓଡ଼ିଆର । ଆମେ ଏବେ ବି ଦେଖିବାକୁ ପାଉଛୁ ଯେ ସେ ପରମ୍ପରା ଓଡ଼ିଆରୁ ଆହୁରି ଯାଇନାହିଁ । ଶହେଟଙ୍କିଆ ନୋଟରେ ଓଡ଼ିଆରେ ମୂଲ୍ୟ ଲେଖାହୋଇଛି ଏକଶତ ଟଙ୍କା । ଶୁଦ୍ଧ ଓଡ଼ିଆରେ ଏହା ଏକଶତ ଟଙ୍କା ନା ଶହେ ଟଙ୍କା ହେବ ? ଶହେ ଟଙ୍କା ଲେଖିଥିଲେ ଭାଷାଟା କି ଅଶୁଦ୍ଧ ହୋଇଯାଇଥାନ୍ତା ? ଆମେ କି କହୁଛେ, ମତେ ଏକଶତ ଟଙ୍କିଆ ନୋଟ ଖଣ୍ଡିଏ ଦିଅ ? ଶୁଦ୍ଧ ଓଡ଼ିଆର ଅର୍ଥ ନୁହେଁ ସଂସ୍କୃତ ଓଡ଼ିଆ । ଶୁଦ୍ଧ ଓଡ଼ିଆ ହେଉଛି ସେହି ଓଡ଼ିଆ ଯାହା ଅଞ୍ଚଳ, ଜାତି ନିର୍ବିଶେଷରେ ଶିଷ୍ଟ ଶିକ୍ଷିତ ବର୍ଗର ଓଡ଼ିଆ ଲୋକେ ସହଜ ସ୍ୱାଭାବିକ ଭାବେ ଦୈନନ୍ଦିନ ଜୀବନରେ ବ୍ୟବହାର କରିଥାନ୍ତି । ସୁଖର କଥା ଏବେ ସ୍କୁଲର ଛାତ୍ରଛାତ୍ରୀଙ୍କ ଭିତରେ ଶୁଦ୍ଧ ଓଡ଼ିଆ ପ୍ରତିଯୋଗିତା ପାଇଁ କେତେକ ଚେଷ୍ଟା ହେଉଛି । କିନ୍ତୁ ଯେଉଁମାନେ ଏ ଶୁଦ୍ଧତାକୁ ପରୀକ୍ଷା କରିବେ ସେମାନେ ନିଜେ ଯେମିତି ଶୁଦ୍ଧ ଓଡ଼ିଆ କଣ ସେ ବିଷୟରେ ନିଶ୍ଚିତ ହୋଇଥିବେ । କାରଣ ଆମ ଲୋକଙ୍କର, ବେଶୀ କରି ସ୍କୁଲ ଓ କଲେଜର ପଣ୍ଡିତମାନଙ୍କର ଓଡ଼ିଆ ଭାଷାର ଶୁଦ୍ଧତା ବିଷୟରେ ବିଚିତ୍ର ବିଚିତ୍ର ଧାରଣା ସବୁ ଅଛି । ସେ ଧାରଣା ଯେ ସବୁବେଳେ ଠିକ୍ ଓ ଯଥାର୍ଥ ଏପରି ବି ନୁହେଁ । ଏହା ଭାଷାର ପ୍ରଗତି କ୍ଷେତ୍ରରେ ସହାୟକ ବି ନହୋଇପାରେ । ଏପରି ଅବସ୍ଥାରେ ଛାତ୍ରଛାତ୍ରୀଙ୍କୁ ଭୁଲ ପଥରେ ବାଟ

Digitized by PPRACHIN, SOA

କଢ଼ାଇ ନିଆ ଯିବା ପୂର୍ବରୁ ଓ ଏକ ଭୁଲ ଆଦର୍ଶକୁ ସୃଷ୍ଟି କରିବା ପୂର୍ବରୁ, ପ୍ରଥମେ ଶୁଦ୍ଧ ଓଡ଼ିଆର ସ୍ୱରୂପ ନିଶ୍ଚିତ ହେଉ । ତା' ନହେଲେ ଶୁଦ୍ଧ ଓଡ଼ିଆ ପ୍ରତିଯୋଗିତାର ଉଦ୍ୟୋକ୍ତାମାନେ ସମସ୍ତ ସୁଉଦ୍ଦେଶ୍ୟ ସତ୍ତ୍ୱେ ସମ୍ପୂର୍ଣ୍ଣ ଭାବେ ଦିଗଭ୍ରଷ୍ଟ ହୋଇପାରନ୍ତି ଓ ଭୁଲ ଶୁଦ୍ଧ ଓଡ଼ିଆ ପ୍ରସାରର ନିମିତ୍ତ ହୋଇପାରନ୍ତି ।

ଶୁଦ୍ଧ ଓଡ଼ିଆ ବିଷୟରେ ଆମ ପଣ୍ଡିତମାନଙ୍କର ନାନା ଭ୍ରାନ୍ତଧାରଣା ରହିଛି ଏବଂ ଏହି ପଣ୍ଡିତମାନଙ୍କୁ ହିଁ ଓଡ଼ିଆ ଭାଷାର ପ୍ରଧାନ ବିଚାରକ ଭାବେ ବରଣ କରାଯାଇଥାଏ । ଯାହା ଫଳରେ ଏମାନେ ନାନାପ୍ରକାରର ଭ୍ରାନ୍ତ ଧାରଣାକୁ ଲୋକଙ୍କ ଉପରେ ଲଦି ଦେବାକୁ ଚେଷ୍ଟା କରିଥାନ୍ତି । ଏହିପରି ଗୋଟିଏ ଧାରଣା ହେଲା ଯେ ଶୁଦ୍ଧ ଓଡ଼ିଆରେ ହଳନ୍ତର ବ୍ୟବହାର ନାହିଁ । ଏପରିକି ଜଣେ ବିଶିଷ୍ଟ ଓଡ଼ିଆ ଅଧ୍ୟାପକ ଥରେ ବାହାସ୍ଫୋଟ ମାରି କହୁଥିଲେ ଯେ, ଶୁଦ୍ଧ ଓଡ଼ିଆରେ 'ଭୁଲ୍' ହେବ ଭୁଲ ଓ 'ଠିକ୍' ହେବ ଠିକ । ଯେଉଁମାନେ ହଳନ୍ତ ଦେଇ ଏ ଶବ୍ଦଗୁଡ଼ିକୁ କହିଥାନ୍ତି ବା ଲେଖିଥାନ୍ତି ସେମାନେ ଅଶୁଦ୍ଧ ଓଡ଼ିଆକୁ ପ୍ରଶ୍ରୟ ଦେଇଥାନ୍ତି । କିନ୍ତୁ ଏହାପଛରେ କୌଣସି ଯୌକ୍ତିକତା ନାହିଁ । ଏହା ଏକ ଅନ୍ଧବିଶ୍ୱାସ । ଆମେ ଯଦି ସାଧାରଣ ଶିକ୍ଷିତ ଓଡ଼ିଆମାନଙ୍କର ଉଚ୍ଚାରଣ ପଦ୍ଧତିକୁ ଅନୁଧ୍ୟାନ କରୁ, ଦେଖିବାକୁ ମିଳେ ଯେ ସେମାନଙ୍କ ଭାଷାରେ ଅଜସ୍ର ଶବ୍ଦ ବର୍ତ୍ତମାନ ହଳନ୍ତଯୁକ୍ତ ହୋଇ ବ୍ୟବହୃତ ହୋଇଥାଏ । ବରଂ ସେ ସବୁ ଶବ୍ଦକୁ ହଳନ୍ତ ଦେଇ ଉଚ୍ଚାରଣ ନକରିବା ହାସ୍ୟକର ଓ ଅଶିଷ୍ଟ । ଏ ବାକ୍ୟଟିକୁ ଦେଖାଯାଉ– ବିପିନ୍ କମ୍ ଦାମ୍‌ରେ ଦୋକାନ୍‌ରୁ ସାବୁନ୍ କିଣିଲା । ଏହି ବାକ୍ୟଟିର ଉଚ୍ଚାରଣରେ ବିପିନ୍, କମ୍, ଦାମ୍, ଦୋକାନ୍, ସାବୁନ୍ ପରି ଶବ୍ଦଗୁଡ଼ିକରେ ହଳନ୍ତ ଲାଗିଥାଏ । ଲେଖାରେ ବି କମ୍, ଦାମ୍, ସାବୁନ୍‌କୁ ହଳନ୍ତ ଦେଇ ଲେଖିବାର ଅନେକ ଶିକ୍ଷିତ ଓଡ଼ିଆ ପକ୍ଷପାତୀ । ତେବେ କାହିଁକି ଆମେ କହିବା ଯେ ହଳନ୍ତ ଦେବା ଓଡ଼ିଆରେ ଅଶୁଦ୍ଧ ବା ଓଡ଼ିଆର ଷ୍ଟାଣ୍ଡାର୍ଡ ଉଚ୍ଚାରଣ ନୁହେଁ । ଗୋଟିଏ ଭାଷା କ୍ଷେତ୍ରରେ କେଉଁ ପ୍ରକାରର ଲୋକଙ୍କର ଭାଷାକୁ ଆଦର୍ଶ ବୋଲି ଧରାଯିବ ? ସେ ବ୍ୟକ୍ତିମାନେ ସ୍କୁଲ କଲେଜରେ ସଂସ୍କୃତ ପଢ଼ାଉଥିବା ବ୍ୟକ୍ତି ନା ଆମ ସମାଜର ପ୍ରତିଷ୍ଠିତ ଉଚ୍ଚଶିକ୍ଷିତ ଜଜ୍, ବାରିଷ୍ଟର, ପ୍ରଫେସର, ସାହିତ୍ୟିକ ଓ ସାଧାରଣ ମଧ୍ୟମ ବର୍ଗର ଲୋକେ ? ଶୁଦ୍ଧ ଓଡ଼ିଆର ମାନ୍ୟତା ସେହି ଭାଷାକୁ ଦିଆଯିବ, ଯାହା ପ୍ରକୃତରେ ସାଧାରଣ ଲୋକଙ୍କ ଦ୍ୱାରା ବ୍ୟବହୃତ ଓ ରେଡିଓ, ଟେଲିଭିଜନ୍, ସମ୍ବାଦପତ୍ର ଆଦି ମାଧ୍ୟମଗୁଡ଼ିକରେ ସ୍ୱୀକୃତ । କିନ୍ତୁ ବେଳେ ବେଳେ ଏ ଗଣମାଧ୍ୟମଗୁଡ଼ିକର ଭାଷା ବି ଭ୍ରାନ୍ତ ପଥରେ ଯାଇଥାନ୍ତି । ବହୁଦିନ ପର୍ଯ୍ୟନ୍ତ ରେଡିଓରେ 'ଯାଉଅଛନ୍ତି, ଖାଉଅଛନ୍ତି' କୁହା

Digitized by PPRACHIN, SOA

ହେଉଥିଲା, ଯଦିଓ ଶୁଦ୍ଧ ଓଡ଼ିଆରେ 'ଯାଉଛନ୍ତି, ଖାଉଛନ୍ତି, ବହୁଦିନରୁ ପ୍ରତିଷ୍ଠିତ । ପ୍ରସାର ମାଧ୍ୟମଗୁଡ଼ିକର ଏକ ବିଶେଷ ଦାୟିତ୍ୱ ରହିଛି ଶୁଦ୍ଧ ଓଡ଼ିଆର ପ୍ରସାରରେ; ତା' ଅର୍ଥ ନୁହେଁ ଯେ ସେମାନେ ଯାହା ଇଚ୍ଛା ତାହା କହିବେ ବା ଅନ୍ଧଧାରଣାର ବଶବର୍ତ୍ତୀ ହୋଇ ନିଜେ ଗୋଟିଏ ଆଦର୍ଶ ସୃଷ୍ଟି କରିବେ । ଭାଷାର ଆଦର୍ଶ ସୃଷ୍ଟି କରିବା କୌଣସି ବ୍ୟକ୍ତିବିଶେଷଙ୍କର ବା କୌଣସି ଏକ ନିର୍ଦ୍ଦିଷ୍ଟ ଅନୁଷ୍ଠାନର କାମ ନୁହେଁ । ପ୍ରଥମେ ଆମକୁ ଅନୁଧ୍ୟାନ କରିବାକୁ ପଡ଼ିବ – ଶିକ୍ଷିତ ଲୋକେ କେଉଁ ଭାଷାରେ କହୁଛନ୍ତି । ସ୍କୁଲ କଲେଜର ପାଠ୍ୟବହି, ସମ୍ବାଦପତ୍ର, ଉଚ୍ଚାଙ୍ଗ ଗଦ୍ୟ ସାହିତ୍ୟ କେଉଁ ଭାଷା ବ୍ୟବହାର କରୁଛନ୍ତି । ଓଡ଼ିଆ ଭାଷାବିଜ୍ଞାନୀମାନେ କେଉଁ ଭାଷାର ଶୁଦ୍ଧତାକୁ ମାନ୍ୟତା ଦେଉଛନ୍ତି । ଏବେ ସେମିତି ମହା ଯୁକ୍ତିତର୍କ ସୃଷ୍ଟି ହେଲା ଓଡ଼ିଆରେ ସାର୍ବଜନୀନ ଠିକ୍ ନା ସର୍ବଜନୀନ ଠିକ୍ । ସମସ୍ତେ ଯେତେବେଳେ କହୁଛନ୍ତି ସାର୍ବଜନୀନ, ଏହା ସର୍ବଜନୀନ ହେବ କାହିଁକି ? ସେଥିପାଇଁ ସଂସ୍କୃତ ଭାଷାର ବ୍ୟାକରଣକୁ ଲୋଡ଼ାଯିବ କାହିଁକି ? ଏ ସବୁ ହଟ୍ଟଗୋଳ ମାଙ୍କଡ଼ ହାତରେ ଶାଳଗ୍ରାମ ପରି । ସେହିପରି ଓଡ଼ିଆ ସାଧୁଭାଷାରେ 'ଉତ୍ସାହ' ର ଉଚ୍ଚାରଣ ଉତ୍‌ସାହ ହେବା ନା ଉସ୍‌ଛାହ ହେବ । ବ୍ୟାକରଣରେ ଆମେ ଯାଉଛେ ହେବ ନା ଆମେ ଯାଉଛନ୍ତି ହେବ । ଏ ସବୁ ବିକଳ୍ପ ଉଚ୍ଚାରଣ, ବ୍ୟାକରଣ ଆଦିରୁ କେଉଁଟି ଷ୍ଟାଣ୍ଡାର୍ଡ, ସେ ବିଷୟରେ ଏକ ଦୃଢ଼ ପରମ୍ପରା ସୃଷ୍ଟି କରିବାକୁ ହେବ । ତାହାହିଁ ହେବ ଶୁଦ୍ଧ ଓଡ଼ିଆ । ସେ ଭାଷାକୁ ସବୁ ଅଞ୍ଚଳ, ସବୁ ବ୍ୟକ୍ତି ଶୁଦ୍ଧ ଭାଷାର ମାନ୍ୟତା ଦେବେ । ନିଜ ନିଜ କଥାରେ ଥିବା ଆଞ୍ଚଳିକତାକୁ ଶୁଦ୍ଧ ଭାଷାର ପରିପ୍ରେକ୍ଷୀରେ ସଂଶୋଧନ କରିବେ । ସମସ୍ତ ଓଡ଼ିଆ ଅଞ୍ଚଳରେ ସମସ୍ତ ଓଡ଼ିଆଭାଷୀଙ୍କଠାରୁ ଏହି ମାନ୍ୟତା ନମିଳିଲେ ଆଦର୍ଶ ଓଡ଼ିଆ ବା ଶୁଦ୍ଧ ଓଡ଼ିଆ ବୋଲି କିଛି ରହିବନାହିଁ । ପ୍ରତ୍ୟେକ ଅଞ୍ଚଳର ଲୋକେ ନିଜ ନିଜର ଆଞ୍ଚଳିକ ଭାଷା କହିବେ, ଲେଖିବେ । ଅନ୍ୟ କଥାରେ ଯେ ଯାହା ହାତରେ ଚଉଦ ପା' । ଏପରି ହେଲେ ଓଡ଼ିଆ ଭାଷା ଖଣ୍ଡ ଖଣ୍ଡ ହୋଇଯିବ ଓ ଓଡ଼ିଆ ଭାଷା ବୋଲି କିଛି ରହିବନାହିଁ ।

ଓଡ଼ିଆ ଭାଷାର ଆଦର୍ଶ ଭାଷାଭାଷୀ ଗୋଷ୍ଠୀ ଯେଉଁମାନେ, ଏପରି ନୁହେଁ । ଅଞ୍ଚଳ, ଶିକ୍ଷା ଓ ବର୍ଣ୍ଣ ନିର୍ବିଶେଷରେ ବହୁ ଓଡ଼ିଆ ଅଛନ୍ତି, ଯେଉଁମାନଙ୍କ ଓଡ଼ିଆକୁ ଆଦର୍ଶ କୁହାଯାଇପାରେ । ସେ ସତ୍ୟନାରାୟଣ ରାଜଗୁରୁ ହଅନ୍ତୁ କି ଶ୍ରଦ୍ଧାକର ସୂପକାର ହୁଅନ୍ତୁ, ସେମାନଙ୍କର ଆଞ୍ଚଳିକତା ସତ୍ତ୍ୱେ, ସେମାନେ ଷ୍ଟାଣ୍ଡାର୍ଡ ଓଡ଼ିଆକୁ ଔପଚାରିକ କ୍ଷେତ୍ରରେ ବ୍ୟବହାର କରି ଷ୍ଟାଣ୍ଡାର୍ଡ ଓଡ଼ିଆର ସାର୍ବଭୌମତାକୁ ସ୍ୱୀକୃତି ଦେଇଛନ୍ତି । ଏହିପରି ବ୍ୟକ୍ତି ମାନେ ହେଉଛନ୍ତି ଶୁଦ୍ଧ ଓଡ଼ିଆର ପ୍ରକୃତ ବିଚାରକ । ଷ୍ଟାଣ୍ଡାର୍ଡ ଓଡ଼ିଆ କେବଳ ପୁରୀ କଟକର

Digitized by PPRACHIN, SOA

ଭାଷା ନୁହେଁ । ପୁରୀ କଟକ ଭାଷାରେ ବି ଯଥେଷ୍ଟ ଆଞ୍ଚଳିକତା ଅଛି, ଯେପରି ପୁରୀରେ ଦିଶିବାକୁ କୁହାଯାଇଥାଏ ଦୁଶିବା ବା ଶୁଭିବାକୁ ଶୁଘିବା । କିନ୍ତୁ ଶୁଦ୍ଧ ଓଡ଼ିଆ କହିବା ବେଳେ, ସେମାନେ ଚେଷ୍ଟା କରି ଓ ସଚେତନ ରହି ନିଜ ଭାଷାରୁ ଏହି ଆଞ୍ଚଳିକତାକୁ ପରିହାର କରିଥାନ୍ତି । ଶୁଦ୍ଧ ଓଡ଼ିଆକୁ ସମସ୍ତଙ୍କୁ ସ୍ୱୀକାର କରିବାକୁ ପଡ଼ିବ, ଚେଷ୍ଟାକରି ଶିଖିବାକୁ ପଡ଼ିବ ଓ ଔପଚାରିକ କ୍ଷେତ୍ରରେ ବ୍ୟବହାର କରିବାକୁ ପଡ଼ିବ । ଏହି ଶୁଦ୍ଧ ଓଡ଼ିଆ, ସମସ୍ତ ଅଞ୍ଚଳକୁ ଏକସୂତ୍ରରେ ବାନ୍ଧି ରଖିବା ସଂଗେ ସଂଗେ, ଭାଷାର ଷ୍ଟାଣ୍ଡାର୍ଡକୁ ବଜାୟ ରଖିବ, ଯାହା ଫଳରେ ଓଡ଼ିଆ ଭାଷା ଆଗଙ୍ଗାଗୋଦାବରୀ ସମସ୍ତ ଓଡ଼ିଆଙ୍କର ଭାଷା ହେବ, ସବୁ ଓଡ଼ିଆଏ ସେ ଭାଷାକୁ ବୁଝିପାରିବେ, କହିପାରିବେ ଓ ଲେଖିପାରିବେ । ଏହାଦ୍ୱାରା ଯେ ଆଞ୍ଚଳିକ ଭାଷାଗୁଡ଼ିକ ଲୋପ ପାଇଯିବେ, ଏପରି ଭାବିବାର କୌଣସି କାରଣ ନାହିଁ । ଆଞ୍ଚଳିକ ଭାଷାଗୁଡ଼ିକ ଚାଲୁ, କିନ୍ତୁ ତା' ସଂଗେ ସଂଗେ ଷ୍ଟାଣ୍ଡାର୍ଡ ଭାଷା ବି ସମସ୍ତେ ଶିଖନ୍ତୁ । ସମସ୍ତେ ଯଦି ପ୍ରକାର ପ୍ରକାରର ଭାଷା କୁହନ୍ତି, ତାହେଲେ ନିଜକୁ ଓଡ଼ିଆ କହିବାର କି ଯାଥାର୍ଥ୍ୟ ଅଛି ? ଓଡ଼ିଆ ଜାତିର ଭବିଷ୍ୟତ ଦୃଷ୍ଟିରୁ ସବୁ ଓଡ଼ିଆଙ୍କୁ, ବିଶେଷକରି ଶିକ୍ଷିତ ଲୋକଙ୍କୁ ଷ୍ଟାଣ୍ଡାର୍ଡ ଓଡ଼ିଆରେ ଦକ୍ଷତା ଅର୍ଜନ କରିବାକୁ ହିଁ ହେବ—ଘରେ ଯେ ଯେଉଁ ଭାଷା କହୁଛନ୍ତି କହୁଥାନ୍ତୁ ପଛେ । ଶିକ୍ଷାର ପ୍ରାଥମିକ ସ୍ତରରୁ ଏ ଭାଷା ଶିକ୍ଷା ଉପରେ ଜୋର ଦେବାକୁ ପଡ଼ିବ । ଗୋଟିଏ ଓଡ଼ିଆ ପିଲା ଓଡ଼ିଶାର ଯେଉଁ ଅଞ୍ଚଳରୁ ହୋଇଥାଉ ପଛେ, ଯେଉଁ ବର୍ଣ୍ଣର ହୋଇଥାଉ ପଛେ ସେ ଯଦି ଶିକ୍ଷିତ ହୋଇଥାଏ, ଶୁଦ୍ଧ ଓଡ଼ିଆ ଜ୍ଞାନ ତା'ଠାରୁ ଅବଶ୍ୟ ଆଶା କରାଯିବ । ତା' ନହେଲେ କି ମୂଲ୍ୟ ଶିକ୍ଷାର ?

ବର୍ତ୍ତମାନ କେତେକ ଅନୁଷ୍ଠାନଙ୍କ ଚେଷ୍ଟାରେ ଓଡ଼ିଆ ଛାତ୍ରଛାତ୍ରୀମାନଙ୍କ ଭିତରେ ଶୁଦ୍ଧ ଓଡ଼ିଆର ପ୍ରତିଯୋଗିତା କରାଯାଉଛି । ଏହା ଏକ ଅତି ପ୍ରଶଂସନୀୟ ଚେଷ୍ଟା ଓ ଏହା ଓଡ଼ିଆ ଭାଷାର ଯଥେଷ୍ଟ ମଙ୍ଗଳ କରିବ । କିନ୍ତୁ ଏଇ ଶୁଦ୍ଧ ଓଡ଼ିଆର ପରୀକ୍ଷକ ଭାବେ ଯେଉଁମାନେ କାର୍ଯ୍ୟ କରିବେ, ସେମାନଙ୍କ ଯୋଗ୍ୟତା ଉପରେ ଆମର ଭରସା ନାହିଁ । ଓଡ଼ିଆର ତଥାକଥିତ ଭାଷା ପଣ୍ଡିତମାନେ ନାନା ଅନ୍ଧବିଶ୍ୱାସର ଗୋଟିଏ ଗୋଟିଏ ଖଣି । ଶୁଦ୍ଧ ଓଡ଼ିଆ ବିଷୟରେ ସେମାନଙ୍କ ଜ୍ଞାନ ସୁସ୍ପଷ୍ଟ ନହୋଇଥିବାରୁ ସେମାନେ ଏକ ଭୁଲ ଆଦର୍ଶକୁ ପ୍ରୋତ୍ସାହିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି । ସେମାନେ ଠିକ୍ ଓଡ଼ିଆକୁ ଭୁଲ୍ ବୋଲି କାଟି ଦେଇ ପାରନ୍ତି, ଯଥା– ସାର୍ବଜନୀନ । ଏହା ଫଳରେ ପ୍ରକୃତ ଭାଷାଜ୍ଞାନ ପୁରସ୍କୃତ ନହୋଇ ନାନା ସ୍ୱେଚ୍ଛାଚାରକୁ ପ୍ରଶ୍ରୟ ଦେଇପାରେ । ସେଥିପାଇଁ ଉଦ୍ୟୋକ୍ତାମାନଙ୍କୁ ପ୍ରଥମେ ଶୁଦ୍ଧ ଓଡ଼ିଆ

Digitized by PPRACHIN, SOA

କାହାକୁ କୁହାଯିବ ସେ ବିଷୟରେ ନିଶ୍ଚିତ ହେବା ଉଚିତ ଓ ବିଚାରକମାନଙ୍କୁ ପ୍ରସ୍ତୁତ କରାଯିବା ଉଚିତ । ଏହା ସେପରି ଏକ କଠିନ କାର୍ଯ୍ୟ ନୁହେଁ, କିନ୍ତୁ ଓଡ଼ିଆ ଭାଷାର ଆଦର୍ଶ ଦିଗଟି ଏପର୍ଯ୍ୟନ୍ତ ଅନେକଙ୍କ ନିକଟରେ ସ୍ପଷ୍ଟ ନହୋଇଥିବାରୁ , ଅଧିକାଂଶ ପଣ୍ଡିତ ଧରିନେଇଛନ୍ତି ଯେ ଶୁଦ୍ଧ ଓଡ଼ିଆ ଭାଷା ବୋଲି କିଛି ନାହିଁ– ଯଦିବା ଅଛି ଜଣା-ଅଜଣା ସଂସ୍କୃତ ଶବ୍ଦ ଓଡ଼ିଆରେ ନପୂରାଇଲେ ଶୁଦ୍ଧ ଓଡ଼ିଆ ଲେଖାଯାଇ ପାରିବ ନାହିଁ । ଯେ ଯେତିକି ସଂସ୍କୃତ ଶବ୍ଦ ପୂରାଇବ, ତା'ର ଓଡ଼ିଆ ସେତିକି ଶୁଦ୍ଧ ହେବ । ଏ ସବୁ ଅନ୍ଧବିଶ୍ୱାସ ଛାଡ଼ି ପ୍ରକୃତ ଶୁଦ୍ଧ ଓଡ଼ିଆର ସ୍ୱରୂପ ପ୍ରଥମେ ପ୍ରତିଷ୍ଠିତ କରାଯାଉ ଯାହା ଓଡ଼ିଆ ଭାଷା ପାଇଁ ଏକ ସ୍ୱାଗତଯୋଗ୍ୟ ଘଟଣା ହେବ ।

୧୧. ଶୁଦ୍ଧ ଓଡ଼ିଆ କାହାକୁ କୁହାଯିବ, ତାହା ସାଧାରଣ ଶିକ୍ଷିତ, ସଚେତନ ଭାଷାଭାଷୀଙ୍କୁ ଅଜଣା ନଥିଲେ ମଧ୍ୟ ପଣ୍ଡିତ, ଶିକ୍ଷକ, ଅଧ୍ୟାପକମାନଙ୍କ ଅନ୍ଧବିଶ୍ୱାସ ଯୋଗୁ, ଓଡ଼ିଆ ଭାଷାର ପ୍ରକୃତ ପରମ୍ପରା କ୍ଷେତ୍ରରେ ବାଧା ଉପୁଜିଛି । ଲୋକେ ଭୁଲ୍ ମାର୍ଗରେ ପ୍ରୋତ୍ସାହିତ ହେଉଛନ୍ତି । ଆମେ ଲକ୍ଷ୍ୟ କରିଛୁ ଯେ ବହୁ ଶିକ୍ଷିତ ଲୋକ ଓଡ଼ିଆ ଭାଷାରେ କହିବା ପାଇଁ ସାହସ ପାଉନାହାନ୍ତି । ଏହା ମାତୃଭାଷା ଉପରୁ ଆମ ଲୋକଙ୍କ ଆତ୍ମବିଶ୍ୱାସକୁ ଭାଙ୍ଗି ଦେଉଛି । ତା'ର କାରଣ ହେଉଛି ଶିକ୍ଷିତ ଲୋକେ ନିଜକୁ ପ୍ରକାଶ କରିବା ପାଇଁ ଇଂରାଜୀ ଭାଷାର ଯଥେଷ୍ଟ ସାହାଯ୍ୟ ନେଇଥାନ୍ତି ଏବଂ ସାଧାରଣ ଘରୋଇ କଥାବାର୍ତ୍ତାଠାରୁ ଆରମ୍ଭ କରି ସଭାସମିତିରେ ବକ୍ତୃତା ଦେବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ବହୁଳଭାବେ ଇଂରାଜୀ ଶବ୍ଦ ବ୍ୟବହାର କରଥାନ୍ତି । ଅପରପକ୍ଷେ ଓଡ଼ିଆ ଭାଷାପଣ୍ଡିତମାନେ ସଂସ୍କୃତରୁ ଜଣା ଅଜଣା, ଅଭିଧାନ ବହିର୍ଭୂତ, ବ୍ୟାକରଣ ଦୃଷ୍ଟିରୁ ଉଦ୍‌ଭଟ ଶବ୍ଦସବୁ ଓଡ଼ିଆ ଭାଷାରେ ପୂରାଇ ଏକ ଅସ୍ୱାସ୍ଥ୍ୟକର ଆବହାଓ୍ୱା ସୃଷ୍ଟି କରିଛନ୍ତି । ଏହାର ଅର୍ଥ ନୁହେଁ ଯେ, ଓଡ଼ିଆ ଭାଷାରୁ ସଂସ୍କୃତ ଓ ଇଂରାଜୀ ଉଭୟ ଭାଷାକୁ ବାଦ୍ ଦେବାକୁ ପଡ଼ିବ ଆଉ ଆମେ ସମସ୍ତେ ଗାଉଁଲୀ ଭାଷା କହିବାକୁ ଚେଷ୍ଟା କରିବା ଓ ସେଇ ଭାଷାକୁ କୁହାଯିବ ଶୁଦ୍ଧ ଓଡ଼ିଆ । ଏପରି ନୁହେଁ । ଆଜିର ପୃଥିବୀରେ ମଣିଷର ଭାଷା ଏକ ଘଡ଼ିସନ୍ଧିରେ ପହଞ୍ଚିଛି– ଖାଲି ଓଡ଼ିଆ ଭାଷା ନୁହେଁ, ପୃଥିବୀର ସବୁ ଜଣାଶୁଣା ଭାଷା । ଏହି ଅବସ୍ଥାକୁ ଆମେ କହିପାରୁ– ଭାଷା ବିସ୍ଫୋରଣ ।

ବିଭିନ୍ନ ଭାଷାର ଇତିହାସକୁ ଆଲୋଚନ କଲେ ଆମେ ସହଜରେ ବୁଝିପାରିବା ଯେ, ବିଗତ ଶହ ଶହ ବର୍ଷ ଧରି ଭାଷାରେ ଯେତେ ପରିବର୍ତ୍ତନ, ଯେତେ ସଂଯୋଗ ବିଯୋଗ ଘଟିନଥିଲା, ବିଂଶ ଶତକର ଏଇ ଶେଷ ପଚାଶ ବର୍ଷ ଭିତରେ ଘଟିଛି ତା'ଠାରୁ ଯଥେଷ୍ଟ ବେଶୀ । ଓଡ଼ିଆ ଭାଷା କ୍ଷେତ୍ରରେ ମଧ୍ୟ ସେୟା । ଓଡ଼ିଆ ଭାଷା ଜନ୍ମ ହେବା ଦିନରୁ, ଏଥିରେ

Digitized by PPRACHIN, SOA

ଯେତେ ଶବ୍ଦ ପଶିନଥିଲା, ଏଇ ଗତ ତିରିଶ ଚାଳିଶ ବର୍ଷ ଭିତରେ ତା'ଠାରୁ ଅନେକ ଗୁଣରେ ବେଶୀ ଶବ୍ଦ ଓଡ଼ିଆରେ ମିଶିଛି । ଗତ ଏଇ କେତେ ବର୍ଷ ଭିତରେ ଶହ ଶହ ନୂଆ ଶବ୍ଦ, ନୂଆ ଅର୍ଥ, ନୂଆ ଶବ୍ଦଗଠନ ରୀତି, ନୂଆ ବ୍ୟାକରଣ ଓଡ଼ିଆ ଭାଷା ଭିତରେ ଧସାଇ ପଶିଛନ୍ତି । ପୃଥିବୀର ସବୁ ବଡ଼ ବଡ଼ ଭାଷା କ୍ଷେତ୍ରରେ ବି ସେୟା । ମଣିଷର ଭାବ ଆଦାନପ୍ରଦାନର ଧାରା ଏତେ ପ୍ରଖର ଓ ଏତେ ବ୍ୟାପକ ହୋଇଛି ଯେ, ଭାଷା—ଯାହା ଏହି ଆଦାନପ୍ରଦାନର ମୁଖ୍ୟ ମାଧ୍ୟମ, ତା'ଉପରେ ଅସମ୍ଭବ ଚାପ ପଡ଼ିଛି । ଏ ଶବ୍ଦ କେଉଁଠୁ ଆସୁଛି, କି ଭାବରେ ଆସୁଛି କେହି ତା'ର ହିସାବ ରଖୁନାହାନ୍ତି, ତେବେ ଏ ଶବ୍ଦ ସବୁ କ୍ୱଚିତ୍ ସାହିତ୍ୟ ମାଧ୍ୟମରେ ଆସୁଛନ୍ତି । ସାହିତ୍ୟ ଏବେ ବି ସେହି ଭାବପ୍ରବଣ, କଳ୍ପନା ଓ ବ୍ୟକ୍ତିକୈନ୍ଦ୍ରିକତାକୁ ଜାବୁଡ଼ି ଧରିଛି— ଏହାର ପରିସର ସେଇ ନଡ଼ିଆଗଛ, ଆମ୍ବତୋଟା, କଇଁପୋଖରୀ ଆଉ ଚାନ୍ଦିନୀ ରାତି । ସେଥିପାଇଁ, ବଳରାମ ଦାସ, ଜଗନ୍ନାଥ ଦାସଙ୍କ ଅମଳର ଓଡ଼ିଆ ଭାଷା ପର୍ଯ୍ୟାପ୍ତ । ଅଥଚ, ଓଡ଼ିଆ ଭାଷା ତୀବ୍ର ବେଗରେ ଆଗେଇ ଚାଲିଛି । ଏହି ଗତିକୁ ସମ୍ବାଦପତ୍ର, ପାଠ୍ୟବହି, ମୌଳିକ ବୈଷୟିକ ରଚନା ଓ ଭାଷାର ଅନ୍ୟାନ୍ୟ ପ୍ରସାର ମାଧ୍ୟମ ତ୍ୱରାନ୍ୱିତ କରିଛନ୍ତି । ଏମାନଙ୍କର ଭାଷା ଭାବପ୍ରବଣ, କଳ୍ପନାଶ୍ରୟୀ ନୁହେଁ । ଏମାନଙ୍କର ଭାଷା ତଥ୍ୟାଶ୍ରୟୀ, ଆବେଗହୀନ ଓ ସଂଜ୍ଞାବାଚକ । ବିଶେଷକରି ସମ୍ବାଦପତ୍ରଗୁଡ଼ିକର ଓଡ଼ିଆ ଭାଷାକୁ ଅବଦାନ ଯଥେଷ୍ଟ ବେଶୀ । ଏସବୁ ଶବ୍ଦ ସିଧାସଳଖ ଲୋକଙ୍କ ପାଖରେ ପହଞ୍ଚୁଛି ଓ ବାରମ୍ବାର ପ୍ରସାରିତ ହେବା ଫଳରେ ଭାଷାରେ ସୁଦୃଢ଼ ଭାବେ ପ୍ରତିଷ୍ଠିତ ହୋଇପାରୁଛନ୍ତି । ଭାଷା ଖାଲି କଥା କହିବା ପାଇଁ ନୁହେଁ, ଏହାଦ୍ୱାରା ଗୋଟିଏ ଜାତିର ଚିନ୍ତାର ଦିଗ୍‌ବଳୟ ମଧ୍ୟ ବିସ୍ଫୋରିତ ହୋଇଥାଏ । ସମ୍ବାଦପତ୍ର ଭାଷାରେ ଯେ ଅଭାବ ରହୁନାହିଁ ନୁହେଁ । ଆମେ ଲକ୍ଷ୍ୟ କରୁଛୁ ଯେ ଏବେ ଓଡ଼ିଆ ସମ୍ବାଦପତ୍ରଗୁଡ଼ିକର ଭାଷା 'କ୍ଲିଶେ' ବା ଘଷରା କଥାରୁ ଆହୁରି ନିଜକୁ ମୁକ୍ତ ରଖିପାରୁନାହାନ୍ତି ଏବଂ ବିଶେଷଣ ଚୟନରେ ଏହା ସବୁଠାରୁ ଲକ୍ଷ୍ୟଣୀୟ, ଯେପରି ଜଗନ୍ନାଥଙ୍କ ବିଷୟରେ କହିବାକୁ ଗଲେ—ଜଗତର ନାଥ ଜଗନ୍ନାଥ, ଚିଲିକା ବିଷୟରେ କହିବାକୁ ଗଲେ ମରାଳମାଳିନୀ ଚିଲିକା, ଶିଶୁମାନଙ୍କୁ କୋମଳମତି ଶିଶୁ, ଇତ୍ୟାଦି ଇତ୍ୟାଦି । ଏପରି କିଛି ଧରାବନ୍ଧା ବିଶେଷଣ । ଏ ସବୁ କଥା ଥରେ କେବେ ନୂଆ ଥିଲା, କିନ୍ତୁ ବର୍ତ୍ତମାନ ସେ ସବୁ ବାଜି ବାଜି ଏତେ ଘଷରା ହୋଇଯାଇଛନ୍ତି ଯେ, ପୁଣି ଶୁଣିଲେ କାନ ଥୋବରା ହୋଇଯାଉଛି । ତଥାପି ସମ୍ବାଦପତ୍ର ଜରିଆରେ ଅସଂଖ୍ୟ ନୂଆ ଶବ୍ଦ, ନୂଆ ଅର୍ଥ ପ୍ରତିଦିନ ଓଡ଼ିଆରେ ପଶୁଛନ୍ତି । କିନ୍ତୁ ଦୁଃଖର ବିଷୟ ଓଡ଼ିଆ ଅଭିଧାନକାରମାନେ ସେସବୁ ଶବ୍ଦକୁ ଲିପିବଦ୍ଧ କରୁନାହାନ୍ତି, ସେମାନଙ୍କୁ ଭାଷା ଭିତରେ ପୂରାଇ ଦେଉନାହାନ୍ତି । ସେମାନେ ତାଙ୍କର କର୍ତ୍ତବ୍ୟ ପାଳନ

Digitized by PPRACHIN, SOA

କରୁନାହାନ୍ତି, ଖାଲି ଅଭିଧାନରୁ ଅଭିଧାନ ନକଲ ହେଉଛି । ପାଠ୍ୟବହି, ସମ୍ବାଦପତ୍ର, ରେଡିଓ, ଟେଲିଭିଜନ୍, ନ୍ୟାୟାଳୟ, ପ୍ରଶାସନ, କୃଷି, ଚିକିତ୍ସା, କ୍ରୀଡ଼ା ଓ ଅନ୍ୟାନ୍ୟ ବିଜ୍ଞାନ ମାଧ୍ୟମରେ ଯେଉଁ ଶହ ଶହ ଶବ୍ଦ ଓଡ଼ିଆ ଭାଷାରେ ନିତି ପ୍ରବେଶ କରୁଛନ୍ତି, ସେ ସବୁ ଭାଷାର ଅଭିଧାନରେ, ବ୍ୟାକରଣରେ ସ୍ଥାନ ପାଇବା ପାଇଁ ରଡ଼ି ଛାଡୁଛନ୍ତି । ସେଗୁଡ଼ିକ ଉପଯୁକ୍ତ ଭାବେ ଅଭିଧାନରେ ପ୍ରବେଶ କଲେ ଆମେ ଉପଲବ୍ଧି କରନ୍ତେ ଭାଷା-ବିସ୍ଫୋରଣ କ'ଣ । ଅଥଚ ଆମ ସରକାର ନୂଆ ସମୟୋପଯୋଗୀ ଅଭିଧାନଟିଏ ଲେଖାଇବେ କଣ ଶହେ ବର୍ଷ ତଳର ଅଭିଧାନ ସବୁ ପୁନର୍ମୁଦ୍ରିତ କରି ଏ ଜାତିକୁ ବାଟ କଢ଼ାଉଛନ୍ତି । ପୃଥିବୀ ସମକ୍ଷରେ ଏ ଜାତିକୁ ହାସ୍ୟାସ୍ପଦ କରାଉଛନ୍ତି । କେଉଁ ଜାତି ହଜାର ହଜାର ଟଙ୍କା ଖର୍ଚ୍ଚ କରି ଶହେ ବର୍ଷ ତଳର ଅଭିଧାନ ଛାପୁଛି ? ଓଡ଼ିଆ ଭାଷାକୁ ଜୋର ଜବରଦସ୍ତି ଶହେ ବର୍ଷ ପଛେଇ ନିଆ ହେଉଛି । ସରକାର ନିଜେ ଉନ୍ନତିର, ପ୍ରଗତିର ସମସ୍ତ ପଥକୁ ରୁଦ୍ଧ କରି ଦେଉଛନ୍ତି । ଓଡ଼ିଶା ସରକାର ଯଦି ବୋଧ କଲେ ଯେ, ଓଡ଼ିଆ ଭାଷାର ଗୋଟିଏ ଅଭିଧାନ ଦରକାର ସେଥିପାଇଁ ସେ ଖର୍ଚ୍ଚ କଲେ ଗୋଟିଏ ବ୍ୟୁତ୍ପତ୍ତିମୂଳକ ଅଭିଧାନ ଲେଖିବାରେ ବା ଶହେ ବର୍ଷ ତଳର ଅଭିଧାନକୁ ପୁଣି ଥରେ ଛାପିବାରେ । କିଏ ଦେଉଛି ଏ ଦୁର୍ବୁଦ୍ଧି ନା ସରକାର ନିଜେ ସର୍ବଜ୍ଞ । ଆଧୁନିକ ଓଡ଼ିଆ ଭାଷାର କି ଅଭାବ ପୂରଣ ହେବ ଏଇ ସବୁ ପ୍ରଚେଷ୍ଟାରେ ? ଖାଲି ଅର୍ଥ ବିନର୍ବ୍ୟୟ ହେଉଛି । ଆମ ସରକାରଙ୍କୁ ଟୋପି ପିନ୍ଧାଇ କିଛି ଜ୍ଞାନୀ ଗୁଣୀ ବ୍ୟକ୍ତି ଟଙ୍କା ଖାଇବା ହିଁ ସାର ହେଲା । ଏଥିରେ ଭାଷାର କାଣିଚାଏ ବି ଉନ୍ନତି ହେବ ନାହିଁ, ବରଂ ଏହା ଆମ ଭାଷାକୁ ମରଣର ଆଉ ଗୋଟିଏ ପାହାଚକୁ ଆଗେଇନେବ । ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ଧୁରୀଣ ଓ ଭାଗ୍ୟନିର୍ଣ୍ଣାୟକ ବୋଲାଉଥିବା ଏହି କ୍ଷମତାସୀନ ବ୍ୟକ୍ତିମାନେ ଏ ଜାତିର ପ୍ରକୃତ କ୍ଷତିସାଧନ କରୁଛନ୍ତି ।

ଆଧୁନିକ ଶିକ୍ଷିତ ଓଡ଼ିଆମାନେ, ଯେଉଁମାନେ ଉଚ୍ଚଶିକ୍ଷା ମାଧ୍ୟମରେ ଇଂରାଜୀ ଭାଷାରେ ଯଥେଷ୍ଟ ପାରଦର୍ଶିତା ହାସଲ କରିଛନ୍ତି, ସେମାନଙ୍କର ଏଇ ଭାଷା ଉପରେ ନିର୍ଭରଶୀଳତା ରହିବା ସ୍ୱାଭାବିକ । ଇଂରାଜୀ ଭାଷା ଜରିଆରେ ସେମାନେ ଲକ୍ଷ ଲକ୍ଷ ଶବ୍ଦ ସହିତ ପରିଚିତ ହୋଇଛନ୍ତି । ଖାଲି ଶବ୍ଦ ନୁହେଁ, କଥା କହିବାର ଭଙ୍ଗୀ, ଶୈଳୀ, ଗାମ୍ଭୀର୍ଯ୍ୟ, ସଂଯମ, ଯୌକ୍ତିକତା, ଭଦ୍ରତା, ରସିକତା, ଶିଷ୍ଟତା, ଶ୍ଳୀଳତା ଇତ୍ୟାଦି ବିଷୟରେ ବି ଇଂରାଜୀ ଭାଷା ସେମାନଙ୍କୁ ନୂତନ ମୂଲ୍ୟବୋଧ ଦେଇଛି । ସେମାନେ ଖାଲି ଇଂରାଜୀ ଶବ୍ଦ ଜାଣନ୍ତି ନାହିଁ, ଗୋଟିଏ ଉନ୍ନତ ଭାଷାର ଏଟିକେଟ୍ ବି ସେମାନଙ୍କ ଚିନ୍ତାଧାରାର ଅଂଶ ହୋଇଯାଇଛି ।

Digitized by PPRACHIN, SOA

ଥରେ ଆଖି ଫିଟିଗଲେ, ଅନ୍ଧ ହେବାର ଛଳନା କରିବା ଏକ ଦୁରୂହ ବ୍ୟାପାର । ଯେଉଁମାନେ ଇଂରାଜୀ ଭାଷାର ବ୍ୟାପ୍ତି ସହିତ ପରିଚିତ, ସେମାନଙ୍କୁ ଯେତେବେଳେ ଓଡ଼ିଆ ଭାଷାର ସାମ୍ନା କରିବାକୁ ପଡୁଛି, ଛନ୍ଦି ହେଉଛନ୍ତି କି ଅଣନିଶ୍ୱାସୀ ବୋଧ କରୁଛନ୍ତି । ଏହା ଅତ୍ୟନ୍ତ ସ୍ୱାଭାବିକ । ସେଥିପାଇଁ ସେମାନଙ୍କୁ ଦୋଷ ଦେଇ ଲାଭ ନାହିଁ । ଓଡ଼ିଆରେ ସେମାନଙ୍କର ଅପାରଗତାର ପ୍ରଧାନ କାରଣ ହେଉଛି, ଓଡ଼ିଆ ଭାଷାରେ ସେମାନେ ଉପଯୁକ୍ତ ଶିକ୍ଷା ପାଉନାହାନ୍ତି । ଭାଷା ଶିଖିବା ପାଇଁ ସେମାନଙ୍କୁ ଦଶପୋଇ କି ମାଟିର ମଣିଷ ପଢ଼ାଇବା ଏକ ରକମର ଧୃଷ୍ଟତା । ମନେରଖିବାକୁ ହେବ ଯେ, ଉଚ୍ଚ ଶିକ୍ଷିତମାନଙ୍କ ଇଂରାଜୀ ଭାଷାଜ୍ଞାନ ସେକ୍ସପିଅର ବା ଶେଲୀ ପଢ଼ି ହୋଇନାହିଁ । ସେମାନେ ଇଂରାଜୀ ଶିଖିଛନ୍ତି ସେମାନଙ୍କ ଇତିହାସ, ଅର୍ଥଶାସ୍ତ୍ର, ଦର୍ଶନ, ନ୍ୟାୟ, ରାଜନୀତି ବିଜ୍ଞାନ, ମାନବ ବିଜ୍ଞାନ, ମନୋବିଜ୍ଞାନ ଇତ୍ୟାଦିର ପାଠ୍ୟପୁସ୍ତକରୁ ଓ ପ୍ରବନ୍ଧରୁ । ତା'ଛଡ଼ା ଇଂରାଜୀ ସମ୍ବାଦପତ୍ର, ପତ୍ରପତ୍ରିକା, ଭାଷଣ, ଆଲୋଚନା ଇତ୍ୟାଦିରୁ ସେମାନଙ୍କର ଭାଷାଗାମ୍ଭୀର୍ଯ୍ୟ ଆସିଛି । ସେ ପ୍ରକାରର 'ସାହିତ୍ୟ' କାହିଁ ଆମ ଭାଷାରେ ? ଏ ସବୁ ସ୍ତରରେ ଭାଷା ଏପର୍ଯ୍ୟନ୍ତ ପଶି ବି ପାରିନାହିଁ । ତେଣୁ ସେ ପ୍ରକାରର ବିଭବ ଏ ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ତିଆରି ହୋଇନାହିଁ । କିଛି ଓଡ଼ିଆ ନେତା ବଡ଼ପାଟିରେ ଭୁରୁଡ଼ି ମାରୁଥିବାର ଶୁଣାଯାଏ ଯେ, ଓଡ଼ିଆ ଭାଷା ଉନ୍ନତିର ଚରମ ସୋପାନରେ ଅଛି, ସବୁ କଥା ଏ ଭାଷାରେ କରାଯାଇପାରିବ । ଗୋଟିଏ ଅଲିଖିତ ଆଦିବାସୀ ଭାଷାରେ ବି ସବୁ କରାଯାଇ ପାରୁଛି । ତା ଅର୍ଥ ନୁହେଁ ଯେ ଏହା ଗୋଟିଏ ଆଧୁନିକ ବା ଉନ୍ନତ ଭାଷା । ଦୁଃଖର କଥା, ଏବର ପୃଥିବୀରେ ଗୋଟିଏ ଉନ୍ନତ ଭାଷା କହିଲେ କଣ ବୁଝାଯାଏ ଏଇ ଦିଗ୍‌ଦର୍ଶକ ସାଜିଥିବା ବ୍ୟକ୍ତିମାନଙ୍କ ସେ ଧାରଣା ନାହିଁ ବା ଭୁଲ୍ ଧାରଣା ଅଛି । ତେଣୁ ଏପରି ଅନର୍ଥକ ଆତ୍ମମ୍ଭରିତା ଦେଖାଇ ଏମାନେ ଏ ଜାତିର ଅପାର କ୍ଷତି କରୁଛନ୍ତି ଓ ଆମକୁ ଭୁଆଁ ବୁଲାଉଛନ୍ତି । ଯେ କୌଣସି ଉନ୍ନତ ଭାଷା ତୁଳନାରେ ଓଡ଼ିଆ ଭାଷାର ସମ୍ଭାର ସୀମିତ, ଏହା ଜାଣିବା ପାଇଁ ବିରାଟ ଗବେଷଣାର ପ୍ରୟୋଜନ ନାହିଁ ବା ସେଥିପାଇଁ ବେଶୀ ଦୂରକୁ ଯିବାକୁ ପଡ଼ିବ ନାହିଁ । ଆମର ବର୍ଷିକିଆ ବହିମେଳାକୁ ଗଲେ ଏହାର ଯଥେଷ୍ଟ ପ୍ରମାଣ ମିଳିବ । ଗାଁ ପରିମଳ ଧୋବା ତୁଠରୁ ପରି, ପ୍ରତିବର୍ଷ ହେଉଥିବା ବହିମେଳାରୁ ବୁଝିହେବ ଯେ, କେତେ ଖଣ୍ଡି ଉପାଦେୟ ଓଡ଼ିଆ ବହି ଗୋଟିଏ ବର୍ଷରେ ପ୍ରକାଶିତ ହେଉଛି । କାବ୍ୟ, କବିତା, ଗଳ୍ପ, ଉପନ୍ୟାସ ଛଡ଼ା ଅନ୍ୟାନ୍ୟ ଜ୍ଞାତବ୍ୟ ବିଷୟରେ କେତେ ଖଣ୍ଡି ମୌଳିକ ରଚନା ପ୍ରକାଶିତ ହେଉଛି ? ଅନ୍ୟାନ୍ୟ ଗଦ୍ୟ ରଚନା ଭିତରେ ଖଣ୍ଡେଅଧେ ଗଙ୍ଗାଧର ମେହେରଙ୍କ ପ୍ରକୃତି ବର୍ଣ୍ଣନା ବା ସାରଳା

Digitized by PPRACHIN, SOA

ମହାଭାରତରେ ନାରୀ । ଏ ପ୍ରକାର ଗଦ୍ୟ ସାହିତ୍ୟର କି ମୂଲ୍ୟ ଅଛି ଓଡ଼ିଆ ଭାଷା ପାଇଁ ? ଓଡ଼ିଆ ଭାଷା ପାଇଁ ଦରକାର ଶବ୍ଦବହୁଳ, ତଥ୍ୟଭିତ୍ତିକ, ଚିନ୍ତାଶୀଳ, ମୌଳିକ ଲେଖା ଓ ଶବ୍ଦ, ଯେଉଁ ଶବ୍ଦକୁ ସାହିତ୍ୟ ଅପବ୍ୟବହାର ବା କଦର୍ଥ କରିପାରିବ ନାହିଁ, ଯାହାର ସୁତଥ୍ୟତାକୁ ନଷ୍ଟ କରିପାରିବ ନାହିଁ । ସେ ପ୍ରକାର ସାହିତ୍ୟ ଓଡ଼ିଆ ଭାଷାରେ ଯେ କି ବିରଳ ତା'ର ଏକ ମୂକସାକ୍ଷୀ ହେଉଛି ଓଡ଼ିଆ ବହିମେଳା । ଓଡ଼ିଆ ବହିମେଳା ଗୋଟିଏ ଉନ୍ନତ ଭାଷାର ଚିତ୍ର ଉପସ୍ଥାପିତ କରେ ନାହିଁ, ବରଂ ଆମର ଚିନ୍ତାଶୀଳତାର ଦାରିଦ୍ର୍ୟକୁ ସ୍ପଷ୍ଟରୁ ସ୍ପଷ୍ଟତର କରେ । ଏହା ଏକ ଦୁଃଖଦ ଅନୁଭବ । ଓଡ଼ିଆ ବହି ଏ ପର୍ଯ୍ୟନ୍ତ ସ୍କୁଲ ପିଲାଙ୍କ ଚାହିଦା ମେଣ୍ଟାଇ ପାରୁନାହିଁ, ଆଉ ଶିକ୍ଷିତମାନଙ୍କ ଚାହିଦା ମେଣ୍ଟାଇବ କ'ଣ ? ସେଥିପାଇଁ ସେମାନେ ମୂକ ପାଲଟିଯାଇଛନ୍ତି । ନବେ ଭାଗ ଉଚ୍ଚଶିକ୍ଷିତ ଓଡ଼ିଆ, ଅଧ୍ୟାପକଙ୍କଠାରୁ ଆରମ୍ଭ କରି ପ୍ରଶାସକମାନଙ୍କ ପର୍ଯ୍ୟନ୍ତ ଅହିଫେନୀ ସାହିତ୍ୟ ସୃଷ୍ଟି କରିବାରେ ନିଜର ସମସ୍ତ ସୃଜନଶୀଳ କ୍ଷମତାକୁ ଖଟାଇଛନ୍ତି ବା ସମ୍ପୂର୍ଣ୍ଣ ନୀରବ ହୋଇଯାଇଛନ୍ତି । ଯେଉଁ ଜାତିର ସମସ୍ତ ବୌଦ୍ଧିକ ଚେଷ୍ଟା ନିୟୋଜିତ ହୋଇଛି ଗଳ୍ପ କବିତା ଲେଖିବାରେ, ସେ ଜାତିର ଭାଷା କେଉଁଠୁ ପାଇବ ଖାଦ୍ୟସାର । ଏହା ଏକ ବିଚିତ୍ର ଚକ୍ରବ୍ୟୂହ । ଭାଷା ଉନ୍ନତ ହୋଇନଥିବାରୁ ଏ ଭାଷାରେ ଗମ୍ଭୀର ସାହିତ୍ୟ ସୃଷ୍ଟି ହୋଇପାରୁନାହିଁ, ପୁଣି ଏ ଭାଷାରେ ଗମ୍ଭୀର ସାହିତ୍ୟ ସୃଷ୍ଟି ନହେଉଥିବାରୁ ଭାଷାର ଉନ୍ନତି ହୋଇପାରୁନାହିଁ । ଏ ପରିସ୍ଥିତିରେ ପ୍ରତ୍ୟେକ ଶିକ୍ଷିତ ଓଡ଼ିଆ ଦାବି କରିବା ଉଚିତ ଗୋଟିଏ ଉନ୍ନତ ଭାଷା ଓ ସେ ଭାଷାରେ ନୈପୁଣ୍ୟ । ସେଥିପାଇଁ କରିବାକୁ ପଡୁ ପଛେ ଇଂରାଜୀ, ଫ୍ରେଞ୍ଚ, ଆରବିକ୍ ଶବ୍ଦ ବ୍ୟବହାର । ଥଙ୍ଗାନ୍ତୁ, ଝୁଣ୍ଟନ୍ତୁ କି ଉପହାସ୍ୟ ହୁଅନ୍ତୁ ପଛେ । କିନ୍ତୁ ଏ ଭାଷାକୁ ରକ୍ଷା କରିବାକୁ ହେବ ଲଘୁ ସାହିତ୍ୟର ଉପଦ୍ରବରୁ । ଲଘୁ ସାହିତ୍ୟ ସୃଷ୍ଟି କରିବା ପାଇଁ ଯଥେଷ୍ଟ ଲୋକ ଅଛନ୍ତି ଓଡ଼ିଶାରେ— ନାହାଁନ୍ତି ଗମ୍ଭୀର ସାହିତ୍ୟ ସୃଷ୍ଟି କରିବାର ଲୋକ । ଯେଉଁମାନେ କିଛି କିଛି ପାରିବେ ତାଙ୍କ ଭାଗ୍ୟରେ ସମ୍ବାଦପତ୍ରର ସ୍ତମ୍ଭରେ ଅକାଳେ ସକାଳେ ଲେଖିବା ଛଡ଼ା ଆଉ ବିଶେଷ କିଛି ଜୁଟେ ନାହିଁ । ଏଥିପାଇଁ ସମାଜ ତାଙ୍କୁ ଯଥୋଚିତ ଉତ୍ସାହିତ କରୁନାହିଁ । ତଥାପି, ଯେଉଁ ଜଡ଼ତା ସୃଷ୍ଟି ହୋଇଛି ଏ ଭାଷାରେ, ସେଥିପାଇଁ ଉଚ୍ଚଶିକ୍ଷିତମାନଙ୍କୁ ହିଁ ଦାୟୀ କରିବାକୁ ପଡ଼ିବ । ସେମାନେ ସାହିତ୍ୟରଥୀ ହେବାର ସ୍ୱପ୍ନ ଦେଖୁଛନ୍ତି ନହେଲେ ମୂକ ବଧିର ହୋଇ ନିଜ ଶିକ୍ଷା, ଦୀକ୍ଷା ଓ ଜ୍ଞାନର ଅମର୍ଯ୍ୟାଦା କରୁଛନ୍ତି । ସେହିମାନେ ହିଁ ଚେଷ୍ଟା କରିବେ ଏ ଭାଷାର ଜଡ଼ତା ଭାଙ୍ଗିବାକୁ । ସେହିମାନଙ୍କ ଉପରେ ହିଁ ଏ ଜାତିର ଭବିଷ୍ୟତ ନିର୍ଭର କରୁଛି । ସେମାନଙ୍କ ଆପାତତଃ ଭାଷା ଅପାରଗତାକୁ ଦୂର କରିବାକୁ ହେଲେ ପ୍ରଥମେ ସେମାନଙ୍କୁ ପ୍ରୟୋଗାତ୍ମକ ଭାଷା ଶିକ୍ଷାଦେବାର ଆବଶ୍ୟକତା ଅଛି ।

Digitized by PPRACHIN, SOA

୧୨. ଆଧୁନିକ ସଭ୍ୟତାରେ ପ୍ରତିଟି ଜାତି ପାଇଁ ସ୍ୱତନ୍ତ୍ର ଭାଷାଟିଏ ଦାବି କରିବା ଏକ ବୃଥା ଆଡ଼ମ୍ବର ଓ ବ୍ୟୟବହୁଳ ବିଳାସ । ଗୋଟିଏ ମାତୃଭାଷାକୁ ବଞ୍ଚାଇ ରଖିବାପାଇଁ ଯେଉଁ ପ୍ରକାରର ଆତ୍ମାଭିମାନ, ଅଧ୍ୟବସାୟ, ତ୍ୟାଗ ଓ ତହଖର୍ଚ୍ଚର ଆବଶ୍ୟକତା ରହିଛି, ଭାରତର ବହୁ ଜାତିଙ୍କର ସେ ଅଧ୍ୟବସାୟ ବା ସମ୍ବଳ ନାହିଁ । ମାତୃଭାଷାକୁ ଆମେ ଜନ୍ମ ଦେଇନାହୁଁ, ଏହାକୁ ଆମେ ଉତ୍ତରାଧିକାରୀ ସୂତ୍ରରେ ପାଇଛୁ । ମାତୃଭାଷା ଶିଖିବା ନଶିଖିବା ବ୍ୟକ୍ତିର କର୍ତ୍ତୃତ୍ୱର ବାହାରେ । ଭୂମିଷ୍ଠ ହେଉ ନହେଉଣୁ ମନୁଷ୍ୟ ଶିଶୁ ମାତୃଭାଷାର ସଂସ୍ପର୍ଶରେ ଆସିଥାଏ । ଏକ ଦୃଷ୍ଟିରୁ ମାତୃଭାଷା ଆମ ଉପରେ ଲଦି ଦିଆଯାଇଥାଏ । ଆମର କ୍ଷୁ ନାହିଁ ନିଜ ମାତୃଭାଷା ବାଛିବାର । ଯେଉଁ ପିଲେ ଓଡ଼ିଆ ସମାଜରେ ଜନ୍ମୁଛନ୍ତି ସେମାନେ ସ୍ୱାଭାବିକ ଭାବେ ସେହି ସମାଜର ଭାଷା ଶିଖୁଛନ୍ତି । ଓଡ଼ିଆ ଜାତିର ନହୋଇ ବି ଅନ୍ୟ କେତେକ ଓଡ଼ିଆ ଭାଷା ଶିଖୁଛନ୍ତି— ଓଡ଼ିଆ ସାମାଜିକ ପରିବେଶରେ ଜନ୍ମ ହୋଇଥିବା କାରଣରୁ । ଅନେକେ ଲକ୍ଷ୍ୟ କରିଥିବେ ଯେ, ଓଡ଼ିଶାରେ ଜନ୍ମିଥିବା ବହୁ ମାରଓ୍ୱାଡ଼ି ପିଲା ନିଜର ମାତୃଭାଷା ମାରଓ୍ୱାଡ଼ି, ମେଓ୍ୱାଡ଼ି ଆଦୌ ଜାଣନ୍ତି ନାହିଁ ଓ ପ୍ରାୟଶଃ ସେମାନଙ୍କ ଭାଷା ହେଉଛି ଓଡ଼ିଆ । ସେମାନଙ୍କର ମାତୃଭାଷା ଓଡ଼ିଆ ନହେଲେ ବି ସ୍ୱେଚ୍ଛାକୃତ ଭାବେ ସେମାନେ ଶିଖିଥିବା ଭାଷା ହେଉଛି ଓଡ଼ିଆ । ଏବେ ଅବଶ୍ୟ ଏଥିରେ ପରିବର୍ତ୍ତନ ଆସିଛି । ଏବର ଓଡ଼ିଶାବାସୀ ମାରଓ୍ୱାଡ଼ିମାନେ ଏବେ ଚେଷ୍ଟା କରି ହିନ୍ଦୀ ଶିଖୁଛନ୍ତି ଓ ନିଜ ନିଜ ଭିତରେ ହିନ୍ଦୀରେ କଥାବାର୍ତ୍ତା କରୁଛନ୍ତି । ମାରଓ୍ୱାଡ଼ି ପିଲାମାନେ ଆଉ ଆଗପରି ଓଡ଼ିଆ ସ୍କୁଲରେ ନପଢ଼ି ହିନ୍ଦୀ ସ୍କୁଲରେ ପଢୁଚନ୍ତି । ହିନ୍ଦୀ ସେମାନଙ୍କ ମାତୃଭାଷାକୁ ଉଚ୍ଛେଦ କରିଛି । ନିଜ ମାତୃଭାଷାକୁ ବଳି ଦେଇ ସେମାନେ ହିନ୍ଦୀ ଭାଷା ପାଖରେ ଆତ୍ମସମର୍ପଣ କରିଛନ୍ତି । କିଛି ବିଶେଷ ସାମାଜିକ କ୍ଷେତ୍ରରେ, ଯଥା— ଜନ୍ମ, ବିବାହ, ପର୍ବପର୍ବାଣି ଦିନରେ ସେମାନେ ନିଜର ସ୍ୱାତନ୍ତ୍ର୍ୟକୁ ଜାହିର କରିବା ପାଇଁ ନିଜର ମାତୃଭାଷାକୁ ବ୍ୟବହାର କରିପାରୁଥାନ୍ତି, କିନ୍ତୁ ଏହା କେତେକ ବିଶେଷ ଦିନରେ ସେମାନେ ଜରି ପଗଡ଼ି ବାନ୍ଧିଲା ପରି କି ତାଙ୍କ ସ୍ତ୍ରୀଲୋମାନେ ଘାଘରା, ଓଢ଼ଣି, ନୋଥ ପିନ୍ଧି ବେଶ ହେଲା ପରି । ଏହା ନକଲେ ତାଙ୍କ ଜାତିର ସତ୍ତା ଲୋପପାଇଯିବ । ହିନ୍ଦୀର ବିରାଟ ବଳୟ ଭିତରେ ସେମାନେ ନିଜର ଜାତିତ୍ୱକୁ ବଜାୟ ରଖିପାରିବେ ନାହିଁ । ନିଜକୁ ସ୍ୱତନ୍ତ୍ର କରି ଦେଖାଇବା ପାଇଁ ପ୍ରତ୍ୟେକ ଜାତିର କିଛି ପ୍ରତୀକ ବା ଟୋକନ୍‌ର ଆବଶ୍ୟକତା ରହିଛି । ମାତୃଭାଷା ହେଉଛି ସେହି ପ୍ରତୀକର ପ୍ରଧାନ ଉପକରଣ । ମାତୃଭାଷା ଯେତେବେଳେ ମରିଯାଉଛି ସେତେବେଳେ ଜାତି ଅନ୍ୟାନ୍ୟ ପ୍ରତୀକ ମାଧ୍ୟମରେ ନିଜର ସ୍ୱାତନ୍ତ୍ର୍ୟ ଦାବି କରୁଛି । ଇନ୍-ଗ୍ରୁପ ବିହେଭିଅର ବା ଜାତିଆଣତାର

Digitized by PPRACHIN, SOA

ପ୍ରମୁଖ ପ୍ରତୀକ ହେଉଚି ମାତୃଭାଷା । ଯେତେବେଳେ ମାତୃଭାଷା ମରିଯାଉଛି, ସେତେବେଳେ କିଭାବେ ସେ ଜାତିର ଲୋକେ ନିଜ ଜାତିଆଣତାର ସଂକେତ ଦେବେ ? ତେଣୁ, ଏକ ନିର୍ଦ୍ଦିଷ୍ଟ ଜାତିଆଣତାର ସଂକେତ ଦେବା ପାଇଁ, ସେମାନେ ଅନ୍ୟ କିଛି ବାହ୍ୟ ସଂକେତର ସାହାଯ୍ୟ ନେଇଥାନ୍ତି— ସେ ହଳଦିଆ ପଗଡ଼ି ହେଉ କି ଘାଘରା ଚୁନରୀ ହେଉ । ଓଡ଼ିଆ ମୁସଲମାନମାନଙ୍କ ଅବସ୍ଥା ମାରୱାଡ଼ିମାନଙ୍କଠାରୁ ଟିକିଏ ଭିନ୍ନ ହେଲେ ବି ସେଇ ଏକ ପର୍ଯ୍ୟାୟର । ସେମାନଙ୍କ ମାତୃଭାଷା ବି ଓଡ଼ିଆ ଥିଲା, କିନ୍ତୁ ବର୍ତ୍ତମାନ ସେମାନେ ଉର୍ଦ୍ଦୁ ଶିଖୁଛନ୍ତି ଏବଂ ଏହି ଭାଷାରେ କହିବା ବା ଲେଖାପଢ଼ା କରିବାକୁ ଅଧିକ ଉପଯୋଗୀ ମନେ କରୁଛନ୍ତି । ନିଜର ଧର୍ମଗତ ଏକତା ରକ୍ଷା କରିବାପାଇଁ ସେମାନେ ଖୋଜୁଛନ୍ତି ଏକ ବୃହତ୍ତର ପରିଚୟ । ସଂକୀର୍ଣ୍ଣ ଓଡ଼ିଆ-ମୁସଲମାନ ନରହି ସେମାନେ ହେବାକୁ ଚାହାନ୍ତି ଭାରତୀୟ ମୁସଲମାନ—ଯେଉଁ ଗୋଷ୍ଠୀର ପ୍ରତୀକ ଭାଷା ହେଉଛି ଉର୍ଦ୍ଦୁ ।

ଭାଷାରକ୍ଷାର ବାସ୍ତବତା ବା ପ୍ରାଗ୍‌ମାଟିକ୍ସ ଦିଗରୁ ଦେଖିଲେ, ଗୋଟିଏ ଜାତିର ଭାଷା ତା'ର ସାମାଜିକ ପ୍ରଗତିର ବା ସୋଶିଆଲ ମୋବିଲିଟିର ପରିପନ୍ଥୀ ବି ହୋଇପାରେ । ଭାଷା ଯେପରି ଗୋଟିଏ ଜାତିକୁ ବାନ୍ଧେ, ସେହିପରି ତା'କୁ ଏକଘରିକିଆ ମଧ୍ୟ କରିଦେଇ ପାରେ । ଭାଷା ଗୋଟିଏ ଜାତିକୁ କୂପମଣ୍ଡୁକ କରିଦେଇ ପାରେ— ଯେତେବେଳେ ନିଜ ଭାଷାକୁ ଉନ୍ନତ କରିବାପାଇଁ ଜାତି ପାଖରେ ନଥାଏ ଯଥେଷ୍ଟ ଉପାଦାନ, ସମ୍ବଳ ବା ସାଧନା । ଭାଷା ହୋଇଯାଏ ମାରୱାଡ଼ିମାନଙ୍କ ହଳଦିଆ ପଗଡ଼ି ବା ଜରିର ଓଢ଼ଣୀ ପରି—ଖାଲି ଗୋଟିଏ ପ୍ରତୀକ ବା ସିମ୍ବଲ୍ । ଏହା ହୋଇଯାଏ ଖାଲି ଗୋଟିଏ ଭେକ । ଏକ ନକରାତ୍ମକ ପରିଚୟ ପତ୍ର । ନିଜକୁ ସ୍ୱତନ୍ତ୍ର ବୋଲି ଚିହ୍ନାଇବାକୁ ସେ କହିବାକୁ ଚେଷ୍ଟା କରେ ଯେ— ଆମେ ବଙ୍ଗାଳୀ ନୋହୁ, ଆମେ ହିନ୍ଦୁସ୍ତାନୀ ନୋହୁ, ଆମେ ତେଲୁଗୁ ନୋହୁ, ଆମେ ଭିନ୍ନ । ଆମର ମାତୃଭାଷା ଓଡ଼ିଆ, ଆମେ ଜାତିରେ ଓଡ଼ିଆ । କିନ୍ତୁ ଆମେ ଯେତେବେଳେ ଓଡ଼ିଆ ଭାଷାଟିକୁ ହରାଇ ବସିବା, କିଭାବେ ଆମେ ଦେବା ଆମର ସ୍ୱତନ୍ତ୍ରତାର ପରିଚୟ? ଜାତି ହିସାବରେ ଆମର ସ୍ୱାତନ୍ତ୍ର୍ୟ ଦେଖାଇବା ପାଇଁ କି ଚିହ୍ନ ଆମେ ବ୍ୟବହାର କରିବା ? ଆମର ସାଙ୍ଗିଆଗୁଡ଼ିକ ବି ଆମର ହୋଇ ରହିବେ ନାହିଁ ବା ଆମକୁ ରକ୍ଷା କରିପାରିବେ ନାହିଁ । ମେଦିନୀପୁରିଆ ଓଡ଼ିଆଙ୍କର ସାଙ୍ଗିଆ ବଦଳିଲା ପରି ରାତାରାତ ଜେନାମାନେ ହୋଇଯିବେ ଜାନା, ମାହାନ୍ତିମାନେ ମାଇତି, ବେହେରାମାନେ ବେରା କି ପାତ୍ର ହୋଇଯିବେ ପାତ୍ରା । ଅର୍ଥାତ୍ ଆମେ ଓଡ଼ିଆ ନୋହୁ, ଆମେ ଆଉ ଏକ ପ୍ରକାରର ବଙ୍ଗାଳୀ । ଏବେ ନିର୍ବିବାଦରେ ଆମେ ବଙ୍ଗାଳୀଙ୍କ ଘରେ ଝିଅ ଦେଇପାରୁ କି ତାଙ୍କ

Digitized by PPRACHIN, SOA

ଘରୁ ଝିଅ ଆଣିପାରୁ । ଓଡ଼ିଆ ଜାତୀୟତାର ଯେଉଁ ବାଡ଼ ଏକଦା ଘେରା ହୋଇଥିଲା ମେଦିନୀପୁରିଆଙ୍କ ଚଉସୀମାରେ ସେ ବାଡ଼ ନୂଆ କରି ଟଣାହୋଇଛି । ବର୍ତ୍ତମାନ ଆମ କିଆରୀରେ ବଙ୍ଗାଳୀଙ୍କ ଗୋରୁ ପଶିଲେ ଆମେ ହୁରୁଡ଼ାଇ ଦେବୁନାହିଁ । ଆମ ଚୁଲିମୁଣ୍ଡରେ ତାଙ୍କ ବିରାଡ଼ି ହଗିଲେ ଆମେ ପାଟି ଫିଟାଇବୁ ନାହିଁ । କାହା ସହିତ ଝଗଡ଼ା କରିବା । ନାକ କାଟିଲେ ଓଠରେ ରକ୍ତ । କାହା ସାଙ୍ଗରେ ଝଗଡ଼ା କରିବା ? ତୁମେ ତ ଆମରି ଭାଇ, ଆମରି ଜାତି, ଆମରି ଲୋକ । ବରଂ ମେଦିନୀପୁରିଆଙ୍କୁ ଯଦି ବର୍ତ୍ତମାନ ଆମେ ଓଡ଼ିଆ କହିବା, ସେମାନେ ଠେଙ୍ଗା ଧରି ବାହାରିବେ ଆମକୁ ବାଡ଼ାଇବାକୁ ।

ଇନ୍-ଗ୍ରୁପ ବିହେଭିଅର ବା 'ଆମେ-ପଣିଆ' ଲୋଡ଼େ ଆଶ୍ରା—ଯାହା ଉପରେ ଭରା ଦେଇ ଆମେ ଗର୍ବର ସହିତ କହିପାରିବା—ଆମେ ଓଡ଼ିଆ, ଆଉ ଆଙ୍ଗୁଠି ଦେଖାଇ ଅନ୍ୟମାନଙ୍କୁ ଚିହ୍ନାଇ ଦେଇ ପାରିବା ଯେ—ସେମାନେ ଓଡ଼ିଆ ନୁହନ୍ତି । ସେମାନେ ଅଣଓଡ଼ିଆ । ଏଇ ଆମେ/ସେମାନେ ପଣିଆର ଦ୍ୱନ୍ଦ୍ୱ ହିଁ ଗୋଟିଏ ଜାତିର ପରିଚୟକୁ ସାମ୍ନାକୁ ଆଣେ, ଟେକି ଧରେ ସମାଜର ଆଖି ସାମ୍ନାରେ । ବସ୍ତୁତଃ, ଚରମ ଅବସ୍ଥାରେ ପ୍ରତ୍ୟେକ ଆମେ-ଜାତି ଖୋଜେ ଗୋଟାଏ ସେମାନେ-ଜାତି ବା ଆଡ୍‌ଭରସାରି ବା ଆଉଟ୍-ଗ୍ରୁପ ଯାହା ଉପରେ ସେ ଦାଉ ସାଧିପାରିବ, ଯାହାକୁ ସେ ଘୃଣା କରିପାରିବ, ଯାହାର ଛବିକୁ ପିଟି ପାରିବ, ଯାହା ଜଳଛାୟାର ପେଟକୁ ଲାଥି ମାରିପାରିବ । ଏହି ଆମେ/ସେମାନେର ଦ୍ୱନ୍ଦ୍ୱ ପ୍ରତ୍ୟେକ ଜାତିପାଇଁ ଜାତୀୟତାର ନିମକ୍ ଯୋଗାଇଥାଏ । ଏଥିରୁ ଛୋଟ ଜାତିମାନେ ବି ମୁକ୍ତ ନୁହନ୍ତି । ଆଦିବାସୀ ସାନ୍ତାଳ ନିଜକୁ କହେ 'ହଡ଼' ଆଉ ଅନ୍ୟମାନଙ୍କୁ 'ଦିକୁ' । ସାନ୍ତାଳକୁ ଯଦି ପଚରାଯାଏ ଏ ଦିକୁ କିଏ, ସେ କହିବ—ସେମାନେ ଯେ ଗାଁକୁ ପଶିଲେ କୁକୁର ଭୁକନ୍ତି, ଅର୍ଥାତ୍ 'ବାହାରର ଲୋକ', ବିରଣା ଲୋକ ବା ଭିନ୍ନ ଲୋକ । ବର୍ତ୍ତମାନ ଆମେ, ଭାରତୀୟମାନେ ଆମର ପୂର୍ବ ଶାସକ ଇଂରେଜମାନଙ୍କୁ 'ସେମାନେ'ର ଆଖ୍ୟା ଦେଇ ତାଙ୍କ ପେଟକୁ ଲାଥି ମାରୁଛୁ । ଆମର ସବୁ ଦୁର୍ଭାଗ୍ୟ ପାଇଁ ସେମାନେ ହିଁ ଦାୟୀ ବା ଦୋଷୀ । ମାର ସେଗୁଡ଼ାଙ୍କୁ ଯେତେ ମାରିବ । ମଣିଷ ଜାତିର ଇତିହାସରେ ଏହି ଆମେ-ସେମାନେ ଦ୍ୱନ୍ଦ୍ୱର ଅପର୍ଯ୍ୟାପ୍ତ ଉଦାହରଣ ରହିଛି, ଯାହାର ରକ୍ତାକ୍ତ ଗାଥାରେ ମଣିଷର ଇତିହାସ ଜର୍ଜରିତ । ଏ ହେଲା ଆମେ-ପଣିଆର ଅସହିଷ୍ଣୁତାର ଦିଗ । ଅନ୍ୟ ଦିଗରୁ, ଗୋଟିଏ ଜାତି ତିଷ୍ଠିବା ପାଇଁ ଆମେ-ପଣିଆର ସୀମାରେଖା ଟଣା ହୋଇଥିବା ଆବଶ୍ୟକୀୟ । ତା'ନହେଲେ ନିଜକୁ ଅନ୍ୟ ଗୋଟିଏ ଜାତି ଭିତରେ ବୁଡ଼ାଇ ସେ ନିଶ୍ଚିହ୍ନ ହୋଇଯିବ ବା ଟୁକୁଡ଼ା ଟୁକୁଡ଼ା ହୋଇ ଫାଟି ଛିନ୍ନଛତ୍ର ହୋଇଯିବ । ବର୍ତ୍ତମାନ

Digitized by PPRACHIN, SOA

ମେଦିନୀପୁର ଲୋକଙ୍କ ଆମେ-ରେଖା, ଆମ୍ରା-ବାଙ୍ଗାଲୀର ରେଖା ଭିତରେ ନିଶ୍ଚିହ୍ନ ହୋଇଯାଇଛି । ସେମାନେ ଦିନେ ଆମେ-ଓଡ଼ିଆର ରେଖା ଭିତରେ ଥିଲେ । ବସ୍ତୁତଃ, ଓଡ଼ିଆ ଜାତିର ଆମେ-ରେଖା ଆସ୍ତେ ଆସ୍ତେ ଭୁଶୁଡ଼ି ପଡୁଛି । ଅର୍ଥାତ୍ ଓଡ଼ିଆ ଜାତୀୟତାର ସ୍ୱର ନିଷ୍ପ୍ରଭ ହୋଇପଡୁଛି । ଗୋଟିଏ ଜାତିର ଆମେ-ରେଖା ଯେତିକି ଯେତିକି ଦୂରକୁ ଦିଶୁଥିବ, ସେ ଜାତିର ସୀମା ସେଠା ପର୍ଯ୍ୟନ୍ତ ବ୍ୟାପିଥିବ । ଆମକୁ ଦେଖିବାକୁ ପଡ଼ିବ କେତେ ବାଟ ପର୍ଯ୍ୟନ୍ତ ଲୋକେ କହୁଛନ୍ତି—ଆମେ ଓଡ଼ିଆ, ଆଉ ତାପରେ ଆମ୍ରା-ବାଙ୍ଗାଲୀ କି ଆଉ କଣ । ଅର୍ଥାତ୍, କେଉଁଠି ଏ ଜାତିର ସୀମା ଶେଷ ହୋଇଛି । ରାଜ୍ୟ ସୀମା ସହିତ ଏହାର ସମ୍ବନ୍ଧ ଥାଇପାରେ ନଥାଇପାରେ । ବିହାରରେ ଥାଇ ମଧ୍ୟ, ଆମ ବିଚ୍ଛିନାଞ୍ଚଳ ଲୋକେ 'ଆମେ ଓଡ଼ିଆ' ବୋଲି ରଡ଼ି ଛାଡ଼ିଛନ୍ତି; ଅଥଚ ସମ୍ବଲପୁରରେ ସେ ରଡ଼ି ଶୁଣିବା ଦୁର୍ଲଭ ହୋଇଗଲାଣି ।

କାହା ଉପରେ ଭରା ଦେଇ ଠିଆହୋଇଛି ଏ ଓଡ଼ିଆତ୍ୱ । ଏହି ଆମେତ୍ୱ, ଏହି ଓଡ଼ିଆତ୍ୱର ପ୍ରଥମ ଓ ପ୍ରଧାନ ଚିହ୍ନ ହେଉଛି ଓଡ଼ିଆଭାଷା । ଓଡ଼ିଆ କହିନପାରୁଥିବା ବ୍ୟକ୍ତି ନିଜକୁ ଓଡ଼ିଆ ବୋଲି ଦାବି କରିବା କେତେଟା ଗ୍ରାହ୍ୟ, ସେ କଥା ଆହୁରି ଜଣାନାହିଁ । ଏହି ପ୍ରକାରର ଦାବି କରି ସଂପ୍ରତି ଜଣେ ତଥାକଥିତ ଓଡ଼ିଆ ଓଡ଼ିଶାରୁ ନିର୍ବାଚନ ଲଢୁଥିବାରୁ ନାନା ବିଦ୍ରୂପର ଶିକାର ହୋଇଥିବାର ଶୁଣାଯାଏ । ତେବେ ଓଡ଼ିଆ ଭାଷା କହି ନପାରୁଥିବା ବ୍ୟକ୍ତି ନିଜକୁ ଓଡ଼ିଆ ବୋଲି ଦାବି କରିବାଟା ଅନେକଙ୍କୁ ଅସମୀଚୀନ ମନେ ହୋଇପାରେ । ଅବଶ୍ୟ ଖାଲି ଓଡ଼ିଆ ଭାଷା ଜାଣି ଜଣେ ଓଡ଼ିଆ ହୋଇନପାରେ । ଅନେକ ବିଦେଶୀ ଅଛନ୍ତି ଆମର ଏଠି ଯେଉଁମାନେ ସ୍ପଷ୍ଟ ଓଡ଼ିଆ କହିପାରୁଥିଲେ ବି ସେମାନେ ନିଜକୁ ଓଡ଼ିଆ ବୋଲି ପରିଚୟ ଦେବେନାହିଁ କି ଓଡ଼ିଆ ଜାତି ସେମାନଙ୍କୁ ଓଡ଼ିଆ ବୋଲି ଗ୍ରହଣ କରିବ ନାହିଁ । ଆମେ ଆଗରୁ କହିଛୁ ଯେ, ଭାଷା ଆମେ-ପଣିଆର ଏକ ପ୍ରଧାନ ଓ ଶକ୍ତିଶାଳୀ ଚିହ୍ନ । ଓଡ଼ିଆ କହିପାରୁଥିବା ଜାତିତ୍ୱ ପାଇଁ ଯେତେଟା ଶକ୍ତିଶାଳୀ ନୁହେଁ, ଓଡ଼ିଆ ନକହିପାରୁଥିବା ତା'ଠାରୁ ଆହୁରି ବେଶୀ । ଓଡ଼ିଆ ଭାଷା କହିପାରୁଛ ବୋଲି ତୁମେ ଓଡ଼ିଆ—ଏହା ନହୋଇପାରେ, କିନ୍ତୁ ଓଡ଼ିଆ କହିପାରୁନଥିବ ପୁଣି ଓଡ଼ିଆ ବୋଲି ନିଜକୁ କହୁଛ, ଏହା କିପରି ସମ୍ଭବ ?

ଏହି ଦ୍ୱନ୍ଦ୍ୱ ଆଜି ସହସ୍ର ସହସ୍ର ଓଡ଼ିଆଙ୍କ ପରିବାରରେ ଦେଖାଦେଇଛି । ଏହି ସମସ୍ୟା ଯେ ଖାଲି ସାତସାଗର ପାରି ଏନ୍.ଆର୍.ଆଇ.ମାନଙ୍କ ପରିବାରରେ ଦେଖାଦେଇଛି ତା'ନୁହେଁ, ଭାରତ ଭିତରେ ବି । ଓଡ଼ିଶା ବାହାରେ ହଜାର ହଜାର ଓଡ଼ିଆ କର୍ମଜୀବୀ ଅଛନ୍ତି, ଯେଉଁମାନେ ନିଜ ବାହୁବଳରେ ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠିତ ହୋଇଛନ୍ତି । ଅଥଚ,

Digitized by PPRACHIN, SOA

ସେମାନଙ୍କ ଭିତରୁ ଅଧିକାଂଶଙ୍କର ସନ୍ତାନସନ୍ତତି ଓଡ଼ିଆ କହିପାରୁ ନାହାନ୍ତି; କହିପାରୁଛନ୍ତି ତ ପଢ଼ିପାରୁନାହାନ୍ତି; ପଢ଼ିପାରୁଛନ୍ତି ତ ଲେଖିପାରୁନାହାନ୍ତି । କି ପ୍ରକାରର ଓଡ଼ିଆ ଏମାନେ ? ଏହି ଦ୍ୱନ୍ଦ୍ୱ ଆଜି ସହସ୍ର ସହସ୍ର ପ୍ରବାସୀ ଓଡ଼ିଆ ପରିବାରରେ ଦେଖାଦେଇଛି । ଏମାନଙ୍କର ଭାଷା-ଦୁରବସ୍ଥା ଓଡ଼ିଆର ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନଙ୍କଠାରୁ ବି ଦୟନୀୟ । ଅଥଚ ଏମାନେ ଓଡ଼ିଆ ଜାତିର ଉଚ୍ଚଶିକ୍ଷିତ, ସମ୍ପନ୍ନ, ସ୍ୱଚ୍ଛଳ ପରିବାରର ଦାୟାଦ । ଏମାନେ କ୍ରମଶଃ ଓ ଦ୍ରୁତଗତିରେ ଓଡ଼ିଆ ସମାଜରୁ ବାହାରି ଯାଉଛନ୍ତି । ଏହି କ୍ଷତିକୁ କି ଓଡ଼ିଆ ସମାଜ ସହ୍ୟ କରିପାରିବ ? ଦୁଧ ଉପରେ ଗୋଟେ ସର ପଡ଼ିଗଲା ବେଳକୁ, ସେ ସରକୁ ରାଘବ ଗିଳୁଛି । ଓଡ଼ିଆ ସମାଜର ସରଟା ଅର୍ଥାତ୍ ଶିକ୍ଷିତ, ସମ୍ପନ୍ନ, ସଫଳ ଏକ ଉନ୍ନୀତ ପିଢ଼ି କ୍ରମାଗତ ଭାବେ ଓଡ଼ିଆ ସମାଜର ବାହାରକୁ ଚାଲିଯାଉଛି । ସେମାନେ ଆଉ କେବେ ଫେରିବେ ନାହିଁ ଓଡ଼ିଆ ଜାତିକୁ । ସେମାନେ ଚିରଦିନ ପାଇଁ ବିଜାତୀୟ ହୋଇଗଲେ । ସେମାନଙ୍କର ଏଇ ଦୁରବସ୍ଥାର ପ୍ରଧାନ କାରଣ ହେଉଛି, ସେମାନେ ଓଡ଼ିଆ ଭାଷା କହିପାରନ୍ତି ନାହିଁ କି ଲେଖି ପଢ଼ି ଜାଣନ୍ତିନାହିଁ । ବର୍ତ୍ତମାନ ଭାରତର ବିଭିନ୍ନ କୋଣରେ ଯେଉଁ ଓଡ଼ିଆମାନେ ଜୀବିକା ଅର୍ଜନ କରୁଛନ୍ତି କଣ ହେଉଛି ସେମାନଙ୍କ ସନ୍ତାନସନ୍ତତିଙ୍କର ? ଏ ପିଲାଏ ର'ଠ' କରି ଦି'ପଦ ଓଡ଼ିଆ କହିପାରୁଥାନ୍ତି କିନ୍ତୁ କ୍ୱଚିତ୍ ସେମାନେ ଓଡ଼ିଆରେ ଲେଖି ପଢ଼ି ଜାଣନ୍ତି । କି ପ୍ରକାରର ଓଡ଼ିଆ ସେମାନଙ୍କୁ କୁହାଯିବ ? ଅଥଚ ସେମାନେ ଗୋଟିଏ ଗୋଟିଏ ଅତ୍ୟନ୍ତ ସଫଳ ପରିବାରର ଦାୟାଦ । ବହୁ ସୁଖସ୍ୱାଚ୍ଛନ୍ଦ୍ୟ ଓ ସଫଳତା ଭିତରେ ବଢ଼ିଛନ୍ତି ସେମାନେ । ଓଡ଼ିଶାର ସୀମିତ ପରିସର ଭିତରୁ ବାହାରିଯାଇ ସେମାନେ ସର୍ବଭାରତୀୟ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଛନ୍ତି । ସେମାନେ ଲଢୁଆ ବିମାନ । ସେମାନେ ଲଢ଼ିଲଢ଼ି ଉଠିଛନ୍ତି, ଆଉ ଏଇ ଯୁଦ୍ଧରେ ସେମାନେ ଯାହା ହରାଇଛନ୍ତି ସେ ହେଉଛି ତାଙ୍କ ସନ୍ତାନସନ୍ତତିଙ୍କର ଓଡ଼ିଆତ୍ୱ । ବାପମା'ମାନେ ହୁଏତ ଓଡ଼ିଆ ଅଛନ୍ତି, କିନ୍ତୁ ତାଙ୍କ ପିଲାମାନେ ଆଉ ଓଡ଼ିଆ ନୁହନ୍ତି । କେତେଦିନ ଏ ଜାତି ହରାଉଥିବ ଏ ବରପୁତ୍ରମାନଙ୍କୁ । ଆଗେ କୁଲି ମଜୁରିଆ ହୋଇ ଓଡ଼ିଆମାନେ ଓଡ଼ିଶା ବାହାରକୁ ଯାଉଥିଲେ– ସେମାନଙ୍କ ପରିବାର ସାଙ୍ଗରେ ଯାଉନଥିଲେ । ଆଜି କିନ୍ତୁ କୁଲି ମଜୁରିଆଙ୍କ ଅପେକ୍ଷା ସଫଳ, ଶିକ୍ଷିତ, ସ୍ୱଚ୍ଛଳ ଓଡ଼ିଆମାନେ ବେଶୀ ରାଜ୍ୟ ବାହାରକୁ ଯାଉଛନ୍ତି– ସେମାନଙ୍କ କୁଟୁମ୍ବ ପରିବାରକୁ ସାଙ୍ଗରେ ନେଇ । ଏହି ବାପମା'ମାନେ କେବେ ହୁଏତ ଓଡ଼ିଶାକୁ ଫେରିପାରନ୍ତି ଅନ୍ତତଃ ଅବସର ଜୀବନଟା ମାତୃଭୂମିରେ କଟାଇବେ ବୋଲି, କିନ୍ତୁ ସେମାନଙ୍କ ସନ୍ତାନମାନେ ଆଉ ଫେରିପାରିବେ ନାହିଁ । କ୍ରମାଗତ ଭାବେ ଏ ଜାତିର ଚିକ୍କଣ ଚାଲିଯାଉଛି ବାହାରକୁ, ପଡ଼ିରହୁଛି ଖଦା । ଯା'ର ପ୍ରଧାନ କାରଣ ହେଉଛି, ଏ ପିଲେ ଆଉ ଓଡ଼ିଆ ସମାଜରେ

Digitized by PPRACHIN, SOA

ଚଳିପାରିବେ ନାହିଁ । ଏମାନେ ଓଡ଼ିଆ ଭାଷା ଜାଣନ୍ତି ନାହିଁ । ଆମେ ଆଗରୁ କହିଛୁ, ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଓଡ଼ିଆଙ୍କ ଅପେକ୍ଷା ଏମାନଙ୍କ ଅବସ୍ଥା ଆହୁରି ଦୟନୀୟ । ଏମାନଙ୍କ ପାଇଁ କି ଓଡ଼ିଆଜାତିର କିଛି କରିବାର ନାହିଁ ? ସେମାନଙ୍କ ପାଇଁ ସ୍ୱତନ୍ତ୍ର ଓଡ଼ିଆ ସ୍କୁଲ ଭାରତର ପ୍ରତି ଜାଗାରେ ଖୋଲିବା ସମ୍ଭବ ନୁହେଁ । କଲେ ମଧ୍ୟ ତାହା ଚାଲିବ ନାହିଁ । ସେମାନଙ୍କ ପାଇଁ ପ୍ରୟୋଜନ ଓଡ଼ିଆ ଭାଷା ପାଠ୍ୟ-ସାମଗ୍ରୀ ଯାହା ସେମାନେ ନିଜ ଚେଷ୍ଟାରେ ବା ବାପା ମା'ମାନଙ୍କ ସାହାଯ୍ୟରେ ପଢ଼ିପାରିବେ । କାହିଁ ସେ ସାମଗ୍ରୀ ? ଆମେ ଯଦି ଭାବୁଥାଉ ଯେ ମଧୁ ବର୍ଣ୍ଣବୋଧରୁ ସେମାନେ ଓଡ଼ିଆ ଶିଖିବେ, ଆମେ ଦିବାସ୍ୱପ୍ନ ହିଁ ଦେଖୁଛୁ ।

୧୩. ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନଙ୍କ ପାଇଁ ଏବେ ଏ ଜାତିର ଖୁବ୍ ମୁଣ୍ଡ ବଥାଉଛି । ସେ ଆନ୍ତରିକତା କେତେଦୂର ସତ୍ୟ, କେତେଦୂର ଲୋକଦେଖାଣିଆ ଆମେ କହିପାରିବୁ ନାହିଁ । ବିଚ୍ଛିନ୍ନାଞ୍ଚଳୀମାନେ ଆମ ମୁଖ୍ୟସ୍ରୋତକୁ ଆସନ୍ତୁ ସେ କଥା ପ୍ରତ୍ୟେକ ଓଡ଼ିଆ ଚାହେ । ଏହି ବିଚ୍ଛିନ୍ନାଞ୍ଚଳରେ ଏକଦା ଗୋପବନ୍ଧୁ, ଗୋଦାବରୀଶ ଯାଇ ଓଡ଼ିଆ ସ୍କୁଲ ପ୍ରତିଷ୍ଠା କରୁଥିଲେ ଯେପରି ଏମାନଙ୍କ ଓଡ଼ିଆତ୍ୱ ଲୋପପାଇ ନଯାଏ । ଯେତେବେଳେ ନେତାମାନେ ଏହା କରୁଥିଲେ—ସେତେବେଳେ ଏଇ ବିଚ୍ଛିନ୍ନାଞ୍ଚଳୀମାନେ ଏକମାତ୍ର ଓଡ଼ିଆ ଥିଲେ, ଯେଉଁମାନଙ୍କ ଭାଷା ଓ ସଂସ୍କୃତି ବିପନ୍ନ ହୋଇଥିଲା । କିନ୍ତୁ ଓଡ଼ିଶା ବାହାରେ ଆଜି ହଜାର ହଜାର ଓଡ଼ିଆ ପରିବାର ଓଡ଼ିଆ ଜାତିର ମୁଖ୍ୟସ୍ରୋତରୁ ବିଚ୍ଛିନ୍ନ ହୋଇପଡ଼ିଛନ୍ତି । ସେମାନେ ଯେ ସେ ଓଡ଼ିଆ ନୁହଁନ୍ତି, ସେମାନେ ସର୍ବଭାରତୀୟ ସ୍ତରରେ ସ୍ୱୀକୃତି, ସମ୍ମାନ ଓ ସଫଳତା ହାସଲ କରିଥିବା ବହୁ ବିଶିଷ୍ଟ ପରିବାର । ବରିଆପାରି ଏନ୍.ଆର୍.ଆଇ.ମାନେ ଏ ଦିଗରେ ଆହୁରି ବେଶୀ ଆଗରେ । ସେମାନେ ବିଶ୍ୱ ସ୍ତରରେ ସ୍ୱୀକୃତି ଲାଭ କରିଛନ୍ତି । କିନ୍ତୁ ଏମାନଙ୍କ ସନ୍ତାନ-ସନ୍ତତିମାନଙ୍କର ଅବସ୍ଥା କଣ ? ଏମାନଙ୍କୁ କି କେବେ ଆଉ ଓଡ଼ିଆ ଜାତି ଫେରିପାଇବ ? ଯେଉଁ ଅନନ୍ୟ ସାଫଲ୍ୟ ଓ ସମ୍ମାନର ସେମାନେ ଅଧିକାରୀ, ଏ ଜାତି କି ଦେଇପାରିବ ସେମାନଙ୍କର ପ୍ରାପ୍ୟ ? ଅନ୍ୟତ୍ର ଆମେ କହିଛୁ—ଏମାନଙ୍କର ସନ୍ତାନସନ୍ତତିଙ୍କର ଭାଷା-ଦୁରବସ୍ଥା ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନଙ୍କଠାରୁ ବି ଦୟନୀୟ । ଅନ୍ତତଃପକ୍ଷେ, ବିଚ୍ଛିନ୍ନାଞ୍ଚଳର ଓଡ଼ିଆମାନେ ଗୋଟେ ଗୋଠ ହୋଇ ରହିଛନ୍ତି । ସେମାନଙ୍କର ସମାଜ ଅଛି । ସେମାନଙ୍କର ସ୍ଥାୟିତ୍ୱ ଅଛି ଓ ଅନ୍ତତଃ ଆଇନ ଦୃଷ୍ଟିରୁ ସେମାନଙ୍କ ଓଡ଼ିଆତ୍ୱ ସୁରକ୍ଷିତ । ତେଣୁ ବିଚ୍ଛିନ୍ନାଞ୍ଚଳର ଓଡ଼ିଆମାନେ ଏତେ ଶୀଘ୍ର ସେମାନଙ୍କ ଓଡ଼ିଆତ୍ୱ ହରାଇବାର ସମ୍ଭାବନା ନାହିଁ । କିନ୍ତୁ ପ୍ରବାସୀ ଓଡ଼ିଆଙ୍କ କ୍ଷେତ୍ରରେ, ଯେ ଯେତେ ଉଚ୍ଚାସନାରୂଢ଼ ହୋଇଥାନ୍ତୁ ପଛେ, ଯେ ଯେତେ ସ୍ୱାଭିମାନୀ

Digitized by PPRACHIN, SOA

ଓଡ଼ିଆପ୍ରେମୀ ହୋଇଥାନ୍ତୁ ପଛେ, ସେମାନଙ୍କ ପିଲାଙ୍କର ଓଡ଼ିଆତ୍ୱ ରକ୍ଷା କରିବା ପ୍ରାୟ ଅସମ୍ଭବ କହିଲେ ଚଳେ । ଏହାର ପରିଣତି ହେଉଛି ଗୋଟିଏ ପିଢ଼ିର ସହସ୍ର ସହସ୍ର ଓଡ଼ିଆ ପିଲା, ମାତ୍ର ଆଠ ଦଶଟା ବର୍ଷ ଭିତରେ, ଓଡ଼ିଆ ଜାତିର ଆମେ-ରେଖା ବାହାରକୁ ଚାଲିଯାଉଛନ୍ତି ବା ଓଡ଼ିଆତ୍ୱ ହରାଉଛନ୍ତି । ଏହା ଏକ ଜାତୀୟ କ୍ଷତି । ଆମର ବିଶ୍ୱାସ ଓଡ଼ିଆ ଜାତି ଏ କ୍ଷତିକୁ ବେଶିଦିନ ସହ୍ୟ କରିପାରିବ ନାହିଁ । ଏ ପିଲେ ଚିରଦିନ ପାଇଁ ନିଜ ଓଡ଼ିଆତ୍ୱ ହରାଇଛନ୍ତି । ହୋଇଯାଇଛନ୍ତି ଭାରତୀୟ । ଏ ପିଲାଙ୍କର ଜାତି ହେଲା ଭାରତୀୟ । ଏମାନଙ୍କ ଭାଷା ହେଲା ଜାତୀୟ ଭାଷା ହିନ୍ଦୀ ଓ ଇଂରାଜୀ । ଓଡ଼ିଆ ସେମାନେ କ୍ୱଚିତ୍ କହି ବୋଲି ପାରନ୍ତି । ସେମାନେ ବଡ଼ ହେଲେ ନା ସେମାନେ ଆଉ ଫେରିବେ ଓଡ଼ିଶାକୁ ନା ଓଡ଼ିଆ ଜାତି ସହିତ ସେମାନଙ୍କ ସମ୍ପର୍କ ରହିବ । ଏପରିକି ତାଙ୍କ ବାପମାମାନେ ଲଜ୍ଜାବୋଧ କରିବେ ତାଙ୍କ ପିଲାମାନଙ୍କୁ ଓଡ଼ିଶାକୁ ଆଣିବା ପାଇଁ । କି ଭାଷାରେ ସେମାନେ କଥାବାର୍ତ୍ତା ହେବେ ବୁଢ଼ୀ ଆଈ ସାଙ୍ଗରେ, କଜିନ୍‌ମାନଙ୍କ ସାଙ୍ଗରେ କି ଗାଁ ପିଲାମାନଙ୍କ ସାଙ୍ଗରେ ? ସେମାନଙ୍କ ଲୁଗାପିନ୍ଧା ଭିନ୍ନ, କଥାକୁହା ଭିନ୍ନ, ଖାପିଅ ଭିନ୍ନ, ପଢ଼ାଲେଖା ଭିନ୍ନ, ହସତାମସା ଭିନ୍ନ । ସେମାନେ ଆଉ ସଂକୀର୍ଣ୍ଣ ଓଡ଼ିଆ ଜାତିର ପିଲା ନୁହନ୍ତି, ସେମାନେ ପ୍ରକୃତ ମହାଭାରତୀୟ । ତାଙ୍କ ପାଇଁ ବାଙ୍ଗାଲୋର, ବମ୍ବେ, ଚଣ୍ଡୀଗଡ଼ ଯାହା କଟକ, ଭୁବନେଶ୍ୱର ବି ସେୟା । ଏଇମାନେ ହେବେ ପ୍ରଥମ ଭାରତୀୟ ବା ଫାର୍ଷ୍ଟ ଇଣ୍ଡିଆନ୍ । ଏଇମାନଙ୍କ ଉପରେ ଏ ଦେଶର ଭିବଷ୍ୟତ ନିର୍ଭର କରିବ । ସେମାନେ ହେବେ ସାରା ଭାରତ ପାଇଁ ପ୍ରବକ୍ତା । କିନ୍ତୁ ସେମାନଙ୍କୁ ନେଇ ଓଡ଼ିଆ ଜାତି ଗର୍ବ କରିବାର କିଛି ନଥିବ, ଜୟଦେବଙ୍କୁ ନେଇ ଓଡ଼ିଆ ଓଡ଼ିଆ ଚିତ୍କାର କରିବା ପରି । ଆହା, ଜୟଦେବ ଯଦି ଖାଲି ଧାଡ଼ିଟିଏ କେଉଁଠି ଲେଖିଯାଇଥାନ୍ତେ ଓଡ଼ିଆରେ କି ଗୋଟିଏ ଦେଶୀ ଶବ୍ଦ ଭର୍ତ୍ତି କରିଦେଇଥାନ୍ତେ ତାଙ୍କ ଗୀତଗୋବିନ୍ଦରେ ! ସେ ଶବ୍ଦଟିକୁ ପୁଞ୍ଜି କରି ଆମେ ଜୟଦେବଙ୍କୁ ଓଡ଼ିଆ ବୋଲି ଓଟାରି ଆଣିଥାନ୍ତୁ । ସେହିପରି ଏ ପ୍ରବାସୀ ପିଲାମାନଙ୍କର ନା ଥିବ ଓଡ଼ିଆ ଜାତି ପାଇଁ ଦରଦ ନା ଓଡ଼ିଆ ରାଜ୍ୟ ପାଇଁ ଆକର୍ଷଣ । ସେମାନେ ଓଡ଼ିଶାର ନୁହନ୍ତି, ସେମାନେ ଓଡ଼ିଆ ନୁହନ୍ତି । ସେମାନଙ୍କ ଦେଶ ଭାରତବର୍ଷ, ସେମାନେ ଭାରତୀୟ । ସେମାନେ ଆମମାନଙ୍କ ପରି ଓଡ଼ିଆ-ଭାରତୀୟ ନୁହନ୍ତି, ସେମାନେ ମହାଭାରତୀୟ । ଏହି ସହସ୍ର ସହସ୍ର ତଥାକଥିତ ଛିନ୍ନମୂଳ ପିଲାଙ୍କ ପାଇଁ ଏ ଜାତିର କିଛି କରଣୀୟ ଅଛି କି?

ଏ ନୂଆ ପିଲେ ତିଆରି ହେଉଛନ୍ତି ନୂଆ ଭାଷାରେ । ଏହା ଖାଲି ଓଡ଼ିଆ ପିଲାଙ୍କ କ୍ଷେତ୍ରରେ ଘଟୁନାହିଁ, ଏହା ଭାରତର ସବୁ ଜାତିଙ୍କ କ୍ଷେତ୍ରରେ ଘଟୁଛି । ଲକ୍ଷ ଲକ୍ଷ ଭାରତୀୟ

Digitized by PPRACHIN, SOA

ପୁଅ-ଝିଅ ନିଜ ନିଜର କ୍ଷୁଦ୍ର ଜାତୀୟତାକୁ ଛାଡ଼ି, ନିଜ ନିଜର ସଂକୀର୍ଣ୍ଣ ଜାତିଆଣତାକୁ ଜଳାଞ୍ଜଳି ଦେଇ, ନୂତନ ଆଦର୍ଶରେ , ନୂତନ ମୂଲ୍ୟବୋଧରେ ଦୀକ୍ଷିତ ହେଉଛନ୍ତି । ଏ ପିଲେ ଅନେକଠି ତିଆରି ହେଉଛନ୍ତି ସହସ୍ର ସହସ୍ର ସଂଖ୍ୟାରେ । ଇଂରେଜୀ ମିଡିଅମ୍ ସ୍କୁଲମାନଙ୍କରୁ, କେନ୍ଦ୍ରୀୟ ବିଦ୍ୟାଳୟମାନଙ୍କରୁ, ନବୋଦୟ ପାଠଶାଳାରୁ, ସୈନିକ ସ୍କୁଲମାନଙ୍କରୁ ଏ ପିଲାଏ ହଜାର ହଜାର ସଂଖ୍ୟାରେ ଉତ୍ତୀର୍ଣ୍ଣ ହୋଇ ସାରା ଭାରତବର୍ଷଯାକ ବିଞ୍ଛାଡ଼ି ହୋଇପଡୁଛନ୍ତି । ସେମାନଙ୍କ ଶିକ୍ଷାର ପ୍ରଥମ ଓ ପ୍ରଧାନ ବଳି ହେଉଛି ମାତୃଭାଷା । ବାପମାମାନେ, ଅଭିଭାବକମାନେ ପ୍ରାଣମୂର୍ଚ୍ଛା ଚେଷ୍ଟା କରି ପିଲାମାନଙ୍କୁ ଏ ଶିକ୍ଷାରେ ଦୀକ୍ଷିତ କରିବା ପାଇଁ ବ୍ୟାକୁଳ । ଏହା ଖାଲି ବାପମାମାନଙ୍କୁ ଡାଡି ମାମି ଡାକିବାରେ ସୀମିତ ନୁହେଁ, ଏହା ଏକ ସୁଦୂରବ୍ୟାପୀ ନୂତନ ଭାରତୀୟ ସଭ୍ୟତା । ଏ ସଭ୍ୟତା ପ୍ରତି, ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ, ବାପମାମାନଙ୍କର ଆକର୍ଷଣ ଅସୀମ । ସେମାନେ ନିଜେ ସାହାଯ୍ୟ କରୁଛନ୍ତି ତାଙ୍କ ପିଲାଙ୍କ ମାତୃଭାଷାକୁ ମୂଳପୋଛ କରିବାରେ । ସେଇମାନେ ହିଁ ଶିଖାଉଛନ୍ତି ନିଜ ପିଲାଙ୍କୁ ଡାଡି ମାମି ଡାକିବା ପାଇଁ । ପିଲେ ମା ପେଟରୁ ଶିଖି ଆସିନାହାନ୍ତି ଡାଡି ମମି ଡାକ କି ମାଷ୍ଟ୍ରମାନେ ଶିଖାଉ ନାହାନ୍ତି ଏ ଡାକ । ଏ ବାପମାମାନଙ୍କର ଭୟ ଯେ, ତାଙ୍କ ପିଲେ ନନା ବୋଉ ଡାକିଲେ ଓଡ଼ିଆ ହୋଇଯିବେ । ଅନେକ ସ୍କୁଲରେ ପିଲାମାନଙ୍କୁ ଆଡ୍‌ମିଶନ୍ ଦେବା ସମୟରେ ଖାଲି ପିଲାମାନଙ୍କୁ ପରୀକ୍ଷା କରାଯାଇ ନଥାଏ, ତାଙ୍କ ମା'ମାନଙ୍କୁ ମଧ୍ୟ ଇଣ୍ଟରଭ୍ୟୁ କରାଯାଇଥାଏ । ପିଲାର ଏ ନୂତନ ଶିକ୍ଷା ପାଇଁ ପ୍ରଥମେ ପିଲାର ମା'ର ଯୋଗ୍ୟତାକୁ ଦେଖାଯାଇଥାଏ । ସେ ମା' ହେବାର ଯୋଗ୍ୟ କି ନା ? ମା'କୁ ହିଁ ଆଗେ ବୁଝିବାକୁ ପଡ଼ିବ କି ପ୍ରକାରର ଆଦର୍ଶରେ ସେ ନିଜେ ଚାଳିତ ହେବ । ପ୍ରଥମେ ତା'କୁ କୁହାଯାଏ ଯେ, ପିଲାଙ୍କ ସହିତ ଓଡ଼ିଆରେ କଥାବାର୍ତ୍ତା ହେବା ମନା । ଆଗେ ପିଲାକୁ ସ୍କୁଲର ଭାଷା ଶିଖାଇବାକୁ ପଡ଼ିବ ଆଉ ସ୍କୁଲର ଭାଷା ହେଉଛି ଇଂରାଜୀ ଓ ହିନ୍ଦୀ । ବାପମା'ମାନେ ଅଣନିଶ୍ୱାସୀ ହୋଇପଡ଼ନ୍ତି ସନ୍ତାନକୁ ଇଂରାଜୀ ଭାଷା ଶିଖାଇବାରେ । ପିଲାମାନେ ଘରେ ବି ଓଡ଼ିଆ ବହି ପଢ଼ିବା ମନା, ଓଡ଼ିଆ ସ୍କୁଲ ପିଲାମାନଙ୍କ ସାଙ୍ଗରେ ମିଶିବା ମନା । ନିଜର ମାତୃଭାଷା ପ୍ରତି ଏହି ବିଦ୍ୱେଷ ଘରୁ ହିଁ ଆରମ୍ଭ ହୋଇଥାଏ । ବାପମା' ଓ ସ୍କୁଲ ଛଡ଼ା ଏଥିପାଇଁ ଆଉ କାହାକୁ ଦୋଷୀ କରାଯାଇ ପାରିବ ନାହିଁ ।

ଏବେ, ଆମ ସରକାର ଚିନ୍ତା କରୁଛନ୍ତି ଇଂଲିଶ ମିଡିଅମ୍ ସ୍କୁଲ ଢାଞ୍ଚାରେ ଓଡ଼ିଆ ମିଡିଅମ୍ ସ୍କୁଲ ଖୋଲିବା ପାଇଁ, କିନ୍ତୁ କଣ ହେବ ଏ ଓଡ଼ିଆ ମିଡିଅମ୍ ସ୍କୁଲର ଆଦର୍ଶ କ୍ୱଚିତ୍ ଲୋକ କହିପାରିବେ । ଇଂଲିଶ ମିଡିଅମ୍ ସ୍କୁଲ ଓ ଓଡ଼ିଆ ସ୍କୁଲ ଭିତରେ ଶିକ୍ଷାର ବସ୍ତୁକୁ ନେଇ

Digitized by PPRACHIN, SOA

ସେପରି କିଛି ପାର୍ଥକ୍ୟ ନାହିଁ । ପାର୍ଥକ୍ୟ ଅଛି ଭାଷା, ଭାଷାଗତ ଆଦର୍ଶରେ ଓ ଲକ୍ଷ୍ୟରେ ଏବଂ ଏହି ଆଦର୍ଶ ଓ ଲକ୍ଷ୍ୟକୁ ପୂରଣ କରିବାରେ ଭାଷାର ଏକ ବିରାଟ ଭୂମିକା ରହିଛି । ସେ ଭୂମିକାକୁ ନିର୍ବାହ କରିବା ପାଇଁ ଓଡ଼ିଆ ଭାଷାରେ ସାମଗ୍ରୀ ଅଛି କି ନାହିଁ ବା ଥିଲେ କି ପ୍ରକାରର ସାମଗ୍ରୀ ଅଛି ଆଗେ ଦେଖିବାର କଥା, ଅନ୍ୟ କଥାରେ ଓଡ଼ିଆ ଭାଷା ସେଥିପାଇଁ ପ୍ରସ୍ତୁତ ହୋଇଛି କି ନାହିଁ ଦେଖିବାର କଥା । ପ୍ରାଥମିକ ଶ୍ରେଣୀରେ ଇଂଲିଶ ମିଡିଅମ୍ ସ୍କୁଲ ପିଲାଙ୍କ ପାଇଁ ଗାଈ ବିଷୟରେ ଗୋଟିଏ ପ୍ରବନ୍ଧ ଲେଖିବାକୁ ହେଲେ, ସେମାନେ ଲେଖିବେ— ଗାଈ ଗୋଟିଏ ସ୍ତନ୍ୟପାୟୀ, ମେରୁଦଣ୍ଡୀ, ଚତୁଷ୍ପଦ ଓ ତୃଣଭୋଜୀ ପଶୁ ଅଟେ । ସେ କ୍ଷେତ୍ରରେ ଓଡ଼ିଆ ସ୍କୁଲ ପିଲେ ଆରମ୍ଭ କରିବେ— ଗାଈ ଆମର ମା'ରୁ । ଇଂଲିଶ ମିଡିଅମ୍ ସ୍କୁଲରେ ଗାଈ ପୃଥିବୀର ଅନ୍ୟାନ୍ୟ ଜୀବମାନଙ୍କ ମଧ୍ୟରୁ ଗୋଟିଏ ଜୀବ—ଦରକାର ସମୟରେ ଯାହାକୁ ମାରି ମାଂସ ବି ଖିଆଯାଇଥାଏ । କିନ୍ତୁ ଓଡ଼ିଆ ସ୍କୁଲ ପିଲାଙ୍କ ପାଇଁ ଗାଈ ମୂଳରୁ ଲୋଡେଡ୍ ବା ଭାବପ୍ରବଣତାରେ ଭାରାକ୍ରାନ୍ତ । ଗାଈ ମାଂସ ହେବା ଦୂରେ ଥାଉ ସେ ଆମର ମା', ସେ କାମଧେନୁ, ସେ ସ୍ୱର୍ଗୀୟ । ଏପରି କ୍ଷେତ୍ରରେ ଓଡ଼ିଆ ମିଡିଅମ୍ ସ୍କୁଲ କଣ ପଢ଼ାଇବ—ଗାଈ ଗୋଟିଏ ଚତୁଷ୍ପଦ ପ୍ରାଣୀ ନା ଗାଈ ଆମର ମା' ? ଏହି ଆଦର୍ଶଗତ ଦ୍ୱନ୍ଦ୍ୱ ଏଇଠି ଶେଷ ହୋଇ ନାହିଁ । ଇଂରାଜୀ ଭାଷା ଓ ଓଡ଼ିଆ ଭାଷାର ଏକ ତୁଳନାତ୍ମକ ଅଧ୍ୟୟନ କଲେ ସହଜରେ ବୁଝାଯାଏ ଯେ, ଓଡ଼ିଆ ଭାଷାକୁ ତଥାକଥିତ ଓଡ଼ିଆ ମାଧ୍ୟମ ସ୍କୁଲ ପାଇଁ ଆମୂଳଚୂଳ ବଦଳାଇବାକୁ ପଡ଼ିବ ଓ ଏହାର ଆଭିମୁଖ୍ୟକୁ ବଦଳାଇବାକୁ ପଡ଼ିବ । ଶିକ୍ଷାକୁ ଏକ ସେକ୍ୟୁଲାର ବା ଧର୍ମ ନିରପେକ୍ଷ, ତଥ୍ୟଭିତ୍ତିକ ଜାତୀୟବାଦୀ ଭାଷାରେ ଉପସ୍ଥାପନ କରିବାକୁ ହେଲେ ସଂକୀର୍ଣ୍ଣ ଜାତୀୟତା ଓଡ଼ିଆ ଭାଷା ଦେହରୁ ଛଡ଼ାଇବାକୁ ପଡ଼ିବ । ଉପରେ ଦିଆଯାଇଥିବା ଗାଈର ଉଦାହରଣରୁ ସ୍ପଷ୍ଟ ଯେ, ପ୍ରତ୍ୟେକ ଭାଷା ଏକ ନିର୍ଦ୍ଦିଷ୍ଟ ମୂଲ୍ୟବୋଧକୁ, ନିର୍ଦ୍ଦିଷ୍ଟ ଆଦର୍ଶ ଓ ପରମ୍ପରାକୁ ପ୍ରକାଶ କରିଥାଏ । ଓଡ଼ିଆରେ ଗାଈକୁ ମାରି ମାଂସ କରାଯାଏ ନାହିଁ କି ଗୋବର ଗାଈଗୁହ ନୁହେଁ । ଓଡ଼ିଆ ମିଡିଅମ୍ ସ୍କୁଲମାନେ ଖାଲି ପିଲାଙ୍କୁ ନୂଆ ସ୍କୁଲ ୟୁନିଫର୍ମ ପିନ୍ଧାଇ, ଟାଇ ବାନ୍ଧି, ଜୋତା ମୋଜା ପିନ୍ଧାଇ ଦେଲେ ସେମାନେ ଇଂଲିଶ ମିଡିଅମ୍ ସ୍କୁଲ ପିଲାଙ୍କ ସମକକ୍ଷ ହୋଇଯିବେ ନାହିଁ । ସେଥିପାଇଁ ଓଡ଼ିଆ ଜାତିଆଣତା, ସଂକୀର୍ଣ୍ଣତା ଇତ୍ୟାଦିରୁ ପାଠ୍ୟ ସାମଗ୍ରୀକୁ ମୁକ୍ତ କରିବାକୁ ପଡ଼ିବ । ଅନ୍ୟ କଥାରେ କହିଲେ ଓଡ଼ିଆ ଜାତୀୟତାର ସମସ୍ତ ପ୍ରକାର ସଂକୀର୍ଣ୍ଣତାକୁ ଓଡ଼ିଆ ଭାଷା ଉପରୁ ପୋଛିଦେବାକୁ ପଡ଼ିବ । ଇଂଲିଶ ସ୍କୁଲ ଖାଲି ଇଂରେଜୀ ଭାଷା ଶିକ୍ଷା ପାଇଁ ବଡ଼ ହୋଇନାହିଁ, ବଡ଼ ହୋଇଛି ନିଜର ସର୍ବଭାରତୀୟ ଆଭିମୁଖ୍ୟ

Digitized by PPRACHIN, SOA

ଯୋଗୁ । ଓଡ଼ିଆ ମିଡିଅମ୍ ସ୍କୁଲ କଣ ସେହି ଭାରତୀୟ ଉଦାରତାକୁ ଶିଖାଇବ ନା ଶିଖାଇବ ଓଡ଼ିଆ ଜାତିଆଣତାକୁ ? ଓଡ଼ିଆ ମିଡିଅମ୍ ସ୍କୁଲ ପିଲେ କଣ ପୁଣି ପଢ଼ିବେ ଲାଙ୍ଗୁଳା ନରସିଂହ ଦେବ, ଚୋଡ଼ଗଙ୍ଗଙ୍କ ଇତିହାସ, ହନୁମାନ କି ହିଙ୍ଗୁଳା ଠାକୁରାଣୀଙ୍କ ମାଜଣା ଦିନ ସ୍କୁଲ ଛୁଟି ହେବ, ପଢ଼ିବେ ଉପେନ୍ଦ୍ରଭଞ୍ଜ, କବିସୂର୍ଯ୍ୟଙ୍କ ସାହିତ୍ୟ ଆଉ ପାଠବହିରେ ଦେଖିବେ ଶଗଡ଼ଗାଡ଼ି ଆଉ ତୁଳସୀ ଚଉରାର ଚିତ୍ର ? ଅଥଚ ଏ ସବୁ ନରହିଲେ ଓଡ଼ିଆ ପିଲେ କିପରି ଓଡ଼ିଆ ହେବେ ? ପୁଣି, ଓଡ଼ିଆ ସ୍କୁଲରୁ ପାସ୍ କରି ଏ ପିଲେ କୁଆଡ଼େ ଯିବେ ? ସେମାନେ ଯଦି ସର୍ବଭାରତୀୟ କ୍ଷେତ୍ରକୁ ଯିବାକୁ ଚାହୁଥାନ୍ତି, ଓଡ଼ିଆ ସ୍କୁଲରେ ପଢ଼ି ସେମାନଙ୍କର କୌଣସି ଲାଭ ହେବ ନାହିଁ ବରଂ ଏକ ପ୍ରତିବନ୍ଧକ ହୋଇ ଦେଖାଦେଇପାରେ । ସେମାନେ ଯଦି ଓଡ଼ିଶାରେ ରହିବାକୁ ଚାହୁଥାନ୍ତି, କେଉଁ ସ୍ତରରେ ସେମାନେ ରହିବେ ? କି ଜୀବିକା ହେବ ସେମାନଙ୍କର ଲକ୍ଷ୍ୟ ? ସେଥିପାଇଁ କେଉଁ ଭାଷା, କେଉଁ ଆଦର୍ଶ, କେଉଁ ଆଭିମୁଖ୍ୟକୁ ସେମାନେ ଆପଣାଇବେ ? ଏହି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ପରୀକ୍ଷା ନକରି ଖାମଖିଆଲି ଭାବେ ଲୋକଙ୍କ ଭିତରେ ଧୂଆଁବାଣ ପ୍ରଚାର ଚାଲିଛି—ସତେ ଯେମିତି ଓଡ଼ିଆ ମିଡିଅମ୍ ସ୍କୁଲ ଖୋଲିଦେଲେ, ପିଲାଏ ଆଉ ଇଂଲିଶ ସ୍କୁଲକୁ ଯିବେ ନାହିଁ ବା ଏ ଜାତିର ଭାଗ୍ୟ ଖୋଲିଯିବ ! ଭାଷା ଉପରେ ଗୋଟିଏ ଜାତିର ଭାଗ୍ୟ ନିର୍ଭର କରୁଛି । ଓଡ଼ିଆ ମିଡିଅମ୍ ସ୍କୁଲ ଖୋଲିଦେଲେ ପିଲେ ଓଡ଼ିଆ ଭାଷାରେ, ଓଡ଼ିଆ ସାହିତ୍ୟରେ, ଓଡ଼ିଆ ସଂସ୍କୃତିରେ ପଣ୍ଡିତ ହୋଇଯିବେ ନାହିଁ । ସେଥିପାଇଁ ଯଥେଷ୍ଟ ବିଜ୍ଞତାର ସହିତ ଓଡ଼ିଆ ଭାଷାରେ ଉପଯୁକ୍ତ ପାଠ୍ୟସାମଗ୍ରୀ ପ୍ରସ୍ତୁତ କରିବାକୁ ପଡ଼ିବ । ଓଡ଼ିଆ ଭାଷାକୁ ଅନୁରୂପ ଭାବେ ସଜାଇବାକୁ ପଡ଼ିବ । ବସ୍ତୁତଃ, ସ୍କୁଲଗୁଡ଼ିକର ଇଂରାଜୀ ମାଧ୍ୟମ ବଦଳାଇବା ପରିବର୍ତ୍ତେ ଉଚ୍ଚ ଶକ୍ତିସମ୍ପନ୍ନ ଓଡ଼ିଆ ଭାଷା ଶିକ୍ଷା ସାମଗ୍ରୀ ଏଇ ସ୍କୁଲଗୁଡ଼ିକରେ ଶିକ୍ଷା ଦିଆଯିବା ଉଚିତ । ବର୍ତ୍ତମାନ ବି ଖାଣ୍ଟି ଓଡ଼ିଆ ସ୍କୁଲରେ ଦୀର୍ଘ ବର୍ଷ ଧରି ପଢ଼ିଥିବା ସତ୍ତ୍ୱେ ବହୁ ଉଚ୍ଚ ଶିକ୍ଷିତ ଓଡ଼ିଆଙ୍କର ଓଡ଼ିଆ ଭାଷା ଜ୍ଞାନ ଏକାନ୍ତ ଅଭାବନୀୟ । ଏଥିରୁ ସ୍ପଷ୍ଟ ଯେ, ଓଡ଼ିଆ ଭାଷା ଶିକ୍ଷାର ପ୍ରଣାଳୀ ହିଁ ଭୁଲ୍, ମେଥଡ୍ ହିଁ ପ୍ରାମାଦିକ । ସେଥିପାଇଁ ଯୁଗୋପଯୋଗୀ ପାଠ୍ୟସାମଗ୍ରୀ ପ୍ରସ୍ତୁତ କରାଯିବା ଏକାନ୍ତ ଭାବେ ଆବଶ୍ୟକୀୟ ହୋଇପଡ଼ିଛି, ଯେଉଁ ସାମଗ୍ରୀ ଓଡ଼ିଆ ସଂକୀର୍ଣ୍ଣତାକୁ ନଶିଖାଇ ମହାଭାରତୀୟତାକୁ ଶିଖାଇବ ।

୧୪. ଇଂରାଜୀ ମିଡିଅମ୍ ସ୍କୁଲର ପିଲେ କାହିଁକି ପାଣି ପରି ଇଂରାଜୀ ଭାଷା କହିପାରନ୍ତି ? ଯେତେବେଳେ ଆମର ଇଂରାଜୀ ଅଧ୍ୟାପକମାନେ, ଯେଉଁମାନେ ପନ୍ଦରବର୍ଷରୁ ଊର୍ଦ୍ଧ୍ୱ ସମୟ ଇଂରାଜୀ ଭାଷା ସାହିତ୍ୟ ଶିକ୍ଷାରେ କଟାଇଛନ୍ତି ଓ ସେକ୍ସପିଅରଙ୍କଠାରୁ ଆରମ୍ଭ

Digitized by PPRACHIN, SOA

କରି ଇଲିଅଟ୍‌ଙ୍କ ପର୍ଯ୍ୟନ୍ତ ଇଂରାଜୀ ସାହିତ୍ୟର ବହୁ ରଥୀ ମହାରଥୀଙ୍କୁ ମୁଖସ୍ଥ କରିଛନ୍ତି, କାହିଁକି ସେମାନେ ଇଂରାଜୀ ଭାଷା କହିଲାବେଳକୁ ଥଙ୍ଗାନ୍ତି, ଆଲ୍ଲମାଲ୍ଲା ହୋଇଯାନ୍ତି । ଏପରିକି ଆମେ ଜାଣୁ, ଆମର ଶହ ଶହ ଇଂରାଜୀ ଅଧ୍ୟାପକ ଥିବା ସତ୍ତ୍ୱେ; ଦୂରଦର୍ଶନ, ଆକାଶବାଣୀ, ମେଳା ଉତ୍ସବରେ ଇଂରାଜୀ ଭାଷାରେ ଧାରା ବିବରଣୀ ଦେବା ପାଇଁ କ୍ୱଚିତ୍ କେହି ଉପଯୁକ୍ତ ମନେ ହୋଇଥାନ୍ତି । ଅଥଚ, ଇଂଲିଶ ମିଡିଅମ୍ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ସେ କାମ ତୁଲାଇବା ପାଇଁ ଡକାଯାଉଛି । ଇଂରାଜୀ ଶିକ୍ଷାରେ ଓଡ଼ିଆ କାହାରି ପଛରେ ନଥିବା ସ୍ଥଳେ, ହଜାର ହଜାର ଓଡ଼ିଆ ଇଂରାଜୀରେ ଏମ୍.ଏ., ପିଏଚ୍.ଡି. କରୁଥିବା ବେଳେ, କ୍ୱଚିତ୍ କେହି ଓଡ଼ିଆ ଇଂରାଜୀ ନିଉଜ୍-ରୀଡର, ଇଂରାଜୀ ଭାଷା କହିପାରୁଥିବା ରିସେପ୍‌ଶନିଷ୍ଟ, କମ୍ପେର, ଆଙ୍କର-ପରସନ, ଏଆରହୋଷ୍ଟେସ୍, ଇତ୍ୟାଦି କାମ ପାଇଥାନ୍ତି । କାହିଁକି ଇଂରାଜୀ ଶିକ୍ଷାର ଏ ଦୁରବସ୍ଥା ଓଡ଼ିଶାରେ ? କେଉଁଠି ରହିଯାଇଛି ଖିଇଟା ଆମ ଇଂରାଜୀ ଶିକ୍ଷାରେ ? ଇଂରାଜୀରେ ଉଚ୍ଚଶିକ୍ଷା ସତ୍ତ୍ୱେ, କାହିଁକି ଆମ ଛାତ୍ରଛାତ୍ରୀ ଇଂରାଜୀ ଭାଷାରେ ଦକ୍ଷତା ହାସଲ କରିପାରନ୍ତି ନାହିଁ ? ଅଥଚ ମାତ୍ର ତିନି ଚାରି ବର୍ଷ ଶିକ୍ଷା ପରେ, ଇଂରାଜୀ ମିଡିଅମ୍ ସ୍କୁଲର ପିଲାମାନେ ବି ସେ ଦକ୍ଷତା ହାସଲ କରୁଛନ୍ତି । କଣ ପାର୍ଥକ୍ୟ ଆମ ଇଂଲିଶ ମିଡିଅମ୍ ସ୍କୁଲ ପିଲା ଓ ଇଂରାଜୀର ଅଧ୍ୟାପକମାନଙ୍କ ଭିତରେ ? ଏ ପାର୍ଥକ୍ୟର ପ୍ରଥମ ଓ ପ୍ରଧାନ କାରଣ ହେଉଛି ଯେ, ଇଂଲିଶ ମିଡିଅମ ସ୍କୁଲରେ ଭାଷା ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ, କଲେଜ ବିଶ୍ୱବିଦ୍ୟାଳୟମାନଙ୍କରେ ଭାଷା ଶିକ୍ଷା ଦିଆଯାଇ ନଥାଏ । ଫଳରେ ଅଧିକାଂଶ ଇଂରାଜୀ ଅଧ୍ୟାପକ ଓଡ଼ିଆ-ଇଂରାଜୀ କହିଥାନ୍ତି ଓ ସେମାନଙ୍କର ଇଂରାଜୀ ଉଚ୍ଚାରଣ, ଇଂରାଜୀ ଚଳନ୍ତି ପ୍ରୟୋଗ ଓ ଇଂରାଜୀଭାଷାର ଏଟିକେଟ୍ ଅଭାବନୀୟ । ସମସ୍ତେ ଲକ୍ଷ୍ୟ କରିଥିବେ ଯେ ଇଂରାଜୀ ମିଡିଅମ୍ ପିଲାମାନେ କଥାକଥାକେ ଥ୍ୟାଙ୍କ ୟୁ, ପ୍ଲୀଜ୍, ସରି, ଏକ୍‌ସକ୍ୟୁଜ୍ ମି'ର ବ୍ୟବହାର କରୁଥିବା ବେଳେ, ଅର୍ଥାତ୍ ଇଂରାଜୀ ଭାଷାର ଏଟିକେଟ୍‌କୁ ଆୟତ୍ତ କରିପାରିଥିବା ବେଳେ ଇଂରାଜୀ ସାହିତ୍ୟର ଏମ୍.ଏ. ଛାତ୍ରଛାତ୍ରୀମାନେ ବି ଭାଷାର କାଇଦା କଟକଣା ବିଷୟରେ ସମ୍ପୂର୍ଣ୍ଣ ଅନଭିଜ୍ଞ । ଗୋଟିଏ ଜାତିର ଭାଷା କହିବାବେଳେ ସେ ଭାଷାର ନମ୍ରତା, ଉଦାରତା, ଶିଷ୍ଟତା, ଶ୍ଳୀଳତା ଇତ୍ୟାଦିକୁ ନଶିଖିବା ଏକ ଗର୍ହିତ ଅପରାଧ– ଓଡ଼ିଆରେ ଆଜ୍ଞା, ଆପଣ ନଶିଖିବା ପରି । ସାହିତ୍ୟ ଶିକ୍ଷା ଭାଷାଶିକ୍ଷା ନୁହେଁ । ତେଣୁ ଇଂଲିଶ ସ୍କୁଲ ପିଲେ ଅତି କମ୍ ସମୟ ଭିତରେ ଚଳନ୍ତି ଇଂରାଜୀ ଭାଷା ଶିକ୍ଷା କରିପାରୁଥିବା ବେଳେ ବର୍ଷ ବର୍ଷ ଅଧ୍ୟୟନ ଅଧ୍ୟାପନା କରି ବି ଇଂରାଜୀ ସାହିତ୍ୟର ଛାତ୍ରମାନେ ସେ ଭାଷା-ଦକ୍ଷତା ହାସଲ

Digitized by PPRACHIN, SOA

କରିପାରୁନାହାନ୍ତି । ଆଧୁନିକ ପ୍ରଣାଳୀରେ ଭାଷା ଶିକ୍ଷା କରିବା ଏକ କଠିନ କାମ ନୁହେଁ । ଏବେ ସ୍ୱଳ୍ପଶିକ୍ଷିତା ଗୃହିଣୀମାନେ ବି ଚାରି ପାଞ୍ଚ ସପ୍ତାହ ଟ୍ରେନିଂ ନେଇ ସ୍ପୋକନ୍ ଇଂଲିଶ ବା କଥିତ ଇଂଲିଶ୍‌ରେ ଯଥେଷ୍ଟ ଦକ୍ଷତା ହାସଲ କରୁଛନ୍ତି । ତେଣୁ ଏଥିରୁ ସ୍ପଷ୍ଟ ଯେ, ଭାଷା ଶିକ୍ଷା, ସେ ଇଂରାଜୀ ହେଉ କି ଓଡ଼ିଆ ହେଉ, ସେପରି ଏକ କଷ୍ଟ ବା ସମୟସାପେକ୍ଷ କାର୍ଯ୍ୟ ନୁହେଁ । ଛାତ୍ରମାନଙ୍କୁ ଗୋଟିଏ ବର୍ଷ ଯଦି ଭାଷାରେ ଗହନ-ଶିକ୍ଷା ଦିଆଯାଏ, ସେମାନେ ଯଥେଷ୍ଟ ପାରଦର୍ଶିତା ଲାଭ କରିପାରିବେ । ଇଂଲିଶ ମିଡିଅମ୍ ସ୍କୁଲର ପ୍ରଥମ ଓ ପ୍ରଧାନ ଯୋଗ୍ୟତା ହେଉଛି ଇଂରାଜୀ ଭାଷାରେ ଦକ୍ଷତା । ଏ ଦକ୍ଷତା ଶୁଦ୍ଧ ଉଚ୍ଚାରଣ, ପ୍ରକାଶଭଙ୍ଗୀ, ଶବ୍ଦବୋଧ, ଶବ୍ଦବୈଚିତ୍ର୍ୟ, ଏଲାବରେଟ ଷ୍ଟାଇଲ୍ ବା ବିସ୍ତୃତ ଶୈଳୀ, ବ୍ୟାକରଣ ଶୁଦ୍ଧତା, ଶିଷ୍ଟତା, କମନୀୟତା, ସଂଯମ, ଏଫେକ୍‌ଟିଭ୍ ବା ପ୍ରଭାବଶୀଳ ଭାଷାପ୍ରୟୋଗ ଇତ୍ୟାଦିକୁ ନେଇ । ସଂକ୍ଷେପରେ କହିଲେ, ଆଧୁନିକ ଭାଷା ଶିକ୍ଷାର ପ୍ରଧାନ ଉଦ୍ଦେଶ୍ୟ ହେଉଛି ଭାଷା ମାଧ୍ୟମରେ ପ୍ରଭାବିତ କରିପାରିବାର ଶକ୍ତି ବା ପ୍ରଭାବଶୀଳ କଥନ ଲିଖନ । ଓଡ଼ିଆ ଭାଷାର ସେ ଶକ୍ତି ଯେ ନାହିଁ କହିବା ଠିକ୍ ନୁହେଁ । ତଥାପି କେତେକ କ୍ଷେତ୍ରରେ ଓଡ଼ିଆ ଭାଷାର ଦୈନ୍ୟକୁ ଆମକୁ ଅବଶ୍ୟ ସ୍ୱୀକାର କରିବାକୁ ହେବ । ବହୁ କ୍ଷେତ୍ରରେ ଓଡ଼ିଆ ଭାଷାର ଏ ଦୁର୍ବଳତା ରହିଛି । ଗୋଟିଏ ଉଦାହରଣ ନେଲେ ଯଥେଷ୍ଟ ହେବ । ହାସ୍ୟରସକୁ ନିଆଯାଉ । ଆମ ଆଧୁନିକ ଓଡ଼ିଆ ସାହିତ୍ୟର ରମ୍ୟରଚନାଗୁଡ଼ିକୁ ଯଦି ନିଆଯାଏ, ଦେଖାଯାଏ ଯେ ହାସ୍ୟ ସୃଷ୍ଟି କରିବା ପାଇଁ ଏ ରଚନା ଗୁଡ଼ିକ ପ୍ରାୟତଃ ଫ୍ଲାଟ୍ ବା ବେସୁରା, ଅର୍ଥାତ୍ ହାସ୍ୟରସ ସୃଷ୍ଟି କରିବା ପାଇଁ ଯଥେଷ୍ଟ ସରଞ୍ଜାମ ନାହିଁ ଏ ଭାଷାରେ, ତେଣୁ ଓଡ଼ିଆ ହାସ୍ୟରସ ସାଧାରଣତଃ ବୁଦ୍ଧିଦୀପ୍ତ, ଉଦାର, ଅସୂୟାରହିତ, ସୁରୁଚିସମ୍ପନ୍ନ, ସହଜ ନହୋଇ ହୋଇଥାଏ, ଭେସେଡ଼ା, ନିଷ୍ଠୁର, ଅଶ୍ଳୀଳ, ଅସହିଷ୍ଣୁ ଓ ଆକ୍ରୋଶ ବା ଅସୂୟାମୂଳକ । ଏ ଜାତି ନିରୀହ, ଉଦାର ହସରେ କୁରୁଳି ବି ପାରୁନାହିଁ । ଓଡ଼ିଆ କାଗଜମାନଙ୍କରେ ଏବେ କାର୍ଟୁନ୍, କମିକ୍ ଷ୍ଟ୍ରିପ ସାଧାରଣ ହୋଇଥିଲେ ବି ଏ ଜାତିକୁ ସେଗୁଡ଼ିକ ପ୍ରାଣଖୋଲା ହସରେ ହସାଇ ପାରୁନାହାନ୍ତି । କହିବାକୁ ଗଲେ, ଫକୀରମୋହନଙ୍କ ହସ, ଏ ଜାତିର ଶେଷ ଉଲ୍ଲେଖଯୋଗ୍ୟ ରସିକତା । ହସ ସୃଷ୍ଟି କରିବା ପାଇଁ ଓଡ଼ିଆ ଭାଷାରେ ଉପଯୁକ୍ତ ପରମ୍ପରା ସୃଷ୍ଟି ହୋଇନାହିଁ । ହସ ନାଁରେ ଆମେ ଖାଲି ହିଂସା ଓ ବିଦ୍ରୂପର ଜାଲ ବୁଣି ଚାଲିଛୁ ଯେଉଁ ଜାଲରେ ପଡ଼ି ଉଦ୍ଦେଶ୍ୟ ଓ ଉଦ୍ଦିଷ୍ଟ ଆମୋଦିତ ହେବା ଅପେକ୍ଷା ଉଭୟ ହେଉଛନ୍ତି ରକ୍ତାକ୍ତ । ଏପରି ଅବସ୍ଥା ଆସି ପହଞ୍ଚିଛି ଯେ, ଉଚ୍ଚସ୍ତରରେ ହାସ୍ୟରସର ଗ୍ରାହକତା ଆମ ଜନସମାଜରୁ ଲୋପ ପାଇଯାଇଛି । ଲୋକେ ହାସ୍ୟରସର ଭାଷାକୁ ବୁଝିପାରୁନାହାନ୍ତି, କରୁଳୁନାହାନ୍ତି କି କୁତୁକୁତୁ ହେଉ ନାହାନ୍ତି । ସେ ଦୃଷ୍ଟିରୁ ଟେଲିଭିଜନ୍

Digitized by PPRACHIN, SOA

ଆଦି ଜରିଆରେ ହିନ୍ଦୀ ଓ ଅନ୍ୟାନ୍ୟ ଭାରତୀୟ ଭାଷାମାନେ ବି ଆଜି ଉନ୍ନତ ଧରଣର ହସରେ ଉଜ୍ଜୀବିତ ହୋଇଛନ୍ତି । ଆମେ କିନ୍ତୁ ଅଥାର ହାଣ୍ଡି ପରି ମୁହଁ କରି ବସିଛୁ । ହସିବାର ଉପାଦାନ ନାହିଁ ବା ହସାଇବାର ଭାଷା ନାହିଁ । ଏହା ଆମକୁ ଏକ ବେରସିକ, ରୂଢ଼ ଜାତିରେ ପରିଣତ କରିଛି । ଓଡ଼ିଆ ଭାଷାରେ କୁରୁଳିବାର ଉପାଦାନ ତିଆରି ହେଉନାହିଁ । ବିନା ବିଦୂଷକମାନଙ୍କୁ ନ ନଚାଇଲେ ରଙ୍ଗ କଳା ଲଗାଇ, ଲୋକେ ହସିପାରୁ ନାହାନ୍ତି । ଯଦୁମଣି ବା ବ୍ରଜନାଥ ଓଡ଼ିଆ ଭାଷା ଉପାଦାନରେ ଏ ଜାତିକୁ ହସାଉଥିଲେ, କିନ୍ତୁ ବର୍ତ୍ତମାନ ଜୋକର ନବାହାରିଲେ, ଡିଆଁକୁଦା ନକଲେ, ରଙ୍ଗ କଳା ବୋଳି ନହେଲେ ଲୋକେ ହସୁନାହାନ୍ତି । ଏହା ଏକ ରୂଢ଼ ଉପାୟ । ହାସ୍ୟରସ ଭାଷା ମାଧ୍ୟମରେ ସୃଷ୍ଟି ହେଉନାହିଁ, ସେଥିପାଇଁ ବାନ୍ଦରାମି କରିବାକୁ ପଡୁଛି । ଭଣ୍ଡାମି ବା ଭାଷାଭିତ୍ତିକ ହାସ୍ୟରସ ପରିବର୍ତ୍ତେ ବାନ୍ଦରାମିର ଆବଶ୍ୟକତା ପଡୁଛି । ଭାଷାରୁ ଲୋକଙ୍କୁ ହସାଇବାର ଉପାଦାନ ନମିଳିଲେ ସାହିତ୍ୟ କାହା ଜରିଆରେ ହାସ୍ୟରସ ସୃଷ୍ଟି କରିବ ? ତେଣୁ ଓଡ଼ିଆ ଜନଜୀବନରେ ହାସ୍ୟରସର ଏ ଅନଟନ । ଜୋକ୍, ଆନେକ୍‌ଡୋଟ୍, ଉଇଟ୍, ହ୍ୟୁମର, ଲିମରିକ୍, ପ୍ୟାରୋଡି, ଲାମ୍ପୁନ୍; କାର୍ଟୁନ୍, କମିକ୍ ପ୍ରାୟ ସୃଷ୍ଟି ହେଉନାହିଁ କହିଲେ ଚଳେ । ଲୋକଙ୍କୁ ହସାଇବା ପାଇଁ ଯେଉଁ କର୍କଶ, କ୍ରୂର ପନ୍ଥାର ଆଶ୍ରୟ ନେବାକୁ ପଡୁଛି ସେଗୁଡ଼ାକ ରିବାଲଡ୍ରି, ବ'ଡି, ଭଲ୍‌ଗାର୍, ବଫୁନେରୀ ବା କ୍ଲାଉନିଂ ପର୍ଯ୍ୟାୟର ।

ଓଡ଼ିଆ ଭାଷାର ଏପରି ଅନେକଗୁଡ଼ିଏ ଶୂନ୍ୟସ୍ଥାନ ବା ଅନୁନ୍ନତ ଅଞ୍ଚଳ ରହିଛି, ଆଉ ସେ ଶୂନ୍ୟତା ଭିତରେ କି ପ୍ରକାରର ସାହିତ୍ୟ ସୃଷ୍ଟି ହେବ ? ତେଣୁ ଓଡ଼ିଆ ଭାଷାରେ ଯେ ଖାଲି ଫିଜକ୍ସ, କେମେଷ୍ଟ୍ରି, ବାୟଲୋଜି ଶବ୍ଦ ଅଭାବରୁ ପଢ଼ାଇଯାଇ ପାରୁନାହିଁ ସେତିକି ନୁହେଁ, ବହୁ ସାଧାରଣ ବିଷୟର ବି ଚର୍ଚ୍ଚା ହୋଇପାରୁନାହିଁ । ଉପରେ ହାସ୍ୟରସର ଦୁରବସ୍ଥାର କଥା ଆମେ କହିଛୁ । ତେଣୁ ଆଜିର ସଭ୍ୟତା ପାଇଁ ଖାଲି ଗୋଟିଏ ଭାଷା ଥିଲେ ଚଳିବ ନାହିଁ, ସେ ଭାଷାକୁ ଉନ୍ନତ ଓ ଉପାଦାନବହୁଳ ହେବାକୁ ପଡ଼ିବ । ଭାଷା ଶିକ୍ଷାର ଆଭିମୁଖ୍ୟ ବଦଳାଇବାକୁ ପଡ଼ିବ । ଭାଷା ଶିକ୍ଷା ପାଇଁ ବର୍ତ୍ତମାନର ବ୍ୟବସ୍ଥାରେ ବହୁ ସମୟ ବୃଥାରେ ନଷ୍ଟ କରିବାକୁ ପଡୁଛି, କାରଣ ଭାଷାଶିକ୍ଷାର ପ୍ରଣାଳୀଟି ହିଁ ଭୁଲ୍ । ଇଂରାଜୀ ମିଡିଅମ୍ ସ୍କୁଲର ପିଲେ ଯଦି ଦୁଇ ତିନୋଟି ବର୍ଷରେ ଗୋଟିଏ ବିଦେଶୀ ଭାଷାରେ ଦକ୍ଷତା ଅର୍ଜନ କରିପାରୁଛନ୍ତି, ଓଡ଼ିଆ ଭାଷାଶିକ୍ଷା ସ୍ୱଳ୍ପ ସମୟ ଭିତରେ ସେପରି ଗହନ ଭାବେ ଶିକ୍ଷା ଦିଆଯାଇ ପାରିବ ନାହିଁ କାହିଁକି ? ଓଡ଼ିଆ ପିଲେ ଜୀବନର ପ୍ରଥମ ତିନି ଚାରି ବର୍ଷ ଭିତରେ ଓଡ଼ିଆ ଭାଷା

Digitized by PPRACHIN, SOA

ଆୟତ୍ତ କରିଥାନ୍ତି । କିନ୍ତୁ ଆଜିର ସଭ୍ୟତା ପାଇଁ ଖାଲି ଭାଷାଟିଏ କହି ବୋଲି ପାରୁଥିଲେ ଚଳିବ ନାହିଁ । ସବୁ ମଣିଷ ଭାଷା କହି ବୋଲି ପାରନ୍ତି । ଆମ ଅଶିକ୍ଷିତ ଆଦିବାସୀ ଲୋକେ ବି ଭାଷା କହୁଛନ୍ତି । କିନ୍ତୁ ଆମର ଦରକାର ଗୋଟିଏ ଉନ୍ନତ ଭାଷା, ଯେଉଁ ଭାଷାକୁ ଉପଯୁକ୍ତ ମାର୍ଗରେ, ଉପାୟରେ ସମସ୍ତ ସମାଜ ନିକଟରେ ପହଞ୍ଚାଇବାକୁ ହେବ । ଆଜି ଆମ ସମାଜର ଗୋଟିଏ ଉଲ୍ଲେଖଯୋଗ୍ୟ ଅଂଶ ହେଉଛନ୍ତି ପ୍ରବାସୀ ଓଡ଼ିଆ ପିଲେ । ପରିତାପର ବିଷୟ ଯେ, ହଜାର ହଜାର ସଂଖ୍ୟାରେ ସେମାନେ ଓଡ଼ିଆ ଜାତିର ବାହାରକୁ ଚାଲିଯାଉଛନ୍ତି । ସେମାନେ ଓଡ଼ିଆ କହି ବୋଲି ପାରୁନାହାନ୍ତି ଆଉ ଓଡ଼ିଆ ଭାଷା କହି ବୋଲି ନପାରିଲେ ସେମାନେ ନିଜକୁ ଓଡ଼ିଆ ବୋଲି କହିପାରିବେ ନାହିଁ । ସେମାନେ ଯେତେବେଳେ ନିଜେ ବଡ଼ ହୋଇ ବାପ ମା'ହେବେ, ସେମାନଙ୍କର କୌଣସି ମୋହ ବା ଆନୁଗତ୍ୟ ନଥିବ ଓଡ଼ିଆ ଭାଷା ପ୍ରତି । ଏ ପିଲାଙ୍କୁ ବିଧିବଦ୍ଧ ଭାବେ ଓଡ଼ିଆ ସମାଜ ଭିତରକୁ ଅଣାଯିବା ଉଚିତ ଆଉ ଏହା କେବଳ କରାଯାଇପାରେ ଓଡ଼ିଆ ଭାଷା ମାଧ୍ୟମରେ । ଆପାତତଃ ବର୍ତ୍ତମାନ ସୁଦ୍ଧା, କେହି ଦୃଷ୍ଟି ଦେଉନାହିଁ ଏ ଜ୍ୟୋତିଷଗୁଡ଼ିଙ୍କ ପ୍ରତି । ଆମ ପିଲେ ଯଦି ଦୁଇ ତିନି ବର୍ଷ ଶିକ୍ଷାରେ ଇଂରାଜୀ ଭାଷାରେ ଯଥେଷ୍ଟ ପାରଦର୍ଶିତା ଲାଭ କରିପାରୁଛନ୍ତି, ସେହି ସମୟରେ ପ୍ରବାସୀ ଓଡ଼ିଆ ପିଲେ ଓଡ଼ିଆ କହି ବୋଲି ଓ ଲେଖି ପଢ଼ି ପାରିବେ ନାହିଁ କାହିଁକି? ସେମାନଙ୍କ ପାଇଁ ସେହିପରି ପାଠ୍ୟକ୍ରମ ଓଡ଼ିଆଭାଷାରେ ତିଆରି କରାଯାଉନାହିଁ କାହିଁକି, ଯାହା ଜରିଆରେ ସେମାନେ ନିଜ ଚେଷ୍ଟାରେ ବା ବାପାମା'ଙ୍କ ସାହାଯ୍ୟରେ ଓଡ଼ିଆ ଶିଖପାରିବେ । ଭାଷା ଶିକ୍ଷା ପାଇଁ ଦୁଇବର୍ଷରୁ ବେଶୀ ସମୟ ଦେବା ଉଚିତ ନୁହେଁ । ସେଥିପାଇଁ ଉପଯୁକ୍ତ ପାଠ୍ୟ ସାମଗ୍ରୀ ପ୍ରସ୍ତୁତ କରାଯିବା ଉଚିତ । ଏପର୍ଯ୍ୟନ୍ତ ବି ସେମାନଙ୍କ ପାଇଁ କୌଣସି ସାମଗ୍ରୀ ତିଆରି ହୋଇନାହିଁ ଓଡ଼ିଆ ଭାଷାରେ । ଓଡ଼ିଆ ଭାଷା ଜାଣିନଥିବାରୁ ଏ ପିଲେ ବିଜାତୀୟତାର ଶିକାର ହେଉଛନ୍ତି । ନିଜକୁ ଓଡ଼ିଆ ବୋଲି ଦାବି କରିପାରୁନାହାନ୍ତି । ଏ ଜାତିର କୌଣସି ପ୍ରଚେଷ୍ଟା ନାହିଁ ସେମାନଙ୍କୁ ଓଡ଼ିଆ କରାଇବାରେ । ଆମରି ଆଖିଆଗରେ ଉଦାହରଣ ରହିଛି । ପନ୍ଦର ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଇଂରାଜୀ ସାହିତ୍ୟ ପଢୁଥିଲେ ବି, ସେ ଭାଷାରେ ବି.ଏ., ଏମ.ଏ. କରୁଥିଲେ ବି, ଇଂରାଜୀ ସାହିତ୍ୟର ସ୍ନାତକୋତ୍ତର ଛାତ୍ରମାନେ ବି ଇଂଲିଶ ମିଡିଅମ୍ ପିଲାଙ୍କର ସମକକ୍ଷ ହୋଇପାରୁ ନାହାନ୍ତି । ଏଥିରୁ କି ସ୍ପଷ୍ଟ ନୁହେଁ, ଭାଷାଶିକ୍ଷା ପ୍ରଣାଳୀରେ ପରିବର୍ତ୍ତନ ଅଣାଯିବା ଉଚିତ ଓ ଭାଷା-ପାରଙ୍ଗମତା ଉପରେ ଜୋର୍ ଦିଆଯିବା ଉଚିତ । ସେହି ଏକ ପଦ୍ଧତିରେ ଦରିଆପାରି ଓଡ଼ିଆମାନଙ୍କ ପିଲାମାନେ ବି ଓଡ଼ିଆ ଶିଖିପାରିବେ । ଭାରତର

Digitized by PPRACHIN, SOA

ଅନ୍ୟାନ୍ୟ ଜାତିମାନେ ଯେତେବେଳେ ଏହି ଚେଷ୍ଟାରେ କୌଣସି ହେଳା କରୁନାହାନ୍ତି, ସେ ଚେଷ୍ଟା ଆମ ପିଲାଙ୍କ ପାଇଁ ନକରାଯିବା ଆତ୍ମଘାତୀ ନୁହେଁ କି ? ତେବେ ଆମେ ଏତିକି କହିପାରୁ ଯେ, ଏ ପିଲାଙ୍କୁ ମଧ୍ୟ ବର୍ଣ୍ଣବୋଧ ପଢ଼ାଇ ଓଡ଼ିଆ ଭାଷା ଲେଖି ପଢ଼ି ଶିଖାଇବା ଏକ ପ୍ରକାର ଧୃଷ୍ଟତା । ଓଡ଼ିଆ ଭାଷା ପାଇଁ ପ୍ରଚଳିତ ଭାଷାଶିକ୍ଷା ସାମଗ୍ରୀ ଏକ ପ୍ରକାର ଆନାକ୍ରୋନିଜିମ୍ ବା ଆଜି ବର୍ଷା ପାଇଁ ତାଳପତ୍ର ଛତା ମୁଣ୍ଡାଇବା ପରି । ଆମେ ଇଂରାଜୀ ସାହିତ୍ୟର ଅଧ୍ୟୟନର ବିରୋଧୀ ନୋହୁଁ, କିନ୍ତୁ ଭାଷା ଶିକ୍ଷାକୁ ସାହିତ୍ୟ ଶିକ୍ଷା ସହିତ ସମାନ କରିବା ଉଚିତ ନୁହେଁ । ଭାଷାକୁ ଯଦି ଉଚିତ ପଦ୍ଧତିରେ ପିଲାଙ୍କୁ ଶିଖାଯାଏ, ଭାଷା ଶିକ୍ଷା ପାଇଁ ଯଦି ବିଭିନ୍ନ କିସମର ପାଠ୍ୟସାମଗ୍ରୀ ପ୍ରସ୍ତୁତ କରାଯାଏ, ଯଥା—ଆମେରିକାର ଓଡ଼ିଆ ପିଲାଙ୍କ ପାଇଁ ଗୋଟିଏ ପ୍ରକାର, ଦିଲ୍ଲୀରେ ବା ମାଡ୍ରାସରେ ରହୁଥିବା ପିଲାଙ୍କ ପାଇଁ ଗୋଟିଏ ପ୍ରକାର, ସମ୍ବଲପୁରୀ ପିଲାଙ୍କ ପାଇଁ ଗୋଟିଏ ପ୍ରକାର ବା ଓଡ଼ିଶାର ଆଦିବାସୀ ପିଲାଙ୍କ ପାଇଁ ଗୋଟିଏ ପ୍ରକାର, ତାହେଲେ ଭାଷାଶିକ୍ଷା ଅନେକ ସଫଳ ହୋଇପାରନ୍ତା । ଏ ଆଡ଼ମ୍ବରବହୁଳ ଭାଷା ଶିକ୍ଷା ପାଇଁ ଅର୍ଥର ହୁଏତ ବ୍ୟବସ୍ଥା କରାଯାଇ ପାରିବ କିନ୍ତୁ ଅଭିଜ୍ଞ ଲୋକଙ୍କର ଘୋର ଅଭାବ ଅଛି ଓଡ଼ିଆ ଭାଷା କ୍ଷେତ୍ରରେ । ଓଡ଼ିଆ ଭାଷା ପାଇଁ କିଏ କରିବ ଏ କାମ ? ଗାଁ କନିଆ ଶିଙ୍ଘାଣିନାକି ପରି ଓଡ଼ିଆ ଭାଷାଟା ଯେ ଏ ଆଡ଼ମ୍ବରର ଯୋଗ୍ୟ ସେକଥା ଆମେ ନିଜେ ହିଁ ବିଶ୍ୱାସ କରୁନାହେଁ । ଆମ ଓଡ଼ିଆମାନଙ୍କ ପାଇଁ, ଇଂରାଜୀ, ବଙ୍ଗଳା, ହିନ୍ଦୀ, ସବୁ ଭାଷାର ସମ୍ମାନ ଅଛି । ନାହିଁ ନିଜ ମାତୃଭାଷା ପାଇଁ, ନିଜ ଭାଷା ପ୍ରତି ଏପରି ମନୋଭାବ ପୋଷଣ କରୁଥିବା ଜାତି କି ଏକ ସ୍ୱତନ୍ତ୍ର ଭାଷାର ଅଧିକାରୀ ହେବାକୁ ଯୋଗ୍ୟ ?

୧୫. କୌଣସି ଭାଷା ଜନ୍ମରୁ ବା ଜାବାଳ ହେଲା ଦିନରୁ ଉନ୍ନତ ହୋଇନଥାଏ । କାରଣ, ଗୋଟିଏ ସମାଜକୁ ନେଇ ଭାଷା । ସମାଜର ଚାହିଦା ଯେତିକି ଯେତିକି ବଢ଼ିବ, ଭାଷା ବି ସେତିକି ସେତିକି ବଢ଼ିବ । ଦୁଇ ତିନି ଶହ ବର୍ଷ ତଳର ଓଡ଼ିଆ ସମାଜ ସହିତ ବିଂଶ ଶତାବ୍ଦିର ଶେଷ ପାଦରେ ପହଞ୍ଚିଥିବା ଓଡ଼ିଆ ସମାଜ ତୁଳନା କରି ଦେଖିଲେ ସହଜରେ ବୁଝିହେବ ଯେ, ବର୍ତ୍ତମାନ ସମାଜର ସଭ୍ୟତାଗତ ବୈଚିତ୍ର୍ୟ କେତେ ବଢ଼ିଯାଇଛି । ଆଜିର ସମାଜର ସଭ୍ୟତା ବା ସାମାଜିକ ବିବିଧତାର ପରିସୀମା ଏତେ ବେଶୀ ଯେ ଏଇ ବୈଚିତ୍ର୍ୟ ସହିତ ତାଳ ଦେବା ପାଇଁ ଆଜି ଓଡ଼ିଆ ଭାଷାକୁ ରୀତିମତ କସରତ କରିବାକୁ ପଡୁଛି । ଏଇ ବୋଝରେ ଭାଷା ଏକପ୍ରକାର ଆଣ୍ଠୋଇ ପଡୁଛି । ଜ୍ଞାନ, ବିଜ୍ଞାନ କଥା ଦୂରେ ଥାଉ, ସାଧାରଣ ଜୀବନ ଯାପନ ପାଇଁ ଆଜି ଭାଷାର ବୈଭବ ଅପର୍ଯ୍ୟାପ୍ତ ହୋଇଥିବା ଉଚିତ । କେଉଁଠୁ ଆସିବ

Digitized by PPRACHIN, SOA

ଏ ବିଭବ ? କୌଣସି ଜଣେ ଅଭିଜ୍ଞ ବ୍ୟକ୍ତି ଦ୍ୱାରା ବା କୌଣସି ଏକ ବିଶେଷଜ୍ଞ କମିଟି ଦ୍ୱାରା କୃତ୍ରିମ ଉପାୟରେ ଭାଷା-ଉପାଦାନ ରାତାରାତ ସୃଷ୍ଟି କରାଯାଇପାରେ, କିନ୍ତୁ ଯେପର୍ଯ୍ୟନ୍ତ ସେ ସବୁ ଉପାଦାନ ସମାଜ ଦ୍ୱାରା ବ୍ୟବହୃତ ନହୋଇଛି, ସେ ସବୁ ଉପାଦାନକୁ ଭାଷାର ବୈଭବ ରୂପେ ଗଣାଯାଇ ପାରିବ ନାହିଁ । କବିମାନେ, ଲେଖକମାନେ, ବୈଜ୍ଞାନିକ, ଡାକ୍ତର, ଓକିଲ, ଇଞ୍ଜିନିଅର, ସାମ୍ବାଦିକ, ସଂଗୀତଜ୍ଞ, ଖେଳାଳି, ଏପରିକି ସାଧାରଣ ବ୍ୟକ୍ତି ପ୍ରତିଦିନ ନୂତନ ଉପାଦାନ, ଶବ୍ଦ, ସାମଗ୍ରୀ ବ୍ୟବହାର କରୁଛନ୍ତି, କିନ୍ତୁ ସେ ସବୁର କୌଣସି ମୂଲ୍ୟ ନାହିଁ ଯେପର୍ଯ୍ୟନ୍ତ ଭାଷା ସେ ସବୁକୁ ଗ୍ରହଣ ନକରିଛି । ଏହିସବୁ ବ୍ୟକ୍ତିଗତ ପ୍ରଚେଷ୍ଟା ତେବେ ଯାଇ ଭାଷା-ବିଭବ ହେବ ଯେତେବେଳେ ତା'ଉପରେ ସମାଜର ଛାପ ମରିବ, ଅର୍ଥାତ୍ ସେ ସବୁ ଉପାଦାନକୁ ଲୋକେ ବ୍ୟବହାର କରିବେ । ସେ ସାମାଜିକ ସ୍ୱୀକୃତି ଉପାଦାନକୁ ନମିଳିବା ପର୍ଯ୍ୟନ୍ତ ସେସବୁ ତୁଚ୍ଛା ବ୍ୟକ୍ତି-ପ୍ରଚେଷ୍ଟା ବା ଇଡିଓସିନ୍‌କ୍ରାସି ।

ଯା'ର ଅର୍ଥ ନୁହେଁ ଯେ, ଆଜିର ଓଡ଼ିଆ ସମାଜ ଏକ ଅତ୍ୟନ୍ତ ଉନ୍ନତ ସମାଜ ଓ ଚାରିଶ ପାଞ୍ଚଶ ବର୍ଷର ଓଡ଼ିଆ ସମାଜ ଥିଲା ଅଶିକ୍ଷିତ, ଅନୁନ୍ନତ, ବର୍ବର । ଅନ୍ତତଃ ପାଞ୍ଚଶ ବର୍ଷ ତଳର ସମାଜ ବିଷୟରେ ସେକଥା କୁହାଯାଇ ପାରିବ ନାହିଁ । ଯେଉଁ ଜାତି ଶହ ଶହ ମହଣ ଓଜନର ପଥର ଟେକି ଗଢ଼ିଥିଲା ବଡ଼ଦେଉଳ, କୋଣାର୍କ, ଲିଙ୍ଗରାଜ ମନ୍ଦିର କି ବାରବାଟୀ ଦୁର୍ଗ, ଯାଉଥିଲା ଦରିଆପାରି ହୋଇ ବାଣିଜ୍ୟ କରିବାକୁ ଜାଭା, ସୁମାତ୍ରା, ବାଲି; ଗଙ୍ଗାଠାରୁ ଗୋଦାବରୀଯାଏ ରାଜ୍ୟ ବିସ୍ତାର କରିଥିଲା, ସେ ସମାଜକୁ ଅନୁନ୍ନତ, ସରଳ, ସାଧାରଣ କହି ଉଡ଼ାଇଦେବା ଅଯଥାର୍ଥ । ସେ ସମୟର ସମାଜ ବି ନାନାଦୃଷ୍ଟିରୁ ଉନ୍ନତ ଥିଲା । କିନ୍ତୁ ସେ ଉନ୍ନତ ସମାଜର ପ୍ରତିଫଳନ କାହିଁ ଓଡ଼ିଆ ଭାଷାରେ ? କେହି ଯଦି ବିଶ୍ୱାସ କରୁଥାଏ ଯେ କୋଣର୍କ, ପୁରୀ ମନ୍ଦିର ବିନା ଭାଷାରେ ମୂକ-ସ୍ଥପତିମାନଙ୍କ ଦ୍ୱାରା ତିଆରି ହୋଇଥିଲା, କି ଓଡ଼ିଆ ସାଧବପୁଅ ମୁହଁରେ ତୁଣ୍ଡି ବାନ୍ଧି ବାଲି କି ସିଂହଳରେ ଯାଇ ବିଭିନ୍ନ ଜାତିମାନଙ୍କ ସଙ୍ଗରେ ବାଣିଜ୍ୟ କରୁଥିଲା, ତାହା ହାସ୍ୟକର ହେବ । ଏସବୁ ଯଦି ଥିଲା ଓଡ଼ିଆ ଜାତିର ସାମାଜିକ ପ୍ରଚେଷ୍ଟା ବା ସମଗ୍ର ଜାତି ଏ ସବୁରେ ଭାଗ ନେଉଥିଲା, ତାହେଲେ ତା'ର ପ୍ରମାଣ ଆଉ କେଉଁଠୁ ମିଳୁ କି ନମିଳୁ ଓଡ଼ିଆ ଭାଷାରୁ ଅବଶ୍ୟ ମିଳିବାର କଥା । କୋଣାର୍କ, ବଡ଼ଦେଉଳ ଖାଲି ଚୂନ, ପଥର, ଲୁହାରେ ତିଆରି ହୋଇନଥିଲା, ତିଆରି ହୋଇଥିଲା ଓଡ଼ିଆ ଭାଷାରେ । ଓଡ଼ିଆ ସାଧବପୁଅର ବୋଇତ ଖାଲି ପଣ୍ୟରେ ବୋଝେଇ ହୋଇ ଦରିଆପାରି ଯାଉନଥିଲା, ତା' ସାଙ୍ଗେ ସାଙ୍ଗେ ଓଡ଼ିଆ ଭାଷାରେ ବି ବୋଝେଇ ହୋଇଥିଲା । ଆଜି କିନ୍ତୁ ଓଡ଼ିଆ ଭାଷାରେ

Digitized by PPRACHIN, SOA

ସେ ଇତିହାସର ଚିହ୍ନବର୍ଣ୍ଣ ନାହିଁ । ବାଲିଯାତ୍ରା ମହାନଦୀ ବାଲିରେ ହେଉଥିବା ଯାତ୍ରା ନା ଓଡ଼ିଆପୁଅର ବାଲିଦ୍ୱୀପକୁ ଯାତ୍ରା ! ସେହିପରି କୋଣାର୍କ ମନ୍ଦିର ପରି ଗୋଟିଏ ଅଷ୍ଟମାଶ୍ଚର୍ଯ୍ୟକୁ ଗଢ଼ିବା ପାଇଁ କଳା, ସ୍ଥାପତ୍ୟ ଓ ଶିଳ୍ପ ସମ୍ବନ୍ଧୀୟ ହଜାର ହଜାର ଓଡ଼ିଆ ଶବ୍ଦ ତିଆରି ହୋଇଥିବ ଓ ଓଡ଼ିଆ ସମାଜରେ ଚଳୁଥିବ । କୁଆଡ଼େ ଗଲା ସେ ହଜାର ହଜାର ଶବ୍ଦ । ଶହ ଶହ ବର୍ଷ ଧରି ସ୍ଥାପତ୍ୟ, ବାଣିଜ୍ୟ, ସାମ୍ରାଜ୍ୟ ପ୍ରତିଷ୍ଠା କରିଥିବା ଗୋଟିଏ ଜାତିର ପରିଭାଷା କାହିଁକି ଲୋପ ପାଇଗଲା ସେ ଜାତିର ଭାଷାରୁ ? ଭାସ୍କର୍ଯ୍ୟର, ଶିଳ୍ପର, ନିର୍ମାଣର ଓଡ଼ିଆ ପରିଭାଷା କାହିଁ ? କୋଣାର୍କ ଗଢ଼ିବାର ଓଡ଼ିଆ ପରିଭାଷା କାହିଁ ? କୋଣାର୍କ ଗଢ଼ିବା ବେଳେ ଓଡ଼ିଆ ଜାତି କି ମୂକ ଥିଲା ? ନା ଅନ୍ୟ ଜାତିର ଲୋକେ ଆସି ଏସବୁ ଗଢ଼ିଥିଲେ ଆମ ମାଟିରେ ? କୋଣାର୍କ ପଥରରେ ଗଢ଼ା ହେବା ପୂର୍ବରୁ, ବାରବାଟୀ ଦୁର୍ଗର ପୋତା ପଡ଼ିବା ପୂର୍ବରୁ ଏସବୁ ଆଗେ ଗଢ଼ା ହୋଇଥିବ ଓଡ଼ିଆ ଜାତିର ମୁଣ୍ଡ ଭିତରେ । ଗଢ଼ା ହୋଇଥିବ ଓଡ଼ିଆ ଭାଷାରେ । କାହିଁକି ଓଡ଼ିଆ ଭାଷା ରଖିପାରିଲା ନାହିଁ ସେ ବୈଷୟିକ ଶବ୍ଦ ସବୁ ? ଆଜି ଇଟାର ଟୁଙ୍ଗିଟିଏ ଗଢ଼ିବାକୁ ଗଲାବେଳେ ବି ଇଞ୍ଜିନିଅରମାନଙ୍କୁ, ଆର୍କିଟେକ୍ଟମାନଙ୍କୁ ଶହ ଶହ ଶବ୍ଦ ବ୍ୟବହାର କରିବାକୁ ପଡୁଛି, ହେଉ ପଛେ ସେ ପରିଭାଷା ଇଂରାଜୀର । ଅଥଚ ଏଇ ପାଞ୍ଚଶହ ବର୍ଷ ତଳେ ଏଡ଼େ ବଡ଼ ବଡ଼ ସ୍ଥାପତ୍ୟ କିପରି ବିନା ଭାଷାରେ ଗଢ଼ା ହୋଇଥିଲା? ସେଥିପାଇଁ ଓଡ଼ିଆ ଭାଷାର ବୁନିଆଦିକୁ ଖୋଜିବାକୁ ପଡ଼ିବ । ଠାବ କରିବାକୁ ପଡ଼ିବ ସେ-ସବୁ ଶବ୍ଦକୁ । ବର୍ତ୍ତମାନ ସେ ସବୁର ସତ୍ତା ଲୋପ ପାଇଯାଇଛି ଓଡ଼ିଆ ଭାଷାରୁ । ଆଜି ବିଶ୍ୱାସ ବି କରିହୁଏ ନାହିଁ ଯେ, ସେ ସବୁ ପରିଭାଷା ଦିନେ ଓଡ଼ିଆ ଭାଷାରେ ସୃଷ୍ଟି ହୋଇଥିଲା, ଲୋକମୁଖରେ ଚଳୁଥିଲା । ସେ ସବୁ ଶବ୍ଦର ନିର୍ଦ୍ଦିଷ୍ଟ ସଂଜ୍ଞା ଓ ଭାଗମାପ ଥିଲା, ଯେଉଁଥିରେ ଟିକିଏ ଏପଟ ସେପଟ ହେଲେ ବାରବାଟୀ ଭୁଶୁଡ଼ି ପଡୁଥିଲା କି ବୋଝେଇ ବୋଇତ ମଝି ସମୁଦ୍ରରେ ବୁଡ଼ି ଯାଉଥିଲା । କୋଣାର୍କର ପୋତା ପଡ଼ି ପାରୁନଥିଲା କି ମୁଣ୍ଡି ମରାହୋଇ ପାରୁନଥିଲା । ସେ ସବୁ ଥିଲା ବିଜ୍ଞାନର ଭାଷା ଯାହାକୁ ନେଇ ଓଡ଼ିଆ ଭାଷା ସମୃଦ୍ଧ ହୋଇଥିଲା । ସେ ସମୃଦ୍ଧି ଆଜି ନିଶ୍ଚିହ୍ନ । ଆଜି ଓଡ଼ିଆରେ ପେଚକଶଟିଏ ପାଇଁ ବି ନିଜର ଶବ୍ଦ ନାହିଁ । ସେ ସବୁକୁ ଅନ୍ୟ ଭାଷାରୁ ଆହରଣ କରିବାକୁ ପଡୁଛି । ଏହା କି ଏ ଭାଷା ପାଇଁ ବିଧିର ବିଡ଼ମ୍ବନା ନୁହେଁ ? ହୀରାକୁଦ ବନ୍ଧ ବା ରାଉରକେଲା କାରଖାନା ଓଡ଼ିଆ ଭାଷାରେ ଗଢ଼ା ହୋଇନାହିଁ କି ଓଡ଼ିଆ ସମାଜ ଦ୍ୱାରା ଗଢ଼ା ହୋଇନାହିଁ । ଅପରପକ୍ଷେ, କୋଣାର୍କ, ଭୁବନେଶ୍ୱର ତ ଗଢ଼ା ହୋଇଥିଲା ଓଡ଼ିଆ ଭାଷାରେ । କୁଆଡ଼େ ଗଲା ନିର୍ମାଣର ସେସବୁ ଶବ୍ଦ ? କେଉଁ ଓଡ଼ିଆ ଅଭିଧାନରେ ଖୋଜିଲେ

Digitized by PPRACHIN, SOA

ମିଳିବ ସେ ସବୁ ଶବ୍ଦ ? ସେ ସବୁ ଶବ୍ଦ ଓଡ଼ିଆ ଭାଷାରୁ ହଜିଯାଇଛି ଓ ତା ସହିତ ଚିରିଯାଇଛି ଓଡ଼ିଆ ଇତିହାସର ଗୌରବୋଜ୍ଜ୍ୱଳ ଅସଂଖ୍ୟ ପୃଷ୍ଠା । ଦୀର୍ଘ ବର୍ଷର ପରାଧୀନତା ଏ ଜାତିକୁ ଖାଲି ପଙ୍ଗୁ କରିଦେଇ ନାହିଁ, ଏ ଜାତିର ଭାଷାକୁ ମଧ୍ୟ ଦରିଦ୍ର କରିଦେଇଛି । ବହୁଶତ ବର୍ଷ ଧରି ପୀଡ଼ିତ, ନିଷ୍ପେଷିତ ହୋଇ ପଡ଼ିରହି, ଯେଉଁ ସମୟରେ ଓଡ଼ିଆ ଭାଷା ମୁଖ୍ୟତଃ ବଞ୍ଚିରହିଛି କିଛି ଧାର୍ମିକ ଓ ଦରବାରୀ ସାହିତ୍ୟ ମାଧ୍ୟମରେ, ବର୍ତ୍ତମାନ ପୁଣି ଦେଖାଦେଇଛି ଏ ଭାଷା ପାଇଁ ନୂତନ ଆହ୍ୱାନ । ଭାଷାଭିତ୍ତିକ ନୂତନ ଓଡ଼ିଶା ପ୍ରଦେଶ ଗଠିତ ହୋଇ, ଏ ପ୍ରଦେଶର ଭାଷାକୁ ହଠାତ୍ ପୁଣି ଏକ ଯୁଯୁତ୍ସୁ ରଣାଙ୍ଗନ ଭିତରକୁ ଠେଲି ଦେଇଛି । ଓଡ଼ିଆ ଭାଷାକୁ ଅନ୍ୟାନ୍ୟ ବହୁ ଭାଷାର ସମକକ୍ଷ ହେବାକୁ ପଡ଼ିବ । ଏ ପ୍ରାଣମୂର୍ଚ୍ଛା ପ୍ରତିଯୋଗିତାରୁ ଆମେ ଛତ୍ରଭଙ୍ଗ ଦେଇପାରିବା ନାହିଁ । ଏ ପ୍ରତିଯୋଗିତାର ପରିଣତି ମାତ୍ର ଦୁଇଟି—ଆମକୁ ଅନ୍ୟ ଭାଷାଙ୍କର ସମାସ୍କନ୍ଧ ହୋଇ ରହିବାକୁ ପଡ଼ିବ ବା ଅନ୍ୟ ଭାଷା ପାଖରେ ଆତ୍ମସମର୍ପଣ କରିବାକୁ ପଡ଼ିବ । ଏହି ଭାଷା ଉପରେ ଅଢ଼େଇ କୋଟି ଓଡ଼ିଆଙ୍କ ଭାଗ୍ୟ ନିର୍ଭର କରୁଛି, ତାଙ୍କ ଭବିଷ୍ୟତ ବଂଶଧରମାନଙ୍କର ବି । ଏହି ଅବସ୍ଥାକୁ ହୃଦୟଙ୍ଗମ କରି ଲୋକମାନେ ଯେ ଛାନିଆ ହେଉନାହାନ୍ତି ନୁହେଁ । ଇଂଲିଶ ମିଡିଅମ୍ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ସୈନିକ ସ୍କୁଲମାନଙ୍କରେ ନିଜ ସନ୍ତାନସନ୍ତତିଙ୍କୁ ଭର୍ତ୍ତି କରିବା ପାଇଁ ଯେଉଁ ଆପ୍ରାଣ ଚେଷ୍ଟା ଦେଖାଦେଇଛି ଆମ ସାଧାରଣ ଲୋକଙ୍କ ଭିତରେ, ସେଥିରୁ ସ୍ପଷ୍ଟ ଯେ ଓଡ଼ିଆମାନେ ନିଜ ସଂସ୍କୃତି, ଭାଷାକୁ ରକ୍ଷା କରିବା ପାଇଁ ଯେତେଟା ଉତ୍ସୁକ ନୁହଁନ୍ତି, ତା'ଠାରୁ ବେଶୀ ଉତ୍ସୁକ ଭବିଷ୍ୟତ ପାଇଁ । ସେମାନେ ଧରି ନେଇଛନ୍ତି ଯେ ଓଡ଼ିଆ ଭାଷାର ଭବିଷ୍ୟତ ନାହିଁ । ଇଂରାଜୀ ଅମଳରେ ବି ଇଂରାଜୀ ଶିକ୍ଷା ପାଇଁ ଯେଉଁ ମୋହ ନଥିଲା ଆଜି ବାପା ମା'ଙ୍କ ମନରେ ହଜାର ଗୁଣ ବେଶୀ ଆକର୍ଷଣ ଏ ଭାଷା ପାଇଁ । ନିଜ ସଂସ୍କୃତି ପ୍ରତି ଏ ବିତୃଷ୍ଣା ଆମ ମାନସିକତାକୁ ଦୋହଲାଇ ଦେଇଛି । ଯେଉଁମାନେ ଓଡ଼ିଆ ଭାଷାକୁ ଜାବୁଡ଼ି ଧରି ପଡ଼ିଛନ୍ତି, ତା'ପଛରେ ନାହିଁ କୌଣସି ବିଶେଷ ଆନ୍ତରିକତା ବା ଗୁମାନ । ଅନ୍ୟ ଉପାୟ ନଥିବାର ଏହା ଏକ ଉପସର୍ଗ । ଏହି ଉପାୟହୀନ ଲୋକଙ୍କ ପାଇଁ ଓଡ଼ିଆ ଭାଷା ଏକମାତ୍ର ଗତି । ଏମାନଙ୍କ ଭିତରେ ଅଛନ୍ତି ରାଜନୈତିକ ବ୍ୟକ୍ତି, କବି ଲେଖକ ସାହିତ୍ୟିକ, ଗାଁ ଗହଳର ବାସିନ୍ଦା ଓ ଆଦିବାସୀ ଲୋକେ । ଉଚ୍ଚ ବର୍ଗର ଲୋକେ ଓଡ଼ିଆ ଭାଷା ଉପରେ ନିର୍ଭର କରନ୍ତି ନାହିଁ । ସେଥିପାଇଁ ଓଡ଼ିଆ ସାହିତ୍ୟର ଉଚ୍ଚସ୍ଥାନରେ ପ୍ରସାର ନାହିଁ । ଓଡ଼ିଆ ବୁଦ୍ଧିଜୀବୀ ଓ ପ୍ରୋଫେସନାଲ୍ ଗୋଷ୍ଠୀ ପାଇଁ ଓଡ଼ିଆ ସାହିତ୍ୟର କୌଣସି ଆକର୍ଷଣ ନାହିଁ । ସେମାନଙ୍କୁ ଆକର୍ଷଣ କରିବାର ଉପାଦାନ ହିଁ ନାହିଁ ଓଡ଼ିଆ ସାହିତ୍ୟରେ । ଡକ୍ଟର ପ୍ରଫୁଲ୍ଲ କୁମାର ତ୍ରିପାଠୀ ଏବେ ଏକ ସର୍ଭେ କରି ଲେଖିଛନ୍ତି

Digitized by PPRACHIN, SOA

ଯେ, ଓଡ଼ିଆ ବୁଦ୍ଧିଜୀବୀ ଓ ପ୍ରୋଫେସନାଲ୍ ଗୋଷ୍ଠୀ, ଯଥା—ଓକିଲ, ଡାକ୍ତର ପ୍ରଭୃତି ସାମାନ୍ୟ କେତୋଟି ପ୍ରାଥମିକ କ୍ଷେତ୍ର ଛାଡ଼ିଦେଲେ ଅନ୍ୟାନ୍ୟ ସବୁ କ୍ଷେତ୍ର ପାଇଁ ଭିନ୍ନ ଭାଷା ଉପରେ ନିର୍ଭର କରିଥାନ୍ତି । ଏହା ତାଙ୍କୁ ଆଶ୍ଚର୍ଯ୍ୟ କରିଥିଲା ।

ତଥାପି, ଏଇମାନଙ୍କ ସ୍ୱାର୍ଥରେ, ଯେଉଁମାନଙ୍କ ପାଇଁ ଭାଷା ଏକ ଇଚ୍ଛାଧୀନ ବିଷୟ ନୁହେଁ ବା ଯେଉଁମାନଙ୍କ ପାଇଁ ଭାଷା ଏକ ଦତ୍ତ ବସ୍ତୁ, ଆଉ ସେପରି ଲୋକଙ୍କ ସଂଖ୍ୟା ଆଦୌ କମ୍ ନୁହେଁ, ଅନ୍ତତଃ ସେଇମାନଙ୍କ ସ୍ୱାର୍ଥରେ ଓଡ଼ିଆ ଭାଷାକୁ ଉନ୍ନତ ହେବାକୁ ହିଁ ପଡ଼ିବ । ଯେପରି ଭାବରେ ହେଲେ ବି ଭାଷା ପାଇଁ ନୂତନ ଉପାଦାନ ସଂଗ୍ରହ କରିବାକୁ ପଡ଼ିବ—ମାଗି କରି ହେଉ, ଧାର କରି ହେଉ ବା ଚୋରି କରି ହେଉ । ଆଉ ଗୋଟିଏ ଉପାୟ ବି ଅଛି, ଯେଉଁ ଉପାୟ ତାମିଲ ଭାଷା ନିଜ କ୍ଷେତ୍ରରେ ଆପଣାଇଛି । ସେ ଉପାୟଟି ହେଲା ଖୋଳି କରି । ଅର୍ଥାତ୍ ଭାଷାର ନିଜ ପୁରାତନ ଉପାଦାନକୁ ବାହାର କରି, ତା'ରି ସାହାଯ୍ୟରେ ନୂଆ ଉପାଦନ ଗଢ଼ିବା । ଏହା ଅବଶ୍ୟ ତାମିଲମାନଙ୍କର ସଂସ୍କୃତ ବିରୋଧ କାରଣରୁ କରାଯାଉଛି, ତା' ନହେଲେ ଭାରତର ଅନ୍ୟାନ୍ୟ ଭାଷା ପରି ସେମାନେ ସିଧାସଳଖ ସଂସ୍କୃତରୁ ଉପାଦାନ ନେଇ ପାରିଥାନ୍ତେ । ତେବେ ସାଧାରଣତଃ, ପ୍ରତ୍ୟେକ ଭାଷା ଦୁଇଟିଯାକ ପ୍ରଣାଳୀର ସାହାଯ୍ୟ ନେଇଥାନ୍ତି । ନୂତନ ଉପାଦାନ ନିଜ ଭାଷାରୁ ଖୋଳି ବାହାର କରାଯାଇପାରେ ବା ଅନ୍ୟ ଭାଷାରୁ ମାଗି, ଧାର କରି, ଚୋରି କରି ଅଣାଯାଇପାରେ । ଓଡ଼ିଆ ଭାଷା ଯଦିଓ ଉଚ୍ଚବର୍ଗର ଲୋକମାନଙ୍କ ଜୀବନରୁ ଉଭାଇ ଯିବାର ସମ୍ଭାବନା ଯଥେଷ୍ଟ ବେଶୀ କେତେକ ଧରାବନ୍ଧା କ୍ଷେତ୍ର ଛଡ଼ା, ତଥାପି ଅନ୍ୟ ବର୍ଗର ଲୋକଙ୍କ ହେତୁରୁ ଏହା ବଞ୍ଚି ରହିପାରେ, ଯଦି ଓଡ଼ିଆ ଭାଷାକୁ ଭାରତର ଅନ୍ୟାନ୍ୟ ପ୍ରାନ୍ତୀୟ ଭାଷା ସାଙ୍ଗରେ ସମକକ୍ଷ କରି ତୋଳାଯାଏ । କାରଣ ପ୍ରାନ୍ତୀୟ ଭାଷାଗୁଡ଼ିକର ପ୍ରତିଯୋଗିତା ଆଉ ହେବ ନାହିଁ ହିନ୍ଦୀ, ଇଂରାଜୀ ସାଙ୍ଗରେ—ସେଗୁଡ଼ିକ ରାଜଭାଷା, ତେଣୁ ତାଙ୍କୁ ଛାଡ଼ । ପ୍ରତିଯୋଗିତା ହେବ ନିଜ ନିଜ ଭିତରେ, ବିଭିନ୍ନ ରାଜ୍ୟର ଭୂମିପୁତ୍ରମାନଙ୍କ ଭିତରେ । ବସ୍ତୁତଃ, ମାତୃଭାଷା ହେବ ଭୂମିପୁତ୍ର ହୋଇଥିବାର ପ୍ରଥମ ପ୍ରମାଣ । ଏ ପ୍ରକ୍ରିୟା ଅନେକତ୍ର ଆରମ୍ଭ ହୋଇଗଲାଣି । ଓଡ଼ିଶାରେ ବି ଏପରି ଚାଲିଛି । ତେଣୁ ଏଇ ଭୂମିପୁତ୍ରମାନଙ୍କ ସ୍ୱାର୍ଥରେ, ଓଡ଼ିଆ ଭାଷାକୁ ବଞ୍ଚାଇବା ପାଇଁ ଦାବିଦିବସ ପାଳିତ ହେବା ଉଚିତ । ଏଇମାନଙ୍କ ସ୍ୱାର୍ଥରେ ଭାଷାକୁ ଅନ୍ୟାନ୍ୟ ଆଞ୍ଚଳିକ ଭାଷାଗଡ଼ିକର ସମାସ୍କନ୍ଧ କରି ରଖିବାକୁ ହିଁ ହେବ, ତା' ନହେଲେ ଅନ୍ୟଦେଶ ପିଲେ ଆଷ୍ଟ୍ରୋଫିଜିକ୍ସ ପଢୁଥିଲା ବେଳେ ଆମ ପିଲେ ପଢୁଥିବେ—କୋଉ ଗ୍ରହ ପଡ଼ିଲେ କେଉଁ ରଙ୍ଗର ରତ୍ନ ଧାରଣ କରିବାକୁ ହେବ ବା ତାଙ୍କ

Digitized by PPRACHIN, SOA

ପିଲେ ଲେଖିବେ ଗ—ଗାଈ ଏକ ସ୍ତନ୍ୟପାୟୀ, ମେରୁଦଣ୍ଡୀ, ଚତୁଷ୍ପଦ ଓ ତୃଣଭୋଜୀ ପଶୁ, ଆମ ପିଲେ ଲେଖୁଥିବେ—ଗାଈ ଆମର ମାତା । ଏ ପ୍ରକାରର ତାରତମ୍ୟ ଯଦି ସୃଷ୍ଟି ହୁଏ ଭୂମିପୁତ୍ରମାନଙ୍କ ଭିତରେ, ତାହେଲେ ଭାରତ ତିଷ୍ଠିବା ଅସମ୍ଭବ ହୋଇପଡ଼ିବ । ସେଥିପାଇଁ ପ୍ରାନ୍ତୀୟ ଭାଷାଗୁଡ଼ିକର ପାଠ୍ୟବସ୍ତୁ ଉପରେ କେନ୍ଦ୍ର ନିୟନ୍ତ୍ରଣ ରହିବା ଆବଶ୍ୟକୀୟ । ତାହା ହିଁ ହେଉଛି । ଆମ ଓଡ଼ିଆ ସ୍କୁଲ ପାଠ୍ୟ ବହି ଓଡ଼ିଆ ଭାଷାରେ ଛପା ହେଉଥିଲେ ମଧ୍ୟ, ତାହା ଭୁବନେଶ୍ୱରରେ ତିଆରି ହେଉନାହିଁ, ସେ ସବୁ ତିଆରି ହେଉଛି ଦିଲ୍ଲୀରେ । ସେ ସବୁ ସୃଷ୍ଟି ହୋଇଛି ଭାରତୀୟ ଆଦର୍ଶରେ, ଓଡ଼ିଆ ଆଦର୍ଶରେ ନୁହେଁ । ଏ କଥା ଆମକୁ ଅବଶ୍ୟ ମନେ ରଖିବାକୁ ହେବ ଯେ, ଆମ ସମସ୍ତଙ୍କୁ ଯେତେ ଶୀଘ୍ର ସମ୍ଭବ ଭାରତୀୟ ହୋଇଯିବାକୁ ପଡ଼ିବ—ଆପଣ ହୋଇଥାନ୍ତୁ ରାଜପୁତ୍ର ବା ଭୂମିପୁତ୍ର । ରାଜପୁତ୍ରମାନଙ୍କ ସନ୍ତକ ଓଡ଼ିଆ ଭାଷା ନୁହେଁ, କିନ୍ତୁ ଭୂମିପୁତ୍ରମାନଙ୍କର ସନ୍ତକ ସେମାନଙ୍କର ମାତୃଭାଷା 'ଓଡ଼ିଆ' ।

୧୬. ଅନିଚ୍ଛାକୃତ ଭାବେ ହେଲେ ବି ଭାରତୀୟ ଭାଷା-ନୀତି ଦୁଇଟି ଭିନ୍ନ ଶ୍ରେଣୀର ଲୋକଙ୍କୁ ତିଆରି କରୁଛି । ଏହି ଜାତି-ବିଭାଗ ପରେ ହୁଏତ ସନ୍ତୁଳିତ ହୋଇପାରେ, କିନ୍ତୁ ବର୍ତ୍ତମାନ ପାଇଁ ଏଇ ଦୁଇ ଶ୍ରେଣୀ ଭିତରେ ପାର୍ଥକ୍ୟ ଆକାଶପାତାଳ । ଗୋଟିଏ ଶ୍ରେଣୀକୁ ଆମେ କହିପାରୁ ରାଜପୁତ୍ର ଓ ଅନ୍ୟ ଶ୍ରେଣୀଟି ହେଲା ଭୂମିପୁତ୍ର । ରାଜପୁତ୍ରମାନଙ୍କ ପାଇଁ ଦେଶ ହେଉଛି ସାରା ଭାରତ କିନ୍ତୁ ଭୂମିପୁତ୍ରମାନେ ନିଜ ରାଜ୍ୟର ସୀମା ଭିତରେ ବନ୍ଦୀ ହୋଇ ରହିବା ଛଡ଼ା ଅନ୍ୟ ଉପାୟ ନାହିଁ । ଏ ରାଜପୁତ୍ରମାନେ ତିଆରି ହେଉଛନ୍ତି ଇଂଲିଶ ମିଡ଼ିଅମ୍ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଓ ସୈନିକ ସ୍କୁଲମାନଙ୍କରେ, ଯେଉଁ ସ୍କୁଲର ଭାଷା ହେଉଛି ଇଂରାଜୀ ଓ ହିନ୍ଦୀ । ଏଇ ସ୍କୁଲର ପିଲମାନଙ୍କର ମାତୃଭାଷା ନାହିଁ, ଯଦିବା ଥାଏ ତା'ର କୌଣସି ଭୂମିକା ନାହିଁ ଏମାନଙ୍କ ଜୀବନରେ । ଏପରିକି ସେ ଭାଷା ପ୍ରତି କୌଣସି ଆନୁଗତ୍ୟ ବି ନାହିଁ ଏମାନଙ୍କର । ବିଭିନ୍ନ ରାଜ୍ୟମାନଙ୍କରୁ ପ୍ରତିବର୍ଷ ହଜାର ହଜାର ପିଲା ଏଇ ସ୍କୁଲମାନଙ୍କରୁ ପଇଦା ହେଉଛନ୍ତି । ରାଜ୍ୟ ଭିତରେ ଥିଲେ ବି ସେମାନଙ୍କର କୌଣସି ସମ୍ବନ୍ଧ ନାହିଁ ନିଜ ରାଜ୍ୟ ସହିତ । ସେମାନେ ବଡ଼ ହେଲେ, ଭାରତବର୍ଷକୁ ଚଳାଇବେ ସେଇମାନଙ୍କ ସର୍ବଭାରତୀୟ ଆଦର୍ଶରେ । ସେମାନେ ହେବେ ପ୍ରକୃତ ଭାରତୀୟ—ଯେଉଁମାନଙ୍କ ନିଜ ମାତୃଭୂମି, ମାତୃଭାଷା ପ୍ରତି ସେପରି କିଛି ବିଶେଷ ଦୁର୍ବଳତା ନାହିଁ । ସେମାନେ ନୁହଁନ୍ତି ଓଡ଼ିଆ, ବଙ୍ଗାଳୀ, ତାମିଲ ବା ତେଲୁଗୁ । ଏମାନଙ୍କ ବେଶଭୂଷା ଅଲଗା, ଏମାନଙ୍କ କଥାବାର୍ତ୍ତା ଅଲଗା, ଏମାନଙ୍କ ଚାଲିଚଳଣ ଅଲଗା, ଏମାନଙ୍କ ଭାଷା ଅଲଗା—ଏମାନଙ୍କ ଭିତରୁ ଅନେକେ

Digitized by PPRACHIN, SOA

ହୁଏତ ନିଜ ଜାତିର ବାହାରେ ବାହାସାହା ହୋଇପାରନ୍ତି । ନିଜ ରାଜ୍ୟ ବାହାରେ ଜୀବିକା ଅର୍ଜନ କରିପାରନ୍ତି, ଏପରିକି ଚିରଦିନ ପାଇଁ ଭାରତର ଅନ୍ୟ ପ୍ରାନ୍ତରେ ବସତି ସ୍ଥାପନ କରିପାରନ୍ତି । ଏମାନଙ୍କର ପ୍ରତିଯୋଗିତା ଭୂମିପୁତ୍ରମାନଙ୍କ ସାଙ୍ଗରେ ନୁହେଁ । ଏହି ପ୍ରତିଯୋଗିତା ସର୍ବଭାରତୀୟ ସ୍ତରରେ—ସେ ଆଇ.ଏ.ଏସ୍. ପରୀକ୍ଷା ହେଉ, ଜଏଣ୍ଟ ଏଣ୍ଟ୍ରାନ୍ସ ହେଉ ବା ଏନ.ଡି.ଏ. ସ୍ତରରେ ହେଉ । ଏଇ କିଛି ବର୍ଷ ତଳ ପର୍ଯ୍ୟନ୍ତ ଭୂମିପୁତ୍ରମାନେ ସର୍ବ ଭାରତୀୟ କ୍ଷେତ୍ରରେ କିଛି କିଛି ପ୍ରବେଶ କରିପାରୁଥିଲେ ସେମାନଙ୍କର ଦୁର୍ବଳ ଇଂରାଜୀ ଭାଷାଜ୍ଞାନ ସତ୍ତ୍ୱେ । କିନ୍ତୁ କ୍ରମଶଃ ଏହା ଅସମ୍ଭବ ହୋଇପଡୁଛି । ସର୍ବଭାରତୀୟ କ୍ଷେତ୍ରରେ ପଶିବା ପାଇଁ—ସେ କରପୋରେଟ୍ ଚାକିରି ହେଉ ବା ହେଉ ସର୍ବଭାରତୀୟ ସରକାରୀ ସେବା, ଇଂରାଜୀ ଭାଷା ଏକମାତ୍ର ଉପାୟ, ଯଦିଓ ଏବେ ହିନ୍ଦୀ ଭାଷା ଜ୍ଞାନ ବି କିଛିଟା ଜରୁରୀ ହୋଇପଡ଼ିଛି । ସେ ଇଂରାଜୀ ଭାଷା ପୁଣି ବି.ଏ., ଏମ.ଏ. ପଢ଼ି ହାସଲ କରାଯାଇନଥାଏ । ସେ ଏକ ଭିନ୍ନ ପ୍ରକାରର ଭାଷାଜ୍ଞାନ । ସେ ଭାଷାଜ୍ଞାନ କଲେଜ, ବିଶ୍ୱବିଦ୍ୟାଳୟ ଅପେକ୍ଷା ଇଂରାଜୀ ମିଡିଅମ୍ ସ୍କୁଲ ସ୍ତରରେ ହିଁ ଛାତ୍ରକୁ ମିଳିଥାଏ । ସେଥିପାଇଁ ଯେଉଁମାନେ ଭାବୁଛନ୍ତି ଯେ ଇଂଲିଶ ମିଡିଅମ୍ ସ୍କୁଲକୁ ସବୁ ବନ୍ଦ କରିଦେବେ, ସେମାନେ ନିଜ ଗୋଡ଼କୁ କୁରାଢ଼ି ମାରୁଛନ୍ତି ଓ ଦିବାସ୍ୱପ୍ନ ଦେଖୁଛନ୍ତି । କୌଣସି ରାଜ୍ୟ ପକ୍ଷରେ ଇଂଲିଶ ମିଡିଅମ୍ ସ୍କୁଲ ବନ୍ଦ କରିଦେବା ସମ୍ଭବ ନୁହେଁ—ସେ ସ୍କୁଲସବୁ ମାତୃଭାଷା ଶିକ୍ଷାର ଯେତେ କ୍ଷତି ନକରନ୍ତୁ ନା କାହିଁକି । ତା'ହେଲେ ଆମ ଓଡ଼ିଆ ପିଲାଙ୍କର କୌଣସି ସ୍ଥାନ ରହିବ ନାହିଁ ସର୍ବଭାରତୀୟ କ୍ଷେତ୍ରରେ । ଏ କ୍ଷେତ୍ରକୁ ସେମାନଙ୍କ ପ୍ରବେଶପତ୍ର ହିଁ ହେଉଛି ଆପାତତଃ ଇଂରାଜୀ ଭାଷା, କେବେ ହୁଏତ ହିନ୍ଦୀ ହୋଇପାରେ । ବର୍ତ୍ତମାନ କିନ୍ତୁ ହିନ୍ଦୀ ସେ ସ୍ତରକୁ ଉଠିପାରିନାହିଁ, ଯଦିଓ ସେଥିପାଇଁ ହିନ୍ଦୀ-ଲବି ଆପ୍ରାଣ ଚେଷ୍ଟା ଚଳାଇଛି ।

ଭାରତୀୟ ଭାଷାନୀତି ବହୁ ଭାବେ ପୂର୍ବତନ ସୋଭିଏଟ ରୁଷିଆର ଭାଷାନୀତିର ଅନୁକରଣରେ ତିଆରି ହୋଇଥିଲା । ଯଥା—ଯେଉଁ ରାଜ୍ୟର ଯେଉଁ ଭାଷା ହୋଇଥାଉନା କାହିଁକି, ସମସ୍ତଙ୍କୁ ରସିଆନ୍ ଭାଷା ଅବଶ୍ୟ ଶିଖିବାକୁ ପଡ଼ିବ । ଏ ଭାଷାନୀତି ବି ସୋଭିଏଟ ରୁଷିଆକୁ ଏକ କରି ରଖି ପାରିଲା ନାହିଁ ଓ ସୋଭିଏଟ ଦେଶ ଭାଙ୍ଗି ଟୁକୁଡ଼ା ଟୁକୁଡ଼ା ହୋଇଗଲା । ଭାରତରେ ସେହିପରି ହିନ୍ଦୀ ଭାଷାକୁ ସମଗ୍ର ଦେଶ ଉପରେ ଚପାଇ ଦେବାକୁ ଚେଷ୍ଟା କରାଯାଉଛି, ଅର୍ଥାତ୍ ସର୍ବଭାରତୀୟ କ୍ଷେତ୍ରରେ ହିନ୍ଦୀ ଓ ରାଜ୍ୟ କ୍ଷେତ୍ରରେ ଆଞ୍ଚଳିକ ଭାଷା । ଏ ଭାଷାନୀତି କେତେଦୂର ସଫଳ ହେବ ଜଣାନାହିଁ, ତେବେ ଇଂରାଜୀ ଭାଷା ଅନ୍ତତଃ ବର୍ତ୍ତମାନ

Digitized by PPRACHIN, SOA

ପାଇଁ ଭାରତରେ ଶୀର୍ଷରେ ଏବଂ ଆହୁରି ବ୍ୟାପକ ହେବାର ସମ୍ଭାବନା ରହିଛି । ଲୋକେ ଚାହାନ୍ତି ଇଂରାଜୀ ଭାଷା, ତେଣୁ ଯେତେ ଭାଷାନୀତି ସରକାରୀ ସ୍ତରରେ ତିଆରି କରାଗଲେ ବି ଏହା ଇଂରାଜୀ ପ୍ରତି ଲୋକଙ୍କର ଆଗ୍ରହକୁ ଊଣା କରିବ ନାହିଁ । ଇଂରାଜୀ ଭାଷା-ପ୍ରୀତି ସରକାରଙ୍କର ନଥାଇପାରେ, କିନ୍ତୁ ଲୋକଙ୍କର ସେ ଭାଷା ଉପରେ ଆସ୍ଥା ଅଛି, ଏବଂ ସେହି କାରଣରୁ ଇଂରାଜୀ ଭାଷା ଶିକ୍ଷା ଆଜି ଏତେ ଅନିବାର୍ଯ୍ୟ ହୋଇପଡ଼ିଛି । ଖାଲି ପୁଅମାନଙ୍କ ପାଇଁ ନୁହେଁ, ଝିଅମାନଙ୍କ ପାଇଁ ବି ଇଂରାଜୀ ସ୍କୁଲରେ ପଢ଼ିବା ଆହୁରି ଆବଶ୍ୟକୀୟ ହୋଇପଡ଼ିଛି । ଭଲ ଗୃହଣୀ ହେବା ପାଇଁ, ଭଲ ମା' ହେବା ପାଇଁ, ସ୍ମାର୍ଟ, ସୋଫିଷ୍ଟିକେଟେଡ୍ ହେବା ପାଇଁ ସ୍ତ୍ରୀର, ମା'ର, ଝିଅର ବି ଇଂରାଜୀ ଭାଷାରେ ଦଖଲ ଥିବା ଉଚିତ । ତାମିଲନାଡୁ ପରି ଗୋଟିଏ ଉନ୍ନତ ରାଜ୍ୟରେ, ଯେଉଁ ଜାତିର ସର୍ବାଧିକ ଲୋକ ସର୍ବଭାରତୀୟ ସ୍ତରରେ ଉଚ୍ଚାସନାରୂଢ଼, ସେ ରାଜ୍ୟରେ ଝିଅମାନଙ୍କ ବିବାହ ପାଇଁ ଏକ ଆବଶ୍ୟକୀୟ ଯୋଗ୍ୟତା ହେଉଛି ଇଂରାଜୀ ଓ ହିନ୍ଦୀ ଭାଷା ଜାଣିଥିବା । ସର୍ବଭାରତୀୟ ଯୋଗ୍ୟତାର ଏକ ପ୍ରଧାନ ଯୋଗ୍ୟତା ହେଉଛି ଇଂରାଜୀ ଭାଷା । ଏହା ସରକାରୀ ସ୍ତରରେ ଯେତେଟା ନୁହେଁ, ବେସରକାରୀ କମ୍ପାନୀ ସ୍ତରରେ ଆହୁରି ବେଶୀ, ଏବଂ ଭାରତର ବ୍ୟବସାୟୀ ସଂସ୍ଥାମାନେ ଇଂରାଜୀ ଭାଷା ଛଡ଼ା ଅନ୍ୟ କେଉଁ ଭାଷାକୁ ଛୁଇଁବେ ନାହିଁ, ଏବଂ ଆସ୍ତେ ଆସ୍ତେ ସେଇମାନେ ହିଁ ଭାରତର ଅର୍ଥନୀତିକୁ ଚଳାଇବେ । ଏପରି ଅବସ୍ଥାରେ ଭାରତର ସବୁ ଜାତିର ମା'ବାପା ଓ ତାଙ୍କ ପିଲାଙ୍କ ପାଇଁ ଇଂରାଜୀ ଭାଷା ସୃଷ୍ଟି କରିଛି ନୂତନ ସମ୍ଭାବନା । ନିଜ ଗାଁ ପାଖ ସହରର କୌଣସି ଏକ ସରକାରୀ ଅଫିସରେ କିରାଣିଟିଏ ବା ପିଅନ୍‌ଟିଏ ହେବା ପାଇଁ ହୁଏତ ଇଂରାଜୀ ଭାଷାର ପ୍ରୟୋଜନୀୟତା ପଡ଼ିନପାରେ, କିନ୍ତୁ କୌଣସି ଏକ କମ୍ପାନୀର ଏକ୍‌ଜିକ୍ୟୁଟିଭଟିଏ ହେବା ପାଇଁ ବା ବହୁରାଷ୍ଟ୍ରୀୟ ସଂସ୍ଥାରେ ପ୍ରବେଶ କରିବା ପାଇଁ, ଇଂରାଜୀ ଭାଷାରେ ଦକ୍ଷତା ନଥିଲେ ଚଳିବ ନାହିଁ ।

ଏ ଯେଉଁ ମହାଭାରତୀୟ ରାଜପୁତ୍ରମାନେ ଭାରତରେ ତିଆରି ହେଉଛନ୍ତି, ସେମାନେ ଓଡ଼ିଆ, ବଙ୍ଗାଳୀ ନୁହନ୍ତି ବା ହେବା ପରି ସେମାନଙ୍କର ସଂକୀର୍ଣ୍ଣ ମାନସିକତା ନାହିଁ । ସେମାନେ ଏ ଦେଶର ଭବିଷ୍ୟତ । ସେମାନେ ଭାରତୀୟ ମୂଲ୍ୟବୋଧରେ ଦୀକ୍ଷିତ । ଏକା ସେହିମାନେ ହିଁ ଭାରତର ଅସଂଖ୍ୟ କ୍ଷୁଦ୍ର ଜାତୀୟତାକୁ ଭାଙ୍ଗି ଏକ ନୂଆ ଜାତି ଗଢ଼ିପାରିବେ । ସେମାନଙ୍କର ଜାତୀୟ ସଂଗୀତ ହେଉଛି—ସାରା ଜହାଁସେ ଅଚ୍ଛା, ହିନ୍ଦୁସତାନ୍ ହମାରା; ବନ୍ଦେ ଉତ୍କଳ ଜନନୀ ନୁହେଁ ।

Digitized by PPRACHIN, SOA

ଅନ୍ୟପକ୍ଷରେ ଭୂମିପୁତ୍ର ଦଳ । ଏହି ଭୂମିପୁତ୍ରମାନେ ହେଉଛନ୍ତି—ଓଡ଼ିଆ, ବଙ୍ଗାଳୀ, ତାମିଲ, ତେଲୁଗୁ, ଗୁଜୁରାଟୀ, ମରାଠୀ, ଇତ୍ୟାଦି । ଏମାନଙ୍କର ଦେଶ ହେଉଛି ଓଡ଼ିଶା, ପଶ୍ଚିମବଙ୍ଗ,ତାମିଲନାଡୁ, ଆନ୍ଧ୍ର, ଇତ୍ୟାଦି । ଏମାନଙ୍କର ଭାଷା ହେଉଛି ଓଡ଼ିଆ, ବଙ୍ଗଳା, ତାମିଲ, ତେଲୁଗୁ, ମରାଠୀ ଇତ୍ୟାଦି । ସାମାନ୍ୟ କଥାରେ, ଏମାନେ ପରସ୍ପରର ଛାତିରେ ଛୁରୀ ଚଲାଇଦେବା ପାଇଁ ପ୍ରସ୍ତୁତ । ଏମାନଙ୍କ ଭିତରେ ବଳ କଷାକଷି ପ୍ରବଳ । ଏମାନେ ଲଢ଼େଇ କରନ୍ତି—କେତେଟା ଓଡ଼ିଆ ଗାଁ ରହିଗଲା ଆନ୍ଧ୍ର ପ୍ରଦେଶରେ ତ କେତେଟା ଓଡ଼ିଆ ଗଡ଼ଜାତ ରହିଗଲା ବିହାରରେ । ଓଡ଼ିଶାରେ ବନ୍ୟା ହେଲେ ଯଦି ଅନୁଦାନ ମିଳେ ଷାଠିଏ କୋଟି, ଆନ୍ଧ୍ର ବେଳକୁ କାହିଁକି ମିଳେ ଶହେ କୋଟି ? ମହାରାଷ୍ଟ୍ରରେ ଯଦି ତିନିଟା ଇସ୍ପାତ କାରଖାନା କରାଗଲା, ଓଡ଼ିଶାରେ କାହିଁକି ହେଲା ଗୋଟିଏ ? ମହୀଶୂର ଯଦି ନାଁ ପାଲଟାଇ କର୍ଣ୍ଣାଟକ ହୋଇପାରେ, ଓଡ଼ିଶା କାହିଁକି ନହେବ କଳିଙ୍ଗ ? ବଙ୍ଗଳା ସାହିତ୍ୟିକମାନଙ୍କୁ ଯଦି ଚାରିଥର ମିଳିଛି ଜ୍ଞାନପୀଠ ପୁରସ୍କାର, ଓଡ଼ିଆମାନଙ୍କୁ କାହିଁକି ମାତ୍ର ଦୁଇଥର ? ଆସାମରେ ଯଦି ଦୁଇଟା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଖୋଲାଯାଇପାରେ, ଓଡ଼ିଶାରେ କାହିଁକି ନାହିଁ ଗୋଟିଏ ? ଏହା ହେଉଛି ଭାରତର ବିଭିନ୍ନ ଭୂମିପୁତ୍ରମାନଙ୍କ ଭିତରେ ବଳ କଷାକଷିର, ଛଡ଼ିଆଛଡ଼ିର ଇତିହାସ, ଯେଉଁ ସଂକୀର୍ଣ୍ଣତା ଏମାନେ ଉତ୍ତରାଧିକାରୀ ସୂତ୍ରରେ ପାଇଛନ୍ତି ସେମାନଙ୍କର ଶହ ଶହ ବର୍ଷର ପ୍ରାଚୀନ ଇତିହାସରୁ । ଏମାନଙ୍କ ଭିତରେ ଝଗଡ଼ା, ପରସ୍ପର ପ୍ରତି ହିଂସା ଓ ଦ୍ୱେଷର ଅନ୍ତ ନାହିଁ—ଏକା ମା' ପେଟର ତଳଉପର ଭାଇଭଉଣୀ ପରି । ଏମାନଙ୍କର ପ୍ରଧାନ ଦାବି ହେଲା ଓଡ଼ିଆ ଓଡ଼ିଆଙ୍କ ପାଇଁ । ଆମ ରାଜ୍ୟରେ ଆମ ଛଡ଼ା ଆଉ କେହି ରହିବେ ନାହିଁ, କାରଣ ଅନ୍ୟ କାହାର ରାଜ୍ୟରେ ରହିବା ଆମର ଶକ୍ତି ବା ଯୋଗ୍ୟତା ନାହିଁ । ଏହିସବୁ ସଂକୀର୍ଣ୍ଣତା ଏଇ ଭୂମିପୁତ୍ରମାନଙ୍କ ମଧ୍ୟରେ ଦେଖିବାକୁ ମିଳେ । ଭାରତବର୍ଷକୁ ଯଦି ଏକ ମହାନ୍ ଦେଶ ଭାବେ ଠିଆ ହେବାକୁ ହେବ, ତା'ହେଲେ ଏ ଦେଶକୁ ଏମାନଙ୍କ କବଳରୁ ରକ୍ଷା କରିବାକୁ ହେବ । ଭାରତରେ ରାଜପୁତ୍ରମାନଙ୍କ ସଂଖ୍ୟା ଯଦିଓ ଦ୍ରୁତଗତିରେ ବଢ଼ିବାକୁ ଲାଗିଛି, ତଥାପି ଭୂମିପୁତ୍ରମାନେ ନିଜ ନିଜର ସ୍ୱାର୍ଥଦୃଷ୍ଟିରୁ ଏକଜୁଟ ହୋଇଛନ୍ତି । ବିଦ୍ୟା ବା ଜ୍ଞାନକୁ ଅଧିକାର କରିବାର ଶକ୍ତି ଯଦିଓ ଏ ଭୂମିପୁତ୍ରମାନଙ୍କର ନାହିଁ, ଅନ୍ତତଃ ରାଜନୈତିକ ସ୍ତରରେ ସେମାନେ ଏକତାବଦ୍ଧ ହୋଇଛନ୍ତି । ଏଇମାନଙ୍କ ସ୍ୱାର୍ଥରେ, ଏଇମାନଙ୍କୁ ନେଇ ଏବେ ଗଢ଼ି ଉଠିଛି ନାନା ଆଞ୍ଚଳିକ ରାଜନୈତିକ ଦଳ, ଯଥା—ତେଲୁଗୁ ଦେଶମ୍, ଆସାମ ଗଣ ପରିଷଦ, ଶିବସେନା, ଦ୍ରାବିଡ଼ ମୁନେତ୍ର କଲଗମ ଓ ଅନ୍ୟାନ୍ୟ । ଏ ରାଜନୈତିକ ଦଳଗୁଡ଼ିକର

Digitized by PPRACHIN, SOA

ଲକ୍ଷ୍ୟ ଭାରତର ସ୍ୱାର୍ଥ ନୁହେଁ, ଭୂମିପୁତ୍ରମାନଙ୍କର ସ୍ୱାର୍ଥ । ଏହି ଭୂମିପୁତ୍ର ଦଳଗୁଡ଼ିକ ଯେପରି ଏକଜୁଟ ହୋଇଛନ୍ତି, ଏବଂ ସାରା ଦେଶକୁ ମାଡ଼ି ବସିଛନ୍ତି, ତାହା ଭାରତୀୟତାର ପରିପନ୍ଥୀ । ଏମାନଙ୍କର ଉଦ୍ଦେଶ୍ୟ, ସେକାଳର ଏକଛତ୍ରୀ ସମ୍ରାଟମାନଙ୍କ ପରି ସମଗ୍ର ଭାରତକୁ କବଳ କରିବା । ଏମାନଙ୍କର ସ୍ୱପ୍ନ ହେଉଛି ମରାଠା ସାମ୍ରାଜ୍ୟ ବା ତେଲୁଗୁ ସାମ୍ରାଜ୍ୟ । ଯେତେ ଦିନ ସେମାନଙ୍କର ଏ ସ୍ୱପ୍ନ ସଫଳ ନହୋଇଛି ସେମାନେ ନିଜ ନିଜ ରାଜ୍ୟକୁ କାମୁଡ଼ି ପଡ଼ିଛନ୍ତି । ସେମାନେ ଅନ୍ତତଃ ନିଜ ରାଜ୍ୟ ଭିତରେ ଅନ୍ୟ ରାଜ୍ୟର ଲୋକଙ୍କୁ ପୂରାଇ ଦେବେ ନାହିଁ, ଅନ୍ୟ ଲୋକଙ୍କର ଭାଷାକୁ କୁହାଇ ଦେବେ ନାହିଁ, ଅନ୍ୟ ରାଜ୍ୟର ସଂସ୍କୃତିକୁ ସହ୍ୟ କରିବେ ନାହିଁ– ଲାଲୁ ଯାଦବ ଯେମିତି ସଂଯୁକ୍ତା ପାଣିଗ୍ରାହୀଙ୍କ ନାଚ ଅଧାରୁ ବନ୍ଦ କରାଇଦେଲେ । ଏମାନେ ଅନ୍ୟାନ୍ୟ ଭାରତୀୟଙ୍କ ପ୍ରତି ଅସହିଷ୍ଣୁ । ଏମାନେ ଏବେ ବି ମଧ୍ୟଯୁଗରେ ଅଛନ୍ତି ଓ ସାମ୍ରାଜ୍ୟର ସ୍ୱପ୍ନ ଦେଖୁଛନ୍ତି । ଗାନ୍ଧି ଏମାନଙ୍କର ଆଦର୍ଶ ନୁହନ୍ତି । ଆଦର୍ଶ ହେଉଛନ୍ତି ଛତ୍ରପତି ଶିବାଜୀ, ରାଜରାଜ ଚୋଳ ବା ଖାରବେଳ । ଭୂମିପୁତ୍ରମାନଙ୍କର ବଳ ହେଉଛି ସେମାନଙ୍କର ରାଜ୍ୟ, ସେମାନଙ୍କର ଭାଷା, ସେମାନଙ୍କର ସାହିତ୍ୟ ଓ ସଂସ୍କୃତି । ସେଥିପାଇଁ ଏବେ କେହି କେହି ଚିନ୍ତା କରୁଛନ୍ତି ଏଇ ରାଜ୍ୟଗୁଡ଼ିକୁ ଭାଙ୍ଗି ସେମାନଙ୍କର ଆୟତନ ଓ ଲୋକସଂଖ୍ୟାକୁ ଭାଗଭାଗ କରିଦେବା ପାଇଁ । ଭାରତୀୟ ଜନତା ପାର୍ଟି ଯେମିତି କହୁଛି– ଓଡ଼ିଶାରୁ ପଶ୍ଚିମାଞ୍ଚଳକୁ ବାହାର କରିଦେବା ପାଇଁ । ତାହା ଯଦି ହୁଏ, ଓଡ଼ିଆ ଭୂମିପୁତ୍ରମାନଙ୍କର ଅଧାବଳ କମିଯିବ । ସେହି ଢାଞ୍ଚାରେ ଭଙ୍ଗା ହେବ ଅନ୍ୟାନ୍ୟ ଭୂମିପୁତ୍ରମାନଙ୍କ ରାଜ୍ୟ । ଭାରତୀୟତା ଦୃଷ୍ଟିରୁ ଏହା ଏକ ମନ୍ଦ ବିଚାରଧାରା ନୁହେଁ ଏବଂ ଜାତିଗୁଡ଼ିକ ଭିତରେ ଯେପରି ଅନ୍ତର୍ନିହିତ ବିରୋଧାଭାସ ରହିଛି, ତା'ରି ସୁଯୋଗ ନେଇ ରାଜ୍ୟଗୁଡ଼ିକୁ ଭାଙ୍ଗିବା ସେପରି କିଛି କଷ୍ଟ କାମ ନୁହେଁ । ବସ୍ତୁତଃ, ଏଇ ଭୂମିପୁତ୍ରମାନଙ୍କ ଭିତରେ ଯେଉଁ ବିରୋଧାଭାସ ରହିଛି, ଯଥା-ବ୍ରାହ୍ମଣ-କରଣ, ଚଷା-ଖଣ୍ଡାୟତ, ଅଛୁଆଁ-ଛୁଆଁ, ହିନ୍ଦୁ-ପଠାଣ, ଆଦିବାସୀ-ଅଣଆଦିବାସୀ, ସମ୍ବଲପୁରୀ-କଟକୀ, ଇତ୍ୟାଦି, ଏମାନେ ନିଜକୁ ଏକ ବୋଲି ଭାବିବା ମଧ୍ୟ କଷ୍ଟ, ଆଉ ଭାରତକୁ ଏକ ବୋଲି ଭାବିବେ କଣ? ଏମାନଙ୍କ ଆଦର୍ଶ ବହୁକୁ ନେଇ ଏକ ନୁହେଁ, ବରଂ ଏକକୁ ନେଇ ବହୁ । ତେଣୁ ଭୂମିପୁତ୍ରମାନଙ୍କ ହାତରେ ଏ ଦେଶର ଦାୟିତ୍ୱକୁ ଟେକି ଦିଆଯାଇ ପାରିବ ନାହିଁ, ତାହେଲେ ଭାରତ ତ ଖାଲି ଖଣ୍ଡ ଖଣ୍ଡ ହୋଇଯିବ ନାହିଁ, ନିଜ ରାଜ୍ୟଗୁଡ଼ିକୁ ବି ଏମାନେ ଏକ କରି ରଖିପାରିବେ ନାହିଁ । ଭାଷା ହିଁ ବର୍ତ୍ତମାନ ସେମାନଙ୍କୁ ବାନ୍ଧି କରି ରଖିଛି, କିନ୍ତୁ ଭବିଷ୍ୟତରେ ବି ଯେ ଭାଷା ସେୟା କରିବାକୁ ସକ୍ଷମ ହେବ, ସେ ବିଷୟରେ ଆମର ଘୋର ସନ୍ଦେହ ଅଛି ।

Digitized by PPRACHIN, SOA

୧୭. ବର୍ତ୍ତମାନର ଭାଷାଭିତ୍ତିକ ରାଜ୍ୟଗୁଡ଼ିକ କେତେ ଦିନ ଗୋଟିଏ ଗୋଟିଏ ମାତୃଭାଷାକୁ ଆଶ୍ରୟ କରି ବଞ୍ଚିରହିବେ, ସେ ବିଷୟରେ ସଂପ୍ରତି ଯଥେଷ୍ଟ ସନ୍ଦେହ ଦେଖା ଦେଇଛି । ଆଗେ ସମଗ୍ର ଓଡ଼ିଶା ରାଜ୍ୟର ଭାଷା ଥିଲା ଓଡ଼ିଆ, ଯେଉଁ ଭାଷାକୁ ଭିତ୍ତିକରି ଓଡ଼ିଆ ଜାତି ତିଆରି ହୋଇଥିଲା । ସେହି ଏକ ଧରଣର ଅନ୍ୟାନ୍ୟ ଜାତିଗୁଡ଼ିକ ହେଲେ– ବଙ୍ଗାଳୀ, ଅସମୀୟା, ପଞ୍ଜାବୀ, ତେଲୁଗୁ, ତାମିଲ, କନ୍ନଡ, ମଲୟାଲୀ, ମରାଠୀ, ଗୁଜରାଟୀ, କୋଙ୍କଣି, ମଣିପୁରୀ, ଇତ୍ୟାଦି । ଏହି ଜାତିଗୁଡ଼ିକ ସ୍ୱାର୍ଥରେ ସୃଷ୍ଟି ହୋଇଥିଲା ଭାଷାଭିତ୍ତିକ ରାଜ୍ୟ । ଏହି ରାଜ୍ୟଗୁଡ଼ିକର ପ୍ରାୟ ଅଶୀରୁ ନବେ ଭାଗ ଲୋକ କୌଣସି ଗୋଟିଏ ଭାଷା ପ୍ରତି ଅନୁଗତ ଥିଲେ । ସେହି ଆନୁଗତ୍ୟରେ ବର୍ତ୍ତମାନ ଫାଟ ଦେଖାଦେଇଛି । କେତେକ କ୍ଷେତ୍ରରେ ଏହା ସ୍ୱାଭାବିକ, ଅନ୍ୟ କେତେକ କ୍ଷେତ୍ରରେ ଏହା କୃତ୍ରିମ । ସମ୍ବଲପୁରୀ ଆନ୍ଦୋଳନ ଏହି କୃତ୍ରିମତାର ଗୋଟିଏ ଉଦାହରଣ । ଅପରପକ୍ଷେ, ପଶ୍ଚିମବଙ୍ଗର ଗୋର୍ଖାଲ୍ୟାଣ୍ଡ ଆନ୍ଦୋଳନ ସ୍ୱାଭାବିକ ମନେ ହୋଇପାରେ । ମହାରାଷ୍ଟ୍ରର ବିଦର୍ଭ ଆନ୍ଦୋଳନ, ଆସାମର ବୋଡୋଲ୍ୟାଣ୍ଡ ଆନ୍ଦୋଳନ, ବିହାରର ଝାଡ଼ଖଣ୍ଡ ଆନ୍ଦୋଳନ, ମଧ୍ୟପ୍ରଦେଶର ବସ୍ତର ଆନ୍ଦୋଳନ, ଉତ୍ତରପ୍ରଦେଶର ଉତ୍ତରାଖଣ୍ଡ ଆନ୍ଦୋଳନ, ସତ ହେଉ କି ମିଛ ହେଉ, ବର୍ତ୍ତମାନ ଭାଷାଭିତ୍ତିକ ରାଜ୍ୟଗୁଡ଼ିକ ପାଇଁ କିଛିଟା ଅନିଶ୍ଚିତତା ସୃଷ୍ଟି କରିଛନ୍ତି, କାରଣ ଭାଷା ଭିତ୍ତିରେ ହିନ୍ଦୀ ଛ'ଟି ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ମାଡ଼ି ବସିଛି । ଅତି କମ୍‌ରେ ଛୟାଳିଶଟି ସ୍ୱତନ୍ତ୍ର ମାତୃଭାଷାକୁ ଗିଳି, ଯାହା ଭିତରେ ଆମ ଓଡ଼ିଶାର ଲରିଆ ମାତୃଭାଷା ବି ଅଛି, ହିନ୍ଦୀ ହୋଇଛି ଭାରତର ବୃହତ୍ତମ ଭାଷା । ଦାବି କରୁଛି ଯେ ହିନ୍ଦୀ ଭାରତରେ ପ୍ରାୟ ଚାଳିଶ ପ୍ରତିଶତ ଲୋକଙ୍କର ମାତୃଭାଷା । ତଥାପି ବି ଓଡ଼ିଆ, ବଙ୍ଗାଳୀ, ତେଲୁଗୁ, ତାମିଲଙ୍କ ପରି ହିନ୍ଦୀ ଗୋଟିଏ ଜାତି ହୋଇପାରି ନାହିଁ । ହିନ୍ଦୀ ବୋଲି ଗୋଟିଏ ଜାତି ନାହିଁ ଭାରତରେ । ଯେଉଁମାନଙ୍କ ଭାଷାକୁ କବଳିତ କରି ହିନ୍ଦୀ ହୋଇଛି ଭାରତର ବୃହତ୍ତମ ଭାଷା, ତା'ତଳେ ଅନେକଗୁଡ଼ିଏ ଜାତି ପୋତା ପଡ଼ିଛନ୍ତି, ଯଥା– ଗଡ଼ୱାଲୀ, କୁମାଓ୍ୱନୀ, ପାହାଡୀ, ରାଜସ୍ଥାନୀ, ମାରଓ୍ୱାଡି, ମୈଥିଳୀ, ବନ୍‌ଜାରୀ, ଇତ୍ୟାଦି । ଏମାନେ ପ୍ରତ୍ୟେକ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଜାତି ଓ ସେମାନଙ୍କର ସ୍ୱତନ୍ତ୍ର ମାତୃଭାଷା ଅଛି । ଏଇ ସମସ୍ତଙ୍କ ଉପରେ ବସିଛି ହିନ୍ଦୀ, ଯାହାର ଏକ ଜାତି ହିସାବରେ ନା ଅଛି ପରିଚୟ ନା ଇତିହାସ ବା ବୁନିଆଦୀ ।

ଏଥିରୁ, ଭାରତରେ ଦୁଇ ପ୍ରକାର ଭାଷା-ସ୍ଥିତି ଆମକୁ ଦେଖିବାକୁ ମିଳେ– ଭାଷା, ଯାହା ଗୋଟିଏ ଜାତିର ମାତୃଭାଷା ଓ ଭାଷା, ଯାହା କୌଣସି ଗୋଟିଏ ଜାତିର ମାତୃଭାଷା

Digitized by PPRACHIN, SOA

ନୁହେଁ । ବଙ୍ଗଳା, ଓଡ଼ିଆ ଆଦି ପ୍ରଥମ ଶ୍ରେଣୀର ଭାଷା ଓ ଦ୍ୱିତୀୟ ଶ୍ରେଣୀର ଭାଷା ହେଲା ହିନ୍ଦୀ, ଉର୍ଦ୍ଦୁ । ଭାରତର ଭବିଷ୍ୟତ ପାଇଁ କେଉଁ ପ୍ରକାରର ଭାଷା-ସ୍ଥିତି ସୃଷ୍ଟି ହେଉଛି, ସେ କଥା ଚିନ୍ତା କରି ଦେଖିବା ଉଚିତ । ପ୍ରଥମ କଥା ହେଉଛି, ଓଡ଼ିଆ, ବଙ୍ଗଳା ପରି ଭାଷା ଉପରେ ଯଦି ସାମାନ୍ୟ ବିପଦ ଆସେ, ତା'ହେଲେ ଏ ଜାତିଗୁଡ଼ିକ ଉପରେ ମଧ୍ୟ ବିପଦ ଆସିବ । କାରଣ ଏଗୁଡ଼ିକ ଭାଷା-ନିବଦ୍ଧ ଜାତି ବା ଭାଷା ଉପରେ ଆଶ୍ରୟ କରିଥିବା ଜାତି । ତେଣୁ କହିବା ବାହୁଲ୍ୟ ଯେ, ଭାଷା ବିପନ୍ନ ହେଲେ ଜାତି ବି ବିପନ୍ନ । ଅପରପକ୍ଷେ, ହିନ୍ଦୀ କୌଣସି ଏକ ନିର୍ଦ୍ଦିଷ୍ଟ ଜାତିର ଭାଷା ନୁହେଁ । ହିନ୍ଦୀଭାଷୀଙ୍କୁ ତାଙ୍କ ଜାତି କଣ ବୋଲି ପ୍ରଶ୍ନ ବି ପଚରା ଯାଇପାରିବ ନାହିଁ । ଓଡ଼ିଆଭାଷୀ ଲୋକଙ୍କୁ ପଚାରିଲେ ତୁମ ଜାତି କଣ, ସଂଗେ ସଂଗେ ଉତ୍ତର ମିଳିବ ଓଡ଼ିଆ, କିନ୍ତୁ ହିନ୍ଦୀଭାଷୀଙ୍କୁ ପଚାରିଲେ ସେଇ ପଶ୍ନ କି ଉତ୍ତର ମିଳିବ ? ଓଡ଼ିଆ, ବଙ୍ଗଳା କ୍ଷେତ୍ରରେ ଏହା ହଁ ବା ନା, ଅର୍ଥାତ୍ ମେକାନିକାଲ, କିନ୍ତୁ ହିନ୍ଦୀ କ୍ଷେତ୍ରରେ ଏହା ଷ୍ଟାଟିସ୍‌ଟିକାଲ ବା ମୁଣ୍ଡଗଣତି କରି ବାହାର କରିବାକୁ ପଡ଼ିବ ? ଏହାର ସୁଯୋଗ ନେଇ ହିନ୍ଦୀ ଅନେକଗୁଡ଼ିଏ ଜାତିକୁ ନିଜ ଭିତରେ ପୂରାଇଛି ଓ ଆହୁରି ବି ଯଥେଷ୍ଟ ଜାଗା ଅଛି ଅନ୍ୟ ଜାତିମାନଙ୍କୁ ଗିଳିବା ପାଇଁ । ଏପରି ପରିସ୍ଥିତିରେ, ଏହି ଭାଷା-ନିବଦ୍ଧ ଜାତିଗୁଡ଼ିକୁ ଯାହା ବଞ୍ଚାଇ ପାରିବ, ସେ କେବଳ ସେମାନଙ୍କ ଭାଷା । ଅନ୍ୟ କଥାରେ, ଏମାନଙ୍କ ଭାଷା ଚାଲିଗଲେ ଗୋଟିଏ ଜାତି ହିସାବରେ ଏମାନଙ୍କ ସ୍ଥାୟିତ୍ୱ ବି ବିପର୍ଯ୍ୟସ୍ତ ହେବ । ଯେଉଁମାନେ ଭାରତୀୟ ଭାଷା-ସ୍ଥିତି କଥା ଚିନ୍ତା କରୁଛନ୍ତି ସେମାନଙ୍କୁ ଏ କଥାଟି ଉପରେ ଯଥେଷ୍ଟ ଧ୍ୟାନ ଦେବାକୁ ପଡ଼ିବ । ସେହିପରି ଯେଉଁମାନେ ଜାତି-ସ୍ଥିତି କଥା ଚିନ୍ତାକରୁଛନ୍ତି ସେମାନଙ୍କୁ ମଧ୍ୟ ସମାନ ଭାବରେ ଧ୍ୟାନ ଦେବାକୁ ପଡ଼ିବ । ଏହି ପରିପ୍ରେକ୍ଷୀରେ ଆମେ ଆଜି ଯେତେବେଳେ ହସି ହସି କହୁଛେ ଯେ ତାମିଲ ଆଉ ବଙ୍ଗାଳୀମାନେ ହିନ୍ଦୀ-ବିରୋଧୀ, କଣ ତା'ର ଅର୍ଥ ? କାରଣ ସେମାନେ ଶିଖିଛନ୍ତି ତାଙ୍କର ଇତିହାସରୁ ଯେ, ସେମାନେ ଭାଷା-ନିବଦ୍ଧ ଜାତି, ତେଣୁ, ସେମାନଙ୍କ ଭାଷା ଚାଲିଗଲେ ଜାତି ହିସାବରେ ବି ସେମାନେ ନିଶ୍ଚିହ୍ନ ହୋଇଯିବେ । ଜାତି ହିସାବରେ ତାମିଲ ବା ବଙ୍ଗାଳୀ ନିଶ୍ଚିହ୍ନ ହୋଇଯିବ । ତାମିଲ ବା ବଙ୍ଗାଳୀ ଜାତି ବୁଡ଼ିଯିବ ଚିରଦିନ ପାଇଁ । ଓଡ଼ିଆ ବି ଗୋଟିଏ ଭାଷା-ନିବଦ୍ଧ ଜାତି । ତେଣୁ, ଓଡ଼ିଆମାନେ ଯଦି ଭାବୁଥାନ୍ତି—ଭାଷାଟା ଯିବ ଯଦି ଯାଉ ମ, ଓଡ଼ିଆ ଜାତି ତ ରହିବ—ଆମେ କୋଣାର୍କ ମନ୍ଦିର ଆଉ ପାରାଦ୍ୱୀପ ବନ୍ଦର ଦେଖାଇ ଓଡ଼ିଆ ବୋଲି ଭାରତରେ ପରିଚୟ ଦେବୁ, କଥାଟା ହୁଏତ ଏତେ ସହଜ ନହୋଇପାରେ, ତେବେ ସେ ଗୋଟାଏ ଦେଖିବାର କଥା । ସୋଭିଏଟ୍ ରୁଷିଆରେ

Digitized by PPRACHIN, SOA

ତ ସମ୍ଭବ ହେଲା ନାହିଁ, ଭାରତରେ ଯଦି ହୁଏ ! ତେବେ ଏହା କିଛିଟା ସମ୍ଭବ ହୋଇଛି ଇଂଲାଣ୍ଡରେ । ସ୍କଟ୍‌ସ ଓ ୱେଲ୍‌ସମାନେ ତାଙ୍କ ଭାଷା ପ୍ରାୟ ହରାଇ ସାରି ଇଂରାଜୀ ଭାଷା କହୁଥିଲେ ବି ନିଜର ଜାତୀୟ ସ୍ୱତନ୍ତ୍ରତା କିଛିଟା ରଖିଛନ୍ତି । ତେବେ ସ୍କଟ୍‌ସ ଓ ୱେଲ୍‌ସମାନଙ୍କର ଏହି ଭାଷାହୀନ ଜାତୀୟତାକୁ ଅନେକ ହୁଏତ ଖାଲି ନାମକୁ ମାତ୍ର ବୋଲି କହିପାରନ୍ତି । ବାସ୍ତବ କ୍ଷେତ୍ରରେ ଏ ଜାତୀୟତା ଅତ୍ୟନ୍ତ କ୍ଷୀଣ ଓ ଦୁର୍ବଳ । ଅପରପକ୍ଷେ, ଆଇରିସ୍ ଜାତି କିନ୍ତୁ ଲଢ଼ି ଚାଲିଛି । ଏହା ନିଜ ଭାଷାକୁ ଇଂରାଜୀ ଜାତି ପାଖରେ ସମର୍ପଣ କରିନାହିଁ ନା ନିଜର ଜାତୀୟତାକୁ ।

ତେବେ ମାତୃଭାଷା ବିଷୟରେ ଏତେଟା ଭାବପ୍ରବଣ ହୋଇପଡ଼ିବା ଉଚିତ ନୁହେଁ । ଆଧୁନିକ ପୃଥିବୀରେ ଗୋଟିଏ ଭାଷାକୁ ବଞ୍ଚାଇ ରଖିବା ଅତ୍ୟନ୍ତ କଷ୍ଟସାପେକ୍ଷ ଓ ବ୍ୟୟସାପେକ୍ଷ ବିଳାସ । ଆଜି ଯେତେବେଳେ ପୃଥିବୀ ଆନ୍ତର୍ଜାତିକ ଭାଷା କଥା ଭାବୁଛି, ସେତେବେଳେ ଏହି ଛୋଟିଆ ଛୋଟିଆ ଭାଷା-ନିବଦ୍ଧ ଜାତିଗୁଡ଼ିକ ମାନବଜାତିର ଇତିହାସର ପ୍ରତିକୂଳ ସ୍ରୋତରେ ଯାଉଛନ୍ତି । ଆଗେ ଭାଷା-ବିଜ୍ଞାନୀମାନଙ୍କର ବିଶ୍ୱାସ ଥିଲା ଯେ, ପୃଥିବୀରେ ଛୋଟ ବଡ଼ ବୋଲି କିଛି ଭାଷା ନାହିଁ । ସବୁ ଭାଷା ସମାନ ଓ ସମାନ ଭାବେ ସମର୍ଥ । କିନ୍ତୁ ଭାଷାର ଯୋଜନାବଦ୍ଧ ବିକାଶ ବା ଲାଙ୍ଗୁଏଜ୍ ପ୍ଲାନିଂରେ ଯେଉଁ ଭାଷାବିଜ୍ଞାନୀମାନେ କାମ କରୁଛନ୍ତି, ସେମାନେ ପ୍ରତିଟି ଭାଷାର ସାମର୍ଥ୍ୟ ବା ଭାଇଟାଲିଟିକୁ ପ୍ରଥମେ ନିର୍ଣ୍ଣୟ କରିଥାନ୍ତି । ଏହି ନିର୍ଣ୍ଣୟ ଅନୁସାରେ, ପ୍ରତ୍ୟେକ ଭାଷାର ଭାଷତାତ୍ତ୍ୱିକ ଭଣ୍ଡାର ବା କର୍ପସ୍ କେତେଦୂର ସମୃଦ୍ଧ ତାହା ସେମାନେ ବିଚାରକୁ ନେଇଥାନ୍ତି ଓ ସେହି ପରିପ୍ରେକ୍ଷୀରେ ଭାଷାର ଭଣ୍ଡାରକୁ ଉନ୍ନତ କରିବାର ବିଭିନ୍ନ ଉପାୟ ଅବଲମ୍ବନ କରିଥାନ୍ତି ।

ଆଗେଇ ପାରୁନଥିବା ଭାଷାକୁ ନିଜ ଇଚ୍ଛାରେ ଗତି କରିବା ପାଇଁ ଛାଡ଼ିଦେଲେ, ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହୋଇପାରେ, କାରଣ ଭାଷାର ସ୍ୱାଭାବିକ ଗତି ହେଉଛି ଅତ୍ୟନ୍ତ ମନ୍ଥର । ଧରନ୍ତୁ, ସମ୍ବଲପୁରରେ ଗୋଟିଏ ଭଲ ଓଡ଼ିଆ ଶବ୍ଦ ତିଆରି ହେଲା ବା ଚଳିଲା । ସେ ଶବ୍ଦଟି ପୁରୀ ଲୋକଙ୍କ ପାଖରେ ପହଞ୍ଚିଲା ବେଳକୁ ବହୁ ବର୍ଷ ଲାଗିଯାଇପାରେ । ସମଗ୍ର ଭାଷାରେ ପହଞ୍ଚିଲା ବେଳକୁ ଆହୁରି କେତେଦିନ ଲାଗିଯିବ, କିଏ ଜାଣେ ? ଅଥଚ, ଏଣେ ପାଗ ବାନ୍ଧୁ ବାନ୍ଧୁ କଚିରି ବରଖାସ୍ତ ହେଲା ପରି, ଭାଷା ତା' ଶୈଥିଲ୍ୟରେ ଚାଲିଲେ, ଜାତି ଅପେକ୍ଷା କରି ବସି ରହିପାରିବ ନାହିଁ । ସେଥିପାଇଁ ଭାଷାର ପ୍ରଗତିକୁ ଯୋଜନାବଦ୍ଧ କରି ପରିଚାଳିତ କରିବାକୁ ପଡ଼ିବ । ଏହି ଯୋଜନା ମୁଖ୍ୟତଃ ଦୁଇଟି ଦିଗରୁ କରାଯାଇପାରେ—

Digitized by PPRACHIN, SOA

ପ୍ରଥମେ ଭାଷାର ସମ୍ମାନ ବଢ଼ାଇବାକୁ ପଡ଼ିବ ଓ ଦ୍ୱିତୀୟରେ ଭାଷାର ସମ୍ଭାର ବଢ଼ାଇବାକୁ ପଡ଼ିବ ।

ଆମ ଓଡ଼ିଆ ଭାଷାର ସମ୍ମାନ କଥା ଟିକିଏ ଚିନ୍ତା କରି ଦେଖାଯାଉ । ବାହାର ଲୋକ ବା ଦେଶ ବିଦେଶ କଥା ଛାଡ଼ନ୍ତୁ । ଏହି ଭାଷାକୁ ନା ଆମ ନିଜ ସରକାର ଦିଅନ୍ତି ଯଥୋଚିତ ସମ୍ମାନ ନା ଆମ ଲୋକେ । ଗରିବ ମାଇପ ସମସ୍ତଙ୍କର ଶାଳୀ ହେଲା ପରି, ଓଡ଼ିଆ ଭାଷା ଓଡ଼ିଆ ଜାତି ପାଇଁ ଏକ ଉପହାସର ବସ୍ତୁ ହୋଇ ଠିଆହୋଇଛି । ଯେଉଁ ପଦାଧିକାରୀମାନେ ଓଡ଼ିଆରେ ନଥିପତ୍ରରେ ଟିପ୍ପଣୀ ଦେଉଛନ୍ତି ସେମାନେ ଉପହାସ୍ୟ, ଯେଉଁ ବାଗ୍ମୀମାନେ ଓଡ଼ିଆରେ ଭାଷଣ ଦେଉଛନ୍ତି ସେମାନେ ଉପହାସ୍ୟ, ଯେଉଁ କବି ଓ ସାହିତ୍ୟିକମାନେ ଓଡ଼ିଆରେ ଲେଖୁଛନ୍ତି ସେମାନେ ଉପହାସ୍ୟ, ଯେଉଁ ପିଲେ ଓଡ଼ିଆ ସ୍କୁଲରେ ପଢୁଛନ୍ତି ସେମାନେ ଉପହାସ୍ୟ, ଯେଉଁ ପୁରୋହିତ ଓଡ଼ିଆରେ ମନ୍ତ୍ର ପଢୁଛି ସେ ଉପହାସ୍ୟ, ଯେଉଁ ଖାନ୍‌ସାମା ଓଡ଼ିଆରେ ରାନ୍ଧଣା ପରଷୁଛି ସେ ଉପହାସ୍ୟ, ଯେଉଁ କୁକୁରର ଓଡ଼ିଆ ନାଁଟିଏ ଅଛି ସେ ବି ଉପହାସ୍ୟ । ଆପଣ ନିଜକୁ ପରୀକ୍ଷା କରିପାରନ୍ତି । ଆପଣଙ୍କର ଆଲସେସିଆନ୍ କୁକୁରର ନାଁ' ଆପଣ ଟାଇଗର୍, ବାଦଶାହା ରଖିବେ ନା ଭାଲୁଆ ଟିପୁ ରଖିବେ ? ଆମେ ଏ ପର୍ଯ୍ୟନ୍ତ ବି ଆମ ନିଜ ଦେଶର, ଜାତିର ନାଁ ଠିକ୍ କରିବାକୁ ସମର୍ଥ ହୋଇନାହୁଁ । ଲୋକଙ୍କ କାନକୁ ଏବେ ଓଡ଼ିଶା ନାଁଟା ଭଲ ଶୁଭୁନାହିଁ, ତାକୁ ଉତ୍କଳ କରିଦେଲେ, ଆଉ କାହା କାହା ମତରେ କଳିଙ୍ଗ କରିଦେଲେ ଆମର ଇଜ୍ଜତ ବଢ଼ିଯିବ । ଏହି ହୀନମନ୍ୟତା ଓ ରୁଗ୍ଣ ମାନସିକତା ପାଇଁ ଦାୟୀ ଆମେ ନିଜେ । ଓଡ଼ିଆ ଭାଷା ସହିତ ଓତପ୍ରୋତ ଭାବେ ଜଡ଼ିତ ଓଡ଼ିଆ ଶିକ୍ଷକ ଓ ଅଧ୍ୟାପକମାନେ, ଓଡ଼ିଆ ଭାଷା ସାହିତ୍ୟ ପାଇଁ ଯେଉଁ ଅଧ୍ୟବସାୟ କରୁଛନ୍ତି ତାହା ଯଥେଷ୍ଟ ନୁହେଁ । ସେଇ ଅଧ୍ୟବସାୟ ଏମ୍.ଫିଲ୍., ପିଏଚ୍.ଡି. ପାଇବାପାଇଁ ଯୋଗ୍ୟ ନୁହେଁ । ଅନ୍ୟ କୌଣସି ସାହିତ୍ୟରେ, ଏପରିକି ଭାରତୀୟ ସାହିତ୍ୟରେ ବି ଏତେ ଶସ୍ତାରେ ପିଏଚ.ଡି. ମିଳୁନଥିବ, ଆଉ ଏ ସବୁ କ୍ଷେତ୍ରରେ ଆମ ଭାଷାର ଯେପରି ଭାବେ ଅବହେଳା କରାଯାଉଛି, ତାହା ସାମୂହିକ ଭାବେ ଆମ ଭାଷାର ଚରମ ଅବମୂଲ୍ୟାୟନର ପ୍ରଧାନ କାରଣ । ଏହାର ତୁରନ୍ତ ଅପନୋଦନ ପାଇଁ ଓଡ଼ିଆ ଭାଷାକୁ ସମ୍ମାନନୀୟତାର ବଟିକା ଖୁଆଇବାକୁ ପଡ଼ିବ ।

ଦ୍ୱିତୀୟ ଦିଗଟି ହେଲା ଭାଷା ସମ୍ଭାରର । ଓଡ଼ିଆ ଭାଷା ସମ୍ଭାରର ପ୍ରଥମ ପଞ୍ଜୀକରଣ ହୁଏ ସାରଳା ମହାଭରତରେ । ଏହି ବିଶାଳ କୃତି ଓଡ଼ିଆ ଭାଷାର ପ୍ରାଚୀନତମ ଅଭିଧାନ ।

Digitized by PPRACHIN, SOA

ଏପର୍ଯ୍ୟନ୍ତ ବି ଏହି ଅଭିଧାନ ରଚିତ ହୋଇନାହିଁ, ଓଡ଼ିଶାରେ ବହୁ ସାରଳାପ୍ରେମୀ ଅନୁଷ୍ଠାନ ଓ ବ୍ୟକ୍ତି ଥାଇ ସୁଦ୍ଧା । ତା' ପୂର୍ବରୁ ଅବଶ୍ୟ ସାରଳା ମହାଭାରତର ଏକ ବିଜ୍ଞାନ-ସମ୍ମତ ସଂସ୍କରଣ (ଶୁଦ୍ଧ ସଂସ୍କରଣ ନୁହେଁ) ପ୍ରକାଶ କରିବା ଆବଶ୍ୟକୀୟ । ସାରଳା ମହାଭାରତ ପରେ ଓଡ଼ିଆ ଭାଷାର ଦ୍ୱିତୀୟ ଅଭିଧାନ ହେଲା ଭଞ୍ଜ-ସାହିତ୍ୟ, ଯଦିଓ ଏ ଅଭିଧାନଟି ପ୍ରଣୟନ କରିବା ପାଇଁ ସମ୍ପାଦକଙ୍କୁ ଭାଷାଦୃଷ୍ଟିରୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ । ଏହାପରେ ଗୋପାଳଚନ୍ଦ୍ର ପ୍ରହରାଜ ଯଦିଓ ଓଡ଼ିଆ ଅଭିଧାନ କ୍ଷେତ୍ରରେ କୀର୍ତ୍ତିସ୍ତମ୍ଭ ସ୍ଥାପନ କରିଯାଇଛନ୍ତି, ସେ ବି ଆସି ହୋଇଗଲାଣି ଶହେ ବର୍ଷର ଇତିହାସ । ସେ ଯାହାହେଉ, ତା'ପରଠାରୁ ଓଡ଼ିଆ ଭାଷାର ଯେ ପ୍ରକୃତ ଅଭିଧାନ ଆଉ ସଂପାଦିତ ହୋଇନାହିଁ, କହିବା ଅତ୍ୟୁକ୍ତି ହେବ ନାହିଁ । ତା'ଛଡ଼ା ଏ ସଂକଳନଗୁଡ଼ିକ ହେଉଛି ଓଡ଼ିଆ ଭାଷା ବିସ୍ଫୋରଣର ପୂର୍ବବର୍ତ୍ତୀ ଯୁଗର ଅଭିଧାନ । ଆଧୁନିକ ଓଡ଼ିଆ ଭାଷା ଯୁଗ ପାଇଁ କୌଣସି ଅଭିଧାନ ଏ ପର୍ଯ୍ୟନ୍ତ ଲେଖା ହୋଇନାହିଁ ଆଉ ଆମର ଘୋର ସନ୍ଦେହ ଅଛି ଯେ, ସେପରି ଅଭିଧାନକାର ଓଡ଼ିଆ ଭାଷାର ଅଛନ୍ତି କି ନାହିଁ । ଆପଣ ଅବଶ୍ୟ ଏଠାରେ ପଚାରି ପାରନ୍ତି ଯେ, ସାରଳା ମହାଭାରତ ଓ ଭଞ୍ଜସାହିତ୍ୟକୁ ଆମେ ଯଦି ଅଭିଧାନର ଭୂମିକା ଓ ଆଖ୍ୟା ଦେଉଛୁ, ତାହେଲେ ବିଶାଳ ଗୋପୀନାଥ ମହାନ୍ତିଙ୍କ ବା ସଚ୍ଚି ରାଉତରାୟଙ୍କ ସାହିତ୍ୟକୁ ଓଡ଼ିଆ ଭାଷା ଅଭିଧାନର ଗୌରବ ଦିଆନଯିବ କାହିଁକି ? ନା, ବିଶାଳତା ଖାଲି ସେ ଗୌରବ ଦେଇନଥାଏ । ତା'ଛଡ଼ା ଯାହା ମୁଖ୍ୟ, ସଚ୍ଚିବାବୁ ବା ଗୋପୀବାବୁଙ୍କ ସାହିତ୍ୟ ଓଡ଼ିଆ ଭାଷା-ବିସ୍ଫୋରଣର ପରବର୍ତ୍ତୀ ଯୁଗର ସୃଷ୍ଟି । ତା'ଙ୍କ ବେଳକୁ ଭାଷା ଓ ସାହିତ୍ୟ ମଧ୍ୟରେ ସମ୍ବନ୍ଧ ବଦଳିଗଲାଣି । ଏ ସମୟର କୌଣସି ସାହିତ୍ୟକୁ ସେ ଯେତେ ବିଶାଳ ଓ ମହିମାବନ୍ତ ହେଉ ପଛେ, ତା'କୁ ଭାଷାର ଅଭିଧାନର ଗୌରବ ଦିଆଯାଇ ପାରିବ । ଭାଷା-ବିସ୍ଫୋରଣ ଫଳରେ ଭାଷା, ସାହିତ୍ୟର ସୀମା ପାର ହୋଇ ବହୁ ଦିଗକୁ ଓ ବହୁ ଦୂରକୁ ଚାଲିଯାଇଛି । ବର୍ତ୍ତମାନ ଭାଷା ଏତେ ବଢ଼ିଯାଇଛି ଯେ, କୌଣସି ସାହିତ୍ୟ ତାକୁ ନିଜ ଭିତରେ ଧରିବାକୁ ସକ୍ଷମ । ବସ୍ତୁତଃ, ଭାଷା-ବିସ୍ଫୋରଣ ପୂର୍ବରୁ ଭାଷା ଥିଲା ସାହିତ୍ୟର ଗୋଟିଏ ଅଙ୍ଗ, କିନ୍ତୁ ଭାଷା-ବିସ୍ଫୋରଣ ପରେ ସାହିତ୍ୟ ହୋଇଯାଇଛି ଭାଷାର ଗୋଟିଏ ଅଙ୍ଗ । ତେଣୁ, ସାହିତ୍ୟକୁ ଆଉ ଭାଷାର ଅଭିଧାନ ସମ୍ମାନ ଦିଆଯାଇ ପାରିବ ନାହିଁ । ଭାଷା ଅନେକ ବଢ଼ିଯାଇଛି । ଭାଷାର ସମ୍ଭାର ସାହିତ୍ୟର ସମ୍ଭାରଠାରୁ ବହୁଗୁଣରେ ବ୍ୟାପକ, ବିସ୍ତୀର୍ଣ୍ଣ ଓ ବୈଚିତ୍ର୍ୟପୂର୍ଣ୍ଣ । ତେଣୁ, କୌଣସି କବି ବା ଲେଖକର କୃତିକୁ ଆଉ ଅଭିଧାନର ଗୌରବ ଦିଆଯାଇ ପାରିବ ନାହିଁ ।

Digitized by PPRACHIN, SOA

୧୮. ସାରଳା ମହାଭାରତ ଓଡ଼ିଆ ସାହିତ୍ୟର ଆଦି-ସୃଷ୍ଟି ହେବା ସଂଗେ ସଂଗେ ଓଡ଼ିଆ ଭାଷାର ମଧ୍ୟ ପ୍ରଥମ ପଞ୍ଜୀକରଣ, ଅର୍ଥାତ୍ ଆମେ ଧରି ନେଇପାରୁ ଯେ, ଏ ସାହିତ୍ୟ ଏହାର ବିଶାଳତା ହେତୁ ସେତେବେଳର ଓଡ଼ିଆରେ ପ୍ରଚଳିତ ପ୍ରାୟ ସବୁ ଶବ୍ଦ ଏଥିରେ ବ୍ୟବହୃତ ହୋଇଥିବ। ଦ୍ୱିତୀୟରେ, ସେ ଯୁଗରେ ସାହିତ୍ୟ ଛଡ଼ା ଅନ୍ୟ ମାଧ୍ୟମ ନଥିଲା ଯାହାଦ୍ୱାରା ଭାଷା ଏତେ ବିସ୍ତାରିତ ହୋଇ ବ୍ୟବହୃତ ହେବ । ସାହିତ୍ୟ ଥିଲା ଏକମାତ୍ର ମାଧ୍ୟମ । ତେଣୁ, ଏହା ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ ଯେ ସାହିତ୍ୟ, ସାହିତ୍ୟ ହେବା ଛଡ଼ା ଭାଷାର ଥିଲା ସମ୍ପୂର୍ଣ୍ଣ ପ୍ରକାଶ । ଖାଲି ପ୍ରକାଶ ନୁହେଁ, ପଞ୍ଜୀକରଣ ମଧ୍ୟ । ସେହି ସାରଳା ମହାଭାରତର ଭାଷା ଭଣ୍ଡାରକୁ ଧରି ଏ ପର୍ଯ୍ୟନ୍ତ ବି ତତ୍‌କାଳୀନ ଓଡ଼ିଆ ଭାଷାର ଗୋଟିଏ ଅଭିଧାନ ପ୍ରସ୍ତୁତ କରାଯାଇ ପାରିନାହିଁ । ଏହା କରାଗଲେ, ସାରଳା-ଶବ୍ଦାବଳୀ ହେବ ଓଡ଼ିଆ ଭାଷାର ପ୍ରଥମ ଅଭିଧାନ ଓ ଓଡ଼ିଆ ଭାଷାର ଆଦିସ୍ୱରୂପର ଏକ ବିଶ୍ୱସ୍ତ ପ୍ରକାଶ । କିନ୍ତୁ ସେ କାର୍ଯ୍ୟ ପାଇଁ ପ୍ରଥମେ ବୈଜ୍ଞାନିକ ପଦ୍ଧତିରେ ସାରଳା ମହାଭାରତ ସଂକଳିତ ହେବା ବିଧେୟ । ଏ ପର୍ଯ୍ୟନ୍ତ ଯେତେଗୁଡ଼ିଏ ସଂକଳନ ପ୍ରକାଶ ପାଇଛି, ତାହା ହୁଏତ ସାହିତ୍ୟ ଦୃଷ୍ଟିରୁ କାମ ଚଳିଯିବ, କିନ୍ତୁ ଭାଷାଦୃଷ୍ଟିରୁ ଚଳିବ ନାହିଁ। ଓଡ଼ିଆ ପ୍ରାଚୀନ ସାହିତ୍ୟର ବୈଜ୍ଞାନିକ ସଂପାଦନର ମାର୍ଗ ସ୍ୱର୍ଗତ ଗବେଷକ କେଦାରନାଥ ମହାପାତ୍ର ଦେଖାଇ ଦେଇ ଯାଇଥିଲେ ମଧ୍ୟ, ତାହା ଏପର୍ଯ୍ୟନ୍ତ ବି ଅନୁସୃତ ହୋଇନାହିଁ। ଫଳରେ ପ୍ରାଚୀନ ସାହିତ୍ୟର ସଂସ୍କରଣଗୁଡ଼ିକରୁ, ବିଶେଷ କରି ପ୍ରାଚୀ ସଂସ୍କରଣଗୁଡ଼ିକରୁ ଭାଷା ବିଷୟକ ତଥ୍ୟ ଖୋଜିବା ଖାଲି ନିଷ୍ଫଳ ନୁହେଁ, ସେ ଉପାଦାନ ଇତିହାସକୁ ଭ୍ରାନ୍ତପଥରେ ପରିଚାଳିତ ମଧ୍ୟ କରିପାରେ । ପ୍ରାଚୀନ ସାହିତ୍ୟରୁ ଭାଷା ବିଷୟକ ନିର୍ଭରଯୋଗ୍ୟ ତଥ୍ୟ ପାଇବାକୁ ହେଲେ ପ୍ରଥମେ ସାହିତ୍ୟ ବୈଜ୍ଞାନିକ ପ୍ରଣାଳୀରେ ସଂପାଦିତ ହେବା ଉଚିତ ।

ସାରଳା ମହାଭାରତ ପରି ଭଞ୍ଜ-ସାହିତ୍ୟ ମଧ୍ୟ ବିଶାଳ ଓ ମଧ୍ୟଯୁଗର ଓଡ଼ିଆ ଭାଷାର ଏକ ନିର୍ଭରଯୋଗ୍ୟ ଭଣ୍ଡାର । ଉପେନ୍ଦ୍ରଭଞ୍ଜ ମଧ୍ୟ ଆମ ପାଇଁ ଅନେକଗୁଡ଼ିଏ କୃତି ଛାଡ଼ିଯାଇଛନ୍ତି ଓ ଏ ସାହିତ୍ୟକୁ, ଯଥେଷ୍ଟ ଭାଷା-ବୈଜ୍ଞାନିକ ସଂପାଦନା ପରେ, ଓଡ଼ିଆ ଭାଷାର ଏକ ପୂର୍ଣ୍ଣାଙ୍ଗ ପ୍ରକାଶ ଭାବେ ଧରାଯାଇପାରେ । ଭଞ୍ଜ-ସାହିତ୍ୟ ଯେହେତୁ ସାରଳା ମହାଭାରତ ପରି ଲୋକଙ୍କ କଥିତ ଭାଷାରେ ଲିଖିତ ହୋଇନାହିଁ ଓ ଭଞ୍ଜ ବହୁ ସଂସ୍କୃତ ଶବ୍ଦ ବ୍ୟବହାର କରିଛନ୍ତି ଯାହାର ପ୍ରଚଳନ ନାହିଁ ଓଡ଼ିଆରେ, ସେହି ସାହିତ୍ୟର ସମ୍ପାଦନାରେ ଆମକୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ । ଭଞ୍ଜ ସାହିତ୍ୟରୁ ଶୁଦ୍ଧ ଓଡ଼ିଆ ଭାଷାର ଉପାଦାନ

Digitized by PPRACHIN, SOA

ସଂଗ୍ରହ କରିବାକୁ ହେଲେ, ପ୍ରଥମେ କୃତ୍ରିମ, ଅପ୍ରଚଳିତ ଶବ୍ଦଗୁଡ଼ିକୁ ସେ ସାହିତ୍ୟରୁ ବାଦ୍ ଦେବାକୁ ପଡ଼ିବ । ତେବେ ଯାଇ ଏ ଉପାଦାନ ଅଭିଧାନର ଯୋଗ୍ୟ ହେବ । ତେବେ ସେ ଯାହାହେଉ, ସାରଳା ଅଭିଧାନ ପରି ଭଞ୍ଜ-ଅଭିଧାନ ମଧ୍ୟ ଏପର୍ଯ୍ୟନ୍ତ ଦିବାଲୋକକୁ ଆସିନାହିଁ ବା ସେ ଦିଗରେ କୌଣସି ଚେଷ୍ଟା ହେଉନି । ଭଞ୍ଜ-ସାହିତ୍ୟର ବହୁ ଭକ୍ତ ଥିବା ସତ୍ତ୍ୱେ, ଭଞ୍ଜଙ୍କ ଓଡ଼ିଆ ଉପାଦାନ କ୍ୱଚିତ୍ ଓଡ଼ିଆ ଭାଷାର କାମରେ ଆସିଛି । ତେବେ ଆମର କୌଣସି ଦ୍ୱିଧା ନାହିଁ କହିବାରେ ଯେ, ଭଞ୍ଜ-ସାହିତ୍ୟ ସାରଳା ସାହିତ୍ୟ ପରି ତା'ର ବିଶାଳତା ଦୃଷ୍ଟିରୁ ମଧ୍ୟଯୁଗୀୟ ଓଡ଼ିଆ ଭାଷାର ପ୍ରତିନିଧିତ୍ୱ କରିବାର ନିଶ୍ଚୟ ଦାବି ରଖେ । ଏ ଅଭିଧାନଟି ତିଆରି ହେଲେ, ମଧ୍ୟଯୁଗୀୟ ଓଡ଼ିଆ ଭାଷାର ସ୍ୱରୂପଟି ବି ଉଦ୍‌ଘାଟିତ ହୁଅନ୍ତା ।

ଏ ଦୁଇଟି ଓଡ଼ିଆ ଅଭିଧାନକୁ ଛାଡ଼ିଦେଲେ, ଯାହା ସମ୍ଭବ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତିଆରି ହୋଇପାରିନାହିଁ, ବିଶାଳତା ଦୃଷ୍ଟିରୁ ଏ ସମୟର ପ୍ରଥମ ଅଭିଧାନ ହେଉଛି ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଓଡ଼ିଆ ଭାଷାକୋଷ । ଏ ଭାଷାକୋଷର ସଫଳତା ଓ ବିଫଳତା ବିଷୟରେ ଅନ୍ୟତ୍ର ଆମେ ଆଲୋଚନା କରିଛୁ । ଗୋପାଳ ପ୍ରହରାଜ ଓଡ଼ିଆ ଭାଷାର ବିଶାଳତାକୁ ପ୍ରତିଷ୍ଠା କରିବା ପାଇଁ ଯେପରି ଭାବେ ଶବ୍ଦଚୟନ କରିଛନ୍ତି, ସେଥିରେ ବହୁ ପ୍ରମାଦ ରହିଯାଇଛି । କେତେବେଳେ ଏହା ହୋଇଛି ଅଭିଧାନ ତ କେତେବେଳେ ଜ୍ଞାନ-କୋଷ । କେଉଁ ସୂତ୍ରରୁ କେଉଁ ଶବ୍ଦ ଆସିଛି, କେଉଁ ଅଞ୍ଚଳରୁ ବା କେଉଁ ସାମାଜିକ ସ୍ତରରୁ, ଏପରିକି କେଉଁ ଯୁଗରୁ ତା'ର କୌଣସି ସୂଚନା ନାହିଁ । ଫଳରେ ସ୍ଥାନକାଳପାତ୍ର ନିର୍ବିଶେଷରେ ଶବ୍ଦ ସଂଗ୍ରହର ଏହା ହୋଇଛି ଏକ ଘାଣ୍ଟ ତିଅଣ । ପ୍ରହରାଜଙ୍କର ଶବ୍ଦ ସଂଗ୍ରହର ଆଦର୍ଶ ଥିଲା—'କାନ୍ଧୁଥା, ଯାହା ପାଉଥିବୁ ବାନ୍ଧୁଥା' । ସବୁ ସେ ବାନ୍ଧିଛନ୍ତି ଆଉ ସେ ଯେପରି ଭାବେ ବାନ୍ଧିଛନ୍ତି, ମାଛ ସାଙ୍ଗରେ ପରିବା, ପରିବା ସାଙ୍ଗରେ ଡାଲି, ଡାଲି ସାଙ୍ଗରେ ତେଲ ଲୁଣ ମିଶି ହୋଇଛି ଏକ ଲୋଭୀ ଚକୁଳିଆ ପଣ୍ଡାର ବିଚିତ୍ର ବୁଜୁଳି । ଯା' ପରେ ଆଉ ଓଡ଼ିଆ ଭାଷାର ପ୍ରକୃତ ଅଭିଧାନ ଲେଖା ହୋଇନାହିଁ କି ସାହିତ୍ୟକୁ ଧରି ଅଭିଧାନ ଉଦ୍‌ଭାବନ କରିବାର ପ୍ରଶ୍ନ ଉଠୁନାହିଁ । କାରଣ ଯା' ପରେ ଆରମ୍ଭ ହୋଇଗଲା ଭାଷା-ବିସ୍ଫୋରଣର ଯୁଗ ଓ ଓଡ଼ିଆ ସାହିତ୍ୟ ଓଡ଼ିଆ ଭାଷାର ଏକମାତ୍ର ମାଧ୍ୟମ ହୋଇ ରହିବାର ସମୟ ସରିଗଲା ।

ଓଡ଼ିଆ ସାହିତ୍ୟରେ ରାଧାନାଥ ଯୁଗ ବେଳକୁ ଓଡ଼ିଆ ଭାଷାର ବିସ୍ଫୋରଣ ଆରମ୍ଭ ହୋଇଗଲାଣି । ଛାପାକଳ ଓ ସମ୍ବାଦପତ୍ର, ପାଠ୍ୟପୁସ୍ତକ, ଅନୁବାଦ (ବିଶେଷକରି ଖ୍ରୀଷ୍ଟିଆନ୍ ସାହିତ୍ୟ) ଇତ୍ୟାଦିର ପ୍ରଣୟନ ଦ୍ୱାରା ଭାଷାର ପ୍ରସାରଣ ଓ ବ୍ୟବହାରରେ ଅଭୂତପୂର୍ବ ବିପ୍ଳବ

Digitized by PPRACHIN, SOA

ଆସିଛି । ଏ ସମୟରେ, ଇଂରାଜୀ ଓ ବଙ୍ଗଳା ଭାଷାର ପ୍ରଭାବ ବି ଓଡ଼ିଆ ଭାଷା ଉପରେ କିଛି କମ୍ ନୁହେଁ । ଯନ୍ତ୍ର-ବିପ୍ଳବ, ବିଶ୍ୱଯୁଦ୍ଧ, ବିଦେଶୀ ଶାସନ, ପାଶ୍ଚାତ୍ୟ ଶିକ୍ଷା ଓ ସ୍ୱାଧୀନତା ଆନ୍ଦୋଳନ ମଧ୍ୟ ଭାଷା ବିସ୍ଫୋରଣକୁ ନୂତନ ଇନ୍ଧନ ଯୋଗାଇଛନ୍ତି । ଏଇ ସମୟରେ ହଜାର ହଜାର ଶବ୍ଦ ଓଡ଼ିଆ ଭାଷାରେ ପ୍ରବେଶ କରିଛି ଏକାଧିକ ମାଧ୍ୟମରେ । ଭାଷାର ଆତ୍ମପ୍ରକାଶ ପାଇଁ ସାହିତ୍ୟ ଆଉ ଏକମାତ୍ର ମାଧ୍ୟମ ହୋଇ ନାହିଁ । ବିଭିନ୍ନ ମାଧ୍ୟମ ଭିତରୁ ସାହିତ୍ୟ ହୋଇଯାଇଛି ଗୋଟିଏ । ତେଣୁ, ସାହିତ୍ୟକୁ ଭାଷାର ଅଭିଧାନ ଭାବେ ଦେଖିବା ଆଉ ସମ୍ଭବ ନୁହେଁ । ସେହି କାରଣରୁ, ଗୋପୀବାବୁ ବା ସଚ୍ଚିବାବୁଙ୍କ ସାହିତ୍ୟର ବିଶାଳତା ସତ୍ତ୍ୱେ, ତା'କୁ ଓଡ଼ିଆ ଭାଷାର ସମ୍ପୂର୍ଣ୍ଣ ପଞ୍ଜୀକରଣ ବୋଲି କୁହାଯାଇ ପାରିବ ନାହିଁ । କାରଣ ସାହିତ୍ୟ ଛଡ଼ା ଅନ୍ୟ ନାନାସୂତ୍ରରୁ ଶବ୍ଦ, କଳ୍ପ ବା କନ୍‌ସେପ୍ଟ, ବ୍ୟାକରଣ ଆସି ଓଡ଼ିଆ ଭାଷାକୁ ଅଣନିଶ୍ୱାସୀ କରି ପକାଉଛି। ସାହିତ୍ୟ ବାହାରେ ଏପରି ହଜାର ହଜାର ଶବ୍ଦ ବ୍ୟବହୃତ ହେଉଛନ୍ତି, ଯାହାର କୌଣସି ପତ୍ତା ନାହିଁ ସାହିତ୍ୟକୁ । ସାହିତ୍ୟକୁ ଅତିକ୍ରମ କରି ଭାଷା ବହୁତ ଆଗେଇଯାଇଛି । ସେ ଆଗେଇବାର ସୁଅ ବର୍ତ୍ତମାନ ସୁଦ୍ଧା ବନ୍ଦ ହୋଇନାହିଁ ଓ ଆଉ କେବେ ବନ୍ଦ ହେବ କି ନାହିଁ ସନ୍ଦେହଜନକ । ଦେଢ଼ହଜାର ବର୍ଷ ତଳର ଗୋଟିଏ ଗାଉଁଲୀ, ଅଶିକ୍ଷିତ ସମାଜର ଭାଷା ଶହେ ବର୍ଷ ଭିତରେ ପୃଥିବୀର ଅନ୍ୟତମ ଆଧୁନିକ ଭାଷାରେ ପରିଣତ ହେବାକୁ ଯାଉଛି । ଏହା କେବଳ ଭାଷା-ବିସ୍ଫୋରଣ ଦ୍ୱାରା ହିଁ ସମ୍ଭବ ।

ଅଥଚ, ଏହି ଓଡ଼ିଆ ଭାଷା-ବିସ୍ଫୋରଣର ବର୍ତ୍ତମାନ ପ୍ରଧାନ ଶତ୍ରୁ ହୋଇ ଠିଆ ହୋଇଛନ୍ତି ଓଡ଼ିଆ ଅଭିଧାନକାରମାନେ । ସେହି କାରଣରୁ ଆମେ କହିବାକୁ ବାଧ ହୋଇଥିଲୁ ଯେ, ଓଡ଼ିଆ ଭାଷା ପାଇଁ ଗୋଟିଏ ହେଲେ ଉପଯୁକ୍ତ ଅଭିଧାନ ଲେଖା ହୋଇପାରିନାହିଁ । ଅଭିଧାନକାରମାନଙ୍କର ପ୍ରଧାନ କର୍ତ୍ତବ୍ୟ ହେଉଛି ଏହି ଭାଷା-ବିସ୍ଫୋରଣର ପଞ୍ଜୀକରଣ କରିବା । ଦୁଃଖର କଥା, କୌଣସି ଗୋଟିଏ ହେଲେ ଅଭିଧାନରେ ତା' ହୋଇନାହିଁ । ତା'ହେଉଥିଲେ, ଆମକୁ ଶହେ ବର୍ଷ ତଳର ଅଭିଧାନକୁ ପୁନର୍ମୁଦ୍ରଣ ନକରି, ପ୍ରତିବର୍ଷ ନୂଆ ଅଭିଧାନ ବାହାର କରିବାକୁ ପ୍ରସ୍ତୁତ ହେବାକୁ ପଡୁଥାନ୍ତା । ଏହି କାରଣରୁ ପୃଥିବୀର ଉନ୍ନତ ଭାଷାଗୁଡ଼ିକର ପ୍ରତିବର୍ଷ ନୂଆ ଅଭିଧାନ ଛପାଯାଇଥାଏ । ଗୋଟିଏ ବର୍ଷରେ ଏବେ ଭାଷାରେ ଏତେ ଶବ୍ଦ ଆସି ମିଶୁଛନ୍ତି ଯାହା ଆଗେ ଶହ ଶହ ବର୍ଷରେ ବି ସମ୍ଭବ ହେଉନଥିଲା । କିନ୍ତୁ ଭାଷାର ଏହି ବିସ୍ଫୋରଣକୁ ଅଭିଧାନକାରମାନେ ସମାଜ ପାଖରେ ପହଞ୍ଚାଉନାହାନ୍ତି । ନୂଆ ପ୍ରଚଳିତ ଶବ୍ଦ, ସେ ସାହିତ୍ୟରେ ହେଉ, ସମ୍ବାଦପତ୍ରରେ ହେଉ, ପ୍ରଶାସନରେ ହେଉ କି

Digitized by PPRACHIN, SOA

ବିଜ୍ଞାପନରେ ହେଉ, ଯଥାରୀତି ଅଭିଧାନକୁ ଆସୁନାହାନ୍ତି । ଲୋକେ ବୁଝୁନାହାନ୍ତି ଭାଷା-ବିସ୍ଫୋରଣ କ'ଣ ? ସେଇ ଶବ୍ଦସବୁ ଅଭିଧାନ ମାଧ୍ୟମରେ ଲୋକମାନଙ୍କ ପାଖରେ ପହଞ୍ଚିଲେ, ଲୋକେ ବୁଝନ୍ତେ । ଅଭିଧାନଗୁଡ଼ିକ ଖାଲି ପରସ୍ପରକୁ ନକଲ କରିବାରେ ବ୍ୟସ୍ତ— ନୂତନ ଶବ୍ଦର, ନୂତନ ଅର୍ଥର, ନୂତନ ବ୍ୟବହାରର ପଞ୍ଜୀକରଣରେ ନୁହେଁ । କେତେକ ହୁଏତ ଭାବୁଥିବେ—ଆମେ ଆଜିକାଲି ଓଡ଼ିଆ ଭାଷାରେ ପଶୁଥିବା ସେଇ ସବୁ ଉଦ୍‌ଭଟ ସଂସ୍କୃତ ଶବ୍ଦ କଥା କହୁଛୁ ? ଯାହାରଃଅର୍ଥ ବା ବ୍ୟବହାର କେହି ଜାଣନ୍ତିନାହିଁ । ନା, କେବଳ ସଂସ୍କୃତ ଶବ୍ଦ କଥା ନୁହେଁ । ବର୍ତ୍ତମାନ ସାଧାରଣ ଓଡ଼ିଆରେ ଚଳୁଥିବା ଦୋସା, ଇଡ୍‌ଲି, ଉପମାଠାରୁ ଆରମ୍ଭ କରି, ପ୍ରତିଭୂତି, ପଣବନ୍ଦୀ, ଲୋକାୟୁକ୍ତ, ବାଟମୋରଣା ପର୍ଯ୍ୟନ୍ତ ହଜାର ହଜାର ନୂତନ ଶବ୍ଦ ଓଡ଼ିଆ ଭାଷାରେ ପ୍ରଚଳିତ ହୋଇସାରିଥିଲେ ମଧ୍ୟ, ଏଥିରୁ ଗୋଟିଏ ହେଲେ ବି ଆଧୁନିକ ଓଡ଼ିଆ ଅଭିଧାନରେ ଖୋଜିଲେ ମିଳିବନାହିଁ କିଏ ଏଥିପାଇଁ ଦାୟୀ ? ହଜାର ହଜାର ଶବ୍ଦ ଆଧୁନିକ ଓଡ଼ିଆରେ ସୃଷ୍ଟି ହୋଇ ଲୋକଙ୍କ କଥିତ ବା ଲିଖିତ ଭାଷାରେ ପ୍ରଚଳିତ ହେଉଛନ୍ତି, ଅଥଚ ସେଗୁଡ଼ିକ ଅଭିଧାନରେ ପଞ୍ଜୀକୃତ ହେଉନାହାନ୍ତି । ଭାଷାକୁ ସେ ସବୁ ଶବ୍ଦ ଆସୁଛନ୍ତି, ବ୍ୟବହୃତ ହେଉଛନ୍ତି, ପୁଣି ଲୋକେ ତାଙ୍କୁ ପାସୋରି ଯାଉଛନ୍ତି । ସେ ସବୁ ଶବ୍ଦ ଭାଷାରେ ସ୍ଥାୟୀ ହେଉନାହାନ୍ତି । ଅଭିଧାନମାନେ ଯଦି ସେ ସବୁ ଶବ୍ଦକୁ ବଞ୍ଚାଇ ରଖୁଥାନ୍ତେ ଯାହା କରିବା ଅଭିଧାନକାରମାନଙ୍କର ପ୍ରଧାନ କର୍ତ୍ତବ୍ୟ, ତା'ହେଲେ ପ୍ରତିବର୍ଷ ଭାଷାକୁ ଶହ ଶହ ନୂତନ ଶବ୍ଦ ଆମଦାନୀ ହେଉଥାନ୍ତେ । କିନ୍ତୁ ଯେତିକି ଶୀଘ୍ର ଏ ଶବ୍ଦ ସବୁ ଆମଦାନୀ ହେଉଛନ୍ତି, ସେତିକି ଶୀଘ୍ର ସେମାନେ ଭାଷାରୁ ଲୋପ ପାଇ ଯାଉଛନ୍ତି ମଧ୍ୟ । ଅଭିଧାନମାନେ ସେମାନଙ୍କୁ ସ୍ଥାୟିତ୍ୱ ଦେବାରେ ଚରମ ହେଳା କରୁଛନ୍ତି । ଫଳରେ, ଗୋଦରା କୋଢ଼େ ଯେତେ ମାଢ଼େ ସେତେ ପରି ଏକ ଅବସ୍ଥା ସୃଷ୍ଟି ହୋଇଛି । ସେହି କାରଣରୁ ଆମେ କହିବାକୁ ବାଧ୍ୟ ହେଉଛୁ ଯେ, ଓଡ଼ିଆ ଭାଷାର ଆଧୁନିକ ଅଭିଧାନ ଏଯାବତ୍ ସଂକଳିତ ହୋଇନାହିଁ । ଆଉ ନୂତନ ଶବ୍ଦ ସବୁ ଯଦି ପଞ୍ଜୀକୃତ ନହୁଅନ୍ତି ଅଭିଧାନରେ, ଲୋକେ ଜାଣିବେ କେମିତି ବା ଶିଖିବେ କେମିତି ? ସେଥିପାଇଁ ଆମେ ଜାଣିପାରୁନାହଁ ଭାଷା-ବିସ୍ଫୋରଣ କଣ ? ଭାଷା-ବିସ୍ଫୋରଣ ହେଉଛି ଭାଷା ଉପାଦାନର ପ୍ରଚଣ୍ଡ ଉତ୍ପାଦନ । ଏକ ଆଧୁନିକ ଭାଷା ଭାବେ ଓଡ଼ିଆ ଭାଷାରେ ମଧ୍ୟ ସେହି ଉତ୍ପାଦନ ହେଉଛି, କିନ୍ତୁ ସେ ଉତ୍ପାଦନ ଯଥୋଚିତ ଭାବେ ଗଚ୍ଛିତ ହେଉନାହିଁ । ତେଣୁ ଭାଷା-ଭଣ୍ଡାରର ଅଭିବୃଦ୍ଧି ହେଉନାହିଁ କି ଲୋକେ ସେଗୁଡ଼ିକ ଶିଖୁନାହାନ୍ତି । ଫଳରେ ଆମ ଭାଷା ଯେଉଁ ଦରିଦ୍ରକୁ ସେଇ ଦରିଦ୍ର । ଆମ ଲୋକେ ଯେଉଁ ମୂର୍ଖ କି ସେଇ ମୂର୍ଖ ।

Digitized by PPRACHIN, SOA

ଜଣେ ସାଧାରଣ, ଗ୍ରାମୀଣ ଚାଷୀ ମୂଲିଆର ଭାଷା ବ୍ୟବହାରକୁ ଯଦି ଦେଖାଯାଏ, ତା'ର ଶବ୍ଦ-ଜ୍ଞାନକୁ ଯଦି କଳନା କରାଯାଏ, ଆମେ ହୁଏତ ଦେଖିବା ଯେ, ଏହା ମାତ୍ର କେଇ ହଜାର ଶବ୍ଦରେ ସୀମିତ । ଅନ୍ୟ ପକ୍ଷରେ, ଆମ ଉଚ୍ଚଶିକ୍ଷିତଙ୍କ ଭାଷା ଶବ୍ଦସମ୍ଭାରରେ ଯଥେଷ୍ଟ ସମୃଦ୍ଧ । ଏଇ ଭାଷାଗତ ଅସମାନତାର ସୁଯୋଗ ନେଇ, ଗୋଟିଏ ବର୍ଗର ଲୋକେ ବହୁ ସୁବିଧା ସୁଯୋଗର ଅଧିକାରୀ ହୋଇ ବସିଛନ୍ତି । ଉଚ୍ଚବର୍ଗର ଲୋକେ ଉଚ୍ଚ ଭାଷା କହୁଛନ୍ତି ଓ ନିମ୍ନବର୍ଗର ଲୋକେ ନୀଚ ଭାଷା । ଏ ଅସମାନତା ଯେତେଦିନ ଲୋପ ନପାଇଛି, ସେତେଦିନ ପର୍ଯ୍ୟନ୍ତ ଏ ଜାତିର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହେବନାହିଁ । ଆମ ସମସ୍ତଙ୍କର ମାତୃଭାଷା ଓଡ଼ିଆ, ହେଲେ, ଏକଥା ଆମକୁ ସ୍ୱୀକାର କରିବାକୁ ହେବ ଯେ, ଆମେ ସମସ୍ତେ ସମାନ ଦକ୍ଷତା ସହ ଓଡ଼ିଆ କହିନଥାଉ ବା ଲେଖିନଥାଉ । ଏହି ପାର୍ଥକ୍ୟକୁ ଲୋପ କରିବାର ଏକମାତ୍ର ଉପାୟ ହେଉଛି ଆନୁଷଙ୍ଗିକ ଭାଷା-ଶିକ୍ଷା । ସମାଜର ସବୁ ବର୍ଗର ଲୋକଙ୍କ ପାଇଁ ନିଜ ପରିବେଶରୁ ଭାଷା ଶିଖିବା ଅନୁକୂଳ ନୁହେଁ । ସେଥିପାଇଁ ଭାଷା-ଶିକ୍ଷାର ଦାୟିତ୍ୱ ସ୍କୁଲ କଲେଜ ହିଁ ପୂର୍ଣ୍ଣତଃ ବହନ କରିବା ଉଚିତ । କିନ୍ତୁ ଆମ ରାଜ୍ୟରେ ସ୍କୁଲ କଲେଜମାନଙ୍କରେ ଭାଷାଶିକ୍ଷାର ଯେଉଁ ପ୍ରଣାଳୀ ଅନୁସୃତ ହୋଇଥାଏ, ତାହା ଏଡ଼େ ତ୍ରୁଟିପୂର୍ଣ୍ଣ ଯେ, ସେ ପ୍ରଣାଳୀକୁ ଆମୂଳଚୂଳ ପରିବର୍ତ୍ତନ ନକଲେ କୌଣସି ସୁଫଳ ଫଳିବାର ସମ୍ଭାବନା ନାହିଁ । ସେଥିପାଇଁ ନୂତନ ପାଠ୍ୟକ୍ରମ ଓ ପାଠ୍ୟସାମଗ୍ରୀ ପ୍ରସ୍ତୁତ କରିବାକୁ ହେବ ଓ ଭାଷାଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ନେବାକୁ ପଡ଼ିବ । ଏହା ସବୁ ଖାଲି ସମୟସାପେକ୍ଷ ନୁହେଁ, ବ୍ୟୟବହୁଳ ମଧ୍ୟ । ସେଥିପାଇଁ ଆଜିର ପୃଥିବୀରେ ପ୍ରତ୍ୟେକ ଜାତି ପାଇଁ ଗୋଟିଏ ସ୍ୱତନ୍ତ୍ର ଭାଷା ରଖିବା କିଛିଟା ବିଳାସ କହିବା ଅତ୍ୟୁକ୍ତି ହେବନାହିଁ । ଗୋଟିଏ ଅନୁନ୍ନତ ଭାଷାକୁ ଧରି ବାନ୍ଧି ରଖିବା ଅପେକ୍ଷା ଓ କ୍ରମାଗତ ଭାଷା-ଦୈନ୍ୟର ଶିକାର ହେବା ଅପେକ୍ଷା, ଗୋଟିଏ ଉନ୍ନତ ଭାଷାକୁ ଆଦରି ନେବା, ଗୋଟିଏ ଜାତି ପକ୍ଷରେ ବୁଦ୍ଧିମାନର କାର୍ଯ୍ୟ ହୋଇପାରେ । ଓଡ଼ିଆମାନଙ୍କ ପାଇଁ ସେୟା କରିବାର ସମୟ କି ଆସିଯାଇଛି ?

୧୯. ଭାଷା-ଦୈନ୍ୟ କହିଲେ ବୁଝିବାକୁ ହେବ ଭାଷାର ଦାରିଦ୍ର୍ୟ ବା ଭାଷାର ଅନ୍ତର୍ନିହିତ ଅଭାବ । ଏହା ଏକ ଆପେକ୍ଷିକ ବା ରିଲେଟିଭ୍ ବିଷୟ, ଅର୍ଥାତ୍ କେଉଁ ଭାଷା ଆପାତଃ ଦୃଷ୍ଟିରେ ଧନୀ ବା ନିର୍ଦ୍ଧନ ନୁହେଁ । ଯେଉଁ କୋଟି କୋଟି ଲୋକ ଓଡ଼ିଆ ଭାଷା କହୁଛନ୍ତି ତାଙ୍କ ଦୈନନ୍ଦିନ ଜୀବନରେ କ୍ୱଚିତ୍ କେହି ଅନୁଭବ କରିଥାନ୍ତି ଯେ ତାଙ୍କ ମାତୃଭାଷାରେ କିଛି ଅଭାବ ଅଛି । ନିଜ ମାତୃଭାଷା ପ୍ରତ୍ୟେକ ବ୍ୟକ୍ତି ପାଇଁ ସୁନ୍ଦର, ସାବଲୀଳ ଓ ସମ୍ପୂର୍ଣ୍ଣ ।

Digitized by PPRACHIN, SOA

ଭାଷାବିଜ୍ଞାନୀମାନେ ମଧ୍ୟ ସେୟା ବିଶ୍ୱାସ କରୁଥିଲେ, ଅର୍ଥାତ୍ ପୃଥିବୀର ପ୍ରତ୍ୟେକଟି ଭାଷା ଉଚ୍ଚନୀଚ, ସଭ୍ୟ-ଅସଭ୍ୟ ନିର୍ବିଶେଷରେ ସମାନ ଭାବେ ଉନ୍ନତ ଓ ସମାନ ଭାବେ ସ୍ୱୟଂସମ୍ପୂର୍ଣ୍ଣ । କୌଣସି ଭାଷା ଦୁର୍ବଳ ନୁହେଁ କି ସବଳ ନୁହେଁ । କୌଣସି ଭାଷାର ଭଣ୍ଡାର ଶୂନ୍ୟ ନୁହେଁ କି ସମ୍ଭାରରେ ଖୁନ୍ଦା ହୋଇନାହିଁ । ଏହି ଧାରଣାର ବଶବର୍ତ୍ତୀ ହୋଇ କେତେକ ଦାବି କରନ୍ତି ଯେ— ଓଡ଼ିଆ ଭାଷା ଏକ ଅତି ସମୃଦ୍ଧ ଭାଷା ଓ ଏପରି କୌଣସି ବିଷୟ ନାହିଁ, ଏପରି କୌଣସି ତତ୍ତ୍ୱ ନାହିଁ ଯାହା ଓଡ଼ିଆ ଭାଷାରେ ପ୍ରକାଶ କରାଯାଇ ପାରିବନାହିଁ । ବିଶିଷ୍ଟ ବୈଜ୍ଞାନିକ ସତ୍ୟେନ୍ ବୋଷ ଥରେ କହିଥିଲେ ଯେ, ଯେଉଁମାନେ ଅଭିଯୋଗ କରନ୍ତି ଯେ ବଙ୍ଗଳା ଭାଷାରେ ସେମାନେ ପଦାର୍ଥ ବିଜ୍ଞାନ ପଢ଼ାଇ ପାରିବେ ନାହିଁ, ତା'ର ଅର୍ଥ ନୁହେଁ ଯେ ସେମାନେ ବଙ୍ଗଳା ଭାଷା ଜାଣନ୍ତି ନାହିଁ, ଅସଲ କଥା ହେଲା ସେମାନେ ପଦାର୍ଥ ବିଜ୍ଞାନ ହିଁ ଜାଣନ୍ତି ନାହିଁ । ନିଜର ବିଷୟକୁ ଠିକ୍ ଭାବେ ଜାଣିଥିଲେ, ଯେ କୌଣସି ଭାଷାରେ ପଢ଼ାଇ ହେବ । ଗୋଟିଏ ଭାଷାରେ କୌଣସି ବିଷୟକୁ ପ୍ରକାଶ କରିବାକୁ ଅକ୍ଷମ ହେବା ଅର୍ଥ ଭାଷାର ଦୁର୍ବଳତା ନୁହେଁ, ଦୁର୍ବଳତା ହେଉଛି ବିଷୟଗତ ଜ୍ଞାନର । ଏହା ଯେ କେବଳ ସାଧାରଣ ଲୋକେ ବିଶ୍ୱାସ କରନ୍ତି ନୁହେଁ, ବହୁ ଭାଷାବିଜ୍ଞାନୀ ମଧ୍ୟ ଏକଥା ବିଶ୍ୱାସ କରୁଥିଲେ । ଏହା ସତ୍ୟ ଯେ, ଭାଷା କ୍ଷେତ୍ରରେ ଛୋଟ ବଡ଼, ଧନୀ ଦରିଦ୍ର ବୋଲି କିଛି ନାହିଁ । ସବୁ ଭାଷା ସମାନ । ସବୁ ଭାଷା ସମାନ ଭାବେ ଉନ୍ନତ । କିନ୍ତୁ ଭାଷାର ଯୋଜନାବଦ୍ଧ ଉନ୍ନତି ଦିଗରେ ଯେଉଁ ଭାଷାବିଜ୍ଞାନୀମାନେ କାମ କରୁଛନ୍ତି, ସେମାନେ ବିଶ୍ୱାସ କରନ୍ତି ଯେ, ସବୁ ଭାଷାର ଭଣ୍ଡାର ସମାନ ଭାବେ ଉନ୍ନତ ନୁହେଁ । ତେଣୁ ସେ ଭଣ୍ଡାରକୁ ବା କର୍ପସ୍‌କୁ ସମୃଦ୍ଧ କରିବାର ଯଥେଷ୍ଟ ଅବସର ରହିଛି । ସେମାନେ ଉପଲବ୍ଧି କରିଛନ୍ତି ଯେ, ଭାଷର ଦୈନ୍ୟ ଦୁଇଟି ଦିଗରେ ମୁଖ୍ୟତଃ ଦେଖାଦେଇପାରେ—ଏହାର ଷ୍ଟାଟସ୍ ବା ସ୍ଥିତିରେ ଓ ଏହାର ସମ୍ଭାରରେ । ଏହି ଦୈନ୍ୟ ଅନ୍ୟ ଭାଷାମାନଙ୍କ ସହିତ ତୁଳନା ନକଲା ଯାଏ ବା ଆବ୍‌ସଲ୍ୟୁଟ୍ ଅର୍ଥରେ ଧରାନପଡ଼ିପାରେ, କିନ୍ତୁ ଯେତେବେଳେ ଗୋଟିଏ ଭାଷାକୁ ଅନ୍ୟ ଭାଷା ପରିପ୍ରେକ୍ଷୀରୁ ଦେଖାଯାଏ, ଅର୍ଥାତ୍ ରିଲେଟିଭ୍ ଅର୍ଥରେ, ଭାଷା ବିକାଶର ଅଙ୍ଗପ୍ରତ୍ୟଙ୍ଗ ଅବଶ୍ୟ ସ୍ପଷ୍ଟ ହୁଏ । ସେଇଥିରୁ ବୁଝିପଡ଼େ ଗୋଟିଏ ଭାଷା କେତେଦୂର ଉନ୍ନତ । ଏ କଥାର ସତ୍ୟତା ଜାଣିବା ପାଇଁ ବିଶେଷ ପ୍ରମାଣର ଆବଶ୍ୟକତା ନାହିଁ । ଏହାର ପ୍ରକୃଷ୍ଟ ପ୍ରମାଣ ହେଉଛନ୍ତି ଆମର ଉଚ୍ଚଶିକ୍ଷିତ ଓଡ଼ିଆମାନେ, ଯେଉଁମାନେ ଇଂରାଜୀ ଭାଷା ମାଧ୍ୟମରେ ଉଚ୍ଚ ଶିକ୍ଷା ପାଇଛନ୍ତି । ସେମାନଙ୍କର ଗୋଟିଏ ପ୍ରଧାନ ଅଭିଯୋଗ ହେଲା ଯେ, ତାଙ୍କ ଜ୍ଞାନର ଗହନତା ପ୍ରକାଶ କରିବା ପାଇଁ ଓଡ଼ିଆ ଭାଷା ଅକ୍ଷମ,

Digitized by PPRACHIN, SOA

ତେଣୁ ସେମାନେ ଓଡ଼ିଆରେ ପଢ଼ାନ୍ତି ନାହିଁ କି ଲେଖନ୍ତି ନାହିଁ । ଅର୍ଥାତ୍, ଅନ୍ୟ ଗୋଟିଏ ଭାଷା ଜରିଆରେ ଯେଉଁ ଜ୍ଞାନ ସେମାନେ ସଂଗ୍ରହ କରିଛନ୍ତି, ତା'କୁ ପ୍ରକାଶ କରିବା ପାଇଁ ଓଡ଼ିଆ ଭାଷାର ଆନୁଷଙ୍ଗିକ ସମ୍ଭାର ନାହିଁ । ବୈଜ୍ଞାନିକ ସତ୍ୟେନ୍ ବୋଷ୍‌ଙ୍କୁ ପୁଣି ଥରେ ଉଦ୍ଧୃତ କରି ଅଭିଯୋଗଟାକୁ ଆମେ ହସି ଉଡ଼ାଇ ଦେଇପାରୁ—ଯାଅ ହୋ, ତୁମକୁ ପାଠ ଜଣାନାହିଁ କୁହ, ବୃଥାରେ ଓଡ଼ିଆ ଭାଷାକୁ କାହିଁକି ନିନ୍ଦୁଛ ? ଖାଲି ବୈଜ୍ଞାନିକମାନେ ନୁହନ୍ତି, ଏବେ ଓଡ଼ିଆ କବିମାନେ ବି ମୁଣ୍ଡ ଗଡ଼ାଉଛନ୍ତି ଯେ, ସେମାନଙ୍କ ଅନ୍ତରର ଗୂଢ଼ ଅନୁଭୂତିକୁ ବା ପ୍ରାଣର ଭାଷାକୁ ପ୍ରକାଶ କରିବା ପାଇଁ ଓଡ଼ିଆ ଭାଷା ଅଯୋଗ୍ୟ, ଏପରିକି କୌଣସି ଭାଷା ଯୋଗ୍ୟ ନୁହେଁ । ଏ ଅଭାବବୋଧ ବୃନ୍ଦାବତୀ ଦାସୀ ବା ଭୀମଭୋଇଙ୍କର ନଥିଲା, କାରଣ ସେମାନେ ଓଡ଼ିଆ ଭାଷା ଛଡ଼ା ଅନ୍ୟ କେଉଁ ଭାଷା ଜାଣିଥିଲେ କି ନାହିଁ ସନ୍ଦେହ । ତେଣୁ ଓଡ଼ିଆ ସେମାନଙ୍କ ପାଇଁ ଏକକ ଭାଷା ଥିଲା, ଫଳରେ ଆତ୍ମଗ୍ଲାନି ନଥିଲା । କିନ୍ତୁ ଆଜିର ଇଂରାଜୀ ଶିକ୍ଷିତ ବୈଜ୍ଞାନିକମାନେ ତଥା କବିମାନେ, ଉପାଦାନ ପାଉନାହାନ୍ତି ଓଡ଼ିଆ ଭାଷାରେ ନିଜକୁ ପ୍ରକାଶ କରିବା ପାଇଁ । ଏଥିରେ ଅବଶ୍ୟ କିଛିଟା ସତ୍ୟ ଅଛି । ଉପାଦାନ ଦୃଷ୍ଟିରୁ ଇଂରାଜୀ ଭାଷା ସହିତ ଓଡ଼ିଆ ଭାଷାକୁ ତୁଳନା କଲେ ଓଡ଼ିଆର ଦୈନ୍ୟ ହିଁ ଆଖିଆଗରେ ପଡ଼େ । ସେହିପରି ଓଡ଼ିଆ ତୁଳନାରେ ଇଂରାଜୀ ଭାଷାର ଦୈନ୍ୟ ମଧ ସମକ୍ଷକୁ ଆସେ । ଉଦାହରଣ ସ୍ୱରୂପ, ଓଡ଼ିଆର କ୍ରିୟାପଦ ଯେତେ ବିଚିତ୍ର ଓ ବିସ୍ତୃତ, ତା' ତୁଳନାରେ ଇଂରାଜୀର କ୍ରିୟାପଦ ଯଥେଷ୍ଟ ଦୀନ । କିନ୍ତୁ ବ୍ୟାକରଣଗତ ତୁଳନା ଏଠାରେ ଉପଯୋଗୀ ନୁହେଁ । ତୁଳନା ଶବ୍ଦ ବୈଚିତ୍ର୍ୟରେ, ଶବ୍ଦ ବାହୁଲ୍ୟରେ, ଶବ୍ଦ ଧ୍ୱନିରେ (ଧ୍ୱନି ଏଠାରେ ଅଭିନବଗୁପ୍ତଙ୍କ ନନ୍ଦନତତ୍ତ୍ୱର ପରିପ୍ରେକ୍ଷୀରେ) ତଥା ଶବ୍ଦ-ସଂଯୋଜନାରେ । ଏହା ଖାଲି ଶବ୍ଦଟିଏ ନୁହେଁ, ତା'ସାଙ୍ଗରେ ଅଛି ଅର୍ଥର ବିଭିନ୍ନ ଆଭା ବା ନୁଆନ୍‌ସେସ୍ । ଅନ୍ୟ କେତେକ କ୍ଷେତ୍ରରେ ଅଛି ଶବ୍ଦର ତାତ୍ତ୍ୱିକ ସଂଜ୍ଞା, ଦର୍ଶନ ବା ଯୁକ୍ତି । ଆଧୁନିକ ଭାଷାଗୁଡ଼ିକର ଶବ୍ଦର ଖାଲି ଅର୍ଥକୁ ଉପଯୋଗ କରାଯାଇ ନଥାଏ, ତା'ସଙ୍ଗେ ସଙ୍ଗେ ତା'ର ସମସ୍ତ ପରିବେଶକୁ ନିଆଯାଇଥାଏ । ଏପରି କିଛି ଶବ୍ଦ ଅଛନ୍ତି ଭାଷାରେ ଯାହା ହସକୁ ମନେ ପକାଇ ଦେଇଥାନ୍ତି, ଅନ୍ୟ କେତେକ କାନ୍ଦକୁ । କେତେକ ଘୃଣାକୁ ତ କେତେକ ପ୍ରେମକୁ । ଏ ତ ଗଲା ଭାବପ୍ରବଣତାର ଅର୍ଥ । ଅନ୍ୟ କ୍ଷେତ୍ରରେ ଅର୍ଥ ଗାଣିତିକ, ଯୌକ୍ତିକ, ନ୍ୟାୟସିଦ୍ଧ ବା ବିଜ୍ଞାନସମ୍ମତ ହୋଇପାରେ । କେତେକ କ୍ଷେତ୍ରରେ ଗୋଟିଏ ଶବ୍ଦ ଅର୍ଥ-ଜଗତରେ ନିଜର ବିଶେଷତ୍ୱ ରକ୍ଷା କରିଥାଏ । ଧରନ୍ତୁ, ସାଧାରଣ ଓଡ଼ିଆ 'ହାଣ୍ଡି' ଶବ୍ଦଟିକୁ ନେବା । ଏହା କଣ ଖାଲି ଗୋଟିଏ 'ମାଟିର ପାତ୍ର' ?

Digitized by PPRACHIN, SOA

ଏହି ସାଧାରଣ ଶବ୍ଦଟି ବି ଓଡ଼ିଆ ଭାଷାରେ ଏକ ବିଶାଳ ଅର୍ଥ-କ୍ଷେତ୍ର ଭିତରେ ଖଚିତ ହୋଇ ରହିଛି । ଆକାର ଦୃଷ୍ଟିରୁ ଦେଖିଲେ—ହାଣ୍ଡିର ସାଙ୍ଗ ହେଉଛନ୍ତି—ଆଟିକା, ପଲମ, ଓଳି, ବଡ଼ା, ସରା, ତାଡ଼, ଘଡ଼ି— ଏମିତି କେତେ କଣ ମାଟିର ବାସନ । ହାଣ୍ଡି ଶବ୍ଦଟିର ଅନ୍ୟାନ୍ୟ ନାନା ପ୍ରକାରର ସାଙ୍ଗ ବା ପରିବେଶ ଅଛି, ଯଥା— ହାଣ୍ଡି ପରି ମୁହଁ, ହାଣ୍ଡି ପରି ପେଟ, ହାଣ୍ଡିକଳା, ହାଣ୍ଡିଛାଡ଼, ହାଣ୍ଡି ବାହାର, ହାଣ୍ଡିମାରା, ହାଣ୍ଡିଖାଇ, ହାଣ୍ଡିକୁଣ୍ଡି, ଇତ୍ୟାଦି । ଭାଷାର କୌଣସି ଶବ୍ଦ ଏକାକୀ ନୁହେଁ, ଯଦିଓ ଏକାକୀ ମନେ ହୋଇଥାଏ । ବାସ୍ତବରେ ପ୍ରତ୍ୟେକ ଶବ୍ଦ ଗୋଟିଏ ଅର୍ଥମଣ୍ଡଳରେ ଖଚିତ ହୋଇଥାଏ । ସେଇ ଅର୍ଥମଣ୍ଡଳରୁ ଗୋଟିଏ ଶବ୍ଦକୁ ଟାଣିଲେ ଅନ୍ୟ ସମସ୍ତେ ଝଣଝଣେଇ ଉଠିଥାନ୍ତି ଆମ ମନରେ । ଏଇଠି ରହିଛି ଶବ୍ଦର ସେ କିମିଆ । ପ୍ରତ୍ୟେକ ଭାଷା ପ୍ରତ୍ୟେକ ଶବ୍ଦ ପାଇଁ ତିଆରି କରେ ତା' ନିଜସ୍ୱ ଅର୍ଥମଣ୍ଡଳ । ଭାଷାର ଉପାଦାନ ସୃଷ୍ଟିରେ ଏଇ ଅର୍ଥମଣ୍ଡଳ ତିଆରି କରିବାକୁ ପଡ଼ିବ ପ୍ରତିଟି ନୂଆ ଶବ୍ଦ ପାଇଁ । ଏହି ଅର୍ଥମଣ୍ଡଳ ହିଁ ଯୋଗାଏ ଜାଗା ନୂଆ ଭାବନା ପାଇଁ, ନୂଆ କଳ୍ପନା ପାଇଁ, ନୂଆ ସୃଷ୍ଟି ପାଇଁ । ସେତିକି ବେଳେ ଧରାପଡ଼େ ଆମ ଓଡ଼ିଆ ଭାଷାର ଦୈନ୍ୟ ଓ ଦୁର୍ବଳତା । ଇଂରାଜୀ ଶବ୍ଦ ପାଇଁ ଓଡ଼ିଆ ଶବ୍ଦର ଅଭାବ ନାହିଁ, କିନ୍ତୁ ଅଭାବ ଅଛି ଅର୍ଥମଣ୍ଡଳରେ । ଓଡ଼ିଆର ଅର୍ଥମଣ୍ଡଳ ବହୁ ଶୂନ୍ୟ ଜାଗାରେ ଭର୍ତ୍ତି । ସେ କ୍ଷେତ୍ରରେ ଇଂରାଜୀ ଅର୍ଥମଣ୍ଡଳର ପୂର୍ତ୍ତି ଦେଖିଲେ ମନରେ ଈର୍ଷା ହୁଏ । ଏହି ବିଶେଷ କଥାଟି ଜଣାନଥିବାରୁ ହିନ୍ଦୀ ପଣ୍ଡିତମାନେ ଯେତେବେଳେ ଇଂରାଜୀ ଶବ୍ଦର ପ୍ରତିଶବ୍ଦ ଖୋଜି ବସାଇଲେ ଶବ୍ଦର ଅର୍ଥମଣ୍ଡଳ ପ୍ରତି ଧ୍ୟାନ ନଦେଇ, ସେତେବେଳେ ଇଂରାଜୀ 'ଟାଇ' ଶବ୍ଦର ପ୍ରତିଶବ୍ଦ ଦେଲେ 'କଣ୍ଠ-ଲଙ୍ଗୋଟ୍' ବା 'ବେକ-କଉପୁନୀ' । ଶବ୍ଦର ଅର୍ଥ ଦୃଷ୍ଟିରୁ ଟାଇ ଓ କଣ୍ଠ-ଲଙ୍ଗୋଟ୍ ଭିତରେ କୌଣସି ବିବାଦ ନାହିଁ, ବିବାଦ ମୁହାଁମୁହିଁ ଶବ୍ଦଦୁଇଟିର ଅର୍ଥମଣ୍ଡଳରେ । ଭାଷା ଶିଖିଲା ବେଳେ ଏଇ ଅର୍ଥମଣ୍ଡଳ ଆପେ ଆପେ ଆମ ଭାଷାଜ୍ଞାନର ଅଧୀନ ହୋଇଥାଏ । ତେଣୁ ଆମେ ଯେତେବେଳେ ଦୁଇଟି ଭାଷାଶିଖୁ ଓ ଗୋଟିଏ ଭାଷାର ଶବ୍ଦକୁ ଅନ୍ୟ ଭାଷାର ଶବ୍ଦ ସହିତ ତୁଳନା କରୁ, ସେତେବେଳେ ଏଇ ଅର୍ଥମଣ୍ଡଳଗୁଡ଼ିକ ସଜୀବ ହୋଇଉଠନ୍ତି । ତେଣୁ କେହି ଯେତେବେଳେ ଟାଇ ପାଇଁ କହେ କଣ୍ଠଲଙ୍ଗୋଟ ଆମ କାନ ତାବ୍‌ଦା ହୋଇଯାଏ । ଠିକ୍ ସେହିପରି ଟେଲିଭିଜନ୍‌ପାଇଁ 'କଳମୁକୁର' ଶବ୍ଦ ଦେଇ ଆମ ପ୍ରାଥମିକ ପାଠ୍ୟପୁସ୍ତକ ପ୍ରଣେତାମାନେ ହାସ୍ୟାସ୍ପଦ ହୋଇଛନ୍ତି । ପ୍ରକୃତରେ, କିଛି ଭୁଲ ନାହିଁ ଟେଲିଭିଜନ୍ ପାଇଁ କଳମୁକୁର ଶବ୍ଦ ପ୍ରୟୋଗରେ, ଭୁଲ୍ ଶବ୍ଦ ଦୁଇଟିର ଅର୍ଥମଣ୍ଡଳରେ । କାରଣ, ଯେ କୌଣସି ଶବ୍ଦ ପାଇଁ ଯେ କୌଣସି ଶବ୍ଦ ଦିଆଯାଇପାରେ । ପ୍ରଥମେ କାନକୁ

Digitized by PPRACHIN, SOA

ଟିକିଏ ଅଖାଡୁଆ ଲାଗିଲେ ବି ଲୋକେ ଆଦରି ନେବେ, କିନ୍ତୁ ଯେତେଦିନ ପର୍ଯ୍ୟନ୍ତ ଅର୍ଥମଣ୍ଡଳରେ ସମତା ନଆସିଛି, ସେତେଦିନ ପର୍ଯ୍ୟନ୍ତ ଏ ଶବ୍ଦସବୁ ମୂଲ୍ୟହୀନ । ଗୋଟିଏ ଉନ୍ନତ ଭାଷାରୁ ଶବ୍ଦ ଅନୁବାଦ କରି ଅନ୍ୟ ଭାଷାକୁ ଉନ୍ନତ କରିବାର ଚେଷ୍ଟା କିଛିଟା ଚପଳତା, ଯଦି ସେହି ଶବ୍ଦ ପାଇଁ ଉପଯୁକ୍ତ ଅର୍ଥମଣ୍ଡଳ ତିଆରି କରାନଯାଏ । ଆଉ ଏଇ ଅର୍ଥମଣ୍ଡଳ ଯେତିକି ଯେତିକି ଶବ୍ଦରେ ଭର୍ତ୍ତି ହେବ, ଯେତିକି ଯେତିକି ବଢ଼ିବ, ସେତିକି ହେବ ଭାଷାର ଉନ୍ନତି । ଅଥଚ, ଲଘୁସାହିତ୍ୟରେ ଏ ବ୍ୟବସ୍ଥାର ବ୍ୟଭିଚାର ହୋଇଥାଏ । ବହୁ ଶବ୍ଦ, ଯେଉଁମାନେ ସେମାନଙ୍କର ନିଜ ନିଜ ଅର୍ଥମଣ୍ଡଳ ଭିତରେ ନିଜସ୍ୱ ଜାଗାଟିଏ ତିଆରି କରିବା ସଙ୍ଗେ ସଙ୍ଗେ, ସହବାସୀମାନଙ୍କଠାରୁ ନିରାପଦ ଦୂରତ୍ୱ ବଜାୟ ରଖିଥାନ୍ତି—ସେ ସବୁ ସାହିତ୍ୟରେ ନାନା ଭାବେ ଉଲ୍ଲଙ୍ଘିତ ହୋଇଥାନ୍ତି, ଯାହା ଫଳରେ ଭାଷାର କାର୍ଯ୍ୟକାରିତାରେ ବିଘ୍ନ ଉପୁଜିଥାଏ । ତେଣୁ ଲଘୁ ସାହିତ୍ୟଠାରୁ ଭାଷାକୁ ବଞ୍ଚାଇ ରଖିବାକୁ ହେବ, କାରଣ ସେମାନେ ଭାଷାର ଅପବ୍ୟବହାର କରିଥାନ୍ତି । ଅନେକେ ହୁଏତ ଲକ୍ଷ୍ୟ କରିଥିବେ, ଚଳନ୍ତି ଓଡ଼ିଆ କବିତାରେ 'ଇଲାକା' ପରି ଗୋଟିଏ ଶବ୍ଦର ବ୍ୟବହାର । ଏ ଶବ୍ଦର ଓଡ଼ିଆରେ ଅର୍ଥମଣ୍ଡଳ ନାହିଁ ଆଉ ଯଦିବା ଥିଲା, ଥିଲା ସେହି କୋର୍ଟ କଚିରିର ଭାଷାରେ । ଅଥଚ, ଆଜି ପ୍ରତି ତିନୋଟି କବିତାରୁ ଅନ୍ତତଃ ଗୋଟିକରେ, ନିଶ୍ଚୟ 'ଇଲାକା' ଶବ୍ଦ ଥରେ ଦୁଇଥର ଥିବ । ଏହା ଲଘୁସାହିତ୍ୟର ବ୍ୟଭିଚାର ଓ ଭାଷାର ପବିତ୍ରତା ପ୍ରତି ଆକ୍ରମଣ । ଅନ୍ୟତ୍ର, ବର୍ତ୍ତମାନ 'ମନ୍ତ୍ରୀ' ଓ 'ସଚିବ' ଓଡ଼ିଆରେ ଦୁଇଟି ଭିନ୍ନ ଅର୍ଥର ଶବ୍ଦ ଓ ଏମାନେ ଗୋଟିଏ ଅର୍ଥମଣ୍ଡଳ ଭିତରେ ଅଛନ୍ତି । ଗୋଟିଏ ସେଥିରୁ ମରିଗଲେ, ଅନ୍ୟଟି ଏକଚ୍ଛତ୍ର ହୋଇଯିବ । ଆଉ ଲଘୁସାହିତ୍ୟ ଠିକ୍ ସେୟା ହିଁ କରୁଛି । ମନ୍ତ୍ରୀ ଆଉ ସଚିବ ଶବ୍ଦକୁ ଏକାର୍ଥକ କରି ଦେଇ ଅର୍ଥମଣ୍ଡଳକୁ ଏକଚ୍ଛତ୍ର କରିଦେଇଛି । ଭାଷା ହରାଇଲା ତା'ର ଅର୍ଥ ମଣ୍ଡଳରୁ ଗୋଟିଏ । ଆମର ମନେହୁଏ, ଏଇ ଏକ କାରଣରୁ ମଧ୍ୟ ଓଡ଼ିଆ ଭାଷାରେ ଆଉ ହାସ୍ୟରସ ସୃଷ୍ଟି ହେଉନାହିଁ । ଯଦିବା ସୃଷ୍ଟି ହେଉଛି ଓ ଯାହାବା ସୃଷ୍ଟି ହେଉଛି ତାହା ଅତ୍ୟନ୍ତ ସ୍ଥୂଳ ଶ୍ରେଣୀର । ତା'ଭିତରେ ଭାଷାର ମାଧୁର୍ଯ୍ୟ ନାହିଁ, ଭାଷାର ଧୀ ନାହିଁ, ଭାଷାର ଚମତ୍କାର ନାହିଁ । ତା'ର କାରଣ ଓଡ଼ିଆ ଶବ୍ଦଗୁଡ଼ିକର ଅର୍ଥମଣ୍ଡଳରେ ହାସ୍ୟର ପରମ୍ପରା କ୍ଷୀଣ । ଅନ୍ୟ ଭାବେ କହିଲେ, ଗୋଟିଏ ହସ କଥା କହିଲେ ଆଉ ଦଶଟା ହସ ଶବ୍ଦ ମନେପଡ଼ି ଯାଏ ନାହିଁ । ଶବ୍ଦ-ନକ୍ସାରେ ବା ୱାର୍ଡ଼-ଡିଜାଇନ୍‌ରେ ହସର ଲେସ୍ ବୁଣା ହୋଇନାହିଁ । ଅନ୍ୟ କଥାରେ, ଆମ ଭାଷାରେ ହସ ପାଇଁ ଶବ୍ଦ-ପରମ୍ପରା ତିଆରି ହୋଇନାହିଁ । ଏହା ହିଁ ଭାଷାର ଦୀନତା । ସାରା ପୃଥିବୀକୁ ଆଖି ବୁଜି ଦେଇ, ନିଜ ନିଜ ଭାଷାକୁ ବଡ଼ ବୋଲି ଚିତ୍କାର କଲେ ଆମେ ଦେଶପ୍ରେମୀ ହୋଇଯିବା

Digitized by PPRACHIN, SOA

ନାହିଁ, ବରଂ ଆମକୁ ଦେଖିବାକୁ ପଡ଼ିବ, ପୃଥିବୀର ତାଲିକାରେ ଆମ ଭାଷାର ନାଁ କେତେ ନମ୍ବରରେ ଅଛି । ସେ ପ୍ରତି ଦୃଷ୍ଟି ନଦେଲେ ଆମେ ହୋଇଯିବା ଏକ ତଥାକଥିତ ବିକାଶଶୀଳ ଦେଶର ଅନ୍ୟତମ ବିକାଶଶୀଳ ଭାଷା, ଯାହାର ପ୍ରକୃତ ଅର୍ଥ ହେଉଛି—ଗୋଟିଏ ପଛୁଆ ଦେଶର ଗୋଟିଏ ପଛୁଆ ଭାଷା ।

୨୦. ଭାରତ ବର୍ଷର ଭାଷା ପରିସ୍ଥିତିରେ କଣ କରିପାରିବ ଏ ଜାତି ନିଜର ମାତୃଭାଷା ଓଡ଼ିଆ ପାଇଁ ? ଏ ଜାତିକୁ ଶୀଘ୍ର ଏକ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ହେବ—ଭାଷାକୁ ଆମେ ବଞ୍ଚାଇ ରଖିବା ନା ନାହିଁ ? ଆମେ କହିସାରିଛୁ ଯେ, ଆଜିର ପୃଥିବୀରେ ଭାଷାଟିଏକୁ ବଞ୍ଚାଇ ରଖିବା ଏକ ସହଜ ବ୍ୟାପାର ନୁହେଁ । ଭାଷା ଯଦି ଲୋକଙ୍କର ଆକାଂକ୍ଷା ପୂରଣ ନକରେ, ଲୋକେ ନିଜ ପଟରୁ ହିଁ ଭାଷାକୁ ଛାଡ଼ିଦେବେ । ବାପମା, ଅଭିଭାବକମାନଙ୍କ ଆଖିରୁ ଟୋପାଏ ବି ଲୁହ ଝରିବ ନାହିଁ, ଯଦି ତାଙ୍କର ସନ୍ତାନସନ୍ତତି ଓଡ଼ିଆ ବହି ପଢ଼ି ନପାରନ୍ତି । ବରଂ ସେମାନଙ୍କ ଛାତି କୁଣ୍ଢେମୋଟ ହୋଇଯିବ ଯେ, ତାଙ୍କ ପିଲା ଓଡ଼ିଆ ନ କହି ଇଂରାଜୀ ବା ହିନ୍ଦୀ କହୁଛି । କି ଭବିଷ୍ୟତ ଓଡ଼ିଆ ଭାଷାରେ ? ସବୁ ସର୍ବଭାରତୀୟ ଚାକିରି, ସବୁ ବଡ଼ ବଡ଼ ବ୍ୟବସାୟୀ ସଂସ୍ଥା, ସବୁ ଅର୍ଥକାରୀ ଧନ୍ଦା ଖୋଜୁଛନ୍ତି ଇଂରାଜୀ ଓ ହିନ୍ଦୀ ଭାଷାରେ ଜ୍ଞାନ । ସବୁ ଚକଚକିଆ ବା ଗ୍ଲାମରସ୍ ଜୀବିକା ଇଂରାଜୀ ଭାଷା ଉପରେ ନିର୍ଭର କରେ । ତଳତଳିଆ, ଝାଳବୁହା କାମ ପାଇଁ ହୁଏତ ଓଡ଼ିଆ ଭାଷା ଚଳିବ; କିନ୍ତୁ ସେ ଜୀବିକା ମଧ୍ୟବିତ୍ତ, ଶିକ୍ଷିତ, ବୁଦ୍ଧିଜୀବୀ ପରିବାରର ସ୍ୱପ୍ନ ନୁହେଁ । ଆଗେ ଏପରି ହେଉଥିଲା ଯେ, ଅନ୍ତତଃ ଭଲ, ଗୁଣବତୀ, ସୁନ୍ଦର, ଓଡ଼ିଆ କନ୍ୟାପାତ୍ରଟିଏ ପାଇଁ ନିଜର ଓଡ଼ିଆତ୍ୱକୁ ବଞ୍ଚାଇ ରଖିବାକୁ ପଡୁଥିଲା । କିନ୍ତୁ, ଏବେ ତା'ର ବି ଦରକାର ନାହିଁ । ଏବେ ଓଡ଼ିଆ ଝିଅମାନେ ବି ଯଥେଷ୍ଟ ସଂଖ୍ୟାରେ ଇଂଲିଶ୍ ମିଡିଅମ୍ ସ୍କୁଲରେ ପଢୁଛନ୍ତି । ଏପରିକି ଏହି ମିଡିଅମ୍‌ରେ ପଢ଼ିଥିବା ଝିଅମାନଙ୍କର ଏକ ଗୁଣ ଭାବେ ଗଣା ହେଉଛି । ତେଣୁ କନ୍ୟା ବି ନିଜେ ଭଲ ଓଡ଼ିଆ କହିପାରୁଥିବା ସନ୍ଦେହଜନକ ଆଉ ଯେଉଁ ପରିବାରରେ ବାପମା' ଉଭୟ କୁହନ୍ତି ଖଣ୍ଡି-ଓଡ଼ିଆ, ସେ ପରିବାରରେ ଓଡ଼ିଆ ଭାଷାର ସ୍ଥାନ ଯେ କେତେ ନିମ୍ନରେ, ସେ କଥା ବୁଝାଇ କହିବା ନିଷ୍ପ୍ରୟୋଜନ । ଏହି ପ୍ରକାରର ଓଡ଼ିଆ ପରିବାରରୁ ଖାଲି ଯେ ଭାଷା ଚାଲିଯାଉଛି ସେତିକି ନୁହେଁ, ତା' ସାଙ୍ଗେ ସାଙ୍ଗେ ରନ୍ଧାବଢ଼ା, ଖାପିଅ, ବେଶପୋଷାକ, ହସଖୁସୀ, ପର୍ବପର୍ବାଣି, ଚିନ୍ତାଭାବନା, ଅର୍ଥାତ୍ ସୂକ୍ଷ୍ମରେ ଓଡ଼ିଆ ସଂସ୍କୃତି ବି ପଦା ହୋଇଯାଉଛି । ଏହି ଘଡ଼ିସନ୍ଧିରେ ଓଡ଼ିଆ ସାହିତ୍ୟର ଦୁରବସ୍ଥା ଆହୁରି ଦୟନୀୟ । ସମସ୍ତେ ପାଟି କରୁଛନ୍ତି ଓଡ଼ିଆ ପାଠକସଂଖ୍ୟା ବଢ଼ାଇବାକୁ ପଡ଼ିବ ।

Digitized by PPRACHIN, SOA

କିନ୍ତୁ କେଉଁଠୁ ଆସିବେ ଏ ଓଡ଼ିଆ ପାଠକ ? ଯେଉଁମାନଙ୍କର ପଇସା ଅଛି, ସମୟ ଅଛି, ସାହିତ୍ୟ ପଢ଼ିବା ପରି ଶିକ୍ଷା ଓ ଜ୍ଞାନ ଅଛି, ସେମାନେ ସମସ୍ତେ ପ୍ରାୟ ରୁଚିରେ ଅଣଓଡ଼ିଆ । ସେମାନଙ୍କ ପାଇଁ ଓଡ଼ିଆ ବହିଖଣ୍ଡିଏ ହାତରେ ଧରିବା ବି ଅପମାନଜନକ, ପଢ଼ିବା ଦୂରେ ଥାଉ । ଖାଲି ସାହିତ୍ୟ ନୁହେଁ, ସେମାନେ ନା ଦେଖନ୍ତି ଓଡ଼ିଆ ସିନେମା, ଓଡ଼ିଆ ଟେଲିଭିଜନ୍, ନା ଶୁଣନ୍ତି ଓଡ଼ିଆ କ୍ୟାସେଟ୍, ନା ଗୁଣୁଗୁଣାନ୍ତି ବାଥ୍‌ରୁମରେ ଓଡ଼ିଆ ଗୀତ । ସେମାନଙ୍କର ଭାଷା-ରୁଚି ବଦଳିଯାଇଛି । ଏହା ଏବେବି ଓଡ଼ିଆ ସମାଜରେ ଏତେ ଉତ୍କଟ ନୁହେଁ, ଯେତେଟା ଅନ୍ୟାନ୍ୟ ଜାତି ଭିତରେ ଦେଖିବାକୁ ମିଳେ । ଏହି ବିପଦକୁ ଅନୁଭବ କରି ଭାରତର ସବୁ ଜାତି ପ୍ରାୟ ସନ୍ତ୍ରସ୍ତ ହୋଇପଡ଼ିଛନ୍ତି । ତଥାପି, ଏହି ବିଷୟରେ ତାମିଲ ଜାତି ଏକ ବ୍ୟତିକ୍ରମ । ଭାରତର ଅନ୍ୟ ଜାତିମାନଙ୍କ ତୁଳନାରେ ତାମିଲମାନେ ହିଁ ବୋଧେ ସର୍ବୋଚ୍ଚ ପ୍ରବାସୀ ଜାତି । ନିଜ ଜନ୍ମଭୂମିଠାରୁ ଯେତେ ଦୂରରେ ରହିଲେ ବି, ପିଲାଙ୍କୁ ତାମିଲ ସ୍କୁଲରେ ପଢ଼ାଇବାର ସୁବିଧା ନଥିଲେ ବି, କ୍ୱଚିଦ୍ ଦେଖିବାକୁ ମିଳେ ଯେ ତାଙ୍କ ପିଲାମାନେ ତାମିଲ ହେବା ଛାଡ଼ି ଦେଇଛନ୍ତି । ଯା'ପଛରେ ସେ ଜାତିର ଯେ·କି ସାଧନା ଅଛି, ତା'ଅନୁମାନ କରାଯାଇପାରେ । ତାମିଲ ଭାଷା ବୋଧହୁଏ ତିନିହଜାର ବର୍ଷ ପୁରାତନ, ଏବଂ ତା' ସାଙ୍ଗରୁ ସଂସ୍କୃତ, ପାଲି ଓଗେର ଅନ୍ୟାନ୍ୟ ବହୁ ଭାଷା ମରିଯାଇଥିଲେ ବି ତାମିଲ ବଞ୍ଚିଛି ଓ ଭବିଷ୍ୟତର ଭାରତରେ ବଞ୍ଚିରହିବାର ଯଥେଷ୍ଟ ସମ୍ଭାବନା ମଧ୍ୟ ଅଛି । ଭାଷାକୁ ବଞ୍ଚାଇ ରଖିବା ପାଇଁ କେତେ ଯେ ଚେଷ୍ଟା ଚାଲିଛି ସେଠି, ତା' କେତୋଟି ସାମାନ୍ୟ ଉଦାହରଣରୁ ବୁଝିଯାଇପାରେ—

୧. କେବଳ ସେଇମାନଙ୍କ ପ୍ରତିବାଦ ଯୋଗୁ ଇଂରାଜୀ ଭାଷା ଏ ପର୍ଯ୍ୟନ୍ତ ବି ଭାରତର ବିକଳ୍ପ ରାଷ୍ଟ୍ରଭାଷା ରୂପେ ରହିଛି । ଭାରତରେ ହିନ୍ଦୀର ଏକଛତ୍ରତାକୁ ରୋକିବାକୁ ହେଲେ ଇଂରାଜୀର ଯଥେଷ୍ଟ ଭୂମିକା ରହିଛି । ବସ୍ତୁତଃ, ତାମିଲ ଜାତି ଇଂରାଜୀ ଭାଷାର ଆଳରେ ନିଜ ଭାଷାକୁ ନିରାପଦ ରଖିଛି ।

୨. ତାମିଲ ଭାଷାର ବୈଜ୍ଞାନିକ ଅଧ୍ୟୟନ ଓ ଗବେଷଣା ପାଇଁ ଦେଶରେ ସର୍ବାଧିକ ଅନୁଷ୍ଠାନ ଅଛି ଏହି ଜାତିର । ଫଳରେ ସେ ଭାଷା ନାନା ବୈଜ୍ଞାନିକ ବିଚାରର ସଂସ୍ପର୍ଶରେ ଆସୁଛି ଓ ସେସବୁଗଡ଼ିକୁ ଲାଗୁ କରି ତା'ର ସୁଫଳ ପାଉଛି ।

୩. ସେମାନେ ତାଙ୍କ ଦାବିରେ ଅଟଳ ଯେ, ତାଙ୍କ ରାଜ୍ୟରେ ରେଡିଓ, ଟେଲିଭିଜନ୍ ତାମିଲରେ ହେବ, ପ୍ରଶାସନ ତାମିଲରେ ହେବ, ଶିକ୍ଷା ତାମିଲରେ ହେବ । ଏଇ ବର୍ଷେ ଦୁଇବର୍ଷ ହେଲା ତାମିଲ ଭାଷାରେ ଇଂଜିନିଅରିଂ ମଧ୍ୟ ଶିକ୍ଷା ଦିଆଗଲାଣି ।

Digitized by PPRACHIN, SOA

ଏହିପରି ବହୁ ପ୍ରଚେଷ୍ଟାର ତାଲିକା ଦିଆଯାଇପାରେ । ଏସବୁ ଆପାତଃ ଦୃଷ୍ଟିରେ ଅସହିଷ୍ଣୁ ଓ ସଂକୀର୍ଣ୍ଣ, ତେଣୁ ଅନ୍ୟ ସମସ୍ତେ ତାମିଲମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିଥାଆନ୍ତି । କିନ୍ତୁ ଏ ସଂକୀର୍ଣ୍ଣତା ଓ ଅସହିଷ୍ଣୁତା ଭାଷା ପକ୍ଷରେ ହିତକର । ତା'ବୋଲି ଯେ ଅନ୍ୟ ସମସ୍ତ ଭାଷାକୁ ତାମିଲମାନେ ଘୃଣାଚକ୍ଷୁରେ ଦେଖନ୍ତି କହିବା ଉଚିତ ହେବନାହିଁ । ଅନ୍ୟ ଭାଷା ରହୁ, କିନ୍ତୁ ରହୁ ଆମ ଭାଷାଠାରୁ ନିରାପଦ ଦୂରତ୍ୱରେ । ତା' ଅର୍ଥ, ତୁମେ ବଞ୍ଚ, ଆମେ ବି ବଞ୍ଚୁ, କିନ୍ତୁ ଆମକୁ ମାରିଦେଇ ତୁମେ ବଞ୍ଚ, ଏପରି ନୁହେଁ । ସେମାନେ ଜାଣନ୍ତି ଭାଷା ପାଇଁ ନିରାପଦ ଦୂରତ୍ୱ କେତେ ବାଟ । ସେଇ ଦୂରତ୍ୱକୁ ବଞ୍ଚାଇ ରଖିବାକୁ ହେବ, ତା'ନହେଲେ ଆଙ୍ଗୁଳି ପଶୁପଶୁ ବାହୁପ୍ରବେଶ୍ୟ, ବୁଝିଲା ବେଳକୁ ଉପଚାରର ବେଳ ଗଡ଼ିଯାଇଥିବ । ତାମିଲ ଜାତିର ଅସହିଷ୍ଣୁତା କି ଓଡ଼ିଆ ଜାତି ଦେଖାଇପାରିବ ? ଭାଷା ବିଷୟରେ ଅସହିଷ୍ଣୁତା ଖାଲି ଆମରି ଦେଶରେ ନାହିଁ । ଏପରିକି ଯୁକ୍ତରାଷ୍ଟ୍ର ଆମେରିକାରେ ବି ଏଇ ଗୋଟିଏ ଘଟଣାରୁ ସେମାନଙ୍କ ଭାଷା-ଅସହିଷ୍ଣୁତା କଳନା କରାଯାଇପାରେ । ଆମେରିକାର କେତୋଟି ରାଜ୍ୟରେ ଯେତେବେଳେ ସ୍ପାନିଶ୍‌ଭାଷୀଙ୍କ ସଂଖ୍ୟା ବଢ଼ିଗଲା, ସେମାନେ ରାଷ୍ଟ୍ରୀୟ ସ୍ୱୀକୃତି ଦାବି କଲେ, ଯାହା ସେମାନଙ୍କୁ ଆମେରିକା ଦେଲାନାହିଁ । ଆମେରିକାର ବକ୍ତବ୍ୟ ଥିଲା—ଆମେରିକା ଗୋଟିଏ ଏକଭାଷାଭାଷୀ ଦେଶ ଏବଂ ଆମର ଭାଷା ହେଉଛି ଇଂଲିଶ୍ । ଏଥିରେ କୌଣସି ବ୍ୟତିକ୍ରମ କରାଯାଇ ପାରିବନାହିଁ । ଏ ସ୍ପଷ୍ଟବାଦିତା ଭାଷା ପକ୍ଷରେ ହିତକର ଯେଡ଼େ ଅପ୍ରିୟ ହେଉ ପଛେ । ଭାଷା ଅସହିଷ୍ଣୁତାକୁ ପ୍ରକଟ କରିବା ପାଇଁ ସତ୍‌ସାହସ ଲୋଡ଼ା, ଆଉ ଏହା ଏଡ଼େ ସହଜ କାମ ନୁହେଁ । ଓଡ଼ିଆମାନଙ୍କର ବର୍ତ୍ତମାନର ମାନସିକତାରେ ଭାଷା ପାଇଁ ଏ ସତ୍‌ସାହସ ଦେଖାଇବା ପାଇଁ କ୍ୱଚିତ୍ ଲୋକ ତୁଣ୍ଡ ଖୋଲି ପାରିବେ ।

ତା'ହେଲେ ? ଭାଷାଟିକୁ କି ମାରିଦେବା ? ଓଡ଼ିଆ ଭାଷାର ସ୍ୱେଚ୍ଛାମୃତ୍ୟୁର ଇଚ୍ଛାକୁ ସମ୍ମାନ ଦେଇ ଏ ମରମର ରୋଗୀର ଲାଇଫ୍-ସପୋର୍ଟିଙ୍ଗ୍ ବା ଜୀବନ-ରକ୍ଷାକାରୀ ଉପାୟଗୁଡ଼ିକୁ କାଢ଼ିଦେବାକୁ ପଡ଼ିବ ? ତା'ଦ୍ୱାରା ରୋଗୀର ଅନ୍ତତଃ ପ୍ରାଣାନ୍ତକ କଷ୍ଟର ଅବସାନ ହେବ, ଏବଂ ଲୋକେ ଯାହା ଚାହୁଁଛନ୍ତି ସେହି ପଥରେ ଆହୁରି ଶୀଘ୍ର ଶୀଘ୍ର ଆଗେଇ ହେବ । କିନ୍ତୁ ପ୍ରକୃତରେ ଜାତି କଣ ଚାହୁଁଛି ? ଲକ୍ଷଣରୁ ଯାହା ବୁଝାପଡୁଛି, ଏ ଜାତି ଓଡ଼ିଆ ଭାଷାକୁ ପରିତ୍ୟାଗ କରି ସାରିଲାଣି, କାରଣ ଏ ଜାତିର ଶିକ୍ଷିତ, ମଧ୍ୟବିତ୍ତ ଲୋକଙ୍କର ସ୍ୱାର୍ଥ, ଏ ଭାଷାର ସ୍ୱାର୍ଥ ଦ୍ୱାରା ପୂର୍ତ୍ତି ହେଉନାହିଁ । ଯେଉଁମାନଙ୍କର ପୂର୍ତ୍ତି ହେଉଛି, ସେମାନେ, ଅର୍ଥାତ୍ ତଥାକଥିତ ଭୂମିପୁତ୍ରମାନେ ଏହି ଭାଷାକୁ କାମୁଡ଼ି ପଡ଼ିରହିବେ, ପୁଣି ସେମାନେ ସମ୍ବଲପୁରୀ-ଭୂମିପୁତ୍ର, ଗଞ୍ଜାମ-ଭୂମିପୁତ୍ର, ମୟୂରଭଞ୍ଜ-ଭୂମିପୁତ୍ର ହୋଇ ଫାଟି ନଗଲା ପର୍ଯ୍ୟନ୍ତ ।

Digitized by PPRACHIN, SOA

ଭାଷାଟିକୁ ଛାଡ଼ିଦେଲେ ଜାତିଟିଏ ରଖିବାର ବି ସେପରି କୌଣସି ବିଶେଷ କାରଣ ନାହିଁ । ଜାତି ରହିବ ହିଁ ନାହିଁ ଓ ଅନ୍ୟ କୌଣସି ଏକ ବଡ଼ ଜାତୀୟତା ଭିତରେ ଆତ୍ମୋତ୍ସର୍ଗ କରିବ ଓ ତହିଁରେ ଲୀନ ହୋଇଯିବ । ଭାରତରେ ଗଡ଼ୱାଲୀ, କୁମାଓ୍ୱନୀ, ମାରଓ୍ୱାଡ଼ି, ମୈଥିଳୀ-ମାନଙ୍କର ଏହି ଦଶା ହୋଇଛି । ଏମାନଙ୍କର ଗୋଟିଏ ଭାଷା ଅଛି, ପୁଣି ନାହିଁ ବି । ଏଗୁଡ଼ିକ ହୋଇଯାଇଛନ୍ତି ଗୋଟିଏ ଗୋଟିଏ ଉପଭାଷା । ଓଡ଼ିଆକୁ ବି ଗୋଟିଏ ଉପଭାଷା ହେବା ପାଇଁ ବେଶୀ ସମୟ ଲାଗିବନାହିଁ । ଏ ଜାତିର ସମଗ୍ର ଉଚ୍ଚ, ମଧ୍ୟମବର୍ଗ ଏ ଭାଷାଠାରୁ ଅଲଗା ହୋଇଯିବେ । ଯେଉଁ ସ୍ତରରେ ଓଡ଼ିଆ ଭାଷା ବଞ୍ଚିରହିବ, ସେ ସ୍ତର ହେଉଛି ସମାଜର ତଳତଳିଆ ଖଦା । ଏ ସ୍ରୋତ ବହିବାକୁ ଆରମ୍ଭ କରିଦେଲାଣି । ଆସ୍ତେ ଆସ୍ତେ ଭାଷା ଭେଦରେ ସମାଜ ଦୁଇଭାଗ ହୋଇଯାଉଛି । ଏଇଥିପାଇଁ ହିଁ ଓଡ଼ିଆ ସାହିତ୍ୟର, ଓଡ଼ିଆ ସଂସ୍କୃତିର, ଓଡ଼ିଆ ଭାଷାର ଗ୍ରାହକତା ନାହିଁ ଓଡ଼ିଆ ଉପର ଶ୍ରେଣୀରେ । ବର୍ତ୍ତମାନ ଯେଉଁମାନେ ସାହିତ୍ୟ ଲେଖୁଛନ୍ତି ଆଉ ଯେଉଁମାନେ ତା'କୁ ପଢୁଛନ୍ତି—ତାଙ୍କ ଭିତରେ ଅଛି ସାମାଜିକ ସ୍ତରର ବ୍ୟବଧାନ, ଅଥଚ ଯେଉଁ ସ୍ତରରେ ଏ ସାହିତ୍ୟ ପହଞ୍ଚିବାର କଥା ବା ଯେଉଁମାନେ ପଢ଼ିବାର କଥା, ସେମାନଙ୍କ ପାଖରେ ପହଞ୍ଚିବାର ଉପାୟ ନାହିଁ ଏ ଭାଷାର । ଯେଉଁମାନେ ପଢ଼ିବା ପାଇଁ ଲେଖାହେଉଛି ଓଡ଼ିଆ ସାହିତ୍ୟ, ସେମାନଙ୍କର ଓଡ଼ିଆ ରୁଚି ନାହିଁ । ତେଣୁ ସେ ସାହିତ୍ୟ ଚାଲିଯାଇଛି ତଳକୁ ଓ ସେଠି ସେ ସାହିତ୍ୟକୁ ବୁଝିବା ପାଇଁ କେହି ନାହାନ୍ତି । ସେମାନେ ଚିତ୍କାର କରୁଛନ୍ତି—ସାହିତ୍ୟ ଅବୋଧ ହୋଇଗଲା । କିନ୍ତୁ କେତେଦିନ ଏ ଅପବାଦକୁ ସାହିତ୍ୟ ସହ୍ୟ କରିପାରିବ ? ଶେଷକୁ ସାହିତ୍ୟ ବି ଟାଣି ହୋଇଯିବ ସେଇ ସ୍ତରକୁ ଆଉ ଶେଷକୁ ସାହିତ୍ୟ ପୁଣି ହୋଇଯିବ ବିଷ୍ଣୁପୁରାଣ କି ଦାର୍ଢ୍ୟତାଭକ୍ତି—ଯାହା ସେଇ ସ୍ତରରେ ଲୋକେ ବୁଝିପାରିବେ, ଉପଭୋଗ କରିପାରିବେ, ଇତ୍ୟାଦି ଇତ୍ୟାଦି । ଏ ଦଶା ବି ଓଡ଼ିଆ ସାହିତ୍ୟର ହେଲାଣି । ତା'ନହେଲେ ଓଡ଼ିଆ ସାହିତ୍ୟ ସମ୍ପୂର୍ଣ୍ଣ ନୀରବ ହୋଇଯିବ । ତେଣୁ ଯଦି କେହି ଭାବୁଥାନ୍ତି ଯେ ଓଡ଼ିଆ ଭାଷା ମରିଗଲେ ସେମାନେ ଇଂରାଜୀରେ ଲେଖି ଦିଗ୍‌ବିଜୟର ବାନା ଉଡ଼ାଇବେ, ସେମାନଙ୍କୁ ମନେ ରଖିବାକୁ ହେବ ଯେ ସଲ୍‌ମାନ ରୁଶଦି, ବିକ୍ରମ ସେଠ୍ ପରି ଅନେକ ଆଗରୁ ସେଠି ଭିଡ଼ ଜମାଇ ବସିଛନ୍ତି । ଗୋଟେ ଦରମଲା ଭାଷାର ଦଦରା ଶବ୍ଦରେ ଲେଖାହୋଇଥିବା ସାହିତ୍ୟ ସେମାନଙ୍କ ଲୋକପ୍ରିୟତାର ପାସଙ୍ଗରେ ପଡ଼ିବ କି ?

ସେ ଯାହାହେଉ, ଭାଷା ଦୃଷ୍ଟିରୁ ଏ ଜାତି ପାଇଁ ଯୋଡ଼ିଏ ବାଟ ବର୍ତ୍ତମାନ ଖୋଲା । ଗୋଟିଏ ହେଲା ଭାଷାକୁ ଛାଡ଼ିଦେବା ମରିବାକୁ ବା ତା'ର ଅଧୋଗତିକୁ କ୍ଷିପ୍ରତର କରାଇବା

Digitized by PPRACHIN, SOA

ବା ତା'କାଖରେ ଦୁଇଟି ଆଶାବାଡ଼ି ଲଗାଇ ତା'କୁ ଚାଲିବା ଶିଖାଇବା । ଦୁଇଟିଯାକ ଦିଗ ସମ୍ଭବ । ଚାଲୁ ଯେମିତି ଚାଲିଛି ଏ ଭାଷା, ଅର୍ଥାତ୍ ମରୁ । ଅନ୍ୟଟି ହେଲା ଉଚ୍ଚ, ମଧ୍ୟମ ଶ୍ରେଣୀର ଓଡ଼ିଆଙ୍କୁ ବାନ୍ଧିବା । ସେମାନଙ୍କ ପିଲେ ଯେ ଇଂଲିଶ ମିଡିଅମ୍ ସ୍କୁଲକୁ ଯାଉଛନ୍ତି ଓ ହିନ୍ଦୀ କହୁଛନ୍ତି ଏହା ରୋଗ ନୁହେଁ, ରୋଗର ଲକ୍ଷଣ ମାତ୍ର । ପ୍ରକୃତ କାରଣ ହେଉଛି ଓଡ଼ିଆ ଭାଷା ପ୍ରତି ସେମାନଙ୍କ ଆସ୍ଥା ତୁଟିଗଲାଣି । ସେମାନେ ଆଦୌ ଓଡ଼ିଆ-ବିରୋଧୀ ନୁହଁନ୍ତି, କିନ୍ତୁ ସେମାନେ କ୍ଷୁବ୍ଧ ଯେ, ଓଡ଼ିଆ ଭାଷା କାହିଁକି ସେମାନଙ୍କୁ ସେଠିକୁ ବୋହିନେଇପାରୁନାହିଁ, ଯେଉଁଠି ସେମାନେ ପହଞ୍ଚିବାକୁ ଚାହାନ୍ତି । ତାଙ୍କ ଲକ୍ଷ୍ୟ ଯଦି ବହୁ ଉଚ୍ଚରେ ଥାଏ, ଛାଡ଼ନ୍ତୁ ସେ କଥା, କିନ୍ତୁ ଏଇ ଗୋଟିଏ ସାଧାରଣ ସ୍କୁଲ ଆଡ୍‌ମିଶନ୍ ଟେଷ୍ଟରେ ବସିବା ପାଇଁ କି ରେଳରେ ସ୍ଥାନ ସଂରକ୍ଷଣ କରିବା ପାଇଁ, କି ମନିଅର୍ଡ଼ରଟିଏ ପଠାଇବା ପାଇଁ, କି ବ୍ୟାଙ୍କ୍‌ରେ ଗୋଟିଏ ଖାତା ଖୋଲିବା ପାଇଁ, ସେ ବି ପାଉନାହିଁ ତା'ଭାଷାର ସେବା । କଣ ହେବ ସେମିତି ଗୋଟିଏ ଭାଷା ଥାଇ, ଯଦି ତା'କୁ ଆଉ ଦୁଇଟା ଭାଷା ଶିଖିବାକୁ ପଡ଼େ ଦୈନନ୍ଦିନ ଜୀବନ ଧାରଣ ପାଇଁ ? ତେଣୁ ଜିଦି କଲା ପରି ସେମାନଙ୍କ ଜୀବନରୁ ସେମାନେ ସମ୍ପର୍କ କାଟି ଦେଉଛନ୍ତି ଓଡ଼ିଆ ଭାଷାର । ଏହା ଇଚ୍ଛାକୃତ ନହୋଇପାରେ, କିନ୍ତୁ ସେମାନେ ନିରୁପାୟ । ସେମାନଙ୍କ ଜୀବନରେ ଓଡ଼ିଆ ଭାଷା ଅନାବଶ୍ୟକୀୟ ହୋଇପଡ଼ିଛି । ଅଥଚ ଓଡ଼ିଆ ଭାଷା ବିକାଶର ପ୍ରକୃତ ଲକ୍ଷ୍ୟ ହେଉଛନ୍ତି ସମାଜର ଏଇ ବର୍ଗ—ଶିକ୍ଷିତ, ମଧ୍ୟବିତ୍ତ, ଗତିଶୀଳ, ଉଚ୍ଚାକାଂକ୍ଷୀ, ଉଚ୍ଚ, ମଧ୍ୟମ ସ୍ତର । ଏଇମାନଙ୍କ ଜୀବନରେ ଭାଷାର ମୂଲ୍ୟ ସର୍ବାଧିକ, ବସ୍ତୁତଃ ଅନେକତ୍ର ସେମାନେ ନିଜ ଭାଷା ବଳରେ ହିଁ ବଞ୍ଚିଛନ୍ତି । ସେମାନେ ଭାଷାକୁ ଅବହେଳା କରିପାରିବେ ନାହିଁ । କିନ୍ତୁ ଗୋଟିଏ ଭାଷା ଯଦି ସେମାନଙ୍କୁ ସୁଯୋଗ ନଯୋଗାଇଲା ସେମାନେ ଅନ୍ୟ ଭାଷାକୁ ଚାଲିଯିବେ । ଓଡ଼ିଆ କ୍ଷେତ୍ରରେ ସେୟା ହୋଇଛି—ସେମାନେ ଚାଲିଯାଉଛନ୍ତି ଓଡ଼ିଆ ଭାଷାକୁ ଛାଡ଼ି । ସେମାନଙ୍କୁ ସ୍ୱାର୍ଥୀ କୁହନ୍ତୁ ବା ଉଚ୍ଚାକାଂକ୍ଷୀ କୁହନ୍ତୁ, ସେମାନଙ୍କୁ ତାଙ୍କ ଉଚ୍ଚାକାଂକ୍ଷା ବଜାୟ ରଖିବାକୁ ପଡ଼ିବ । ସେଥିପାଇଁ ଓଡ଼ିଆ ଭାଷାକୁ ଅଣ୍ଟା ଭିଡ଼ିବାକୁ ପଡ଼ିବ । କିନ୍ତୁ ଓଡ଼ିଆ ଭାଷାର ଅଣ୍ଟା ଭିଡ଼ାଇବା ପାଇଁ, ଏ ଜାତିକୁ ନିଜର ମାତୃଭାଷାକୁ ସର୍ବୋଚ୍ଚ ସମ୍ମାନ ଦେବାକୁ ପଡ଼ିବ । ବର୍ତ୍ତମାନ ଏ ଭାଷାର ସମ୍ମାନ ନାହିଁ । ଦ୍ୱିତୀୟରେ ଏହାର ଅବୟବକୁ ଟଗଡ଼ା କରିବାକୁ ପଡ଼ିବ । ବର୍ତ୍ତମାନ ଏହାର ଶରୀର ଅତ୍ୟନ୍ତ ଦୁର୍ବଳ ।

●

Digitized by PPRACHIN, SOA